# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜୁନ୍ ୬/୨୦୧୯ (୨୦ ପୃଷ୍ଠା) | Sambalpur, Thursday, June 6 / 2019 | ★★

୧୫୪ଶ ଭାଗ ୧୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






Call 7219821111 or visit : www.bajajauto.com/doubleshagun | For Institutional / Bulk orders, please send an e-mail to corporatesales@bajajauto.co.in | **Offer valid till 15th June 2019.**

*CT100 KS ଆଲୟ CBS ଏକ୍ସ ଶୋରୁମ୍ ଓଡ଼ିଶା ମୂଲ୍ୟ. ସର୍ତ୍ତ ଓ ନିୟମାବଳୀ ଲାଗିବ । ଫ୍ରୀ 5 ବର୍ଷର ଓନ୍ ଡ୍ୟାମେଜ୍ ଇନ୍ସ୍ୟୋରାନ୍ସ CT100 ES, CT100 KS ଆଲୟ, Platina 100 ES ଆଉ Platina 110 ସକାଶେ ମିଳୁଛି, କେବଳ ବଛା ବଛା ପ୍ରଦେଶରେ । ଫ୍ରୀ 5 ବର୍ଷର ୱାରଣ୍ଟୀ ଯାବତୀୟ ବଜାଜ ବାଇକ୍ ସକାଶେ ସବୁ ପ୍ରଦେଶରେ ମିଳୁଛି । ବିଶଦ ବିବରଣୀ ପାଇଁ ଦେଖନ୍ତୁ www.bajajauto.com/doubleshagun। ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍‌କୁ ସଂଶୋଧନ କରିବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖୁଛି । ତୃତୀୟ ପକ୍ଷ ବୀମା ଓ ବାଧ୍ୟତାମୂଳକ ପର୍ସନାଲ୍ ଆକ୍ସିଡେଣ୍ଟ କଭର୍ ମାଗଣା ବୀମା ଅଫର୍ ଅନ୍ତର୍ଭୁକ୍ତ ନୁହେଁ । ଇନ୍ସ୍ୟୋରର୍ ମାନଙ୍କ ସୂଚୀ ନିଦର୍ଶକ ଅଟେ, ଯାହା ପ୍ରତି ବିକ୍ରେତା ଡୀଲର୍‌ଙ୍କ ଠାରେ ଭିନ୍ନ ହୋଇପାରେ । ଉଦ୍ଧୃତ ବୀମା ସଞ୍ଚୟ ରାଶି ବିକ୍ରେତା ଡୀଲର୍ ବା ଇନ୍ସ୍ୟୋରର୍ ମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ । **ବଜାଜ ଅଟୋ କୌଣସି ପ୍ରକାରର ବୀମା ପଲିସୀ ବିକ୍ରୀରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମ୍ପୃକ୍ତ ନୁହେଁ ।** ପେଟିଏମ୍ ଅଫର୍ ପେଟିଏମ୍ ତଥା ସମ୍ବନ୍ଧିତ ଡୀଲର୍ ଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ । ପେଟିଏମ୍ ଅଫର୍ କେବଳ ବଛା ବଛା ଉତ୍ପାଦ ଓ ବଛା ବଛା ଡୀଲର୍‌ଶିପ୍ ଠାରେ ପ୍ରଯୁଜ୍ୟ । ପେଟିଏମ୍ ଅଫର୍ ମିଳିବା ଡୀଲର୍‌ଙ୍କ ବିବେଚନା ଉପରେ ନିର୍ଭର କରେ । **ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । ପ୍ରୋସେସିଙ୍ଗ ଫୀସ୍ ଅତିରିକ୍ତ ।

**Authorised Dealers for Bajaj Auto Ltd.:** Sambalpur: UJJWAL BAJAJ 9853155550 • Rourkela: RM BAJAJ 90780 83803 • Baragrh CHANDAN BAJAJ 7381415555 • Bolangir URBASI BAJAJ 7381052046 • Bhawanipatna KALINGA BAJAJ 8895088261 • Jharsuguda UTKAL BAJAJ 7205535008. **Authorised Service Centre:** Binika 9437151684, Dunguripali 9937006819, Boudh 7504990900, Kuchinda 9437392099, Titilagarh 9437224027, Patnagarh 9937301752, Kantabanji 9439277555, Padampur 9437417977, Gaisilet 9937517018, Barpali 9861368656, Junagarh 9437092196, Muniguda 9437459090, Rajkhariar 9437072917, Udyanbandh 9556386416, Khariar Road 9437188542, Brajrajnagar 9437050949, Bamara 9937108643, Bagdhi 7873430989,Kuchinda 9437392099, Deogarh 9437020444, Rajgangpur 8908908901, Ujjwalpur 9178463828, Diptipur- 7750039856, Godbhaga – 9937514987, Saintala-8114662939 / 9658030100, Kesinga- 6371162632.

# ROYAL HIGHER SECONDARY SCHOOL OF SCIENCE & TECHNOLOGY

## (Royal College of Science & Technology)

## BHUBANESWAR

Estd.-2003

553



Anil Jena (92.17%)

The **No.1**

**+2 Science** College in Odisha

**(Fully Residential)**

(17th Batch Admission Open)

548



Arjeet Pradhan (91.33%)

## OUR TOP PERFORMERS IN CHSE-2019

538  Subham

536  Tapaswini

530  Prangya

529  Smruti

526  Akankhya

526  Jagajyoti

519  Soumyakanta

514  Ronalisha

508  Sonali

505  Satyam

505  Samiksha

503  Sujay

502  Satabdi

Our Result 99.65%

Many more

Sunday Open

**E-ADMISSION IN +2 SCIENCE FOR SESSION 2019-20** Apply Common Application Form (Online)as per Govt. Notification on dt. 06.06.2019

### Odisha Topper in +2 Science (2018)

RANK 1

CHSE, Odisha 2018



570

Siddhanta Ku. Sahu (95%)

All time Record

### Our outstanding Royalites who have successfully cracked NEET-2019

1. Sital Kumar Prusty - 618 Marks
2. Sidhanta Kumar Sahoo - 617 Marks
3. Debasis Sahoo - 608 Marks
4. Abhisek Sahoo - 591 Marks
5. Smruti Ranjan Dhala - 588 Marks
6. Satyajit Jena - 566 Marks
7. Siddhartha Sekhar Das - 540 Marks
8. Chinmay Rout - 535 Marks

Many More..

### ROYAL SCHOLARSHIP-2019

(For +2 Science)

| Sl. No. | % of Mark Secured | Scholarship |
|---|---|---|
| 1. | 85% to 89.99% | 10,000/- |
| 2. | 90% to 94.99% * | 50,000/-* |
| 3. | 95% and Above * | 1,00,000/-* |
| 4. | Top Ten Students (Entrance Basis) only for 90% or above* | Free for 2 years.* |

* Terms and Conditions Apply

### FOR +3 SCIENCE

(Under Utkal University)

( **Hons.** seats available in Phy, Chem., Math., Bot., Zool, Comp.Sc. & Geology)

**100% Residential**



Archita Harichandan

(Journey from 59 % to 89.63%)

Contact :

## ROYAL COLLEGE OF SCIENCE & TECHNOLOGY

A-125, Mancheswar Industrial Estate, Rasulgarh,Bhubaneswar- 10

Mob.: 9658064058, 9937791247, 8763001919, 8763001818

E-mail : royalcollegebbsr1@gmail.com, website: www.royal-college.org

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ଜୁନ୍ ୬/୨୦୧୯ | Sambalpur, Thursday, June 6 / 2019 | ପୃଷ୍ଠା-୧



## ମୁହଁ ଖୋଲିଲେ ଦିଶା

ଟାଇଗରଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ମୁହଁ ଖୋଲିଛନ୍ତି ଦିଶା । ଆମ ଭିତରେ କେବଳ ବନ୍ଧୁତା ରହିଛି ବୋଲି ସେ କହିଛନ୍ତି ।

୧୦

୧୭

## ଛେତ୍ରୀଙ୍କ ରେକର୍ଡ

ଅଧିନାୟକ ସୁନୀଲ ଛେତ୍ରୀ ଭାରତ ପାଇଁ ସର୍ବାଧିକ ଅନ୍ତର୍ଜାତୀୟ ଫୁଟବଲ ମ୍ୟାଚ୍ ଖେଳିବାର ରେକର୍ଡ ହାସଲ କରିଛନ୍ତି।



## ହାସ୍ୟ ଅଭିନେତା ଦିନ୍ୟାର୍ କଣ୍ଟ୍ରାକ୍ଟରଙ୍କ ଦେହାନ୍ତ



**ନୂଆଦିଲ୍ଲୀ,୫।୬:** ହାସ୍ୟ ଅଭିନେତା ଦିନ୍ୟାର୍ କଣ୍ଟ୍ରାକ୍ଟରଙ୍କ ବୁଧବାର ସକାଳେ ଦେହାନ୍ତ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। 'ତାରାକ୍ ମେହତା କା ଉଲ୍‌ଟା ଚଶ୍‌ମା', 'ଖିଚ୍‌ଡ଼ି', 'ଦୋ ଔର୍ ଦୋ ପାଞ୍ଚ' ଭଳି ଅନେକ ଟେଲି ସିରିୟଲ୍‌ରେ ନିଜ ଅଭିନୟର ଯାଦୁ ଛାଡ଼ିଯାଇଥିବା ଏହି ହାସ୍ୟ ଅଭିନେତା ବୟସାଧିକ ଯୋଗୁ ନାନା ରୋଗରେ ପଡ଼ିଥିଲେ। ବୁଧବାର ଅପରାହ୍ନରେ ୱର୍ଲିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ସ୍କୁଲ କ୍ୟାରିୟରରୁ ନିଜର ଅଭିନୟ ☞ପୃଷ୍ଠା-୨

■ ଅନିଶ୍ଚିତତାରେ ପୌର ନିର୍ବାଚନ

# ସମସ୍ୟାରେ ଘାଣ୍ଟି ହେଉଛନ୍ତି ସହରବାସୀ

**ଭୁବନେଶ୍ୱର (ବ୍ୟୁରୋ)/ କଟକ ଅଫିସ୍, ୫।୬**

ବାତ୍ୟା ଫନୀକୁ ମାସେ ବିତିଗଲାଣି। ବ୍ୟାପକ କ୍ଷତି ଘଟାଇଥିବା ପୁରୀ, କଟକ, ଖୋର୍ଦ୍ଧା ଜିଲାର ପୌର ସଂସ୍ଥାଗୁଡ଼ିକରେ ବାସ କରୁଥିବା ଲୋକମାନଙ୍କର ଦୁର୍ଦ୍ଦଶା କମୁନାହିଁ। ଟିକେ ମୌଳିକ ସୁବିଧା ପାଇବା ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ଗତ ୮ ମାସରୁ ଊର୍ଦ୍ଧ୍ୱ ହେବ ରାଜ୍ୟର ୩ ମହାନଗର ସମେତ ୯୩ ଏନ୍‌ଏସି ଓ ମ୍ୟୁନିସିପାଲିଟିରେ ନିର୍ବାଚନ ହୋଇପାରିନାହିଁ। ସ୍ଥାନ ସଂରକ୍ଷଣକୁ ନେଇ ଉପୁଜିଥିବା ବିବାଦରେ ପୌରସଂସ୍ଥାଗୁଡ଼ିକ ଫସିଯାଇଛନ୍ତି । କେବେ ସୁଦ୍ଧା ନିର୍ବାଚନ ହେବ ସେ ନେଇ ସରକାରଙ୍କ ପକ୍ଷରୁ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ମିଳୁନାହିଁ। କାଉନସିଲ ଓ କର୍ପୋରେଶନଗୁଡ଼ିକର କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ପ୍ରଶାସନିକ ଅଧିକାରୀମାନଙ୍କ ଉପରେ ସରକାର ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଜଣେ ପ୍ରଶାସନିକ ଅଧିକାରୀଙ୍କ ଉପରେ ଏକାଧିକ ଦାୟିତ୍ୱ ରହିଥିବାରୁ ଲୋକମାନଙ୍କ ସମସ୍ୟା ବୁଝିବାକୁ ସେମାନଙ୍କ ପାଖରେ ବେଳ ନାହିଁ। ଫଳରେ ବର୍ଜ୍ୟବସ୍ତୁ ପରିଚାଳନା, ପାନୀୟ ଜଳ ଯୋଗାଣ, ରାସ୍ତା ପାର୍ଶ୍ୱ ଆଲୋକୀକରଣ, ଡ୍ରେନ୍ ସଫେଇ ଭଳି ମୌଳିକ କାର୍ଯ୍ୟ ସୁଚାରୁ ରୂପେ କରାଯାଇପାରୁନାହିଁ। ବିଭିନ୍ନ ସମସ୍ୟା ସମାଧାନ କରିବା ଦିଗରେ ସହରବାସୀ ମୁଖ୍ୟତଃ ନିଜ ୱାର୍ଡ୍‌ର ଜନପ୍ରତିନିଧିମାନଙ୍କ ଉପରେ ନିର୍ଭର କରିଥାଆନ୍ତି। ଲୋକମାନଙ୍କର ସେମାନଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରହିଥାଏ। କାଉନସିଲ ଓ କର୍ପୋରେଶନ କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ସମସ୍ୟା ସମାଧାନ କରିବା ଦିଗରେ ଜନ ପ୍ରତିନିଧିମାନେ ସେଭଳି ଆଗ୍ରହ ଦେଖାଉ ନାହାନ୍ତି। କର୍ମଚାରୀ ଅଭାବ ଆଳ ଦେଖାଇ ପୌର ପ୍ରଶାସକମାନେ ମଧ୍ୟ ଦାୟିତ୍ୱରୁ ନିଜକୁ ଦୂରେଇ ରଖୁଛନ୍ତି। ବାତ୍ୟା ବିତିବାର ମାସକ ପରେ କୁଢ କୁଢ ବର୍ଜ୍ୟବସ୍ତୁ ଦୀର୍ଘ ଦିନ ହେବ ବିଭିନ୍ନ ୱାର୍ଡରେ ପଡି ରହିଛି। ଏଥିଯୋଗୁ ପରିବେଶ ମଧ୍ୟ ବିଗିଡିବାରେ ଲାଗିଛି। ଜନପ୍ରତିନିଧିଙ୍କ ନିକଟରେ ନିଜର ସମସ୍ୟା ଉପସ୍ଥାପନ କରୁଥିବା ସାଧାରଣ ଲୋକେ ଏବେ ଏକ ପ୍ରକାର ଅସହାୟ ହୋଇପଡିଛନ୍ତି। ବିଶେଷ କରି ପୁରୀ, ଖୋର୍ଦ୍ଧା ଓ କଟକ ଜିଲାରେ ଥିବା ପୌରସଂସ୍ଥାଗୁଡ଼ିକ ବାତ୍ୟା ଯୋଗୁ ଅଧିକ ପ୍ରଭାବିତ ହୋଇଛି। ଆଉ ଦିନ କେଇଟା ପରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟକୁ ପ୍ରବେଶ କରିବ। ଏ



■ ଆବର୍ଜନା ହଟୁନି, ଡ୍ରେନ୍ ସଫେଇ ହେଉନି
■ ଫନୀ ପରେ ପୌରସେବା ପାଇଁ ଲୋକେ ଡହଳବିକଳ
■ ପୌର ଆଇନ ସଂଶୋଧନ ବିଲ୍ ଆଗତ ପ୍ରସ୍ତୁତି ଚାଲିଛି

ପର୍ଯ୍ୟନ୍ତ ଡ୍ରେନ ସଫା କାର୍ଯ୍ୟ ଶେଷ ହୋଇ ପାରି ନ ଥିବାରୁ ସମସ୍ୟା ଆହୁରି ଜଟିଳ ହେବା ନେଇ ଜଳଜଳ ଦିଶିଲାଣି। ସହର ପୁନଃ ବିଦ୍ୟୁତୀକରଣ ଏବେ ବି ଅସଜଡା ହୋଇ ରହିଛି। କେତେକ ମୁଖ୍ୟ ରାସ୍ତାକୁ ବାଦ୍ ଦେଲେ ସହରର ପ୍ରାୟ ଅଧିକାଂଶ ୱାର୍ଡରେ କିଟି କିଟି ଅନ୍ଧକାର। ଷ୍ଟ୍ରିଟ୍‌ଲାଇଟ୍ ନ ଥିବାରୁ ଚୋରି, ଡକାୟତି ଭଳି ଅସାମାଜିକ କାର୍ଯ୍ୟକଳାପ ବଢିଚାଲିଛି। ଏଭଳି ସହରବାସୀ କେବଳ ଭଗବାନ ଉପରେ ଭରସା କରି ରହିଛନ୍ତି।

ଅନ୍ୟପକ୍ଷରେ ପୌର ନିର୍ବାଚନକୁ ନେଇ ରାଜ୍ୟ ସରକାର ହରଡ଼ଘଣାରେ ପଡିଛନ୍ତି। କୌଣସି ପରିସ୍ଥିତିରେ ପୌର ପରିଷଦ କିମ୍ବା ମହାନଗର ନିଗମରେ ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କ ପାଇଁ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ପୂର୍ବରୁ ରାୟ ଦେଇଥିଲେ। ଏହାସତ୍ତ୍ୱେ ରାଜ୍ୟର ୫୫ ପୌରସଂସ୍ଥାରେ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ରହିଛି। କାର୍ଯ୍ୟକାଳ ଶେଷ ହୋଇଥିବା ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମ ସମେତ ୯୩ ଏନ୍‌ଏସି ଓ ☞ପୃଷ୍ଠା-୨

## ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ପାଇଁ କଳିଙ୍ଗ ପ୍ରସ୍ତୁତ

FIH SERIES FINALS BHUBANESWAR ODISHA 2019

ଭୁବନେଶ୍ୱର, ୫।୬(କ୍ରୀଡ଼ା ପ୍ରତିନିଧି): କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ଏଠାରେ ଗୁରୁବାରଠାରୁ ଆରମ୍ଭ ହେବ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟ। ଏହି ପ୍ରତିଯୋଗିତା ୨୦୨୦ ଅଲିମ୍ପିକ୍ସ ଯୋଗ୍ୟତାର ପ୍ରଥମ ପାହାଚ ବିବେଚିତ ହେଉଛି। କାରଣ ଏହି ଟୁର୍ନାମେଣ୍ଟର ବିଜେତା ଅଲିମ୍ପିକ୍ସ ଯୋଗ୍ୟତା ଟୁର୍ନାମେଣ୍ଟ ପାଇଁ ଯୋଗ୍ୟ ବିବେଚିତ ହେବ। ପ୍ରତିଯୋଗିତାରେ ଭାରତ ସମେତ ଦକ୍ଷିଣ ଆଫ୍ରିକା, ପୋଲାଣ୍ଡ, ଉଜ୍‌ବେକିସ୍ତାନ, ଆମେରିକା, ରୁଷିଆ, ଜାପାନ ଓ ମେକ୍ସିକୋ ଦଳ ଅଂଶଗ୍ରହଣ କରିବ। ନୂଆ କୋଚ୍ ଗ୍ରାହମ ରିଡ୍‌ଙ୍କ ତତ୍ତ୍ୱାବଧାନରେ ଭାରତ ଏହି ଟୁର୍ନାମେଣ୍ଟ ଖେଳିବ। ନିକଟ ଅତୀତର ପ୍ରଦର୍ଶନ ଓ ର୍ୟାଙ୍କିଙ୍ଗ ଦୃଷ୍ଟିରୁ ଭାରତ ଟୁର୍ନାମେଣ୍ଟ ଫେଭରାଇଟ ଭାବେ ଉଭା ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ୩ଟି ମ୍ୟାଚ ଅନୁଷ୍ଠିତ ହେବ।
(ସମ୍ପୂର୍ଣ୍ଣ ରିପୋର୍ଟ ଓ କାର୍ଯ୍ୟସୂଚୀ ଖେଳପୃଷ୍ଠାରେ)

"Hurry Up" Admission Open
AIT
ASHA INSTITUTE OF TECHNOLOGY
100% Results
This course is approved by govt. of Odisha
B.Ed
10th +2 Arts Science Commerce
BA, BSc., B.Com. M.Com., MA, MSC, BSW, MSW, DCA, PGDCA
Failed & Discontinued students don't worry continue your studies
Contact:- 9178713912, 9178713934
Franchise Contact:- 9439820889
Address- Panchayat College Road, Near Naka Chowk, Bargarh

AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY) PARDHIAPALI, SAMBALPUR
For Admission please Contact: 7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE 05.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 105 | 165 | 175 |
| CTC | 105 | 165 | 175 |
| DKL | 103 | 162 | 172 |
| BDK | 103 | 162 | 172 |
| BLS | 103 | 162 | 172 |
| ANG | 103 | 162 | 172 |

*Conditions Apply
Eggs Retail Price- 39/-Dozen
Issued in the Interest of Consumers



**ଯଶପ୍ରୀତ ବୁମ୍ରା**
୧୦ ଓଭର
୧ ମେଡେନ
୩୫ ରନ
୨ ଉଇକେଟ

**ଆଇସିସି ବିଶ୍ୱକପ୍**

## ଦକ୍ଷିଣ ଆଫ୍ରିକାକୁ ୬ ଉଇକେଟରେ ହରାଇଲା ଭାରତ

ପୃଷ୍ଠା-୧୬

**ଯୁଜବେନ୍ଦ୍ର ଚହଲ**
୧୦ ଓଭର
୫୧ ରନ
୪ ଉଇକେଟ

■ ୩ ନୂଆ କ୍ୟାବିନେଟ କମିଟି ଗଠିତ

## ବିକାଶ, ନିଯୁକ୍ତି, ସୁରକ୍ଷାକୁ ଗୁରୁତ୍ୱ

**ନୂଆଦିଲ୍ଲୀ,୫।୬**

ଦେଶରେ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରି ନୂତନ କର୍ମନିଯୁକ୍ତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ପଦକ୍ଷେପ ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର। ଏଥିସହ ଜାତୀୟ ନିରାପତ୍ତାକୁ ମଧ୍ୟ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ପ୍ରଧାନମନ୍ତ୍ରୀଙ୍କ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ପାପୀମାନଙ୍କ ନର୍କ

**ଆଜିର ମନ୍ତବ୍ୟ**

" ଅନ୍ୟ ରାଜ୍ୟଗୁଡ଼ିକରେ ତାମିଲକୁ ଇଚ୍ଛାଧୀନ ଭାଷା ଭାବେ ବ୍ୟବହାର କରାଯାଉ।

-ଇ.କେ. ପାଲାନିସ୍ୱାମୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ

# ନଳିନ ଖଣ୍ଡେଲୱାଲ ନିଟ୍ ଟପ୍ପର

**ଭୁବନେଶ୍ୱର, ୫।୬(ବ୍ୟୁରୋ)**

ଡାକ୍ତରୀ ନାମଲେଖା ପାଇଁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ବୁଧବାର ପ୍ରକାଶ ପାଇଛି। ରାଜସ୍ଥାନର ନଳିନ ଖଣ୍ଡେଲୱାଲ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଥିବାବେଳେ ବଲାଙ୍ଗୀରର ଆଶୁତୋଷ ପଣ୍ଡା ଓଡ଼ିଶା ଟପ୍ପର ହୋଇଛନ୍ତି। ନଳିନ ୭୨୦ରୁ ମୋଟ ୭୦୧ ନମ୍ବର ରଖି ର୍ୟାଙ୍କ୍ ୧ ପାଇଛନ୍ତି। ଦିଲ୍ଲୀର ଭାବିକ ବନଶାଲ ଦ୍ୱିତୀୟ ଓ ଉତ୍ତରପ୍ରଦେଶର ଅକ୍ଷତ କୌଶିକ ତୃତୀୟ ର୍ୟାଙ୍କ୍ ପାଇଛନ୍ତି। ଉଭୟ ୭୦୦ନମ୍ବର ରଖିଥିଲେ ମଧ୍ୟ ଜୀବ ବିଜ୍ଞାନରେ ଅକ୍ଷତଙ୍କଠାରୁ ଭାବିକ ଅଧିକ ନମ୍ବର ରଖିଥିବାରୁ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତେବେ ଓଡ଼ିଶା ଟପ୍ପର ଆଶୁତୋଷ ମୋଟ ୬୮୨ନମ୍ବର ରଖି ସର୍ବଭାରତୀୟସ୍ତରରେ ୭୩ ର୍ୟାଙ୍କ ପାଇଛନ୍ତି। ଫିଜିକ୍ସରେ ୯୯.୯୯, କେମେଷ୍ଟ୍ରିରେ ୯୯.୮୨, ବାୟୋଲୋଜିରେ ୯୯.୯୬ ପର୍ସେଣ୍ଟାଇଲ ରଖିଛନ୍ତି। ଆଶୁତୋଷ ମୋଟ ୯୯.୯୯ ପର୍ସେଣ୍ଟାଇଲ ରଖିଛନ୍ତି। ତେଲେଙ୍ଗାନାର ମାଧୁରୀ ରେଡ୍ଡୀ ଜି. ଝିଅମାନଙ୍କ ମଧ୍ୟରେ ପ୍ରଥମ ହୋଇଛନ୍ତି। ସେ ମୋଟ ୬୯୫ ନମ୍ବର ରଖି ସର୍ବଭାରତୀୟସ୍ତରରେ ସପ୍ତମ ସ୍ଥାନରେ ରହିଛନ୍ତି। ସେହିପରି ଭିନ୍ନକ୍ଷମଙ୍କ ମଧ୍ୟରେ ରାଜସ୍ଥାନର ଭେରାରାମ ପ୍ରଥମ ହୋଇଛନ୍ତି। ସେ ମୋଟ ୬୦୪ ନମ୍ବର ରଖିଛନ୍ତି।

ଦେଶରେ ମୋଟ ୧୪,୧୦,୭୫୫ ଛାତ୍ରୀଛାତ୍ର ନିଟ୍ ପରୀକ୍ଷା ଦେଇଥିବାବେଳେ ୭,୯୭,୪୦୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪,୪୫,୭୬୧ ଛାତ୍ରୀ ଓ ୩,୫୧,୨୭୮ଜଣ ଛାତ୍ର ରହିଛନ୍ତି। ଓଡ଼ିଶାରେ ମୋଟ ୩୫,୦୯୩ଜଣ ଆବେଦନ କରିଥିବାବେଳେ ୩୨,୩୭୮ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୯.୪୪ ପ୍ରତିଶତ ଅର୍ଥାତ୍ ୧୯,୨୪୪ଜଣ ନିଟ୍ କ୍ୱାଲିଫାଏ କରିଛନ୍ତି। ସୂଚନାଯୋଗ୍ୟ, ସାରା ଭାରତରେ ଗତ ମେ ୫'ତାରିଖରେ ନିଟ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। କିନ୍ତୁ ଓଡ଼ିଶାରେ 'ଫନୀ' ଯୋଗୁ ପରୀକ୍ଷାକୁ ଘୁଞ୍ଚାଯାଇଥିଲା। ମେ' ୨୦ରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

**ଆଶୁତୋଷ ପଣ୍ଡା ଓଡ଼ିଶା ଟପ୍ପର**



ନଳିନ ଖଣ୍ଡେଲୱାଲ



ଆଶୁତୋଷ ପଣ୍ଡା

# ଝାରସୁଗୁଡ଼ାରୁ ଉଡ଼ିଲା ଆଲାଏନ୍ସ ଏୟାର ବିମାନ

**ଝାରସୁଗୁଡ଼ା ଅଫିସ/ ଲଖନପୁର,୫।୬(ଡି.ଏନ୍.ଏ.)**

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦରରୁ ବୁଧବାର ଭୁବନେଶ୍ୱର ଓ ଛତିଶଗଡ଼ ରାଜଧାନୀ ରାୟପୁରକୁ ଆଲାଏନ୍ସ ଏୟାର ବିମାନସେବା ଆରମ୍ଭ କରିଛି। ଏହାସହ ଯାତ୍ରୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ଆଲାଏନ୍ସ ଏୟାର୍‌ର ଏଟିଆର୍-୭୨ ବିମାନ ୪୦ଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ ଉଡ଼ାଣ କରି ଭିଏସ୍‌ଏସ୍ ବିମାନବନ୍ଦରରେ ସକାଳ ୧୦ଟା ୪୫ରେ ପହଞ୍ଚିଥିଲା। ଏହି ବିମାନରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଯୁଗ୍ମ ସଚିବ ଉଷା ପାଢ଼ୀ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଭୁବନେଶ୍ୱରରୁ ☞ପୃଷ୍ଠା-୨



■ ଭିଏସ୍‌ଏସ୍ ବିମାନବନ୍ଦର
■ ଭୁବନେଶ୍ୱର, ରାୟପୁରକୁ ଆରମ୍ଭ ହେଲା ସେବା
■ ବେଙ୍ଗାଲୁରୁ, ମୁମ୍ବାଇକୁ ସେବା ଯୋଗାଇଦେବାକୁ ଦାବି

# ୪୮ ଘଣ୍ଟାରେ କେରଳ ଛୁଇଁବ ମୌସୁମୀ

**ଭୁବନେଶ୍ୱର, ୫।୬(ବ୍ୟୁରୋ)**

ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବା ସମ୍ଭାବନା ରହିଛି। ଏହାର ଦୁଇ ସପ୍ତାହ ଅର୍ଥାତ୍ ଆସନ୍ତା ୧୫ରୁ ୧୮ ତାରିଖ ମଧ୍ୟରେ ରାଜ୍ୟକୁ ମୌସୁମୀ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ରହିବ ନାହିଁ ବୋଲି ଘରୋଇ ସଂସ୍ଥା ସ୍କାଏମେଟ୍ ଅନୁମାନ କରିଛି। ଏହା ଛଡ଼ା ଏଲ ନିନ୍ୟୋ ମୌସୁମୀକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଏଥିଯୋଗୁ ରାଜ୍ୟରେ ମଧ୍ୟ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ଆକଳନ କରାଯାଇଛି। ତେବେ ପାଣିପାଗ ବିଭାଗ ଏହାକୁ ଖଣ୍ଡନ କରିଛି। ଦେଶର କେତେକ ଭାଗରେ ସ୍ୱଳ୍ପ ବୃଷ୍ଟିପାତ ଅନୁମାନ କରିଥିବା ବେଳେ ମଧ୍ୟ ଭାରତୀୟ ରାଜ୍ୟଗୁଡ଼ିକରେ ବର୍ଷା ସ୍ୱାଭାବିକ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଚଳିତ ବର୍ଷ ପ୍ରାକ୍ ମୌସୁମୀ ବର୍ଷାରେ ବ୍ୟତିକ୍ରମ ଦେଖାଦେଇଛି। ପ୍ରାକ୍ ମୌସୁମୀ ବର୍ଷା ହ୍ରାସ ପାଇବା ସହିତ ମୌସୁମୀ ଆଗମନରେ ବିଳମ୍ବ ଦେଖାଦେଇଛି। ସାଧାରଣତଃ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ୧୩୧.୫ମିଲି ମିଟର ହୋଇଥାଏ। ଚଳିତବର୍ଷ ଏ ପର୍ଯ୍ୟନ୍ତ ମାତ୍ର ୯୯ ମିଲିମିଟର ପ୍ରାକ୍ ମୌସୁମୀ ବୃଷ୍ଟିପାତ ହୋଇଥିବା ରେକର୍ଡ କରାଯାଇଛି।

ରାଜ୍ୟରେ ପାଗ ପରିବର୍ତ୍ତନ ହୋଇଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ପ୍ରଚଣ୍ଡ ଗ୍ରୀଷ୍ମରୁ ଆଶ୍ୱସ୍ତି ମିଳିଛି। ପାରଦ ୪୦ଡିଗ୍ରୀ ସେଲସିୟସ୍ ତଳକୁ ଖସି ଯାଇଛି। ☞ପୃଷ୍ଠା-୨

■ କମୁଛି ପ୍ରାକ୍ ମୌସୁମୀ ବର୍ଷା
■ ମରୁଡ଼ି ଆଶଙ୍କା
■ ପୁଣି ବଢ଼ିଲା ତାତି
■ ଝାରସୁଗୁଡ଼ା ୪୫.୨ ଡିଗ୍ରୀ

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୬ ଜୁନ୍, ୨୦୧୯



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍




## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ...............................



ଚିପୁଲ
ପରିବାରବର୍ଗ



ପ୍ରିୟଙ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ହାସ୍ୟ ଅଭିନେତା ଦିନ୍ୟାର୍...

ଆରମ୍ଭ କରିଥିବା କଣ୍ଟ୍ରାକ୍ଟର ୧୯୬୬ରେ ଏହାକୁ ପ୍ରଫେଶନାଲ କ୍ୟାରିୟର ଭାବେ ଗ୍ରହଣ କରିଥିଲେ। ଥିଏଟରରୁ ବଡ଼ ପରଦାକୁ ସେ ଆସି ବହୁ ଗୁଜରାଟୀ ଓ ହିନ୍ଦୀ ନାଟକ ଓ ସିରିୟଲରେ ସେ ଅଭିନୟ କରିଥିଲେ। 'ଚୋରି ଚୋରି ଚୁପ୍‌କେ ଚୁପ୍‌କେ', 'ଖିଲାଡ଼ି', 'ବାଦ୍‌ଶାହ' ଭଳି ଅନେକ ଚଳଚ୍ଚିତ୍ରରେ ସେ ତାଙ୍କର ନିଖୁଣ ଅଭିନୟର ଯାଦୁ ଛାଡ଼ିଦେଇଛନ୍ତି। ୨୦୧୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ସେ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ ହୋଇଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକଟ କରିଛନ୍ତି।

### ସମସ୍ୟାରେ ଘାଣ୍ଟି ...

ମ୍ୟୁନିସିପାଲିଟିରେ ନିର୍ବାଚନ କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଥିଲେ। ସେଥିପାଇଁ ୱାର୍ଡ ପୁନର୍ଗଠନ ଓ ସ୍ଥାନ ସଂରକ୍ଷଣ ପ୍ରକ୍ରିୟା ମଧ୍ୟ ଆରମ୍ଭ କରାଯାଇଥିଲା। ଏ ନେଇ ୨୦୧୮ ଫେବୃୟାରୀ ୧୫ରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଏପ୍ରିଲ ୩୦ ତାରିଖ ସୁଦ୍ଧା ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରାଯାଇଥାନ୍ତା। ମାତ୍ର ହାଇକୋର୍ଟଙ୍କ ରହିତାଦେଶ ଯୋଗୁ ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ଏହାପରେ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ ଦାଖଲ କରିଥିଲେ। ସୁପ୍ରିମକୋର୍ଟ ୨୦୧୯ ଜାନୁୟାରୀ ୨୪ ତାରିଖରେ ଏହାକୁ ଖାରଜ କରିଦେଇଥିଲେ। ରାଜ୍ୟ ସରକାରଙ୍କ ନିକଟରେ ପୌର ଆଇନ ସଂଶୋଧନ କରିବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ। ଏ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆସନ୍ତା ବିଧାନସଭାରେ ସଂଶୋଧନ ବିଲ୍ ଆଗତ କରିବା ପାଇଁ ପ୍ରସ୍ତୁତ ଚଳାଇଛି। ସଂଶୋଧିତ ବିଲ୍ ପାରିତ ହେବା ପରେ ନିର୍ବାଚନ ପ୍ରସ୍ତୁତି ଆରମ୍ଭ ହେବ। ଏ ସମ୍ପର୍କରେ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ (ପୌର ପ୍ରଶାସନ) ସଂଗ୍ରାମଜିତ୍ ନାୟକ କହିଛନ୍ତି ଯେ, ଆସନ୍ତା ବିଧାନସଭାରେ ଓଡ଼ିଶା ପୌର ନିର୍ବାଚନ ସଂଶୋଧନ ବିଲ୍ ଆଗତ କରାଯିବା ପାଇଁ ପ୍ରସ୍ତୁତି ଚାଲିଛି। ବିଧାନସଭାରେ ବିଲ୍ ପାରିତ ହେବା ପରେ ଖୁବ୍‌ଶୀଘ୍ର ନିର୍ବାଚନ କରାଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ନିର୍ବାଚନ ବିଳମ୍ବ ଓ ପୌରସଂସ୍ଥାଗୁଡ଼ିକରେ ଦେଖାଦେଇଥିବା ପ୍ରଶାସନିକ ସ୍ଥାଣୁତାକୁ ନେଇ ପୂର୍ବତନ କର୍ପୋରେଟରମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜନସାଧାରଣଙ୍କୁ ପୌର ସେବା ଠିକ୍ ସମୟରେ ମିଳିପାରୁନାହିଁ। ସମସ୍ୟାଗୁଡ଼ିକୁ ସମାଧାନ କରିବା ଦିଗରେ ଯଥେଷ୍ଟ ବିଳମ୍ବ ହେଉଥିବା କହିଛନ୍ତି। ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନଂ.୩୫ର ପୂର୍ବତନ କର୍ପୋରେଟର ମହାମାୟା ସ୍ୱାଇଁ କହିଛନ୍ତି ଯେ, ବାତ୍ୟା ପରେ ସହରରେ ଅନେକ ସମସ୍ୟା ସୃଷ୍ଟି ହୋଇଛି। କର୍ପୋରେଶନ କାର୍ଯ୍ୟକାଳ ଶେଷ ହେବା ପରଠାରୁ ଆମେମାନେ ପ୍ରତ୍ୟକ୍ଷ ଭାବେ ସମସ୍ୟା ସମାଧାନ ଦିଗରେ ଦାୟିତ୍ୱ ତୁଲାଇପାରୁନାହୁଁ। ଲୋକମାନଙ୍କ ସମସ୍ୟା କର୍ପୋରେଶନ ବୈଠକରେ ଆଲୋଚନା କରାଯାଇ ସମାଧାନ ହେଉଥିଲା, ବର୍ତ୍ତମାନ ତାହା ସମ୍ଭବ ହେଉନାହିଁ। ୱାର୍ଡ ନଂ. ୩୬ର ପୂର୍ବତନ କର୍ପୋରେଟର ନରେନ କୁମାର ସାହୁ କହିଛନ୍ତି ଯେ, କର୍ପୋରେଶନ କାର୍ଯ୍ୟକାଳ ଶେଷ ହେବା ପରେ ସମସ୍ୟା ବଢ଼ିଛି। ବାତ୍ୟା ପରେ ଏହା ଆହୁରି ଅଧିକ ହୋଇଛି। ୱାର୍ଡଗୁଡ଼ିକରେ ଷ୍ଟ୍ରିଟ୍‌ଲାଇଟ ଏପର୍ଯ୍ୟନ୍ତ ଲାଗିପାରିନାହିଁ। ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳୁନାହିଁ। ସେହିପରି ୱାର୍ଡ ନଂ. ୧୨ର ପୂର୍ବତନ କର୍ପୋରେଟର ସଞ୍ଜୟ କୁମାର ସେଠୀ କହିଛନ୍ତି ଯେ, ଲୋକମାନଙ୍କ ସମସ୍ୟା ଜଣାଇବା ପାଇଁ ଆମ ପାଖରେ କୌଣସି ଫୋରମ ନାହିଁ। କେତେକ ପ୍ରଶାସନିକ ଅଧିକାରୀଙ୍କୁ ଖୋସାମତ କରି ୱାର୍ଡରେ କିଛିଟା କାର୍ଯ୍ୟ କରୁଛୁ। ଲୋକମାନଙ୍କର ମୌଳିକ ସମସ୍ୟା ଦୂର କରିବା ସମ୍ଭବ ହେଉନାହିଁ। ଯଥାଶୀଘ୍ର ନିର୍ବାଚନ କରାଯାଇପାରିଲେ ସହରର ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇପାରିବ।

ସେହିପରି କଟକ ମହାନଗର ନିଗମ (ସିଏମସି) କର୍ପୋରେଶନ କାର୍ଯ୍ୟକାଳ ଶେଷ ହେବାକୁ ଇତିମଧ୍ୟରେ ୩ ମାସ ୨୩ ଦିନ ବିତିଛି। ସିଏମ୍‌ସିର ପ୍ରଶାସନିକ ଦାୟିତ୍ୱ ନେଇଛନ୍ତି କେନ୍ଦ୍ରାଞ୍ଚଳ ଆରଡିସି ଅନିଲ କୁମାର ସାମଲ। ସିଏମ୍‌ସି କର୍ପୋରେଶନର କାର୍ଯ୍ୟକାଳ ଶେଷ ହେବା ପରଠାରୁ ପୌରସେବା ଠପ୍ ହୋଇଯାଇଥିବା ସହରବାସୀ ଅଭିଯୋଗ କରିଛନ୍ତି। ସହରର ବିଭିନ୍ନ ୱାର୍ଡରେ ଡ୍ରେନେଜ ସଫେଇ ହେଉ ନ ଥିବାରୁ ଆବର୍ଜନା ଭର୍ତ୍ତି ହୋଇ ବିଭିନ୍ନ ଜାଗାରେ ପାଣି ଜମିରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିବା ବରିଷ୍ଠ ନାଗରିକ ଜଗମୋହନ ମହାନ୍ତି କହିଛନ୍ତି।

ଅସରାଏ ବର୍ଷାରେ କଟକ ସହର ଜଳବନ୍ଦୀ ହୋଇଥାଏ। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହି ସମସ୍ୟାରୁ ସହରବାସୀଙ୍କୁ ମୁକ୍ତି ମିଳୁନାହିଁ। ଖୁବ୍‌ଶୀଘ୍ର ମୌସୁମୀ ଆସିବ। ତେଣୁ ଜଳବନ୍ଦୀ ସମସ୍ୟାକୁ ନେଇ ସହରବାସୀ ଏବେଠୁ ଚିନ୍ତାରେ ପଡ଼ିଥିବା କହିଛନ୍ତି ଯୁବକ କାର୍ତ୍ତିକ ବେହେରା। ବର୍ତ୍ତମାନ ସଙ୍କଟ ସମୟରେ ସିଏମ୍‌ସି ଏକପ୍ରକାର ମୁରବୀବିହୀନ ହୋଇଯାଇଛି। ପ୍ରଶାସନ ଲୋକଙ୍କ ପାଖକୁ ଯାଇପାରୁନାହିଁ, ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ଫନୀ ବାତ୍ୟା ସମୟରେ। ସିଏମ୍‌ସି ବାତ୍ୟାକୁ ମୁକାବିଲା କରିବା ପାଇ ପ୍ରସ୍ତୁତ ଥିବା ଡିଣ୍ଡିମ ପିଟିଥିଲା। କିନ୍ତୁ ବାସ୍ତବରେ ସହରବାସୀ ଗୁରୁତର ଭାବେ ଦୁର୍ଦ୍ଦଶା ଭୋଗିଲେ ବୋଲି କହିଛନ୍ତି ବସ୍ତିନେତା ବୃନ୍ଦାବନ ଦାସ ଆଜାଦ୍। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଳବନ୍ଦୀ ସମସ୍ୟାରୁ କିପରି ମୁକ୍ତି ମିଳିପାରିବ ସେ ନେଇ ବାରମ୍ବାର ବୈଠକ ବସିଥିଲେ ମଧ ଏବେ ବି ସହରରେ ଡ୍ରେନେଜ ସଫେଇ କାର୍ଯ୍ୟ ସରିପାରିନାହିଁ। ଏହି ସମୟ ମଧ୍ୟରେ ସିଏମ୍‌ସି ପ୍ରଶାସନିକ ଅଧିକାରୀ ତଥା କେନ୍ଦ୍ରାଞ୍ଚଳ ଆରଡିସି ସାମଲଙ୍କ ଅଧକ୍ଷତାରେ ଜାଇକା ଏବଂ ସିଏମସି ଅଧିକାରୀଙ୍କ ସହ ବୈଠକ ହୋଇଥିଲା। ଜୁନ ୫ ସୁଦ୍ଧା ସହରର ସମସ୍ତ କାମ ସାରିବାକୁ କହିଥିଲେ। ବୁଧବାର ଆର୍‌ଡିସି ଦେଇଥିବା ଡେଡ୍‌ଲାଇନ ପୂରିଛି। କିନ୍ତୁ ଏବେବି ଅଧିକାଂଶ ସ୍ଥାନରେ ସଫେଇ ହୋଇନାହିଁ। ଉଦାହରଣ ଭାବେ ଲିଙ୍କ୍‌ରୋଡ-ବାଦାମବାଡ଼ି ରାସ୍ତାକୁ ଦେଖିଲେ ଜଣାପଡୁଛି। ପୂର୍ବତନ କର୍ପୋରେଟର ଗିରିବାଳା ବେହେରା କହିଛନ୍ତି, ସହରରେ କୋଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ। ଫନୀରେ ଲୋକଙ୍କୁ ସହଯୋଗ କରିବାରେ ପ୍ରଶାସନ ବିଫଳ ହୋଇଛି। ଲୋକେ ନିଜ ଉଦ୍ୟମରେ ବିପର୍ଯ୍ୟୟର ମୁକାବିଲା କରୁଛନ୍ତି। ପାଣି, ଆଲୋକୀକରଣ, ଆବର୍ଜନା ଉଠାଇବା, ଡ୍ରେନେଜ ସଫେଇ ପ୍ରଶାସନ କରିପାରୁନାହିଁ। ବୈଠକ ହେଉଛି କିନ୍ତୁ ଫଳାଫଳ ଶୂନ୍ୟ। ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ କହିଛନ୍ତି, ଜନପ୍ରତିନିଧି ନ ଥିବାରୁ ଯେଉଁ ସ୍ପିଡ୍‌ରେ କାମ ହେବା କଥା ସେହି ହାରରେ କାମ ହେଉନାହିଁ।

ହାଇକୋର୍ଟ ଆଡଭୋକେଟ ଅଶ୍ୱିନୀ ଦାସ କୁହନ୍ତି, ରାଜ୍ୟରେ ଗତ ସେପ୍ଟେମ୍ବର ୨୯ ତାରିଖରୁ ପୌର ପରିଷଦ ଭଙ୍ଗ ହେଲାଣି। ମ୍ୟୁନିସିପାଲିଟି ଆଇନ କହୁଛି ପୌର ପରିଷଦ ଭଙ୍ଗାଯିବାର ୬ ମାସ ମଧରେ ନିର୍ବାଚନ ଅନୁଷ୍ଠିତ ହେବା କଥା। କିନ୍ତୁ ଇତିମଧରେ ୯ ମାସ ବିତିଲାଣି। ନିର୍ବାଚନ ଘୁଞ୍ଚାଇବା ପାଇଁ ସରକାର ଅଧ୍ୟାଦେଶ ମଧ ଆଣିନାହାନ୍ତି। ତେଣୁ ଏଭଳି ସ୍ଥିତିରେ ଏହା ଏକ ଆଇନଗତ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ଦାସ କହିଛନ୍ତି। ଆଡଭୋକେଟ କ୍ଷୀରୋଦ ରାଉତ କୁହନ୍ତି, ସ୍ୱାୟତ୍ତ ଶାସନର ଅର୍ଥ ହେଉଛି ଲୋକଙ୍କ ହାତରେ ଶାସନର ଡୋର। କିନ୍ତୁ ଏବେ ସିଏମ୍‌ସିରେ ଶାସନର ଡୋର ଅଧିକାରୀଙ୍କ ହାତରେ। ଏହା ସ୍ୱାୟତ୍ତ ଶାସନ ଆଇନକୁ ଉପହାସ ବୋଲି ରାଉତ କହିଛନ୍ତି। ସିଏମ୍‌ସି କମିଶନର ଶରତ ନାୟକ କୁହନ୍ତି, ୱାନ ମ୍ୟାନ କାଉନସିଲ୍ ହେବା ପରଠାରୁ ଆକ୍ସନ ପ୍ଲାନ ଅନୁଯାୟୀ କାର୍ଯ୍ୟ କରାଯାଉଛି। ଆଗକୁ ମଧ ସେହିଭଳି କାର୍ଯ୍ୟ ଜାରି ରହିବ।

### ୪୮ ଘଣ୍ଟାରେ କେରଳ ...

ଆକାଶ ମେଘାଚ୍ଛନ୍ନ ରହିବା ସହିତ ରାଜ୍ୟର ଅଧିକାଂଶ ଭାଗରେ ଘଡ଼ଘଡ଼ି ସହ ପ୍ରାକ୍ ମୌସୁମୀ ବର୍ଷା ହେଉଛି। ତେବେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶାରେ ପୁଣି ଗ୍ରୀଷ୍ମ ଲେଉଟିଛି। ବୁଧବାର ୧୧ଟି ସହରରେ ପାରଦ ୪୦ ଡିଗ୍ରୀ ସେଲସିୟସ୍ ଉପରେ ରହିଛି। ଝାରସୁଗୁଡାରେ ସର୍ବାଧିକ ୪୫.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୪୨.୧, ସମ୍ବଲପୁର ୪୩.୨, ସୁନ୍ଦରଗଡ ୪୧, ହୀରାକୁଦ ୪୨.୯, ଭବାନୀପାଟଣା ୪୦, ବଲାଙ୍ଗୀର ୪୦, ଫୁଲବାଣୀ ୪୦, ଟିଟିଲାଗଡ ୪୨.୨, ମାଲକାନଗିରି ୪୦.୬ ଏବଂ ସୋନପୁରରେ ସର୍ବାଧିକ ୪୧.୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ, ବାଲେଶ୍ୱର, କେନ୍ଦୁଝରେ ଏବଂ ମୟୂରଭଞ୍ଜ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବା ସମ୍ଭାବନା ରହିଛି। ଏଥିସହିତ ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର ଓ ଅନୁଗୋଳ ଆଦି ଜିଲାର କେତେକ ସ୍ଥାନରେ ବଜ୍ରପାତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ସତର୍କ କରିଛି।

### ବିକାଶ, ନିଯୁକ୍ତି...

ଅଧକ୍ଷତାରେ ବୁଧବାର ୩ଟି ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ କମିଟି ଗଠନ କରାଯାଇଛି। ମୋଦି ଏହି ୩ କମିଟିର ଅଧକ୍ଷ ରହିବେ ବୋଲି ସରକାରୀ ସୂତ୍ରରୁ ପ୍ରକାଶ।

ଭାରତର ଅର୍ଥନୀତି ଧିମା ହୋଇଯାଇଥିବାବେଳେ ବେକାରି ସମସ୍ୟା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ମୋଦି ସରକାରଙ୍କୁ ବାରମ୍ବାର ଟାର୍ଗେଟ କରିଆସୁଛନ୍ତି। ବିକାଶ ହାର ବଢ଼ାଇବା ଓ ନୂଆ ନିଯୁକ୍ତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ବୁଧବାର ୨ଟି ନୂଆ କ୍ୟାବିନେଟ କମିଟି ଗଠନ କରିଛନ୍ତି। ସେ ଏହି ଦୁଇଟି କମିଟିର ଅଧକ୍ଷ ରହିବେ। ନିବେଶ ଏବଂ ଅଭିବୃଦ୍ଧି ସଂକ୍ରାନ୍ତ ୫ ଜଣିଆ କ୍ୟାବିନେଟ କମିଟିରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ସଡ଼କ, ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ ଏବଂ ରେଳମନ୍ତ୍ରୀ ପୀୟୂଷ ଗୋୟଲ ରହିଛନ୍ତି। ସେହିପରି ନିଯୁକ୍ତି ଏବଂ ଦକ୍ଷତା ବିକାଶ ସଂକ୍ରାନ୍ତ ଅନ୍ୟ ଏକ ୧୦ ଜଣିଆ କ୍ୟାବିନେଟ କମିଟିରେ ଶାହ, ସୀତାରାମନ, ଗୋୟଲଙ୍କ ସମେତ କୃଷି ଏବଂ କୃଷି କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମର, ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖ୍‌ରିୟାଲ 'ନିଶଙ୍କ', ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ମହେନ୍ଦ୍ରନାଥ ପାଣ୍ଡେ, ଶ୍ରମ ରାଷ୍ଟ୍ରମନ୍ତ୍ରୀ ସନ୍ତୋଷ କୁମାର ଗଙ୍ଗୱାର ଏବଂ ଗୃହ ଓ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ପ୍ରମୁଖଙ୍କୁ ସାମିଲ କରାଯାଇଛି। ସୂଚନାଯୋଗ୍ୟ ଯେ, ମାର୍ଚ୍ଚରେ ଶେଷ ହୋଇଥିବା ଚତୁର୍ଥ ତ୍ରୈମାସରେ ଦେଶର ଆର୍ଥିକ ବିକାଶ ହାର ୫.୮%କୁ ହ୍ରାସ ପାଇଛି। ଏଥିସହି ସମ୍ପୂର୍ଣ୍ଣ ଆର୍ଥିକବର୍ଷରେ ଏହା ୬.୮%କୁ କମିଛି, ଯାହା କି ୫ ବର୍ଷର ସର୍ବନିମ୍ନ ସ୍ତର କୁହାଯାଉଛି। ପୂର୍ବରୁ ଏହି ଅବଧିରେ ଦେଶର ଜିଡିପି ୭.୨% ରହିବ ବୋଲି ସରକାର ପୂର୍ବାନୁମାନ କରିଥିଲେ, ଯାହା ଭୁଲ୍ ବୋଲି ପ୍ରମାଣିତ ହୋଇଛି।

ସେହିପରି ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍) ମଧ ଗଠନ କରାଯାଇଛି। ଜାତୀୟ ନିରାପତ୍ତା ଓ ବହିର୍ବ୍ୟାପାର ପ୍ରସଙ୍ଗଗୁଡ଼ିକର ପରିଚାଳନା ନିମନ୍ତେ ଗଠିତ ଏହି କମିଟିରେ ମୋଦି ଅଧକ୍ଷ ଥିବାବେଳେ ରାଜନାଥ, ସୀତାରାମନ ଓ ଶାହଙ୍କ ସମେତ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସଦସ୍ୟ ଭାବେ ଅଛନ୍ତି। କେନ୍ଦ୍ରରେ ନୂଆ ସରକାର ଗଠନ ହେଲେ ଏଭଳି କ୍ୟାବିନେଟର ଗଠନ ବା ପୁନର୍ଗଠନ କରାଯାଇଥାଏ।

### ଝାରସୁଗୁଡ଼ାରୁ ଉଡ଼ିଲା...

ଏଠାକୁ ଆସିଥିଲେ। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିମାନକୁ ୱାଟର ସାଲ୍ୟୁଟ୍ ଦିଆଯାଇଥିଲା। ପରେ ଉକ୍ତ ବିମାନ ପୁଣି ମଧାହ୍ନ ୧୨ଟାରେ ଭିଏସ୍‌ଏସ୍ ବିମାନବନ୍ଦରରୁ ୫୫ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲା। ସେହିଭଳି ରାୟପୁରରୁ ଅନ୍ୟ ଏକ ବିମାନ ଭିଏସ୍‌ଏସ୍ ବିମାନବନ୍ଦରରେ ନିର୍ଦ୍ଧାରିତ ସମୟରୁ ବିଳମ୍ବରେ ପହଞ୍ଚିଥିଲା। ପୁଣି ନିର୍ଦ୍ଧାରିତ ସମୟରେ ଭିଏସ୍‌ଏସ୍ ବିମାନବନ୍ଦରରୁ ଯାତ୍ରୀଙ୍କୁ ନେଇ ରାୟପୁର ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଏହି କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଦାସ, ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଯୁଗ୍ମ ସଚିବ ପାଢୀ, ଭିଏସ୍‌ଏସ୍ ବିମାନବନ୍ଦର ନିର୍ଦ୍ଦେଶକ ସୁଦେଶ ଚୌହାନ, ଆଲାଏନ୍ସ ଏୟାର୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ସି.ଏସ୍. ସୁବେୟା, କମଳ ରାଉଳ, ମନୁ ଆନନ୍ଦ, ଟି.କେ. ଶାହ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଭିଏସ୍‌ଏସ୍ ବିମାନବନ୍ଦରରୁ ବେଙ୍ଗାଲୁରୁ ଓ ମୁମ୍ବାଇକୁ ବିମାନ ସେବା ଯୋଗାଇଦେବାକୁ ଯାତ୍ରୀଙ୍କ ଦାବି ରହିଛି। ଏ ସମ୍ପର୍କରେ ଗଣମାଧମ ପ୍ରତିନିଧିମାନେ ବିଭାଗୀୟ ଯୁଗ୍ମସଚିବ ପାଢ଼ୀଙ୍କୁ ପଚାରିବାରୁ ସେ କହିଲେ, ଝାରସୁଗୁଡ଼ାରେ ରାଜ୍ୟର ଦ୍ୱିତୀୟ ବିମାନବନ୍ଦର ନିର୍ମାଣ ହୋଇଛି। ବିଳମ୍ବରେ ହେଲେ ମଧ ଏଠାରୁ ଦିଲ୍ଲୀ, କୋଲକାତା, ହାଇଦ୍ରାବାଦ, ରାୟପୁର ଓ ଭୁବନେଶ୍ୱର ଆଦି ଦେଶର ୫ ସହରକୁ ବିମାନସେବା ଆରମ୍ଭ ହୋଇଛି। ବିମାନ ସେବାରୁ ବ୍ୟବସାୟିକ ସଫଳତା ମିଳୁଥିବାରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏହାକୁ ଅଧିକ ବୃଦ୍ଧି କରିବାକୁ ଯୋଜନା ଚଳାଇଛି। ବେଙ୍ଗାଲୁରୁ ଓ ମୁମ୍ବାଇ ଭଳି ସହରକୁ ସିଧାସଳଖ ବିମାନ ଯୋଗାଯୋଗ ହୋଇପାରିଲେ ଏଠାରେ ରିଜିଓନାଲ ହବ୍ ସୃଷ୍ଟି ହୋଇପାରିବ। ଆଗାମୀ ଦିନରେ ବିଭାଗ ପକ୍ଷରୁ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ ଅଧିକ ବିମାନ ଚଳାଚଳ ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ପାଢ଼ୀ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୮ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଏସ୍‌ଏସ୍ ବିମାନବନ୍ଦରକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ କିଛିଦିନ ବିମାନ ଚଳାଚଳ କରି ବନ୍ଦ ଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଗତ ମାର୍ଚ୍ଚ ୩୧ରୁ ସ୍ପାଇସ୍‌ଜେଟ୍ କମ୍ପାନୀ ଦିଲ୍ଲୀ, କୋଲକାତା ଓ ହାଇଦ୍ରାବାଦକୁ ସେବା ଆରମ୍ଭ କରିଥିଲା। ଏବେ ଆଲାଏନ୍ସ ଏୟାର ଭୁବନେଶ୍ୱର ଓ ରାୟପୁରକୁ ଉଡ଼ାଣ କରିଛି।

## ପୁରୀ ବେଳାଭୂମିରୁ ବିଷଧର ସାପ ଉଦ୍ଧାର

ପୁରୀ ଅଫିସ, ୫।୬- ପୁରୀ ବେଳାଭୂମିରୁ ବୁଧବାର ସକାଳେ ଏକ ବିଷଧର ସାପ ଉଦ୍ଧାର ହୋଇଛି। ଅଗ୍ନିଶମ କର୍ମଚାରୀ ଯୁଧିଷ୍ଠିର ଜେନା ବେଳାଭୂମିରେ ପାଟ୍ରୋଲିଂ କରୁଥିବା ସମୟରେ ବାଲିରେ ଏକ ସାପ ଚାଲୁଥିବା ଦେଖିଥିଲେ। ପରେ ଜଣେ ଲାଇଫ୍‌ଗାର୍ଡଙ୍କ ସହାୟତାରେ ସେ ଏହାକୁ ଏକ ଡବା ମଧ୍ୟରେ ପୂରାଇବାରେ ସଫଳ ହୋଇଥିଲେ। କଳା ରଙ୍ଗର ପ୍ରାୟ ୨ ଫୁଟ ଲମ୍ବର ଏହି ସାପଟିକୁ ଆଣି ପୁରୀ ଡିଏଫ୍‌ଓଙ୍କୁ ହସ୍ତାନ୍ତର କରିଥିଲେ। ପରେ ବନ ବିଭାଗ ଏହି ସାପକୁ ନୂଆନଇ ମୁହାଣରେ ଛାଡ଼ିଦେଇଛି । ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି, ଏହା ହେଉଛି ଡଗ୍ ଫେସ୍ ୱାଟର ସ୍ନେକ (କୁକୁରମୁହାଁ ପାଣିସାପ)। ଅଳ୍ପ ବିଷଧର ଏହି ସାପ ପ୍ରାୟ ମୁହାଣ ମୁହଁ ବାଲିରେ ରହିଥାନ୍ତି। ସମୁଦ୍ର ଭିତରକୁ ଯାଇ ନ ଥାନ୍ତି। ଭାରତର ପୂର୍ବ ଉପକୂଳ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଏହି ପ୍ରଜାତିର ସାପ ଦେଖାଯାନ୍ତି ବୋଲି ଡିଏଫ୍‌ଓ ଉଦ୍‌ଗାତା ପ୍ରକାଶ କରିଛନ୍ତି।

## କୋଚିଂ ସେଣ୍ଟର ବନ୍ଦ, ଛାତ୍ରୀଛାତ୍ର ଥାନାର ଦ୍ୱାରସ୍ଥ

ଭୁବନେଶ୍ୱର, ୫।୬(ବ୍ୟୁରୋ)- ଶହୀଦନଗର ଥାନାଞ୍ଚଳରେ ଥିବା ଏକ ଘରୋଇ କୋଚିଂ ସେଣ୍ଟର ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇ ବନ୍ଦ ହୋଇଯାଇଛି। ଉକ୍ତ କୋଚିଂ ସେଣ୍ଟରରେ ତାଲା ଝୁଲୁଥିବା ଓ ମାଲିକ କିମ୍ବା କର୍ମଚାରୀଙ୍କର ଦେଖା ନ ମିଳିବାରୁ ଛାତ୍ରୀଛାତ୍ରମାନେ ବୁଧବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ମିଳିଥିବା ସୂଚନାନୁସାରେ, ଶହୀଦନଗର ପ୍ଲଟ୍ ନଂ.ବି-୮ରେ ରହିଛି କ୍ୟାରିୟର ପାୱାର କୋଚିଂସେଣ୍ଟର। ଏହି କୋଚିଂ ସେଣ୍ଟରରେ ବ୍ୟାଙ୍କିଙ୍ଗ୍, ରେଲ୍‌ୱେ ଆଦି ବିଭିନ୍ନ ବର୍ଗର କମ୍ପିଟେଟିଭ ପରୀକ୍ଷା ପାଇଁ ପିଲାଙ୍କୁ କୋଚିଂ ଦେଉଥିଲା। ସମୟୋପଯୋଗୀ ତଥା ଉନ୍ନତମାନର ଶିକ୍ଷା ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇ ଦେଶର ବିଭିନ୍ନ ରାଜ୍ୟର ଶତାଧିକ ଛାତ୍ରୀଛାତ୍ରଙ୍କଠାରୁ ଟଙ୍କା ନେଇଥିଲା। ଜଣେ ଛାତ୍ରୀ ସୁଚିତ୍ରା ଦତ୍ତ କହିଛନ୍ତି, ବାତ୍ୟା ପରଠାରୁ କ୍ଲାସ ବନ୍ଦ ହୋଇଯାଇଛି। ଆଜିକାଲି କହି କର୍ତ୍ତୃପକ୍ଷ ସମୟ ଗଡ଼ାଇ ଚାଲିଛନ୍ତି। ରାଜସ୍ଥାନର ପରେଶ ଶର୍ମା କହିଛନ୍ତି, ବ୍ୟାଙ୍କିଙ୍ଗ୍ ସେକ୍ଟର ପରୀକ୍ଷା ପାଇଁ କୋଚିଂ ନେଉଥିଲି। ପରୀକ୍ଷା ଆଉ ଅଳ୍ପଦିନ ବାକି ରହିଥିବାବେଳେ ଏକ ମାସହେବ କ୍ଲାସ କରାଯାଉନାହିଁ। ଶହୀଦନଗରସ୍ଥିତ କୋଚିଂ ସେଣ୍ଟରରେ ତାଲା ଝୁଲୁଥିବାରୁ ପ୍ରତିଦିନ ଶତାଧିକ ଛାତ୍ରୀଛାତ୍ର ଅପେକ୍ଷା କରି ଫେରିଯାଉଛନ୍ତି। ସେହିପରି ଆଶୁତୋଷ ମିଶ୍ର କହିଛନ୍ତି, କୋଚିଂ ସେଣ୍ଟରରେ ପ୍ରତ୍ୟେକ ଛାତ୍ରୀଛାତ୍ର ୧୦ରୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଦେଇଛନ୍ତି। ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପିଲାଙ୍କଠାରୁ କୋଚିଂ ସେଣ୍ଟର ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେଇଛି। ବର୍ତ୍ତମାନ ମୁଣ୍ଡ ଉପରେ ପରୀକ୍ଷା ଥିବାରୁ ଆମେ ଚିନ୍ତାରେ ରହିଛୁ। ନ୍ୟାୟ ନ ମିଳିଲେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧହେବୁ ବୋଲି ଠକେଇର ଶିକାର ଛାତ୍ରୀଛାତ୍ର କହିଛନ୍ତି। ଏ ନେଇ ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି, ଉକ୍ତ କୋଚିଂ ସେଣ୍ଟର ମାଲିକଙ୍କୁ ନୋଟିସ ଦିଆଯିବା ସହ ଜଣେ ପାର୍ଟନର ଦିବ୍ୟଶଙ୍କର ସାହୁଙ୍କୁ ଡାକି ପଚରାଉଚରା କରାଯାଇଛି। ଏକ ସପ୍ତାହ ମଧରେ କୋଚିଂ ସେଣ୍ଟରରେ କ୍ଲାସ୍ ଆରମ୍ଭ କରିବାକୁ ତାଙ୍କ ସହ ଲିଖିତ ଚୁକ୍ତି ହୋଇଛି। ଛାତ୍ରୀଛାତ୍ରମାନେ ଯେପରି ହଇରାଣ ନ ହେବେ ସେଥିପାଇଁ ଚେଷ୍ଟା ଚାଲିଛି। ଯଦି କୋଚିଂ ସେଣ୍ଟର କର୍ତ୍ତୃପକ୍ଷ ପ୍ରତିଶ୍ରୁତି ପାଳନରେ ଅବହେଳା କରନ୍ତି ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟତମ ପାର୍ଟନର ଦିବ୍ୟପ୍ରକାଶ ଆମ ପ୍ରତିନିଧିଙ୍କୁ କହିଛନ୍ତି, ସଂସ୍ଥାର ଅନ୍ୟ ଦୁଇଜଣ ପାର୍ଟନର ରାଜ୍ୟ ବାହାରକୁ ଯାଇଛନ୍ତି। ତାଙ୍କସହ ଯୋଗାଯୋଗ ହୋଇପାରୁନି। ସେମାନେ ଫେରିବା ପରେ ଶୀଘ୍ର କୋଚିଂ ସେଣ୍ଟର ଖୋଲି ପାଠପଢ଼ା ଆରମ୍ଭ କରିବୁ ବୋଲି ସେ କହିଛନ୍ତି।

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ କୋଲ୍ ଇଣ୍ଡିଆ ୬୦୭ ମିଲିୟନ ଟନ କୋଇଲା ଉତ୍ପାଦନ କରିପାରିଛି।
-କୋଇଲା ମନ୍ତ୍ରଣାଳୟ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜି ପୁନର୍ବସୁ ନକ୍ଷତ୍ରସ୍ଥ ଚନ୍ଦ୍ର କର୍ମକ୍ଷେତ୍ର, ପରିବାର ଓ ଆର୍ଥିକ ଦିଗ ସକାଶେ କିଛିଟା ବ୍ୟତିକ୍ରମ ମଧ ପରିଲକ୍ଷିତ ହୋଇପାରେ। ସବୁ କିଛି ଭଲ ମଧରେ ଖର୍ଚ୍ଚ ପରିମାଣ ବୃଦ୍ଧି, ଦୂରଯାତ୍ରା ଓ ସ୍ଥାନାନ୍ତରର ସୂଚନାରୁ ସାମୟିକ ଚିନ୍ତିତ ରହିପାରନ୍ତି। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ମାନସିକ ସ୍ଥିତି ହଠାତ୍ ବଦଳିଯିବ।

**ବୃଷ** - ଆଜିର ଶନି ଓ ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ଅଫିସରେ ସହକର୍ମୀଙ୍କ ସହ ମତାନ୍ତର ଘଟିବାର ସମ୍ୟକ ସୂଚନା ରହିଛି। ପରିବାର ସକାଶେ ଆକସ୍ମିକ ଆବଶ୍ୟକତା କାରଣରୁ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢାଇଦେବ । କେତେକ କାରଣକୁ ନେଇ ଇଚ୍ଛା ନ ଥିଲେ ମଧ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ ।

**ମିଥୁନ** - ବୁଧଙ୍କ ସହ ରାହୁ ଓ ମଙ୍ଗଳ ଏକାଧାରରେ ଦୈହିକ ସ୍ୱାସ୍ଥ୍ୟ ଓ ମାନସିକ ସ୍ଥିତିକୁ ବିଗାଡି ଦେଇପାରନ୍ତି। ଋଣ ପରିଶୋଧ କରିବା ସକାଶେ ବିଭିନ୍ନ ପ୍ରକାର ଧନ୍ଦା କରିବା ଲାଗି ମନ ବଳାଇବେ। କର୍ମକ୍ଷେତ୍ରରେ ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜି ପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** - ଅନୁକୂଳ ଗ୍ରହ ପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯାଇ ନିୟନ୍ତ୍ରଣ ମଧରେ ରହିବ। ପରିବାରର କେତେକ ବ୍ୟତିକ୍ରମ କଥା ଓ ଆର୍ଥିକ ସମସ୍ୟାକୁ ବୁଝାମଣା ଭିତିରେ ସୁଧାରିନେବେ। କଳା, ସାହିତ୍ୟ, ସଙ୍ଗୀତ ତଥା ଚଳଚ୍ଚିତ୍ର, ସାମ୍ବାଦିକତା କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ** - ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଅନ୍ୟମାନଙ୍କ ପରାମର୍ଶକୁ ଗ୍ରହଣ କରିବା ଭଲ ହେବ। ପରିବାରରେ ପିଲାମାନଙ୍କ ଇଚ୍ଛା ଓ ଅଭିଳାଷକୁ କେନ୍ଦ୍ରକରି ସରଗରମ ଆଲୋଚନା କରିପାରନ୍ତି। ଆତ୍ମୀୟମାନଙ୍କ ସକାଶେ ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ ବରଂ ଓଲଟି ନିନ୍ଦାଗାନ କରିବେ।

**କନ୍ୟା** - ଭାଗ୍ୟ ଓ କର୍ମସ୍ଥାନ ଏକାଧିକ ଗ୍ରହମାନଙ୍କ ପ୍ରଭାବଯୁକ୍ତ ହେତୁ ଆପଣଙ୍କ ଆଶା ପୂରଣ ଅବଶ୍ୟ ହୋଇପାରିବ। ଗୃହ ସଜ୍ଜା, ଗାଡି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିପାରନ୍ତି। କର୍ମକ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିବା ଫଳରେ ସହକର୍ମୀମାନଙ୍କ ଅପ୍ରିୟଭାଜନ ହୋଇପାରନ୍ତି।

**ତୁଳା** - ସମାଗମ ସ୍ଥିତିରେ ଚନ୍ଦ୍ର ଯୋଗୁ ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ ଦୃଷ୍ଟିକୋଣ ବଦଳି ଯାଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିବା ପରି ଆଶଙ୍କା ଦେଖାଦେବ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଅସୁବିଧାର ସମ୍ମୁଖୀନ ହୋଇ ପାରନ୍ତି। ଘର ପାଇଁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା** - ଶନି ଓ ରାହୁଙ୍କ ଦ୍ୱାରା କବଳିତ ଚନ୍ଦ୍ର ଯୋଗୁ ଅତୀତର କୌଣସି ଘଟଣାକୁ କେନ୍ଦ୍ରକରି ମନଟା ଗୋଳେଇଘାଣ୍ଟି ଲାଗିବ। ଅଫିସ୍ କାମର ଜଞ୍ଜାଳ ମଧ ବଳିପଡିବ। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ଲୋକଙ୍କୁ ପରଖି ଯାହା କରିବା କଥା କରନ୍ତୁ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ପ୍ରତିବନ୍ଧକ ଓ ସମସ୍ୟାକୁ ଦୂରେଇ ନେବେ।

**ଧନୁ** - ରାଶି ଅପେକ୍ଷା ସପ୍ତମସ୍ଥାନ ପ୍ରଭାବଶାଳୀ ଯୋଗୁ ଆଜିର ଯାତ୍ରା,ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା ଆପଣଙ୍କ ସକାଶେ ବିଶେଷ ଅନୁକୂଳ ରହି ନ ପାରେ। ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରୁ ସମସ୍ୟା ଓ ପ୍ରତିବନ୍ଧକ ଦୂର ହୋଇଯିବ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହୋଇପାରନ୍ତି।

**ମକର** - ପ୍ରତିକୂଳ ଗ୍ରହଙ୍କ ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ର ଓ କାର୍ଯ୍ୟ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ରହିବ। ଅବଶ୍ୟ ବନ୍ଧୁଙ୍କ କଥାକୁ ସହଜରେ ଗ୍ରହଣ କଲେ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇପାରନ୍ତି। ସାୟାହ୍ନରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଶିକ୍ଷା, ଆନୁଷ୍ଠାନିକ କାମ, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** - ବିଭିନ୍ନ ପ୍ରତିବନ୍ଧକ ଓ ପରୋକ୍ଷ ଶତ୍ରୁତା ରହିଥିଲେ ମଧ ଆପଣଙ୍କ କାମ ପାଇଁ ତାହାର କୌଣସି କୁପ୍ରଭାବ ରହିବନାହିଁ। ତଥାପି ବିନା ଖର୍ଚ୍ଚରେ କିମ୍ବା ସରଳ ଓ ସହଜରେ କୌଣସି କାମ ହାସଲ କରିବା ଆଜି ଦୁରୂହ ହୋଇପାରେ। ପରିବାରରେ କାହାର ସ୍ୱାସ୍ଥ୍ୟହାନି କାରଣରୁ ମନ ସ୍ଥିର ରହି ପାରିବ ନାହିଁ । ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** - କର୍ମକ୍ଷେତ୍ର ପ୍ରତି ଗ୍ରହଦୃଷ୍ଟି ପ୍ରଭାବ ଅସଜଡ଼ା ସ୍ଥିତିକୁ ସଜାଡି ନେବାରେ ସାହାଯ୍ୟ କରିବ। ଶିକ୍ଷା, ଅଧ୍ୟୟନ, ଅଧ୍ୟାପନା, ଆଲୋଚନା ପାଇଁ ପ୍ରକୃଷ୍ଟ ଦିନଟିଏ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯାତ୍ରା, ବ୍ୟବସାୟ, ମାଲିମକଦ୍ଦମା, ସଙ୍ଗଠନ, ଲେଖାପଢ଼ାରେ ସମସ୍ୟା ସମାଧାନ ହୋଇଯିବ। କୌଣସି ନୂତନଭାବେ କାମଟିଏ ଆରମ୍ଭ କରିବା ସକାଶେ ମନ ବଳାଇପାରନ୍ତି।

ଆଜି ଜ୍ୟେଷ୍ଠ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ଗୁରୁବାର, ଜୁନ୍ ୬ ତାରିଖ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୦୧ମି. ଗତେ ଘ୧୧।୩୮ମି. ମଧ୍ୟେ, ଘ୧।୧୫ମି. ଗତେ ଘ୨।୫୨ମି. ମଧ୍ୟେ ଅମୃତବେଳା । ଦିବା ଘ୬।୪୭ମି. ମଧ୍ୟେ ଘ୧୧।୩୮ମି. ଗତେ, ଘ୧।୧୫ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୧।୨୪ମି. ଗତେ ଘ୩।୦୩ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302

**real estate**

**SALE**

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରୁ 3.5 କିଲୋମିଟର ମାର୍କେଟ କମ୍ପ୍ଲେକ୍ସ ପାଖରେ ୧୨୦୦ ସ୍କୋୟାରଫୁଟ ପ୍ଲଟ ୩୫୦୦୦୦ରେ ମିଳୁଛି। ଯୋଗାଯୋଗ 8908492594. D-12707

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 9370292040. D-66395

Triplex & Duplex at Ranga Bazar. Near BJEM English Medium School-II. Price start@45 lakhs. Call: 9040046767, 9040007267. D-12764

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 9348817649, 8144706560. D-66702

1200 sqft. land, 900 sqft. construction 25,00,000/- simplex 6km. from Nakhara, Brahmanjharilo LIC approved. 9861281504. D-66701

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

**to-let**

Bhubaneswar ଯେକୌଣସି ମାର୍କେଟ ଅଞ୍ଚଳରେ ମିଲ୍କ ପାର୍ଲର ଲାଗି 150-200 sqft ମଧ୍ୟରେ ଖାଲି ଦୋକାନ ଘର ଭଡ଼ାରେ ଆବଶ୍ୟକ। ଯୋଗାଯୋଗ: 9437581042, 9439839132. D-12799

**healthcare**

Full body massage with refreshment at your own home step- 7873336383. D-12825

**business**

Get electronics & grocery product of 40% discount. Call: 07478268108. D-12792

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ






## ସଂକ୍ଷେପରେ

### ୧୦ ହଜାର ଟଙ୍କା ଦିଅ, ମାର୍କ ବଢ଼ିଯିବ

**ସମ୍ବଲପୁର,୫।୬(ବ୍ୟୁରୋ):** ୧୦ ହଜାର ଟଙ୍କା ଦିଅ। ପରୀକ୍ଷାରେ ମାର୍କ ବଢ଼ିଯିବ । ତମେ ପରୀକ୍ଷା ଦେଇଥିବା ବିଷୟର ଅନେକ ପେପରରେ ଭଲ ମାର୍କ ନାହିଁ। ଯଦି ଟଙ୍କା ନ ଦେବ ତାହା ହେଲେ ଫେଲ୍ ହୋଇଯିବ। ମୁଁ ରାଜ୍ୟ ପରୀକ୍ଷା ନିୟନ୍ତ୍ରଣ ବୋର୍ଡର ସଦସ୍ୟ। ଗଙ୍ଗାଧର ମେହେର ଯୁକ୍ତ ୨ ବାଣିଜ୍ୟ ଛାତ୍ର ଆକାଶ ଓରାମ, ପ୍ରହ୍ଲାଦ ତାଣ୍ଡି, ସୁଦାମ ଜଗଦଲା, ଆଶିଷ କୁମାର ମିଞ୍ଜ, ସୁମିତ ବାର୍ଲାଙ୍କୁ ଏଭଳି ଫୋନ୍ ଆସିଛି। ଏ ନେଇ ଛାତ୍ରମାନେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ କିଏ ଏହି ଛାତ୍ରମାନଙ୍କୁ ଫୋନ୍ କରିଥିଲେ ତାହା ଜଣାପଡିନାହିଁ। ପୋଲିସ ଉକ୍ତ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି।




■ ଅଧାରୁ ଅବକାଶ ଜଳ ପିଙ୍ଗଣ ନେଇଆସିଲେ ସେବକ

## ମହାପ୍ରଭୁଙ୍କର ହେଲା ମହାସ୍ନାନ, ନୀତି ବିଳମ୍ବ

**ପୁରୀ ଅଫିସ, ୫।୬:** ଶ୍ରୀମନ୍ଦିରରେ ବୁଧବାର ଅବକାଶ ନୀତି ଚାଲିଥିବାବେଳେ ଜଣେ ସେବକ ଅଧାରୁ ଅବକାଶ ଜଳ ପିଙ୍ଗଣ ନେଇଆସିଥିଲେ। ଫଳରେ ନୀତି ବିଭ୍ରାଟ ହେବାରୁ ମହାପ୍ରଭୁଙ୍କର ମହସ୍ନାନ ହୋଇଛି। ଦ୍ୱିତୀୟଥର ଲାଗି ଠାକୁରଙ୍କ ଅବକାଶ ନୀତି ପ୍ରାୟ ଦେଢ ଘଣ୍ଟା ବିଳମ୍ବ ହୋଇଛି।

ସୂଚନା ମୁତାବକ, ସକାଳେ ଠାକୁରଙ୍କ ଅବକାଶ ନୀତି ଚାଲିଥିଲା। ପାଳିଆ ସିଂହାରୀ ସେବକମାନେ ଜଳ ଲାଗି କରୁଥିଲେ। ଆହୁରି କିଛି ସମୟ ଜଳ ଲାଗ ବାକି ରହିଥିଲା। ଏହି ସମୟରେ ଜଣେ ଖୁଣ୍ଟିଆ ସେବକ ଅବକାଶ ଜଳ ପିଙ୍ଗଣକୁ ଉଠାଇ ଆଣିଥିଲେ। ଏଥିଯୋଗୁ ନୀତିରେ ବ୍ୟାଘାତ ଘଟିଥିଲା। ସେହିଠାରେ ନୀତି ଅଟକାଇ ମହାସ୍ନାନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପୂଜାପଣ୍ଡା ସେବକଙ୍କୁ ଡକାଯାଇଥିଲା। ସାଧାରଣତଃ ପୂଜାପଣ୍ଡା ସେବକମାନେ ଅବକାଶ ବଢିବା ପରେ ରୋଷହୋମରେ ଯୋଗଦେଇଥାନ୍ତି। କିନ୍ତୁ ଅବକାଶ ଚାଲିଥିବାରୁ ପୂଜାପଣ୍ଡା ଆସି ନ ଥିଲେ। ସେ ପହଞ୍ଚିବା ପରେ ମହାସ୍ନାନ ପାଇଁ ପ୍ରସ୍ତୁତି ହୋଇଥିଲା। ଅବକାଶ ସମୟରେ ଠାକୁର ଲୁଗା ଓ ଚାଦର ପରିଧାନ କରିଥିଲେ। ମହାସ୍ନାନ ଯୋଗୁ ଠାକୁରଙ୍କ ମଇଲମ କରାଯାଇଥିଲା। ଠାକୁରଙ୍କୁ କେବଳ ଲୁଗା ପରିଧାନ (ଏକ କାନିଆ) କରାଯାଇଥିଲା। ପୁଣି ମହାସ୍ନାନ ଲାଗି ଭିତର ଧୁଆ ହୋଇଥିଲା। ମହାସ୍ନାନ ପରେ ପୁଣିଥରେ ଅବକାଶ ଲାଗି ଲୁଗା ଓ ଚାଦର ପିନ୍ଧାଯାଇଥିଲା। ଏଥିଯୋଗୁ ପ୍ରାୟ ଦେଢ ଘଣ୍ଟା ବିଳମ୍ବ ହୋଇଥିଲା। ତେବେ ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ପ୍ରକାର ବିଳମ୍ବ କିମ୍ବା ବିଭ୍ରାଟ ଯେପରି ନ ହୁଏ ସେଥିପ୍ରତି ଶ୍ରୀମନ୍ଦିର ପ୍ରଶାସନ ସେବକମାନଙ୍କୁ ଚେତାବନୀ ଦେଇଛି। ଏହାସତ୍ତ୍ୱେ ବେଳେବେଳେ କେତେଜଣ ସେବକଙ୍କ ଯୋଗୁ ନୀତିରେ ବିଳମ୍ବ ଘଟୁଛି। ସମ୍ପୃକ୍ତ ସେବାୟତ ଅଧାରୁ ଅବକାଶ ଜଳ ପିଙ୍ଗଣ ନେଇ ଆସିବାରୁ ମହାସ୍ନାନ ହୋଇ ପୁଣିଥରେ ଠାକୁରଙ୍କର ଅବକାଶ ହେଲା। ତେଣୁ ନୀତି ବିଳମ୍ବ ହୋଇଥିଲା ଏବଂ ପରେ ସ୍ୱାଭାବିକ ହୋଇଥିବା ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

■ ମନୋଜ ହତ୍ୟାକାଣ୍ଡ: ହତ୍ୟା ପ୍ରତିଶୋଧର ପରିଣାମ

## ମାଷ୍ଟରମାଇଣ୍ଡ ସୁଲ୍‌ତାନ ସମେତ ୫ ଗିରଫ

**ବ୍ରହ୍ମପୁର ଅଫିସ,୫।୬**

ଆସିକା ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ମନୋଜ ଜେନା ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ବ୍ରହ୍ମପୁର ପୋଲିସ। ଏଥିରେ ସାମିଲ ଥିବା ୨ ଅଭିଯୁକ୍ତ ବୁଲୁ ଓରଫ ଗଣେଶ ନାହାକ ଓ ହୃଷୀକେଶ ପାତ୍ରଙ୍କୁ ପୋଲିସ ପୂର୍ବରୁ ଏନ୍‌କାଉଣ୍ଟର କରିଥିବାବେଳେ ବୁଧବାର ମାଷ୍ଟରମାଇଣ୍ଡ ସୁଲ୍‌ତାନ ଓରଫ ସୁନୀଲ କୁମାର ନାହାକଙ୍କ ସମେତ ଅନ୍ୟ ୪ ସୁପାରିକିଲରଙ୍କୁ ଗିରଫ କରିଛି। ସେମାନେ ହେଲେ ଆନନ୍ଦ ସ୍ୱାଇଁ, ଶଙ୍କର ରାଉତ, ଶିବରାମ ବେହେରା ଓ କାର୍ତ୍ତିକ ନାହାକ। ଅଭିଯୁକ୍ତଙ୍କଠାରୁ କେତେକ ମାରଣାସ୍ତ୍ର ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ବୁଧବାର ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି ।

ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ ସାଧାରଣ ନିର୍ବାଚନ ଭୋଟ ଗଣତି ପୂର୍ବଦିନ ଅର୍ଥାତ୍ ମେ ୨୨ରେ ମନୋଜ କେତେକ ସହଯୋଗୀଙ୍କ ସହିତ କାରରେ ଭୁବନେଶ୍ୱରରୁ ବ୍ରହ୍ମପୁର ଫେରୁଥିଲେ। ରାତି ପ୍ରାୟ ସାଢ଼େ ୯ଟାରେ ମନୋଜ ୧୬ନଂ. ଜାତୀୟ ରାଜପଥ ଲାଞ୍ଜିପଲ୍ଲୀ ବାଇପାସ୍ ଅକ୍ସଫୋର୍ଡ ସ୍କୁଲ ନିକଟରେ ଗାଡି ପାର୍କିଂ କରି ପରିସ୍ରା କରିବାକୁ ଯାଇଥିଲେ। ୨ଟି ବାଇକ୍‌ରେ ୬ ଜଣ ଦୁର୍ବୃତ୍ତ ହଠାତ୍ ସେଠାରେ ପହଞ୍ଚି ମନୋଜଙ୍କ ଗଳା କାଟିଦେବା ସହ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ଅପରାଧ ଘଟାଇ ଅଭିଯୁକ୍ତମାନେ ଆନ୍ଧ୍ର ଆଡ଼କୁ ୨ଟି ବାଇକ୍‌ରେ ଦ୍ରୁତଗତିରେ ଯାଉଥିବାବେଳେ ଗୋଳନ୍ଥରା ନିକଟରେ ଗୋଟିଏ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେମାନେ ସେଠାରେ ବାଇକ୍ ଓ ଏକ ମାଉଜର ଛାଡ଼ି ଚମ୍ପଟ ମାରିଥିଲେ, ଯାହାକୁ ପୋଲିସ ଜବତ କରିଥିଲା। ମନୋଜଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିବା ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମେ ୨୩ ବିଳମ୍ବିତ ରାତିରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ଭାଲୁ ଓ ସୁଲ୍‌ତାନଙ୍କ ସମେତ ୭ ଜଣଙ୍କ ନାମରେ ବୈଦ୍ୟନାଥପୁର ଥାନାରେ ୧୦୧/୧୯ରେ ମାମଲା ରୁଜୁ ହୋଇଥିଲା। ସେପଟେ ଅନୁସନ୍ଧାନ ବେଳେ ଅଭିଯୁକ୍ତମାନେ ଆସିକା ଅଞ୍ଚଳର ବୋଲି ପୋଲିସ ସ୍ପଷ୍ଟ କରିଥିଲା। ମେ ୩୧ ରାତି ପ୍ରାୟ ସାଢ଼େ ୧୧ଟାରେ କେତେଜଣ ଅଭିଯୁକ୍ତଙ୍କ ସହିତ ଗୋଳନ୍ଥରା ଥାନା ରଣ୍ଢା ନିକଟ ଅମିତ ହସ୍ପିଟାଲ ପାଖରେ ପୋଲିସର ଗୁଳି ବିନିମୟ ହୋଇଥିଲା। ଏଥିରେ ବୁଲୁ ନାହାକ ଓ ହୃଷୀକେଶ ପାତ୍ର ଆହତ ହୋଇଥିଲେ। ଉଭୟଙ୍କୁ ପଚରାଉଚରା କରିବା ପରେ ପୋଲିସକୁ କେତେକ ତଥ୍ୟ ମିଳିଥିଲା। ହତ୍ୟାକାଣ୍ଡ ମାଷ୍ଟରମାଇଣ୍ଡ ଆସିକା ଥାନା ନୂଆଗାଁ ବଡ଼ସାହିର ସୁଲ୍‌ତାନ ବୋଲି ପୋଲିସ ଜାଣିବାକୁ ପାଇଥିଲା। ପରେ କେତେଜଣ ଅଭିଯୁକ୍ତଙ୍କ ବିରୋଧରେ ଲୁକ୍‌ଆଉଟ ସର୍କୁଲାର ଜାରି କରିବା ସହ ୪ଟି ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ସିଲ କରିଥିଲା। ମଦ ବ୍ୟବସାୟୀ ଭାଲୁ ଓ ସୁଲ୍‌ତାନ ମନୋଜଙ୍କୁ ମାରିବାକୁ ଯୋଜନା କରିଥିଲେ। ଏହାପରେ ପୋଲିସ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା।



■ ଷଡ଼ଯନ୍ତ୍ରକାରୀ ଭାଲୁ ଫେରାର
■ ୩ ମାଉଜର, ଗୁଳି, ବାଇକ୍
■ ୧୦ ମୋବାଇଲ, ଛୁରି ଜବତ

ଜବତ ସାମଗ୍ରୀ ସହ ଗିରଫ ଅଭିଯୁକ୍ତମାନେ

ଏସ୍‌ପି କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପିନାକ ମିଶ୍ର କହିଛନ୍ତି, କୋରାପୁଟ ଜିଲା ଲକ୍ଷ୍ମୀପୁରରେ ଅଭିଯୁକ୍ତମାନଙ୍କ ଉପସ୍ଥିତି ନେଇ ପୋଲିସକୁ ସୂଚନା ମିଳିଥିଲା। ସେଠାରୁ ଆନନ୍ଦ, ଶଙ୍କର, ଶିବରାମ ଓ କାର୍ତ୍ତିକଙ୍କୁ ପୋଲିସ ଗିରଫ କରିଥିଲା। ସେହିପରି ସୁଲତାନଙ୍କୁ ବାଲୁଗାଁ ରେଳଷ୍ଟେଶନରୁ ଧରିବାରେ ସକ୍ଷମ ହୋଇଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ୩ ମାଉଜର, ୩ ଅଫୁଟା ଗୁଳି, ୩ ବାଇକ୍, ୨ ରକ୍ତଭିଜା ଛୁରି, ୨ ହେଲ୍‌ମେଟ, ୧୦ ମୋବାଇଲ ଫୋନ, ୩୫୦୦ ଟଙ୍କା ଜବତ କରାଯାଇଛି। ହତ୍ୟାକାଣ୍ଡ ସ୍ଥଳରୁ ୩ ଗୋଟି ଖୋକା ଜବତ କରାଯାଇଛି। ହତ୍ୟା ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଆସିକା ଅଞ୍ଚଳର ମଦ ବ୍ୟବସାୟୀ ଭାଲୁ ଓରଫ ଭଗବାନ ସାହୁ ଫେରାର ଥିବା ଏସ୍‌ପି ସୂଚନା ଦେଇଛନ୍ତି । ୨୦୧୨ରେ କୌଣସି କାରଣକୁ ନେଇ ଭାଲୁଙ୍କ ଭାଇଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ମନୋଜ ଓ ତାଙ୍କର ଜଣେ ସହଯୋଗୀ ସମ୍ପୃକ୍ତ ଥିବା ଏସ୍‌ପି ସୂଚନା ଦେଇଛନ୍ତି, ଯାହାର ପ୍ରତିଶୋଧ ନେବା ପାଇଁ ଭାଲୁ ବିଭିନ୍ନ ସମୟରେ ସୁଯୋଗ ଖୋଜୁଥିଲେ ବୋଲି ପୋଲିସ କହିଛି। ଶେଷରେ ସେ ଷଡ଼ଯନ୍ତ୍ର କରି ମନୋଜଙ୍କୁ ସୁପାରିକିଲରଙ୍କ ଦ୍ୱାରା ହତ୍ୟା କରିଛନ୍ତି ବୋଲି ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି ।

ପୂର୍ବ ଶତ୍ରୁତା ଓ ମଦ ବ୍ୟବସାୟକୁ କେନ୍ଦ୍ରକରି ଲାଗି ରହିଥିବା ପୁଞ୍ଜୀଭୂତ ଅସନ୍ତୋଷରୁ ମନୋଜଙ୍କୁ ହତ୍ୟା କରାଯାଇଥିବା ପୋଲିସ ସ୍ପଷ୍ଟ କରିଛି। ମୁଖ୍ୟ ଖଳନାୟକ ଭାଲୁ ଧରାପଡ଼ିବା ପରେ ଏହି ହତ୍ୟାକାଣ୍ଡ ପାଇଁ କେତେ ଟଙ୍କା ଡିଲ୍ ହୋଇଥିଲା ତାହା ଜଣାପଡ଼ିବ ବୋଲି ଏସ୍‌ପି ମିଶ୍ର କହିଛନ୍ତି। ଏହି ଘଟଣାରେ ଗିରଫ ସଂଖ୍ୟା ୭ରେ ପହଞ୍ଚିଛି ।

■ ଦାରିଙ୍ଗବାଡ଼ି ଅଞ୍ଚଳରେ ପୁଣି ଲଜ୍ଜ୍ୟା

## ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ, ଜଣେ ଗିରଫ

**ଦାରିଙ୍ଗବାଡି,୫।୬(ଡି.ଏନ.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ପୁଣି ଏକ ଲଜ୍ଜ୍ୟାଜନକ ଘଟଣା ଘଟିଛି। ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଛନ୍ତି। ଜଣେ ବିବାହିତ ବ୍ୟକ୍ତି ଗତ କିଛିମାସ ତଳେ ତାଙ୍କୁ ବଳାତ୍କାର କରିଥିବା ମଙ୍ଗଳବାର ସନ୍ଧ୍ୟାରେ ଥାନାରେ ଛାତ୍ରୀଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଦାରିଙ୍ଗବାଡ଼ି ପୋଲିସ ନଂ.୫୪/୧୯ରେ ମାମଲା ରୁଜୁ କରି ତଦନ୍ତ କରିବା ସହ ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ଉକ୍ତ ଥାନା ଅଞ୍ଚଳ ଡଡ଼ମାହା ଗ୍ରାମର ଜିରିମୟ ପ୍ରଧାନ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ଗତ ୮ମାସ ତଳେ ନାବାଳିକା ଜଣକ ଏକୁଟିଆ ବିଦ୍ୟାଳୟକୁ ଯାଉଥିବା ବେଳେ ଜିରିମୟ ତାଙ୍କୁ ନିକଟସ୍ଥ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ଏନେଇ କାହାକୁ କହିଲେ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ନାବାଳିକା ଜଣକ ଘଟଣା ସମ୍ପର୍କରେ କାହାରିକୁ ନ କହି ଚୁପ୍ ରହିଥିଲେ। କିଛିଦିନ ହେଲା ସେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ନାବାଳିକା ଜଣକ ଗର୍ଭବତୀ ଥିବା ଜଣାପଡ଼ିଥିଲା। ପରିବାର ଲୋକ ଏ ନେଇ ନାବାଳିକାଙ୍କୁ ପଚାରିବାରୁ ସେ ସମସ୍ତ ଘଟଣା କହିଥିଲେ। ଏ ନେଇ ଗ୍ରାମରେ ଏକ ବୈଠକ କରି ଘଟଣା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗିରଫ କରିଥିବା ଜିରିମୟଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରିମାଇନା କରିବା ପରେ କୋର୍ଟ ଚାଲାଣ କରିଛି। ନାବାଳିକାଙ୍କୁ ଫୁଲବାଣୀ ମେଡିକାଲରେ ଡାକ୍ତରିମାଇନା କରାଯାଇଥିବା ପୋଲିସ କହିଛି।














■ ପାରିବାରିକ କଳହର କରୁଣ ପରିଣତି

## ସାନଭାଇ କଟୁରି ଚୋଟରେ ବଡ଼ ମୃତ

**ନୟାଗଡ଼ ଅଫିସ,୫।୬**

ପାରିବାରିକ କଳହର ପରିଣତି କେତେ ଭୟଙ୍କର ହୋଇପାରେ ତାହା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ଶରଣକୁଳ ଥାନା ଚଢ଼େୟାପଲ୍ଲୀ ଗ୍ରାମରେ। ମଙ୍ଗଳବାର ରାତିରେ ଗ୍ରାମର ଜଣେ ଯୁବକଙ୍କ କଟୁରି ଚୋଟରେ ତାଙ୍କ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁବେର ସାହୁ(୩୨)। ପୋଲିସ ସୂତ୍ରରୁ ପ୍ରକାଶ ଯେ, କୁବେର ବିଭିନ୍ନ କାରଣକୁ ନେଇ ଘରେ କଳି ଝଗଡ଼ା କରନ୍ତି। ଏପରି କି ସାନ ଭାଇ ଧନେଶ୍ୱର ସାହୁ(୨୫)ଙ୍କ ସହିତ ମଧ ଗଣ୍ଡଗୋଳ କରନ୍ତି। ୫ଦିନ ପୂର୍ବରୁ କୁବେର ସ୍ତ୍ରୀ କୁନି ସାହୁ ଓ ୫ବର୍ଷର ଝିଅକୁ ନେଇ ଶ୍ୱଶୁରଘର ଇଟାମାଟି ଯାଇଥିଲେ। ସେଠାରେ ସେ ପିଲାଙ୍କୁ ଛାଡି ଘରକୁ ଫେରିଥିଲେ। ଏପରିସ୍ଥଳେ ମଙ୍ଗଳବାର ସକାଳେ ଦୁଇ ଭାଇଙ୍କ ମଧରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ରାତିରେ ଚଢ଼େୟାପଲ୍ଲୀ ଗ୍ରାମରେ ଯାତ୍ରା ହେଉଥିବାରୁ ଧନେଶ୍ୱର ମା'ବାପାଙ୍କ ସହ ସେଠାକୁ ଯାଇଥିଲେ। ଘରେ କୁବେର ଏକାକୀ ଥିବାରୁ ସେ ଛାତ ଉପରେ ଶୋଇଥିଲେ। ରାତ୍ର ପ୍ରାୟ ୧୧ଟା ସମୟରେ ଧନେଶ୍ୱର ଘରକୁ ଆସି ଛାତ ଉପରେ ଶୋଇଥିବା ବଡଭାଇଙ୍କୁ କଟୁରିରେ ହାଣି ହତ୍ୟା କରିଥିଲେ। ପରେ ରାତ୍ର ୧୨ଟା ୧୦ ସମୟରେ ଶରଣକୁଳ ଥାନାକୁ ଆସି ଧନେଶ୍ୱର ଆତ୍ମସମର୍ପଣ କରିଥିଲେ। ବୁଧବାର ସକାଳେ ଶରଣକୁଳ ପୋଲିସ ଗ୍ରାମରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। କୁବେରଙ୍କୁ ପରିବାର ଲୋକେ ମିଶି ହତ୍ୟା କରିଥିବା ସ୍ତ୍ରୀ କୁନି ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ୪୪/୧୯ରେ ମାମଲା ରୁଜୁ କରି ଧନେଶ୍ୱରଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ କଟୁରି ଜବତ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ କିରଣ ହେମ୍ବ୍ରମ ପ୍ରକାଶ କରିଛନ୍ତି।



ଜିଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ ଟିମ୍ ପହଞ୍ଚି ପରିବାର ଲୋକଙ୍କୁ ପଚରାଉଚରା କରୁଛି।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ପୋଖରୀରେ ବୁଡି ଯୁବକ ମୃତ

**ଦେବଗଡ଼,୫।୬(ସ୍ୱ.ପ୍ର):** ଦେବଗଡ ଜିଲାର ବାରକୋଟ ବ୍ଲକ ଅଧୀନ କାଦପଡା ଗ୍ରାମର ଏକ ପୋଖରୀରେ ବୁଡି ଜଣେ ଯୁବକ ବୁଧବାର ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ଟିକେଶ୍ୱର ବେହେରା (୨୫)। ଖବର ମୁତାବକ ଉକ୍ତ ପୋଖରୀରେ ଗାଧୋଉ ଥିବାବେଳେ ଗୋଡ ଖସିଯିବାରୁ ପାଣିରେ ପଡିଯାଇଥିଲେ । ଫଳରେ ସେ ପାଣି ଭିତରେ ବୁଡି ରହିଥିଲେ । ଏହା ସ୍ଥାନୀୟ ଗ୍ରାମବାସୀ ଦେଖି ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟିକେଶ୍ୱରଙ୍କ ଅଚାନକ ମୃତ୍ୟରେ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ ଘଟଣା: ସ୍ୱାମୀ ଗିରଫ

**ଦେବଗଡ଼,୫।୬(ସ୍ୱ.ପ୍ର):** ବାରକୋଟ ଥାନା ଅଧିନ କାଦୋପଡା ଗ୍ରାମରେ ଗତ ରବିବାର ଟାଙ୍ଗିଆରେ ନିଜ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ସ୍ୱାମୀକୁ ବାରକୋଟ ଥାନାପୋଲିସ ବୁଧବାର ନିକଟସ୍ଥ ଠାକୁରପାଲି ଗ୍ରାମରୁ ଗିରଫ କରିଛି । ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ମଧ ଜବତ କରିଥିବା ଜଣାପଡିଛି । ସୂଚନା ଥାଉ କି ସନ୍ତୋଷ କୁମ୍ଭାରଙ୍କ ଝିଅ ଲକ୍ଷ୍ମୀ କୁମ୍ଭାରକୁ ରାଉରକେଲା ଅଞ୍ଚଳର ନିକଟସ୍ଥ ହମିଦ୍‌ପୁର ଗ୍ରାମର ମୋନଜ କୁମ୍ଭାରଙ୍କୁ ବିବାହ ଦେଇ ବାରକୋଟ ବ୍ଲକ କାଦୋପଡ଼ା ଗ୍ରାମର ଘରେ ଘରଜ୍ୱାଇଁ ଭାବରେ ଗତ ୩ ବର୍ଷ ହେଲା ରହି ଆସୁଥିଲେ । ରବିବାର ବିଳମ୍ବିତ ରାତ୍ରିରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ମଧରେ ପାରିବାରିକ ଗଣ୍ଡୋଗୋଳ ଯୋଗୁଁ ଝଗଡ଼ା ହୋଇଥିଲା। ଫଳରେ ମୋନଜ ଉତ୍ତ୍ୟକ୍ତ ହୋଇ ଟାଙ୍ଗିଆରେ ହାଣି ନିଜ ସ୍ତ୍ରୀକୁ ହତ୍ୟାକରି ୩ବର୍ଷର ଶିଶୁ କନ୍ୟାଙ୍କୁ ଧରି ରାତିରେ ଘରୁ ଫେରାର ହୋଇଯାଇଥିଲେ।

■ ମୁଖ୍ୟମନ୍ତ୍ରୀ ଆସନ ଛାଡ଼ିବା ପ୍ରସଙ୍ଗ

# ବିଜେଡିକୁ ମହଙ୍ଗା ପଡ଼ିପାରେ ବିଜେପୁର

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ,୫।୬**

ବରଗଡ଼ ଜିଲା ବିଜେପୁର ଆସନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇସ୍ତଫା ଦେବା ପରେ ପୁଣି ରାଜ୍ୟରେ ବିଜେପୁରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ୨୦୧୮ ଉପନିର୍ବାଚନକୁ ଦେଢ଼ ବର୍ଷ ପୂରି ନ ଥିବା ବେଳେ ବିଜେପୁରବାସୀ ଆଉ ଏକ ଉପନିର୍ବାଚନର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଉପନିର୍ବାଚନକୁ ନେଇ ରାଜନେତାମାନେ ଉତ୍ସାହିତ ଥିବାବେଳେ ମତଦାତାଙ୍କ ମଧ୍ୟରେ ହତାଶା ମନୋଭାବ ଦେଖିବାକୁ ମିଳିଛି । ଆଗାମୀ ଉପନିର୍ବାଚନରେ ମତଦାତାଙ୍କ ମଧରେ ଏଭଳି ନୈରାଶ୍ୟ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ଆଲୋଚନା ଆରମ୍ଭ ହୋଇଗଲାଣି। ଏହା ଯଦି ନିର୍ଣ୍ଣାୟକ ମୋଡ ନିଏ ତେବେ ଶାସକ ଦଳ ବିଜେଡି ହିଁ ଅଡୁଆରେ ପଡିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଅପରପକ୍ଷେ ସାଧାରଣ ନିର୍ବାଚନରେ ପରାଜିତ ଦଳ ଉପନିର୍ବାଚନରେ ଫାଇଦା ଉଠାଇବା ପାଇଁ ଆଶା ବାନ୍ଧିଛନ୍ତି ।

ଏକଦା କଂଗ୍ରେସର ଗଡ ଥିବା ବିଜେପୁରକୁ ଗତ ୨୦୧୮ ଉପନିର୍ବାଚନରେ ବିଜେଡି ହାତେଇଥିଲା। ତତ୍କାଳୀନ ବିଜେପୁର ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ସ୍ତ୍ରୀ ରୀତା ସାହୁଙ୍କୁ ଦଳୀୟ ପ୍ରାର୍ଥୀ କରି ବିଜେଡି ଏହି ସଫଳତା ପାଇଥିଲା । ତେବେ ଉପନିର୍ବାଚନର ବର୍ଷେ ଦୁଇମାସ ପରେ ହୋଇଥିବା ସାଧାରଣ ନିର୍ବାଚନରେ ରୀତାଙ୍କୁ ବାଦ୍ ଦେଇ ଖୋଦ୍ ମୁଖ୍ୟମନ୍ତ୍ରୀ ଏଠାରୁ ଦଳୀୟ ପ୍ରାର୍ଥୀ ହୋଇଥିଲେ ଏବଂ ଦଳର ବିଜୟଧାରାକୁ ଜାରି ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ନିଜ ବିଧାୟକ ଭାବେ ପାଇ ବିଜେପୁରବାସୀ ବିକାଶର ସ୍ୱପ୍ନ ଦେଖିଥିଲେ। ମାତ୍ର ବିଧାୟକ ନିର୍ବାଚିତ ହେବାର ଦୁଇ ସପ୍ତାହ ନ ପୂରୁଣୁ ମୁଖ୍ୟମନ୍ତ୍ରୀ ଏହି ଆସନ ଛାଡି ଦେବା ପରେ ବିଜେପୁରବାସୀଙ୍କ ଆଶା ଆକାଂକ୍ଷା ଧୂଳିସାତ୍ ହୋଇଯାଇଛି। ଇସ୍ତଫା ଦେବାର ଦୁଇ ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ବିଜେପୁରବାସୀଙ୍କ ପାଇଁ ବଡ ପ୍ୟାକେଜ ଘୋଷଣା କରିଥିଲେ ସୁଦ୍ଧା ତାହା ଅଞ୍ଚଳବାସୀଙ୍କ ହତାଶାକୁ କିଛି ପ୍ରଭାବିତ କରିଥିବା ଭଳି ମନେ ହେଉନାହିଁ। କାରଣ ଉପନିର୍ବାଚନବେଳେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ଭଳି ପ୍ୟାକେଜ ଏଯାଏଁ କେବଳ ପ୍ୟାକେଜରେ ରହିଯାଇଛି। ବିଜେଡି ପ୍ରତି ବିଜେପୁରବାସୀଙ୍କ ଏଭଳି ହତାଶ ମନୋଭାବ ଜାରି ରହିଲେ ଆଗାମୀ ଉପନିର୍ବାଚନରେ ତାହା ଦଳକୁ ମହଙ୍ଗା ପଡିପାରେ।

> **ବିଜେପୁର**
> ■ ଦେଢ଼ବର୍ଷରେ ୩ ନିର୍ବାଚନ ସାମ୍ନା କରିବେ ବିଜେପୁରବାସୀ
> ■ ସ୍ୱତନ୍ତ୍ର ପ୍ୟାକେଜକୁ ଭରସା ପାଉନି
> ■ ଭୋଟରଙ୍କ ପାଖକୁ ଯାଉଛି ନକାରାତ୍ମକ ସନ୍ଦେଶ

ଏହି ନିର୍ବାଚନମଣ୍ଡଳୀର ଜଣେ ଭୋଟର ହରିଲାଲ ସାହୁଙ୍କ ମତରେ ଦେଢ଼ ଦୁଇବର୍ଷ ନ ପୂରୁଣୁ ଲୋକଙ୍କୁ ତିନିଟି ନିର୍ବାଚନ ସମ୍ମୁଖୀନ କରିବା ନିଶ୍ଚିତ ଭାବେ ସେମାନଙ୍କ ଉପରେ ମାନସିକ ଚାପ ପକାଇଛି। ସେହିପରି ଆଉ ଜଣେ ଭୋଟର ଫକୀର ସାହୁ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କୁ ପାଇ ଅଞ୍ଚଳବାସୀ ନିଜକୁ ଗର୍ବ ଅନୁଭବ କରୁଥିଲେ ଏବଂ ତାଙ୍କ ଇସ୍ତଫା ଏବେ ଅଞ୍ଚଳବାସୀଙ୍କୁ ନିରାଶ କରିଛି। ତେବେ ରାଜନୈତିକ ସମୀକ୍ଷକ ସତ୍ୟନାରାୟଣ ପାଢ଼ୀ କହିଛନ୍ତି, ବିଜେପୁର ଆସନରୁ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଆଗାମୀ ଉପନିର୍ବାଚନରେ ବହୁତ କିଛି ପ୍ରଭାବ ପକାଇବାର ସମ୍ଭାବନା ରହିଛି। ଦେଢ଼ ଦୁଇ ବର୍ଷ ମଧ୍ୟରେ ଗୋଟିଏ ଆସନରୁ ତିନିଟି ନିର୍ବାଚନ ହେବା ଲୋକଙ୍କ ପାଖକୁ ଏକ ନକରାତ୍ମକ ସନ୍ଦେଶ ଯାଇପାରେ। ମାତ୍ର ସରକାରଙ୍କ କାର୍ଯ୍ୟ ଦକ୍ଷତା, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିତ୍ୱକୁ ନେଇ ଜନମତ ଯେ ନ ଆସିବ ତାକୁ ଏଡାଇ ଦିଆଯାଇ ନ ପାରେ । ସେହିପରି ଆଡଭୋକେଟ ବିକ୍ରମାଦିତ୍ୟ ପଣ୍ଡାଙ୍କ ମତରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଆଗାମୀ ଉପନିର୍ବାଚନରେ ବିଜେଡିକୁ ମହଙ୍ଗା ପଡିପାରେ। ସେ କହିଛନ୍ତି, ପ୍ୟାକେଜ ନୁହେଁ, ନବୀନଙ୍କ ପ୍ରତି ବିଶ୍ୱାସ ରଖି ଲୋକେ ଭୋଟ ଦେଇ ଜିତାଇଥିଲେ। ୨୦୧୮ ଉପନିର୍ବାଚନରେ ମୁଖ୍ୟମନ୍ତ୍ରୀ ଅନେକ ପ୍ୟାକେଜ ଘୋଷଣା କରିଥିଲେ, ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଏହା ସତ୍ତ୍ୱେ ବିଜେପୁରବାସୀ ବିଜେଡି ସପକ୍ଷରେ ଭୋଟ ଦେଇଥିଲେ । ମାତ୍ର ଏବେ ମୁଖ୍ୟମନ୍ତ୍ରୀ ବିଧାୟକ ନିର୍ବାଚିତ ହେବାର ଅଳ୍ପ ଦିନ ପରେ ଏହି ଆସନରୁ ଇସ୍ତଫା ଦେବା ଘଟଣାକୁ ବିଜେପୁରବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଆଉ ଏହାର ପ୍ରଭାବ ଉପନିର୍ବାଚନରେ ନିଶ୍ଚୟ ଦେଖିବାକୁ ମିଳିବ।




ବିଶ୍ୱ ପରିବେଶ ଦିବସରେ ଜିଲା ଜଜ୍ ଅଭିଭାଷଣ ଦେଉଛନ୍ତି।

## ବିଶ୍ୱ ପରିବେଶ ଦିବସ ପାଳିତ

**ଦେବଗଡ଼, ୫।୬(ସ୍ୱ.ପ୍ର):**

ଜିଲା ଆଇନ୍ ସେବା ପ୍ରାଧିକରଣ, ଦେବଗଡ ଆନୁକୂଲ୍ୟରେ ଏବଂ ବନ ବିଭାଗ ସହଯୋଗରେ ବନ ବିଭାଗ କାର୍ଯ୍ୟାଳୟର ସଭାଗୃହରେ ବିଶ୍ୱ ପରିବେଶ ଦିବସ ପାଳନ ହୋଇଯାଇଛି। ଏହି ଉତ୍ସବରେ ଜିଲା ଜଜ୍ ତଥା ଜିଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ତୋଷ ଅଧକ୍ଷତା କରିଥିଲେ। ଡିଏଫଓ କ୍ଷମା ସଡଙ୍ଗୀ ଏବଂ ଜିଲା ଆଇନ୍ ସେବା ପ୍ରାଧିକରଣର ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର ଉପସ୍ଥିତ ରହିଥିଲେ। ପରିବେଶ ସୁରକ୍ଷା ଆଇନ୍ ତଥା ବନ୍ୟଜନ୍ତୁ ସୁରକ୍ଷା ଆଇନ୍ ଉପରେ ସମସ୍ତଙ୍କୁ ବିଶେଷ ଭାବରେ ସୂଚନା ଦେଇଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ମଧ ବନ ବିଭାଗ କାର୍ଯ୍ୟାଳୟ ତରଫରୁ ଦେବଗଡ ଜିଲାରେ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା । ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ, ଦେବଗଡର ସହକାରୀ ଶିକ୍ଷକ ତଥା ଏନ୍.ସି.ସି. ଅଧିକାରୀ ଈଶ୍ୱରଚନ୍ଦ୍ର ସାହୁ ଏବଂ ନାଉଳିପଡା ବିଦ୍ୟାଳୟର ପ୍ରଧାନଶିକ୍ଷକ ଟଙ୍କଧର ଦେହୁରୀଙ୍କୁ ପ୍ରକୃତି ବନ୍ଧୁ-୨୦୧୯ର ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ପରିବେଶବିତ ଲଳିତ ମୋହନ ସାହୁ ଏବଂ ଫରେଷ୍ଟ ଅଫିସ୍‌ର ଅଧିକାରୀ ଗଣ ତଥା କ୍ଷେତ୍ର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ ।

## କାରଖାନା ସମ୍ମୁଖରେ ଶ୍ରମିକଙ୍କ ଧାରଣା

**ବରଗଡ଼ ଅଫିସ,୫।୬:** ଏସିସି ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନା ସମ୍ମୁଖରେ ବୁଧବାର କାର୍ଯ୍ୟରତ ଠିକା ଶ୍ରମିକମାନେ ସରକାରଙ୍କ ନିର୍ଦ୍ଧାରିତ ହାରରେ ପାରିଶ୍ରମିକ ପ୍ରଦାନ ଦାବି କରି ଧାରଣା ଦେଇଥିଲେ। କାରଖାନା କର୍ତ୍ତୃପକ୍ଷ ସେମାନଙ୍କ ଦାବି ସମୂହକୁ କର୍ଣ୍ଣପାତ କରୁ ନ ଥିବା ସେମାନେ ଅଭିଯୋଗ କରିଥିଲେ । ବରଗଡ଼ ସିମେଣ୍ଟ କାରଖାନା କର୍ତ୍ତୃପକ୍ଷ ଠିକା ଶ୍ରମିକଙ୍କୁ ଭିଡିଏ ବାବଦକୁ ନିର୍ଦ୍ଧାରିତ ଟଙ୍କା ପ୍ରଦାନ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ସେମାନେ ବାରମ୍ବାର ଜିଲାପାଳ ଓ ଜିଲା ଶ୍ରମ ଅଧିକାରୀଙ୍କୁ ଫେରାଦ ହୋଇଥିଲେ । ମାତ୍ର କୌଣସି ସୁଫଳ ମିଳି ନ ଥିବାରୁ ବୁଧବାର ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । ଆନ୍ଦୋଳନରେ ବହୁ ସଂଖ୍ୟକ ଠିକା ଶ୍ରମିକ ସାମିଲ ହୋଇଥିଲେ ।



ଥୁଆପାଲି ମାର୍କେଟ ୟାର୍ଡ଼ରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ।

## ମଣ୍ଡିରେ ଅଚଳାବସ୍ଥା, ସମୀକ୍ଷା କଲେ ବିଧାୟିକା

**ଭେଡ଼େନ, ୫।୬ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅଞ୍ଚଳରେ ଧାନବିକ୍ରିରେ ଅଚଳାବସ୍ଥା ଦେଖାଦେଇଛି। ଗତ ରବିବାର ବର୍ଷା ପରେ ଧାନ ବିକ୍ରି ଅତ୍ୟନ୍ତ ଧିମାଗତିରେ ଚାଲିଛି। ଫଳରେ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ବୁଧବାର ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଭେଡ଼େନ ବ୍ଲକ ଅନ୍ତର୍ଗତ ଥୁଆପାଲି ମାର୍କେଟ ୟାର୍ଡ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିଥିଲେ। ବର୍ଷା ଆସିବା ପୂର୍ବରୁ ସବୁ ଧାନ ଯେପରି ଉଠାଯାଇପାରିବ ସେ ନେଇ ବିଧାୟିକା ଛୁରିଆ ୟାର୍ଡ଼ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିଲେ । କେବଳ ଥୁଆପାଲି ନୁହଁ ଭେଡ଼େନ ବ୍ଲକର ସମସ୍ତ ୟାର୍ଡ଼ ଏବଂ କ୍ରୟ କେନ୍ଦ୍ର ଗୁଡ଼ିକରେ ଆଲଟମେଣ୍ଟ ଆସି ନ ଥିବାରୁ ଧାନ ଉଠାଣ ଧିମା ହେଉଛି । ଶୀଘ୍ର ଏ ନେଇ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ମାର୍କଫେଡ଼ ଅଧକ୍ଷ ବିଭୁଦତ୍ତ ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ହୋତାଙ୍କ ସହ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ ।

## ଫଟୋରେ ଖବର



ଶଯ୍ୟା ଅଭାବ: ବୌଦ୍ଧ ମେଡିକାଲ ବାରଣ୍ଡାରେ ପ୍ରସୂତି ମହିଳା ଓ ନବଜାତ ଶିଶୁ ଚିକିତ୍ସିତ ହେଉଛନ୍ତି ।


## ହାଉସିଂ ଆଣ୍ଡ ଅର୍ବାନ୍ ଡେଭଲପମେଣ୍ଟ କର୍ପୋରେସନ ଲିମିଟେଡ (ହୁଡ୍‌କୋ)

ହଡକୋ

(ଭାରତ ସରକାରଙ୍କ ଏକ ଉଦ୍ୟୋଗ)

ରିଜିଓନାଲ ଅଫିସ: ୩ୟ ମହଲା, ଦୀନ୍‌ଦୟାଲ ଭବନ, ଅଶୋକ ନଗର, ଜନପଥ, ଭୁବନେଶ୍ୱର – ୭୫୧୦୦୯

### ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ -୨୦୦୨ର ନିୟମ ୬ (୨) ଓ ୮ (୬) ଅଧୀନରେ ଇ-ନିଲାମ ମାଧମରେ ଜମି ଓ ବିଲ୍‌ଡିଂ ତଥା ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

**ସ୍ଥାବର ସମ୍ପତ୍ତିର ଇ-ନିଲାମ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି। ମିଳିତ ଋଣଦାତାଙ୍କ କ୍ଷମତାପ୍ରାପ୍ତ ପଦାଧିକାରୀଙ୍କ ନିକଟରେ ଇଏମ୍‌ଡି ଓ କାଗଜପତ୍ର ଦାଖଲ (ଅନ୍‌ଲାଇନ୍)ର ଶେଷ ତାରିଖ ଓ ସମୟ ୦୮ ଜୁଲାଇ, ୨୦୧୯ ଅପରାହ୍ଣ ୪.୦୦ ଘଟିକା କିମ୍ବା ତାହା ପୂର୍ବ ସୁଦ୍ଧା ।**

ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (ସରଫେସି ଆକ୍ଟ), ୨୦୦୨ (ନଂ.୫୪ ଅଫ୍ ୨୦୦୨) ଅଧୀନରେ ହୁଡ୍‌କୋ, ଇଣ୍ଡିଆନ୍ ବ୍ୟାଙ୍କ, ଇଡେଲୱିସ ଏବଂ ପିଏନ୍‌ବି (ମିଳିତ ଋଣଦାତା)ଙ୍କ ନିକଟରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତି/ଗୁଡ଼ିକର ବିକ୍ରୟ:- ଯେହେତୁ, ହୁଡ୍‌କୋ, ଇଣ୍ଡିଆନ୍ ବ୍ୟାଙ୍କ, ଇଡେଲୱିସ ଏବଂ ପିଏନ୍‌ବି (ମିଳିତ ଋଣଦାତା)ଙ୍କ କ୍ଷମତାପ୍ରାପ୍ତ ପଦାଧିକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩ (୨) ଅଧୀନରେ ଜାରି ନୋଟିସ୍ ଅଧୀନରେ ନିମ୍ନଲିଖିତ ଋଣ ଖାତାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ହୁଡ୍‌କୋ, ଇଣ୍ଡିଆନ୍ ବ୍ୟାଙ୍କ, ଇଡେଲୱିସ ଏବଂ ପିଏନ୍‌ବି (ମିଳିତ ଋଣଦାତା) ଧାର୍ଯ୍ୟରାଶି ତଥା ସୁଧ ଆଦାୟ ପାଇଁ "ଯେପରି ଅଛି ଯାହା ଯେମିତି ଅଛି ଭିତ୍ତିରେ" ବିକ୍ରୟ କରିବାର ଅଧିକାର ସହିତ ତା୩୦।୧୦।୨୦୧୩ରିଖ ଦିନ ପ୍ରତୀକାତ୍ମକ ଦଖଲ ଏବଂ ତା୧୭।୦୩।୨୦୧୫ରିଖ ଦିନ ପ୍ରକୃତ ଦଖଲକୁ ନେଇଛନ୍ତି ଏବଂ ଯେହେତୁ ପରିଣାମସ୍ୱରୂପ ନିମ୍ନଲିଖିତ ଋଣ ଖିଲାପକାରୀମାନେ ବାକିରାଶି ପୈଠ କରିବାରେ ବିଫଳ ହେବାରୁ ଏହି ଅଧିନିୟମର ଧାରା ୧୩ (୪) ଅଧୀନରେ ପ୍ରଦତ୍ତ କ୍ଷମତାବଳରେ କ୍ଷମତାପ୍ରାପ୍ତ ପଦାଧିକାରୀ/ନିମ୍ନସ୍ୱାକ୍ଷରକାରୀ ଏହି ସମ୍ପତ୍ତି/ଗୁଡ଼ିକୁ ବିକ୍ରୟ କରି ହୁଡ୍‌କୋ, ଇଣ୍ଡିଆନ୍ ବ୍ୟାଙ୍କ, ଇଡେଲୱିସ ଏବଂ ପିଏନ୍‌ବି (ମିଳିତ ଋଣଦାତା)ଙ୍କ ଧାର୍ଯ୍ୟରାଶି ଓ ସୁଧ ଆଦାୟ କରିବାକୁ ପ୍ରସ୍ତାବ କରିଛନ୍ତି। ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ଏହି ବିକ୍ରୟ ୱେବ୍‌ପୋର୍ଟାଲ୍ (https://hudcoauction.auctiontiger.net)ରେ ଦିଆଯାଇଥିବା ଇ-ନିଲାମ ପ୍ଲାଟଫର୍ମ ଜରିଆରେ ସଞ୍ଚାଳନ କରାଯିବ।

| ଶାଖାର ନାମ ଓ ଖାତା/ ବନ୍ଧକଦାତା/ଋଣଗ୍ରହୀତାଙ୍କ ନାମ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ (ଟ.) ଇଏମ୍‌ଡି ବିଡ୍ ବୃଦ୍ଧି ପରିମାଣ (ଟ. ଲକ୍ଷରେ) | ବକେୟା ରାଶି ଏବଂ ଡିମାଣ୍ଡ ନୋଟିସ୍ ତାରିଖ ତା୦୫।୦୭।୨୦୧୩ରିଖ | ଇ-ନିଲାମର ତାରିଖ, ସମୟ/ ଇ-ନିଲାମ ପୋର୍ଟାଲ୍ |
|---|---|---|---|---|
| (୧) ହୁଡ୍‌କୋ ରିଜିଓନାଲ ଅଫିସ, ୩ୟ ମହଲା, ଦୀନଦୟାଲ ଭବନ, ଅଶୋକ ନଗର, ଜନପଥ, ଭୁବନେଶ୍ୱର । ସ୍କିମ୍ ନଂ.୧୮୯୫<br>(୨) ଇଣ୍ଡିଆନ୍ ବ୍ୟାଙ୍କ, ମୁଖ୍ୟ ଶାଖା, ଅଶୋକ ନଗର, ଭୁବନେଶ୍ୱର । ଋଣ ଖାତା ନଂ. ୭୧୭୧୨ଏସ୍‌୨୮୯<br>(୩) ବିଓଆଇ, ଭୁବନେଶ୍ୱର, ଋଣ ଖାତା ନଂ. ଏସ୍‌ଏସ୍‌ଏସ୍‌୦୩୦୧୧୦୦୦୦୦୪୬ (ଆସାଇନର୍ ଇଡେଲୱିସ (ଏଆର୍‌ସି), ଇଡେଲୱିସ୍ ହାଉସ୍ ଅଫ୍ ସିଏସ୍‌ଟି ରୋଡ୍, କାଲିନା, ମୁମ୍ବାଇ ।<br>(୪) ପିଏନ୍‌ବି ଝାରସୁଗୁଡ଼ା ଶାଖା, ଝାରସୁଗୁଡ଼ା । ଋଣ ଖାତା ସଂ. ୨୨୧୮୦୦୧ସି୦୦୦୦୦୦୧୨<br>**ବନ୍ଧକଦାତା/ ଋଣଗ୍ରହୀତାଙ୍କ ନାମ ଓ ଠିକଣା**<br>ମେସର୍ସ ଜୈନ ଷ୍ଟିଲ୍ ଆଣ୍ଡ ପାୱାର୍ ଲିମିଟେଡ୍, ଏହାର ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ମନୋଜ କୁମାର ଜୈନ, ୩୯, ସେକ୍ସପିୟର୍ ସରଣୀ, ପ୍ରେମଲତା, ୫ମ ମହଲା, କୋଲକାତା-୭୦୦୦୧୭ଙ୍କ ଜରିଆରେ | ପ୍ଲଟ୍ ନଂ. ୧୩୫୯ ଏ.୯.୨୦, ଖାତା ନଂ.୧୫୩/୩୦୨, ପ୍ଲଟ୍ ନଂ. ୧୪୬୫ ଏ.୦.୨୫, ଖାତା ନଂ. ୫୪, ପ୍ଲଟ୍ ନଂ. ୧୩୬୬ ଏ.୮.୭୨, ପ୍ଲଟ୍ ନଂ. ୧୪୬୬ ଏ.୧.୭୨ , ଖାତା ନଂ. ୧୫୩/ ୩୦୩, ପ୍ଲଟ୍ ନଂ. ୧୩୯୪ ଏ.୦.୬୮, ୧୩୯୬ ଏ.୦.୮୦, ୧୩୯୯ ଏ.୧.୨୮, ୧୪୭୦ ଏ.୦.୫୪, ୧୪୧୬ ଏ.୦.୪୮, ଖାତା ନଂ. ୧୫୩/ ୩୦୭,ପ୍ଲଟ୍ ନଂ. ୧୪୬୪ ଏ.୦.୧୧, ଖାତା ନଂ. ୧୫୩/ ୩୨୫, ପ୍ଲଟ୍ ନଂ. . ୧୩୮୫ ଏ.୧.୧୦, ୧୩୮୬ ଏ.୩.୪୨, ଖାତା ନଂ. ୧୫୩/ ୩୦୬, ପ୍ଲଟ୍ ନଂ. ୧୩୯୨ ଏ.୦.୭୩, ୧୩୯୩ ଏ.୬.୫୮, ୧୩୯୫ ଏ.୦.୩୪, ଖାତା ନଂ. ୧୫୩/ ୩୦୫, ପ୍ଲଟ୍ ନଂ. ୧୪୪୯ ଏ.୦.୬୫, ୧୪୫୧ ଏ.୦.୩୦, ୧୪୫୨ ଏ.୦.୫୪, ୧୪୫୩ ଏ.୦.୧୬, ୧୪୫୪ ଏ.୦.୨୨, ୧୪୫୫ ଏ.୦.୮୩, ୧୪୫୬ ଏ.୦.୨୪, ୧୪୫୭ ଏ.୦.୨୨, ଖାତା ନଂ. ୧୫୩/ ୩୦୯, ପ୍ଲଟ୍ ନଂ. ୧୪୧୭/ ୨୬୩୧ ଏ.୦.୦୫, ଖାତା ନଂ. ୧୫୩/୩୧୩, ପ୍ଲଟ୍ ନଂ. ୧୪୧୭ ଏ.୦.୪୩, ୧୪୧୮ ଏ.୦.୧୦, ୧୪୬୯ ଏ.୧.୦୩, ଖାତା ନଂ. ୧୫୩/ ୩୧୦ ମୌଜା ଦୁର୍ଲଗା, ପ୍ଲଟ୍ ନଂ. ୮୨୬ ଏ.୦.୨୪, ୮୨୭ ଏ.୦.୪୮, ୮୨୮ ଏ.୦.୬୦, ୮୨୯ ଏ.୦.୫୩, ୮୩୦ ଏ.୦.୬୦, ୮୩୧ ଏ.୦.୧୧, ଖାତା ନଂ. ୧୦୩/ ୫୮ ମୌଜା ସାଲେଟିକ୍ରା, ପ୍ଲଟ୍ ନଂ. ୧୪୬୧ ଏ.୦.୩୯, ୧୪୬୨ ଏ.୦.୨୬, ଖାତା ନଂ. ୧୫୩/ ୩୧୧, ପ୍ଲଟ୍ ନଂ. ୧୪୫୧/ ୨୬୫୨ ଏ.୦.୩୦, ୧୪୫୫/୨୬୫୩ ଏ.୦.୦୯, ଖାତା ନଂ. ୧୫୩/ ୩୧୪, ପ୍ଲଟ୍ ନଂ. ୧୪୧୯ ଏ.୦.୪୨, ୧୪୬୩ ଏ.୦.୪୪, ୧୩୮୮ ଏ.୩.୦୫, ୧୩୯୧ ଏ.୦.୨୦, ୧୩୯୭ ଏ.୦.୪୩, ୧୩୯୮ ଏ.୦.୩୯, ୧୩୮୯ ଏ.୦.୩୭, ୧୩୯୦ ଏ.୦.୧୨, ଖାତା ନଂ. ୧୫୩/ ୩୦୮,ପ୍ଲଟ୍ ନଂ. ୧୩୮୩ ଏ.୧.୨୨, ୧୩୮୭ ଏ.୦.୬୪, ୧୪୨୧ ଏ.୦.୪୨, ୧୪୨୮ ଏ.୦.୮୮, ୧୩୮୭/ ୨୩୦୨ ଏ.୦.୬୮, ୧୪୨୧/ ୨୦୬୩ ଏ.୦.୧୭, ୧୪୫୧/ ୨୦୬୯ ଏ.୦.୧୩, ଖାତା ନଂ. ୧୫୩/ ୩୧୨ ମୌଜା ଦୁର୍ଲଗା ଏବଂ ପ୍ଲଟ୍ ନଂ. ୩୮୯୬ ଏ.୦.୮୯, ଖାତା ନଂ. ୮୬୧/୪୬୩ ମୌଜା: ପଞ୍ଚପଡ଼ା, ଝାରସୁଗୁଡ଼ା ଜିଲ୍ଲା ଏବଂ ଏସ୍‌ଆର୍‌ଓ ଝାରସୁଗୁଡ଼ା, ରାଜ୍ୟ- ଓଡ଼ିଶାରେ ଅବସ୍ଥିତ ଜମି ଓ ବିଲ୍‌ଡିଂ ସମ୍ବଳିତ ସ୍ଥାବର ସମ୍ପତ୍ତିଗୁଡ଼ିକର ସମସ୍ତ ଭାଗ ଓ ଅଂଶବିଶେଷ। ମୋଟ ଜମିର ପରିମାପ ଏ.୫୪.୮୭ ଓ ଏହା ସହିତ ତାହା ଉପରେ ନିର୍ମିତ ବିଲ୍‌ଡିଂ। ଚଉହଦୀ: ଉତ୍ତରରେ – ସଡ଼କ ଏବଂ ଘରୋଇ ଖାଲି ଜମି, ଦକ୍ଷିଣରେ- ନାଳ ଓ ଖାଲି ଜମି, ପୂର୍ବରେ – ସଡ଼କ ଓ ଖାଲି ଜମି, ପଶ୍ଚିମରେ- ଖାଲି ଜମି। | ଜମି ଓ ବିଲ୍‌ଡିଂ (ସ୍ଥାବର ସମ୍ପତ୍ତି)<br>ସଂରକ୍ଷିତ ମୂଲ୍ୟ<br>ଟ.୩୩୧୦.୫୮ ଲକ୍ଷ (ତେତିଶ କୋଟି ଦଶ ଲକ୍ଷ ଅଠାବନ ହଜାର ଟଙ୍କା ମାତ୍ର) ।<br>ଇଏମ୍‌ଡି ରାଶି<br>ଟ.୩୩୧.୦୬ ଲକ୍ଷ (ତିନି କୋଟି ଏକତିରିଶ ଲକ୍ଷ ଛଅ ହଜାର ଟଙ୍କା ମାତ୍ର ।)<br>ବିଡ୍ ବୃଦ୍ଧି ପରିମାଣ<br>ଟ.୧୦.୦୦ ଲକ୍ଷ (ଦଶ ଲକ୍ଷ ଟଙ୍କା ମାତ୍ର) କିମ୍ବା ତାହାର ଗୁଣିତକ। | ସମ୍ପୃକ୍ତ ଋଣଦାତାମାନଙ୍କର ଡିମାଣ୍ଡ ନୋଟିସ୍ ତାରିଖ ୦୫।୦୭।୨୦୧୩ ଅନୁଯାୟୀ ଟ.୪୨,୬୦,୪୫,୦୪୭.୧୪ (ବୟାଳିଶ କୋଟି ଷାଠିଏ ଲକ୍ଷ ପଇଁତାଳିଶ ହଜାର ସତଚାଳିଶ ଟଙ୍କା ଚଉଦ ପଇସା ମାତ୍ର) ତଥା ଚୂଡ଼ାନ୍ତ ପୈଠ ତାରିଖ ପର୍ଯ୍ୟନ୍ତ ସୁଧ, କମ୍ପାଉଣ୍ଡ ଓ ଜରିମାନାମୂଳକ ସୁଧ ଏବଂ ଅତିରିକ୍ତ ଆନୁଷଙ୍ଗିକ ଖର୍ଚ୍ଚ ଇତ୍ୟାଦି। | ତା୦୯।୦୭।୨୦୧୯ରିଖ ପୂର୍ବାହ୍ଣ ୧୦.୩୦ ଘଟିକାରୁ ଅପରାହ୍ଣ ୦୧.୩୦ ଘଟିକା https://hudcoauction.auctiontiger.netରେ ଏବଂ ଯଦି କୌଣସି କ୍ଷେତ୍ରରେ ଇ-ନିଲାମ ବନ୍ଦ ହେବା ସମୟର ଶେଷ ପାଞ୍ଚ ମିନିଟ୍‌ରେ କୌଣସି ବିଡ୍ ଦାଖଲ ହୁଏ ତେବେ ସମାପ୍ତି ସମୟ ସ୍ୱଚାଳିତ ଭାବେ ୫ ମିନିଟ୍ ବୃଦ୍ଧି ହୋଇଯିବ (ଇ-ନିଲାମ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ ପ୍ରତିଥର), ଅନ୍ୟଥା ଏହା ସ୍ୱଚାଳିତ ଭାବେ ବନ୍ଦ ହୋଇଯିବ। |

**ନିୟମ ଓ ସର୍ତ୍ତାବଳୀ:**

ଇ-ନିଲାମ 'ଯେପରି ଅଛି ଯେଉଁଠାରେ ଅଛି ଭିତ୍ତି' ଓ 'ଯେପରି ଅଛି ଯାହା ଅଛି ଭିତ୍ତି'ରେ ନିଲାମ କରାଯିବ।
ଯଦି ବିକ୍ରୟ ତାରିଖ ପୂର୍ବରୁ ଧାର୍ଯ୍ୟ ଟଙ୍କା ସମ୍ପୂର୍ଣ୍ଣ ଦିଆ ନ ଯାଏ ତେବେ ଉପରୋକ୍ତ ତାରିଖରେ ଏହି ସମ୍ପତ୍ତିର ବିକ୍ରୟ/ନିଲାମ କରିବା ସମ୍ପର୍କରେ ଉପରୋକ୍ତ ଋଣୀ/ଗ୍ୟାରେଣ୍ଟର / ଆଇନତଃ ଉତ୍ତରାଧିକାରୀଙ୍କ ପାଇଁ ଏହା ମଧ ନୋଟିସ ଅଟେ । ଏତଦ୍ୱାରା ଋଣୀ/ ଗ୍ୟାରେଣ୍ଟରଙ୍କୁ ଇ-ନିଲାମ ତାରିଖ ପୂର୍ବରୁ ବର୍ତ୍ତମାନର ସୁଧ ଓ ଆନୁଷଙ୍ଗିକ ଖର୍ଚ୍ଚ ସହ ଉପରୋକ୍ତ ରାଶିକୁ ପୈଠକରିବା ପାଇଁ ଜଣାଇ ଦିଆଯାଉଛି ନଚେତ ସମ୍ପତ୍ତିକୁ ନିଲାମ/ବିକ୍ରି କରିଦିଆଯିବ ଓ ବାକି ଦେଣା (ଯଦି ଅନ୍ୟ କିଛି ଥାଏ) ତେବେ ତାକୁ ସୁଧ ମୂଳ ଇତ୍ୟାଦି ସହ ଆଦାୟ କରାଯିବ। ନିଲାମର ସର୍ତ୍ତାବଳୀ ଏବଂ ନିଲାମର ଆବଶ୍ୟକୀୟ କାଗଜପତ୍ର ସମ୍ପର୍କରେ ଜାଣିବାକୁ ହେଲେ ଦୟାକରି ଋଣଦାତାଙ୍କ ୱେବ୍‌ସାଇଟ୍ www.hudco.org, www.indianbank.in, pnbindia.biz/ pnbindia.in, http://www.edelweissarc.com ଏବଂ www.tenders.gov.in ର ଲିଙ୍କ୍ 'ଇ-ନିଲାମ' (ମେସର୍ସ ଜୈନ ଷ୍ଟିଲ୍ ଆଣ୍ଡ ପାୱାର୍ ଲିଃ ଖାତା) ପରିଦର୍ଶନ କରନ୍ତୁ/ଦେଖନ୍ତୁ। ସଫଳ ବିଡର୍/କ୍ରେତା ସ୍ଥାବର ସମ୍ପତ୍ତି ପାଇଁ ଆୟକର ଅଧିନିୟମ, ୧୯୬୧ର ଧାରା ୧୯୪ଆଇଏ ଅନୁଯାୟୀ ବିକ୍ରି ମୂଲ୍ୟର @୧% ହାରରେ ଟିଡିଏସ୍ କାଟିବେ ଏବଂ ଫର୍ମ ୨୬କ୍ୟୁବିରେ ଚାଲାଣ ମାଧମରେ ତାହାକୁ ଜମା କରିବେ ତଥା ଟିଡିଏସ୍ ପ୍ରମାଣପତ୍ରର ମୂଳ ରସିଦକୁ ଋଣଦାତାଙ୍କ ନିକଟରେ ଦାଖଲ କରିବେ।
ଆଗ୍ରହୀ ବିଡର୍‌ମାନେ ମିଳିତ ଋଣଦାତାଙ୍କ କ୍ଷମତାପ୍ରାପ୍ତ ଅଧିକାରୀ ଶ୍ରୀ ମଧୁକର ଉଗେମୁଗେ, ଏଜିଏମ୍ (ପ୍ରକଳ୍ପ), ହୁଡ୍‌କୋ, ଦୀନଦୟାଲ ଭବନ, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଓଡ଼ିଶାଙ୍କ ସହ କାର୍ଯ୍ୟାଳୟ ନିର୍ଘଣ୍ଟରେ ମୋବାଇଲ ନଂ. ୯୮୯୩୨୦୩୯୧୮, ଫୋନ୍ ନଂ.-୦୬୭୪-୨୫୩୬୨୮୭ ଏବଂ ଇମେଲ୍ ଆଇଡି- bbro@hudco.orgରେ ଯୋଗାଯୋଗ କରିପାରନ୍ତି।

ତାରିଖ: ୬ ଜୁନ୍, ୨୦୧୯
ସ୍ଥାନ: ଭୁବନେଶ୍ୱର

**ହୁଡ୍‌କୋ, ଇଣ୍ଡିଆନ୍ ବ୍ୟାଙ୍କ,
ଇଡେଲୱିସ୍ (ଏଆର୍‌ସି) ଏବଂ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ (ମିଳିତ ଋଣଦାତା)**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗେ ଯିଏ ଭୋଗେ ଦୁଃଖ**
**ପଛେ ତା'ର ଭୋଗ ସୁଖ ।**

ଦୁଃଖ ଏବଂ ସୁଖ ସମସ୍ତଙ୍କ ପାଇଁ ଆଗପଛ ଲାଗି ରହିଥାଏ । ଆଜି ଦୁଃଖ ପଡ଼ିଛି ତ କାଲି ସୁଖ ମିଳିବାର ସମ୍ଭାବନା ରହିଥାଏ । ତେଣୁ ଦୁଃଖ ବେଳେ ଭାଙ୍ଗି ନ ପଡ଼ି ବା ହତାଶ ନ ହୋଇ ବ୍ୟକ୍ତି ଧୈର୍ଯ୍ୟ ଧରି ଜୀବନଯୁଦ୍ଧରେ ଅଗ୍ରସର ହେବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

**ଆଲୋ ମାଉସୀ,**
**ଯେଝା କଥାକୁ ଯିଏ ଧାଇଁଚି ।**

ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପାଇଁ ସଦା ଚେଷ୍ଟିତ, ଉଦ୍ୟମ ରତ । ନିଜ ପେଟପାଟଣା ପାଇଁ ଅହରହ ବ୍ୟସ୍ତବିବ୍ରତ । କାହାରି ସୁଖଦୁଃଖରେ ସାମିଲ ହେବା, ହାନିଲାଭ କଥା ପଚାରି ବୁଝିବାରେ କାହାକୁ ସମୟ ମିଳି ନ ଥାଏ କି ଆଗ୍ରହ ରହି ନ ଥାଏ । ନିଜ ପାଇଁ ନିଜେ ବଞ୍ଚୁଥିବା ବ୍ୟକ୍ତିର ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ପୋଖରୀରେ ବୁଡି ଜଣେ ମୃତ, ୨ଗୁରୁତର

**ନୂଆପଡା ଅଫିସ/ ସିନାପାଲି, ୫।୬ (ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡେନ ଥାନା ଅନ୍ତର୍ଗତ ଧରନୀମାଲ ଗାଁରେ ପୋଖରୀ ପାଣିରେ ବୁଡି ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କର ଅନ୍ୟ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହୋଇପଡିଛି । ମୃତକ ଜଣକ ହେଲେ ଖୁସବୁପ୍ରିୟା ସାହୁ (୧୧) ଏବଂ ଗୁରୁତର ଦୁଇ ଭଉଣୀ ଖୁସାଲି (୮) ଓ ଉପାସନା (୬) । ତାଙ୍କ ଅବସ୍ଥା ଗୁରୁତର ହେବାରୁ ସିନାପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ବୁଧବାର ମଧ୍ୟାହ୍ନରେ ୩ ଭଉଣୀ ଜେଜେ ମା'ଙ୍କ ସହ ମିଶି ସ୍ଥାନୀୟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗାଧୋଉଥିବା ବେଳେ ଗଭୀର ପାଣିକୁ ୩ ଜଣ ଚାଲିଯାଇଥିଲେ। ସେଠାରେ ବୁଡିଯାଇ ଚିତ୍କାର କରିଥିଲେ। ଏହା ଦେଖି ଜେଜେମା'ଙ୍କ ସହ ଗାଧୋଉଥିବା ଅନ୍ୟ ଲୋକମାନେ ମିଶି ୩ ଭଉଣୀଙ୍କୁ ଉଦ୍ଧାର କରି ବାହାରକୁ ଆଣିଥିଲେ। ସେମାନଙ୍କୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ଖୁସବୁପ୍ରିୟାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତୁରନ୍ତ ଖଡିଆଳ ସରକାରୀ ଡାକ୍ତରଖାନାକୁ ନିଆଯାଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଥିବାବେଳେ ବିଶେଷ ତଦନ୍ତ ଜାରି ରଖିଛି । ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ତଳେ ଖଡିଆଳ ଥାନା ସରଗାଦି ଗାଁରେ ପାଣିରେ ବୁଡି ଦୁଇ ଭଉଣୀଙ୍କ ମୃତ୍ୟୁ ହୋଇଥିଲା । ଏହି ଖବର ଲୋକଙ୍କ ମନରୁ ଲିଭି ନ ଥିବାବେଳେ ବର୍ତ୍ତମାନ ଏହି ଘଟଣା ଲୋକଙ୍କ ମଧ୍ୟରେ ଗଭୀର ଆଲୋଡନ ସୃଷ୍ଟି କରିଛି।

# ମେଡିକାଲ ସାଇନ୍ସରେ ରିସର୍ଚ୍ଚ କରିବି: ଆଶୁତୋଷ


ମା' ବାପାଙ୍କ ସହ ଆଶୁତୋଷ ।

ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପାଇଁ ଉଦ୍ଦିଷ୍ଟ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ୨୦୧୯ର ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ବଲାଙ୍ଗୀର ଯୁବୋଦୟ କଲେଜ ଛାତ୍ର ଆଶୁତୋଷ ପଣ୍ଡା ସମୁଦାୟ ୭୨୦ରୁ ୬୮୨ ମାର୍କ ରଖି ଓଡ଼ିଶା ଟପ୍ପର ହୋଇଛନ୍ତି। ସର୍ବଭାରତୀୟସ୍ତରରେ ଆଶୁତୋଷଙ୍କ ର୍‌ୟାଙ୍କ ୭୩ ରହିଛି। ଏହି ଅବସରରେ ଆଶୁତୋଷଙ୍କୁ ଭେଟିଥିଲେ ଧରିତ୍ରୀର ଖବରଦାତା । ତାଙ୍କ ପ୍ରତିକ୍ରିୟାକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା... ।

**ଓଡ଼ିଶା ଟପ୍ପର ହେବେ ବୋଲି ଭାବିଥିଲେ ?**

- ନିଟ୍ ପରୀକ୍ଷାରେ ଭଲ କରିବି ଓ ଭଲ ର୍‌ୟାଙ୍କ୍ ପାଇବି ବୋଲି ଆଶା ଥିଲା । କିନ୍ତୁ ଓଡ଼ିଶା ଟପ୍ପର ହେବି ବୋଲି ଆଶା ମୋର ନ ଥିଲା । ଏଭଳି ସଫଳତା ପାଇବା ପରେ ମୋତେ ଖୁସି ଲାଗୁଛି ।

**ପରୀକ୍ଷା ପାଇଁ କି ଭଳି ପ୍ରସ୍ତୁତି କରିଥିଲେ?**

- ଯୁକ୍ତ୨ ପଢ଼ିବା ଦିନଠାରୁ ଡାକ୍ତରୀ ପଢ଼ିବା ପାଇଁ ଲକ୍ଷ୍ୟ ରଖିଥିଲି। ସେଥିପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲି। ପ୍ରତିଦିନ ମୁଁ ୮ରୁ ୯ ଘଣ୍ଟା ପଢୁଥିଲି। ଯୁକ୍ତ୨ ପରୀକ୍ଷାରେ ମୁଁ ୯୦ ପ୍ରତିଶତ ମାର୍କ ରଖି ପାସ୍ କଲାପରେ ଭୁବନେଶ୍ୱର ଯୁବୋଦୟ ଆଡ଼ଭାନ୍ସ କ୍ଲାସେସ୍‌ରେ ଗୋଟିଏ ବର୍ଷ କୋଚିଂ ନେଇଥିଲି। ସକାଳ ୮ଟାରୁ କୋଚିଂ କ୍ଲାସ୍‌କୁ ଯାଇ ମୁଁ ରାତି ୯ଟାରେ ଫେରୁଥିଲି। ସର୍ବଭାରତୀୟ ସ୍ତରରେ ଭଲ ର୍‌ୟାଙ୍କ୍‌ରେ ପାସ୍ କରିବା ମୋର ଏକମାତ୍ର ଲକ୍ଷ୍ୟ ଥିଲା ।

**ବଲାଙ୍ଗୀରରୁ ଓଡ଼ିଶା ଟପ୍ପର କେତେ କଷ୍ଟକର ଥିଲା?**

- ପ୍ରତି ପରୀକ୍ଷା ପାଇଁ ଉଚିତ୍ ପ୍ରସ୍ତୁତି କରିବାକୁ ପଡ଼ିଥାଏ। ମେଡିକାଲ ପ୍ରବେଶିକା ପରୀକ୍ଷାରେ ସଫଳତା ପାଇବା ପାଇଁ ମୁଁ କଠିନ ପରିଶ୍ରମ କରିଥିଲି। ସେଥିପାଇଁ ସବୁଦିନ ରୁଟିନ୍ ତିଆରି କରି ପାଠ ପଢ଼ିବା ଆରମ୍ଭ କରିଥିଲି ।

**ଏହି ସଫଳତାର ଶ୍ରେୟ କାହାକୁ ଦେବେ ?**

-ସଫଳତାର ଶ୍ରେୟ ମୋର ମୁଁ ମୋ ମା' ବାପାଙ୍କୁ ଦେବି। ମୋର ଭଉଣୀ ଓ ପରିବାରବର୍ଗଙ୍କ ସହଯୋଗ ଯୋଗୁ ମୁଁ ସଫଳତା ପାଇଛି । ମୋ ବାପା ରାଜକିଶୋର ପଣ୍ଡା ଜଣେ ପ୍ରତିଷ୍ଠିତ ମେଡିସିନ୍ ରିଜିଓନାଲ୍ ସେଲ୍ସ ମ୍ୟାନେଜର ଓ ମା'ସୁଷମା ପାଢ଼ୀ ଜଣେ ଆଇସିଡିଏସ୍ ସୁପରଭାଇଜର। ମୁଁ ଡାକ୍ତର ହୁଏ ବୋଲି ସେମାନେ ସ୍ୱପ୍ନ ଦେଖିଥିଲେ। ମା'ବାପାଙ୍କ ସ୍ୱପ୍ନ ଓ ମୋର ନିଜସ୍ୱ ଲକ୍ଷ୍ୟ ହାସଲ କରିଥିବାରୁ ମୁଁ ଆଜି ଖୁବ୍ ଖୁସି। ଏହା ସହିତ ଯୁବୋଦୟ କଲେଜର ଅଧ୍ୟାପକ, କର୍ମଚାରୀ, କଦମପଡା ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷକ ଓ କର୍ମଚାରୀଙ୍କୁ ମୁଁ ସଫଳତାର ଶ୍ରେୟ ଦେବାକୁ ଚାହିଁବି ।

**ଆଗକୁ କ'ଣ ଲକ୍ଷ୍ୟ ରଖିଛନ୍ତି ?**

- ଡାକ୍ତରୀ ପାଠ ପଢ଼ିବାର ଲକ୍ଷ୍ୟ ରହିଛି। ରୋଗୀଙ୍କ ପାଖରେ ଭଲ ଡାକ୍ତରଟିଏ ହୋଇ ସେବା କରିବି। ମେଡିକାଲ ସାଇନ୍ସରେ ଅଧିକ ରିସର୍ଚ୍ଚ କରି କିଭଳି ଅଧିକ ସଫଳତା ପାଇବି ତା'ମୋର ପ୍ରଥମ କାମ ହେବ ।

**ହବି କ'ଣ ରହିଛି?**

- ବ୍ୟାଡ଼ମିଣ୍ଟନ, ଫୁଟବଲ ଖେଳିବା, ଭିଡିଓ ଗେମ୍ ସହିତ ସିନେମା ଦେଖିବା ମୋର ପସନ୍ଦ। ପାଠ ପଢ଼ାରୁ ସମୟ ମିଳିଲେ ମୁଁ ଖେଳିବା ସହ ସିନେମା ଦେଖେ।

**ଉପସ୍ଥାପନା: ବୀରେନ୍ଦ୍ର କୁମାର ଝାଙ୍କର**


କୁଲଡ଼ିହା ଅଭୟାରଣ୍ୟରୁ ଦନ୍ତାହାତୀର ମୃତଦେହ

# କୁଲଡ଼ିହାରୁ ହାତୀ ମୃତଦେହ ଉଦ୍ଧାର

## ହତ୍ୟା ପରେ ଦାନ୍ତ କାଟି ନିଆଯାଇଥିବା ସନ୍ଦେହ

**ସଜନାଗଡ଼, ୫।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟର ଭାଲୁବସା ନିକଟରେ ବୁଧବାର ପୂର୍ବାହ୍ନରେ ଦନ୍ତାହାତୀର ମୃତଦେହ ପଡିଥିବା ଦେଖି ବନ କର୍ମଚାରୀମାନେ ଉଦ୍ଧାର କରିଥିଲେ। ହାତୀର ଦୁଇଦାନ୍ତ ନ ଥିବା ବେଳେ ତାହାର ମୃତ୍ୟୁ ଦୁଇଦିନ ପୂର୍ବରୁ ହୋଇଥିବା ଅନୁମାନ କରାଯାଉଛି। କେହି ହତ୍ୟା କରିବା ପରେ ଦାନ୍ତକୁ କାଟି ନେଇଥିବା ବନବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି। ଉଚ୍ଚପଦସ୍ଥ କର୍ମଚାରୀ ଏହାର ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତରେ ବାଲେଶ୍ୱର ଏସିଏଫ୍‌ଓ ସମୀର କୁମାର ସାହୁ, ଡିଏଫ୍‌ଓ ବିଶ୍ୱରାଜ ପଣ୍ଡା, ଏସିଏଫ୍‌ଓ ଲକ୍ଷ୍ମଣ ପ୍ରଧାନ, ଫରେଷ୍ଟର କିଶୋର ଭୂୟାଁ ଉପସ୍ଥିତ ଥିଲେ। ଘଟଣାସ୍ଥଳରେ ନୀଳଗିରି ବନବିଭାଗ ଅଧିକାରୀଙ୍କ ସମେତ ପ୍ରାଣୀ ଚିକିତ୍ସା ଅଧିକାରୀ ବୁଦ୍ଧିରାମ ରାଉଳଙ୍କ ଉପସ୍ଥିତିରେ ହାତୀର ମୃତଦେହ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଛି। ହାତୀର ମୃତ୍ୟୁ ସମ୍ପର୍କରେ ବନବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

# ଆୟୁଷ୍ମାନ ଯୋଜନା ଲାଗୁ କରିବାକୁ ରାଜ୍ୟକୁ ଚିଠି ଲେଖିଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର,୫।୬(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ସାରା ଦେଶରେ ଲାଗୁ ହୋଇ ସାରିଛି। ହେଲେ ଅଦ୍ୟାବଧି ଦିଲ୍ଲୀ, ଓଡ଼ିଶା, ତେଲେଙ୍ଗାନା ଏବଂ ପଶ୍ଚିମବଙ୍ଗ ଏହାକୁ ଲାଗୁ କରିନାହାନ୍ତି। ଏହି ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷବର୍ଦ୍ଧନ ବୁଧବାର ଚିଠି ଲେଖି ଯୋଜନା ଲାଗୁ କରିବା ପାଇଁ ଅନୁରୋଧ କରିଛନ୍ତି। ଦିନକ ପୂର୍ବରୁ ଆୟୁଷ୍ମାନ ଯୋଜନା ସିଇଓ ଇନ୍ଦୁଭୂଷଣ ଏବଂ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା ।

CLASSIFIED DISPLAY
TARIFF
MORE SPACE • SAME PRICE
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE
ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

All INDIA FINANCIAL SERVICES
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708, 8929606415
SCO- 106, Second Floor, Vishal Tower, Cannaught Place, Delhi.

LOAN
ମହିଳା ମିତ୍ର ସମୂହ ଋଣ
2500 - 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ ସହଜ ସାପ୍ତାହିକ/ମାସିକ କିସ୍ତିରେ
ରୋଶ୍ନୀ - 9119072218
ଶାଳିନୀ - 9084922848
ମୁସ୍କାନ - 9119093228
ଦିବ୍ୟା - 9084869022
ରିତୁ - 8868967322
M/S SARATHI ENTERPRISES
Ashok Nagar, East Delhi, Delhi - 110096

ଋଣ ଧମାକା - ଋଣ ଧମାକା
KUMAR FINANCE Regd. Co.
ମାର୍କଶିଟ୍ - ପ୍ରପର୍ଟି
ପର୍ସନାଲ - ବିଜ୍‌ନେସ୍
ଆଧାରକାର୍ଡ - ମୁଦ୍ରା ଋଣ
12 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକମାନଙ୍କ ପ୍ରତି ସାବଧାନ
7084824686
7347856284
H. No. 2, Ram Nagar, Narnol, Haryana

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

FINANCE
MAHENDRA FINANCE COMPANY
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id - document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
07404715486
09485827609

DHARITRI
Career appointment
Every Wednesday and Saturday

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

EDUCATION EDUCATION

SAKTI INSTITUTE OF SCIENCE
SPECIAL CLASSES FOR
+2 Sc. Estd. 2006
FAILED STUDENTS
78, Near Central Bank Rasulgarh, 210, District Centre, BBSR
Cell: 9776508950
9556353970

BUSINESS BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

WISE INVESTMENT
Value Your Money Safely
A Bhubaneswar Based company is looking forward for good investors (MORE THAN ONE CRORE) to invest on land properties within the territory of Odisha.
SSP PVT. LTD.
A/88, Sahid Nagar, Bhubaneswar
6372858860
Email : landbank.19@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ (ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ଇଂଣ୍ଡସ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ, ସର୍ଭେ କରାନ୍ତୁ ଏଂବ ହାତା ହାତୀ ଚେକ୍ ପାଆନ୍ତୁ
Plot No - 15/012, Devaraja Mohalla, Bangalore, Karnataka 570001
9499321886

ASTROLOGY ASTROLOGY

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

TO LET TO LET

OFFICE SPACE FOR RENT
REDUCE OFFICE RENTAL BY 50% RELOCATE TO GROWING LOCATION ON 200 FEET WIDE BHIMTANGI MAIN ROAD. JUST 2KMs FROM BHUBANESWAR AIRPORT. 3 FLOORS 6000 SQFT NEW BUILDING FOR RENT. EDUCATION INSTITUTES / OFFICES / BANKS / CORPORATE GUEST HOUSES PREFERRED. PROVISION FOR LIFT AND POWER BACKUP.
CONTACT : 9958003695
Email: mishrab1962@gmail.com

AVAILABLE FOR RENT / LEASE
3 Storied Newly built commercial Building ( 6000 Sq.ft. Each ) ready for possession, Suitable for OFFICE, SHOWROOM, GODOWN, INSTITUTION
Adjacent to NH - 16 at Manguli Square, Cuttack, Odisha
Interested Party may Contact
Tel: 9937421865 / 8917293309
Mail: mohanty9437@hotmail.com

**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଏସ୍‌ପି-ବିଏସ୍‌ପି ମେଣ୍ଟ ପରୀକ୍ଷାମୂଳକ ଥିଲା। ଏହା ସବୁବେଳେ ସଫଳ ହୋଇ ନ ଥାଏ। ମେଣ୍ଟ ପରସ୍ପରର ଦୁର୍ବଳତା ଜାଣିବାରେ ସହାୟକ ହୋଇଥାଏ।

- ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ

## ସଂକ୍ଷେପରେ

### ପ୍ରତିରକ୍ଷା ବଜେଟ କମାଇବ ପାକ୍

**ଇସ୍‌ଲାମାବାଦ,୫।୬(ପି.ଟି.)**-ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ପକ୍ଷରୁ ଏକ ଅପ୍ରତ୍ୟାଶିତ ପଦକ୍ଷେପ ନିଆଯିବା ପାଇଁ ସ୍ଥିର କରାଯାଇଛି। ଆସନ୍ତା ଆର୍ଥିକବର୍ଷରେ ପାକିସ୍ତାନର ପ୍ରତିରକ୍ଷା ବଜେଟ ହ୍ରାସ କରିବା ପାଇଁ ସେଠାକାର ସେନା ଓ ସରକାର ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନୀ ସେନାର ମିଡିଆ ୱିଙ୍ଗ୍ ଇଣ୍ଟର ସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ (ଆଇଏସ୍‌ପିଆର୍) ମହାନିର୍ଦ୍ଦେଶକ ମେଜର ଜେନେରାଲ ଆସିଫ୍ ଗଫୁର ମଙ୍ଗଳବାର ଏକ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏହି ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି।

### ଅଯୋଧ୍ୟା ଯିବେ ଉଦ୍ଧବ

**ମୁମ୍ବାଇ,୫।୬(ପି.ଟି.)**-ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଦଳର ସମସ୍ତ ୧୮ ନବନିର୍ବାଚିତ ଲୋକ ସଭା ସଦସ୍ୟଙ୍କୁ ନେଇ ଅଯୋଧ୍ୟା ଭ୍ରମଣରେ ଯିବେ। ଗତବର୍ଷ ନଭେମ୍ବରରେ ଉଦ୍ଧବ ଅଯୋଧ୍ୟା ଯାଇ ଲୋକ ସଭା ନିର୍ବାଚନ ପୂର୍ବରୁ ତୁରନ୍ତ ସେଠାରେ ରାମମନ୍ଦିର ନିର୍ମାଣ କରାଯିବା ଲାଗି ଦାବି କରିଥିଲେ। ସେତେବେଳେ ଶିବସେନା ଓ ଏହାର ସହଯୋଗୀ ଭାଜପା ମଧ୍ୟରେ ସମ୍ପର୍କ ଭଲ ନ ଥିଲା। ପରେ ଲୋକ ସଭା ନିର୍ବାଚନ ଲାଗି ଦୁଇ ଦଳ ପୁଣି ଏକାଠି ହୋଇଥିଲେ। ରାମ ମନ୍ଦିର ସେମାନଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ସେତେବେଳେ ଶିବସେନା କହିଥିଲା। ଆସନ୍ତା ୧୭ରୁ ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହେଉଥିବାବେଳେ କେଉଁ ଦିନ ଶିବସେନା ଏମ୍‌ପିମାନେ ଅଯୋଧ୍ୟା ଯିବେ ଏବଂ ଦଳର କ'ଣ ଆଭିମୁଖ୍ୟ ରହିବ ତାହା ଉଦ୍ଧବ ଖୁବ୍‌ଶୀଘ୍ର ସ୍ପଷ୍ଟ କରିବେ ବୋଲି ଦଳର ମିଡିଆ ସେଲ୍ ଦାୟିତ୍ୱରେ ଥିବା ହର୍ଷାଲ ପ୍ରଧାନ କହିଛନ୍ତି।

### ପଶ୍ଚିମବଙ୍ଗରେ ମ୍ୟୁନିସିପାଲିଟି କବ୍‌ଜା କଲା ଭାଜପା

**କୋଲକାତା,୫।୬(ପି.ଟି.)**-ପଶ୍ଚିମବଙ୍ଗରେ ପ୍ରଥମ ଥର ଲାଗି ଭାଜପା ଏକ ମ୍ୟୁନିସିପାଲିଟିକୁ କବ୍‌ଜା କରିଛି। ଲୋକ ସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଭାଟପଡା ପୌରପାଳିକାର ଅଧିକାଂଶ ତୃଣମୂଳ କଂଗ୍ରେସ କାଉନସିଲର ଭାଜପାରେ ସାମିଲ ହେବା ଫଳରେ ଏହା ଗୈରିକ ଦଳ ନିୟନ୍ତ୍ରଣକୁ ଆସିଛି। ଉକ୍ତ ମ୍ୟୁନିସିପାଲିଟିର କାର୍ଯ୍ୟକାଳ ୨୦୨୦ ପର୍ଯ୍ୟନ୍ତ ରହିଛି। ମଙ୍ଗଳବାର ବସିଥିବା ବୋର୍ଡ ବୈଠକରେ ୩୪ ୱାର୍ଡରୁ ଭାଜପାକୁ ୨୬ ଭୋଟ ମିଳିଥିଲା। ଅନ୍ୟ ୮ କାଉନସିଲର ଅନୁପସ୍ଥିତ ଥିଲେ।

### କର୍ଣ୍ଣାଟକ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଯୋଜନା

**ବେଙ୍ଗାଲୁରୁ,୫।୬(ପି.ଟି.)**-କର୍ଣ୍ଣାଟକର ଶାସକ କଂଗ୍ରେସ-ଜେଡିଏସ୍ ମେଣ୍ଟରେ ସଙ୍କଟ ଦେଖାଦେଇଥିବାବେଳେ ଏହାକୁ ଦୂର କରିବା ଲାଗି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଅସନ୍ତୁଷ୍ଟ ବିଧାୟକ ରାମଲିଙ୍ଗା ରେଡ୍ଡୀଙ୍କୁ ଏହି ସମ୍ପ୍ରସାରଣ ବେଳେ ମନ୍ତ୍ରୀପଦ ସୁଯୋଗ ମିଳିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରମେୟା ସୂଚନା ଦେଇଛନ୍ତି। କଂଗ୍ରେସ-ଜେଡିଏସ୍ ମେଣ୍ଟରେ ଲାଗି ରହିଥିବା ଅସନ୍ତୁଷ୍ଟ ଦୂର ଲାଗି ସିଦ୍ଦରମେୟା ଏବଂ ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀଙ୍କ ମଧ୍ୟରେ ଆଲୋଚନା ହୋଇଛି। କିଛି ଅସନ୍ତୁଷ୍ଟ ନେତାଙ୍କୁ ବାଟ ଛାଡିଦେବା ଲାଗି କେତେଜଣ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କୁହାଯାଇପାରେ। ପ୍ରଥମେ ୩ ଖାଲି ପଦବୀ ପୂରଣ ପରେ ଆବଶ୍ୟକ ପଡିଲେ ମନ୍ତ୍ରୀମାନଙ୍କ ବିଭାଗରେ ଅଦଳବଦଳ କରାଯିବ।

### ଇତିହାସର ଆଇନାରେ

### ଜୁନ୍ ୬ର ପ୍ରମୁଖ ଘଟଣା

୧୯୮୧ ମସିହା ଜୁନ୍ ୬ ତାରିଖରେ ବିହାରରେ ଭୟଙ୍କର ଟ୍ରେନ ଦୁର୍ଘଟଣା ଘଟି ୫୦୦ ଲୋକଙ୍କ ପ୍ରାଣହାନି ଘଟିଥିଲା। ଯାତ୍ରୀବାହୀ ଟ୍ରେନରେ ୯୦୦ ଲୋକ ଯାତ୍ରା କରୁଥିଲେ। ଟ୍ରେନ୍‌ଟି ଲାଇନ୍‌ଚ୍ୟୁତ ହୋଇ ବାଗ୍‌ମତି ନଦୀରେ ଖସିପଡ଼ିଥିଲା।

୧୯୯୩ ମସିହା ଜୁନ୍ ୬ ତାରିଖରେ ମଙ୍ଗୋଲିଆରେ ପ୍ରଥମ ଥର ଲାଗି ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ଏନ୍‌ଡିପି-ଏମ୍‌ଏସ୍‌ଡିପି ପାର୍ଟି ବିଜୟ ଲାଭ କରିଥିଲା। ରାଷ୍ଟ୍ରପତିଭାବେ ପୁଲସାନ୍‌ମାଗିନ୍ ଓଚିର୍‌ବାଟ୍ ନିର୍ବାଚିତ ହୋଇଥିଲେ।

# ଇଦ୍ ପାଳନବେଳେ ହିଂସା

**ଶ୍ରୀନଗର,୫।୬(ପି.ଟି.)**



ନୋୱ୍ହାଟାରେ ଆଇଏସ୍ ପତାକା ଦେଖାଉଛନ୍ତି ସ୍ଥାନୀୟ ଯୁବକ।

### କଶ୍ମୀର ଅଶାନ୍ତ

- ମୁଖାଧାରୀ ଦେଖାଇଲେ ଆଇଏସ୍, ପାକିସ୍ତାନ ପତାକା
- ଆତଙ୍କବାଦୀଙ୍କ ସପକ୍ଷରେ ସ୍ଲୋଗାନ
- ବିକ୍ଷୋଭକାରୀ-ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ
- ଆତଙ୍କବାଦୀଙ୍କ ଗୁଳିମାଡ଼ରେ ମହିଳା ନିହତ

ପବିତ୍ର ଇଦ୍-ଉଲ୍-ଫିତର ସାରା ଦେଶରେ ଆନନ୍ଦ ଓ ଉତ୍ସାହର ସହ ପାଳନ କରାଯାଉଥିବାବେଳେ ଜମ୍ମୁ-କଶ୍ମୀରର କେତେକ ସ୍ଥାନରେ ହିଂସା ଦେଖିବାକୁ ମିଳିଛି। ସ୍ଥାନୀୟ ବିକ୍ଷୋଭକାରୀ ଓ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଉପତ୍ୟକାରେ ଇଦ୍ ପାଳନର ଉତ୍ସାହକୁ ଫିକା କରିଦେଇଛି।

ରମଜାନ ମାସର ଶେଷ ଦିନ ବୁଧବାର ଶ୍ରୀନଗରସ୍ଥିତ ହଜରତବଲ ମସ୍‌ଜିଦ୍‌ରେ ହଜାର ହଜାର ମୁସଲମାନ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ସାମୂହିକ ପ୍ରାର୍ଥନା କରିଥିଲେ। ସେହିପରି ନୋୱ୍ହାଟାସ୍ଥିତ ଜାମିଆ ମସ୍‌ଜିଦ ଓ ଜିଲା ସଦରମହକୁମାଗୁଡ଼ିକରେ ମଧ୍ୟ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଶ୍ରୀନଗର ପୁରୁଣା ସହର, କୁପୱାଡ଼ା, ସୋପୋର ଓ ଅନନ୍ତନାଗରେ ଇଦ୍ ପ୍ରାର୍ଥନା ପରେ ସ୍ଥାନୀୟ ଯୁବକମାନେ ସୁରକ୍ଷା ବଳକୁ ଟାର୍ଗେଟ କରି ଟେକାମାଡ଼ କରିଥିଲେ। ମୁଖାପିନ୍ଧା ବିକ୍ଷୋଭକାରୀ ଜେଇଏମ୍ ମୁଖ୍ୟ ମାସୁଦ ଆଝାର ଓ ନିହତ ଆତଙ୍କବାଦୀ କମାଣ୍ଡର ଜାକିର ମୁସାଙ୍କ ସପକ୍ଷରେ ସ୍ଲୋଗାନ ଦେଇଥିଲେ। ଏହାସହ ପାକିସ୍ତାନର ଜାତୀୟ ପତାକା ଓ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ (ଆଇଏସ୍) ପତାକା ଧରି ଉପତ୍ୟକାର ସ୍ୱାଧୀନତା ପାଇଁ ମଧ୍ୟ ସ୍ଲୋଗାନ ଦେଇଥିଲେ। ଯୁବକମାନେ ଜାମିଆ ମସ୍‌ଜିଦ୍‌ରୁ ଏକ ଶୋଭାଯାତ୍ରାରେ ଯାଉଥିବାବେଳେ ସୁରକ୍ଷା ବଳ ସେମାନଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲା। ଫଳରେ ସେମାନେ ଯବାନଙ୍କ ଉପରକୁ ଟେକାମାଡ଼ କରିଥିଲେ। ଶେଷରେ ଯବାନମାନେ ଲୁହବୁହା ବାଷ୍ପ ଓ ପେଲେଟ ଗନ୍ ବ୍ୟବହାର କରିବାକୁ ବାଧ୍ୟ ହୋଇଥିଲେ। ସୁରକ୍ଷା ବଳ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସର୍ବାଧିକ ସଂଯମ ରହିଥିଲା। ପୋଲିସ ସେମାନଙ୍କୁ ଚିହ୍ନଟ କରି ଧରିବା ପାଇଁ ଉଦ୍ୟମ ଚଳାଇଛି। ଐତିହାସିକ ଜାମିଆ ମସ୍‌ଜିଦ୍‌ରେ ବିଚ୍ଛିନ୍ନତାବାଦୀ ନେତା ମିରୱାଇଜ୍ ଉମର କହିଛନ୍ତି, ଆମ ଲୋକେ ବହୁତ ତ୍ୟାଗ କରିସାରିଲେଣି। ଭାରତ ଓ ପାକିସ୍ତାନ ମଧ୍ୟରେ ତାତ୍ପର୍ଯ୍ୟପୂର୍ଣ୍ଣ ଆଲୋଚନା ନ ହେବା ଯାଏ ସମସ୍ୟା ଲାଗିରହିବ। ତେଣୁ କେନ୍ଦ୍ରର ନୂଆ ସରକାର କଶ୍ମୀର ସମସ୍ୟାର ସମାଧାନ ପାଇଁ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରନ୍ତୁ।

ଅନ୍ୟପକ୍ଷରେ ପୁଲୱାମା ଜିଲାରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜଣେ ମହିଳା ନିହତ ହୋଇଛନ୍ତି। ସିଙ୍ଗୁ-ନରବାଲ ନିବାସୀ ନିଗିନା ବାନୋ ଆତଙ୍କବାଦୀଙ୍କ ଗୁଳିରେ ଟଳିପଡ଼ିଥିବାବେଳେ ଜଣେ ପୁରୁଷ ଗୁରୁତର ହୋଇଥିଲେ। ତାଙ୍କୁ ହସ୍ପିଟାଲକୁ ନିଆଯାଇଛି।

■ ତାଲିକା ଜାରିକଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

# ଟାର୍ଗେଟରେ ୧୦ ଆତଙ୍କବାଦୀ

**ନୂଆଦିଲ୍ଲୀ,୫।୬(ଆଇଏଏନ୍‌ଏସ୍)**

ଜମ୍ମୁ-କଶ୍ମୀରରୁ ଆତଙ୍କବାଦର ମୂଳପୋଛ ପାଇଁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ସଂକଳ୍ପବଦ୍ଧ। ଏଥିଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଦାୟିତ୍ୱ ନେବା ପରେ ତତ୍ପରତା ଦେଖାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ୧୦ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀଙ୍କ ତାଲିକା ଜାରି କରାଯାଇଛି।

ଜମ୍ମୁ-କଶ୍ମୀର ପୋଲିସ, କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି)କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ୧୦ ଜଣିଆ ଆତଙ୍କବାଦୀଙ୍କ ତାଲିକା ପ୍ରଦାନ କରାଯାଇଛି। ଏଥିରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍), ଲଶ୍କର-ଇ-ତୋଇବା (ଏଲ୍‌ଇଟି), ହିଜ୍‌ବୁଲ୍ ମୁଜାହିଦ୍ଦିନ୍ ଏବଂ ଅଲ୍ ବଦର୍ ଆତଙ୍କବାଦୀଙ୍କ ନାମ ରହିଛି। ୧୦ ଶୀର୍ଷ ଆତଙ୍କବାଦୀଙ୍କ ମଧ୍ୟରୁ ୬ ଜଣ ହିଜ୍‌ବୁଲର ହୋଇଥିବାବେଳେ ୨ ଜେଇଏମ୍ ଏବଂ ଏଲ୍‌ଇଟି ଓ ଅଲ୍ ବଦର ସଙ୍ଗଠନର ଜଣେ ଲେଖାଏ ରହିଛନ୍ତି। ଏଲ୍‌ଇଟି କମାଣ୍ଡର ୱାସିମ୍ ଅହମ୍ମଦ ଓରଫ୍ ଓସାମା ଓ ହିଜ୍‌ବୁଲ କମାଣ୍ଡର ରିୟାଜ୍ ନାଇକୁ ଓରଫ ମହମ୍ମଦ ବିନ୍ କାସିମ୍ ଶୋପିଆନ୍ ଜିଲାରେ ସକ୍ରିୟ ରହିଛନ୍ତି। ସେହିପରି ହିଜ୍‌ବୁଲ୍‌ର ଅନନ୍ତନାଗ ଜିଲା କମାଣ୍ଡର ମହମ୍ମଦ ଅସ୍ରଫ୍ ଖାନ୍, ବାରାମୁଲା ଜିଲା କମାଣ୍ଡର ମେହରାଜ-ଉଦ୍ଦିନ, ଶ୍ରୀନଗର କ୍ୟାଡର ଡକ୍ଟର ସୈଫୁଲ୍ଲା, ପୁଲୱାମା ଜିଲା କମାଣ୍ଡର ଅର୍ଶଦ-ଉଲ୍-ହକ୍ ଓ ଅଜାଜ୍ ଅହମ୍ମଦ ମଲିକ୍ ମଧ୍ୟ ଉକ୍ତ ତାଲିକାରେ ରହିଛନ୍ତି। ଅନୁରୂପ ଭାବେ ଜାଭେଦ ମାଟ୍ଟୁ, ଜାହିଦ୍ ଶେଖ୍ ଓ ପାକିସ୍ତାନୀ ଆତଙ୍କବାଦୀ ହାଫିଜ୍ ଉମରଙ୍କ ନାମ ମଧ୍ୟ ଏଥିରେ ରହିଛି। ସେମାନଙ୍କୁ ନିପାତ କରିବା ପାଇଁ ସୁରକ୍ଷା ବଳ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବା ଜଣାପଡ଼ିଛି।

ଗତ ୧ ତାରିଖରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ, ସ୍ୱରାଷ୍ଟ୍ର ସଚିବ ରାଜୀବ ଗଉବା, ଗୋଇନ୍ଦା ବ୍ୟୁରୋ (ଆଇବି) ମୁଖ୍ୟ ରାଜୀବ ଜୈନ, ବହିର୍ବ୍ୟାପାର ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ମୁଖ୍ୟ ଅନିଲ ଧସମାନା ପ୍ରମୁଖ ଉପସ୍ଥିତ ଥିଲେ। ଜମ୍ମୁ-କଶ୍ମୀରର ସୁରକ୍ଷା ସ୍ଥିତି ସମୀକ୍ଷା ପରେ ଶାହ ଆତଙ୍କବାଦ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଜାମା ମସ୍‌ଜିଦ୍‌ରେ ପାକ୍ ବହିର୍ବ୍ୟାପାର ସଚିବ

**ନୂଆଦିଲ୍ଲୀ,୫।୬(ପି.ଟି.)**

ତିନିଦିନିଆ ଭାରତ ଗସ୍ତରେ ଆସିଥିବା ପାକିସ୍ତାନର ବହିର୍ବ୍ୟାପାର ସଚିବ ସୋହାଇଲ୍ ମେହମୁଦ ବୁଧବାର ନୂଆଦିଲ୍ଲୀସ୍ଥିତ ସପ୍ତଦଶ ଶତାବ୍ଦୀର ଜାମା ମସ୍‌ଜିଦ୍‌ରେ ଇଦ୍ ପ୍ରାର୍ଥନା କରିଛନ୍ତି। ଦିଲ୍ଲୀର ଛାତ୍ରଙ୍କ ସହ ସେ ସାମୂହିକ ପ୍ରାର୍ଥନାରେ ଭାଗନେଇଛନ୍ତି। ଏହି ଅବସରରେ ଦୁଇଦେଶ ମଧ୍ୟରେ ଆଲୋଚନା ଜରିଆରେ ମତଭେଦ ଦୂର ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଗତ ଏପ୍ରିଲରେ ବହିର୍ବ୍ୟାପାର ସଚିବ ଭାବେ ଦାୟିତ୍ୱ ନେବା ପୂର୍ବରୁ ମେହମୁଦ ଭାରତରେ ପାକିସ୍ତାନର ଉଚ୍ଚାୟୁକ୍ତ ଭାବେ ଅବସ୍ଥାପିତ ଥିଲେ।

## ବାଂଲାଦେଶ ସୀମାରେ ମିଠା ଦିଆନିଆ

**ଅଗରତାଲା/ଅଜୱଲ,୫।୬(ପି.ଟି.)**

ପବିତ୍ର ଇଦ୍-ଉଲ୍-ଫିତର ପାଳନ ଅବସରରେ ବୁଧବାର ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଏବଂ ବାଂଲାଦେଶ ସୀମା ଗାର୍ଡ (ବିଜିବି) ମଧ୍ୟରେ ମିଷ୍ଟାନ୍ନ ଆଦାନ ପ୍ରଦାନ କରାଯାଇଛି। ଉଭୟ ପକ୍ଷ ମିଠା ଓ ଫୁଲ ଦେଇ ପରସ୍ପରକୁ ଅଭିନନ୍ଦନ ଜଣାଇଛନ୍ତି। ବାଂଲାଦେଶ ସହ ରହିଥିବା ପଶ୍ଚିମବଙ୍ଗ, ତ୍ରିପୁରା, ଆସାମ, ମିଜୋରାମ ଓ ମେଘାଳୟର ୪,୦୯୬ କି.ମି. ସୀମାର ବିଭିନ୍ନ ସ୍ଥାନରେ ଉଭୟ ପଟର ସୁରକ୍ଷା ବଳ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ କରାଯାଇଛି।



ମସ୍କୋରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଚାଇନା ପ୍ରତିପକ୍ଷ କରମର୍ଦ୍ଦନ କରୁଛନ୍ତି।

# ଥମୁନି ଭାଷା ବିବାଦ

**ଲକ୍ଷ୍ନୌ,୫।୬(ପି.ଟି.)**

### ତାମିଲକୁ ସରକାରୀ ଭାଷା କରିବା ଲାଗି ଷ୍ଟାଲିନ୍‌ଙ୍କ ଦାବି



### ଅନ୍ୟ ରାଜ୍ୟରେ ତାମିଲକୁ ଇଚ୍ଛାଧୀନ ଭାଷା କରାଯାଉ: ପାଲାନିସ୍ୱାମୀ



କେନ୍ଦ୍ର ସରକାରଙ୍କ ତ୍ରିଭାଷୀ ସୂତ୍ରକୁ ଜୋରଦାର ବିରୋଧ ପରେ ସମସ୍ତ କେନ୍ଦ୍ରୀୟ ସରକାରୀ କାର୍ଯ୍ୟାଳୟରେ ତାମିଲକୁ ସରକାରୀ ଭାଷା ଭାବେ ବ୍ୟବହାର କରିବା ଲାଗି ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ ବୁଧବାର ଦାବି କରିଛନ୍ତି। ଅନ୍ୟପକ୍ଷରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏଡାପ୍ପାଡି କେ. ପାଲାନିସ୍ୱାମୀ ତାମିଲ ଭାଷାକୁ ଅନ୍ୟ ରାଜ୍ୟଗୁଡ଼ିକରେ ଇଚ୍ଛାଧୀନ ଭାଷା ଭାବେ ଶିକ୍ଷାଦାନ କରାଯିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟୁଇଟ୍ କରି ଅନୁରୋଧ କରିଛନ୍ତି। ତାମିଲକୁ କେନ୍ଦ୍ର ସ୍ତରରେ ସରକାରୀ ଭାଷା କରିବା ଲାଗି ଆମେ ଶପଥ ନେବା ଉଚିତ ଏବଂ ଏଥିପାଇଁ ଡିଏମ୍‌କେ ସମର୍ଥନ ଜାରି ରଖିବ ବୋଲି ଷ୍ଟାଲିନ୍ ଖବରଦାତାମାନଙ୍କୁ କହିଛନ୍ତି।

ତ୍ରିଭାଷୀ ସୂତ୍ର ନାମରେ କେନ୍ଦ୍ର ସରକାର ହିନ୍ଦୀଶିକ୍ଷାକୁ ଜବରଦସ୍ତ ଲାଗୁ କରିବାକୁ ଉଦ୍ୟମ କରୁଥିଲେ। ତାମିଲନାଡୁରେ ବିରୋଧ ପରେ ଉକ୍ତ ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେଇଛନ୍ତି। ଅଣହିନ୍ଦୀ ଭାଷୀ ରାଜ୍ୟରେ ହିନ୍ଦୀକୁ ଜବରଦସ୍ତ ଲଦିଦେବା ଘଟଣାରେ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରମେୟା କେନ୍ଦ୍ର ସରକାରଙ୍କୁ କଡା ସମାଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବିରୋଧରେ ତାମିଲନାଡୁରେ ଉତ୍ତେଜନା ଲାଗି ରହିଥିବାବେଳେ ମୁଖ୍ୟମନ୍ତ୍ରୀ ପାଲାନିସ୍ୱାମୀ ତାମିଲକୁ ଇଚ୍ଛାଧୀନ ଭାଷା ଭାବେ ଅନ୍ୟ ରାଜ୍ୟରେ ପ୍ରଚଳନ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହାକୁ ନେଇ ବିବାଦ ଦେଖାଦେବା ପରେ ସେ ଉକ୍ତ ଟୁଇଟ୍‌କୁ ଲିଭାଇଦେଇଛନ୍ତି।

## ଆର୍‌ଏଲ୍‌ଡି ଏକାକୀ ଉପନିର୍ବାଚନ ଲଢ଼ିବ

**ଲକ୍ଷ୍ନୌ,୫।୬(ପି.ଟି.)**

ଉତ୍ତରପ୍ରଦେଶର ୧୧ଟି ବିଧାନସଭା ଆସନରେ ଉପନିର୍ବାଚନ ହେବାକୁ ଥିବାବେଳେ ସମାଜବାଦୀ ପାର୍ଟି (ଏସ୍‌ପି) ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମେଣ୍ଟରୁ ଓହରିଯାଇ ଏକାକୀ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାର ଦିନକ ପରେ ମେଣ୍ଟର ତୃତୀୟ ସହଯୋଗୀ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ମଧ୍ୟ ଆଗାମୀ ଉପନିର୍ବାଚନ ଏକାକୀ ଲଢ଼ିବା ଲାଗି ବୁଧବାର ଘୋଷଣା କରିଛି। ତେବେ ମେଣ୍ଟ ଅତୁଟ ରହିବ ବୋଲି ଆର୍‌ଏଲ୍‌ଡି ଅଧ୍ୟକ୍ଷ ମାସୁଦ ଅହମ୍ମଦ ଆଶାବ୍ୟକ୍ତ କରିଛନ୍ତି। ଦଳ କେତୋଟି ଆସନରେ ଉପନିର୍ବାଚନ ଲଢ଼ିବ ସେ ନିଷ୍ପତ୍ତି ଏହାର ମୁଖ୍ୟ ଚୌଧରୀ ଅଜିତ ସିଂ ଏବଂ ଜୟନ୍ତ ଚୌଧରୀ ନେବେ। ଏ ସମ୍ପର୍କରେ ବୈଠକରେ ଆଲୋଚନା ହେବ ବୋଲି ଅହମ୍ମଦ କହିଛନ୍ତି। ଆରଏଲ୍‌ଡି ସମାଜବାଦୀ ପାର୍ଟି ସହ ଥିଲା ଏବଂ ଅଖିଳେଶଙ୍କ କୋଟାରୁ ଆମକୁ ଲୋକ ସଭା ନିର୍ବାଚନ ଲଢ଼ିବାକୁ ଆସନ ମିଳିଥିଲା ବୋଲି ସେ କହିଛନ୍ତି।

## ଟିଏମ୍‌ସି ନେତାଙ୍କୁ ହତ୍ୟା

**କୋଲକାତା,୫।୬**

### ସିସିଟିଭିରେ ଗୁଳିକାଣ୍ଡ ଦୃଶ୍ୟ

ଉତ୍ତର କୋଲକାତାର ନିମଟାଠାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଜଣେ ନେତାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଏହି ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ହତ୍ୟାକାଣ୍ଡ ଲାଗି ଭାଜପା ଓ ଟିଏମ୍‌ସି ପରସ୍ପରକୁ ଦୋଷ ଦେଇଛନ୍ତି।

ମଙ୍ଗଳବାର ରାତି ସାଢ଼େ ୭ଟା ବେଳେ ଟିଏମ୍‌ସି ନେତା ନିର୍ମଳ କୁଣ୍ଡୁ ଏକ ଚା' ଦୋକାନ ନିକଟରେ ସ୍ଥାନୀୟ ଲୋକମାନଙ୍କ ସହ କଥା ହେଉଥିବାବେଳେ ଦୁଇ ଅଜଣା ଲୋକ ଏକ ବାଇକରେ ଆସି ତାଙ୍କୁ ଲକ୍ଷ୍ୟ କରି ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। କୁଣ୍ଡୁଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଉତ୍ତର ଦମଦମ୍ ପୌରାଞ୍ଚଳର ୬ ନମ୍ବର ୱାର୍ଡରେ ଟିଏମ୍‌ସିର ମୁଖ୍ୟ ଥିବା କୁଣ୍ଡୁଙ୍କୁ ଭାଜପା ହତ୍ୟା କରିଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ଭାଜପା ସଭାପତି ଦିଲୀପ ଘୋଷ ଉକ୍ତ ଅଭିଯୋଗକୁ ଖଣ୍ଡନ କରି ଟିଏମ୍‌ସିରେ ଗୋଷ୍ଠୀ ବିବାଦରୁ ଏଭଳି ହତ୍ୟାକାଣ୍ଡ ହୋଇଥିବା କହିଛନ୍ତି। ଜଣେ ଅଭିଯୁକ୍ତଙ୍କ ଘରକୁ ଲୋକେ ଭଙ୍ଗାରୁଜା କରିଛନ୍ତି। ପୋଲିସ କେତେକଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ନମାଜ ପାଠବେଳେ କାର୍ ମାଡ଼ିଗଲା: ୧୭ ଆହତ

**ନୂଆଦିଲ୍ଲୀ,୫।୬(ପି.ଟି.)**-ଇଦ୍ ପାଳନ ଅବସରରେ ବୁଧବାର ପୂର୍ବ ଦିଲ୍ଲୀର ଖୁରେଜି ଅଞ୍ଚଳରେ ଥିବା ଏକ ମସ୍‌ଜିଦରେ ନମାଜ ପାଠ ଚାଲିଥିବାବେଳେ ଦ୍ରୁତଗାମୀ କାର ମାଡିଯିବାରୁ ୧୭ ଜଣ ଆହତ ହୋଇଛନ୍ତି। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସୁରକ୍ଷାରେ ତ୍ରୁଟିକୁ ନେଇ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆହତ ୧୭ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ଡ୍ରାଇଭରଙ୍କୁ ଚିହ୍ନଟ କରାଯାଇଛି ଓ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ଉପକମିଶନର ମେଘନା ଯାଦବ କହିଛନ୍ତି। ଇଦ୍‌ବେଳେ ସୁରକ୍ଷାରେ କିପରି ତ୍ରୁଟି ଘଟିଲା ତାହାର ତଦନ୍ତ ଚାଲିଥିବା ସେ କହିଛନ୍ତି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଆଂଶିକ ମେଘୁଆ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଅପରାହ୍ନରେ ଘଡଘଡି ସହ ବର୍ଷା ଓ ପବନ ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୬ | ୨୫.୪ |
| ଚାନ୍ଦବାଲି | ୩୭.୭ | ୨୯.୮ |
| କଟକ | ୩୬.୫ | ୨୬.୬ |
| ପାରାଦ୍ୱୀପ | ୩୨.୫ | ୨୮.୯ |
| ଭୁବନେଶ୍ୱର | ୩୭.୨ | ୨୮.୪ |
| ଗୋପାଳପୁର | ୩୧.୨ | ୨୭.୮ |
| ପୁରୀ | ୩୪.୦ | ୨୮.୬ |
| ଅନୁଗୋଳ | ୪୨.୧ | ୨୪.୦ |
| ବାରିପଦା | ୩୭.୦ | ୨୮.୦ |
| ଝାରସୁଗୁଡ଼ା | ୪୫.୨ | ୨୮.୫ |
| କେନ୍ଦୁଝର | ୩୭.୭ | ୨୫.୨ |
| ସମ୍ବଲପୁର | ୪୩.୨ | ୨୯.୧ |
| ସୁନ୍ଦରଗଡ଼ | ୪୧.୦ | ୨୨.୦ |
| ହୀରାକୁଦ | ୪୨.୯ | ୨୯.୦ |
| ତାଳଚେର | ୩୯.୧ | ୨୭.୦ |
| ଭବାନୀପାଟଣା | ୪୦.୦ | ୨୮.୫ |
| ବଲାଙ୍ଗୀର | ୪୦.୦ | ୨୬.୦ |
| କୋରାପୁଟ | ୩୪.୬ | ୨୧.୬ |
| ଫୁଲବାଣୀ | ୪୦.୦ | --- |
| ଟିଟିଲାଗଡ଼ | ୪୨.୨ | --- |
| ମାଲକାନଗିରି | ୪୦.୬ | ୨୩.୦ |
| ସୋନପୁର | ୪୧.୨ | ୨୩.୦ |
| ଦାରିଙ୍ଗିବାଡ଼ି | ୩୫.୦ | ୨୩.୦ |

ଡିଗ୍ରୀ ସେଲ୍‌ସିୟସ୍

■ ଭାରତରେ ବଢୁଛି ବାୟୁ ପ୍ରଦୂଷଣ

# ବର୍ଷକୁ ନେଉଛି ଲକ୍ଷେ ଶିଶୁଙ୍କ ଜୀବନ





**ନୂଆଦିଲ୍ଲୀ,୫।୬**

ବାୟୁ ପ୍ରଦୂଷଣର ମାତ୍ରା ବୃଦ୍ଧି ଏବେ ପରିବେଶକୁ ବିଗାଡ଼ିଦେଲାଣି। ଏଥିଯୋଗୁ ପ୍ରତିବର୍ଷ ଭାରତରେ ୫ ବର୍ଷରୁ କମ୍ ବୟସର ପ୍ରାୟ ୧ ଲକ୍ଷ ଶିଶୁ ପ୍ରାଣ ହରାଉଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ଦେଶରେ ୧୨.୫ ପ୍ରତିଶତ ମୃତ୍ୟୁ ଏଥିଯୋଗୁ ହେଉଥିବା ପ୍ରକାଶ। ପରିବେଶ ସମ୍ପର୍କିତ ଥିଙ୍କ ଟ୍ୟାଙ୍କ ସିଏସ୍‌ଇ'ର ଷ୍ଟେଟ୍ ଅଫ୍ ଇଣ୍ଡିଆଜ୍ ଏନ୍‌ଭାର୍ନମେଣ୍ଟ ରିପୋର୍ଟ କହୁଛି, ଭାରତର ପ୍ରତି ୧୦ ହଜାରରେ ୮.୫ ଶିଶୁ ୫ ବର୍ଷ ପୂରିବା ପୂର୍ବରୁ ଏଥିଯୋଗୁ ପ୍ରାଣ ହରାଉଛନ୍ତି। ଝିଅମାନଙ୍କ କ୍ଷେତ୍ରରେ ଏହି ହାର ୯.୬ ଥିବା ଦର୍ଶାଯାଇଛି। ବାୟୁ ପ୍ରଦୂଷଣକୁ ରୋକିବା ଲାଗି ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଏପର୍ଯ୍ୟନ୍ତ ସଫଳ ରୂପ ନେଇ ନ ଥିବା ଦର୍ଶାଯାଇଛି।

ଗ୍ଲୋବାଲ୍ ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୧୭ରେ ବାୟୁ ପ୍ରଦୂଷଣ ଯୋଗୁ ଭାରତରେ ୧.୨ ନିୟୁତ ଲୋକ ପ୍ରାଣ ହରାଇଛନ୍ତି। ଗ୍ରୀନ୍‌ପିସ୍ ରିପୋର୍ଟରେ ଦେଶର ରାଜଧାନୀ ସହର ନୂଆଦିଲ୍ଲୀକୁ ଭାରତର ସବୁଠାରୁ ପ୍ରଦୂଷିତ ସହରଭାବେ ପରିଗଣିତ କରାଯାଇଛି। ତେବେ ଏହି ରିପୋର୍ଟକୁ ପୂର୍ବତନ ପରିବେଶ ମନ୍ତ୍ରୀ ତଥା ବର୍ତ୍ତମାନର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଖାରଜ କରିଛନ୍ତି। ୨୦୧୩ରୁ ଇ-ଭେହିକଲ ପ୍ରଚଳନ କରାଯାଇଥିବାବେଳେ ଉଦ୍ଦେଶ୍ୟ ପୂରଣ କରିବା କ୍ଷେତ୍ରରେ ଏହା ବହୁ ପଛରେ ପଡ଼ିଥିବା କୁହାଯାଇଛି।

ଜଳବାୟୁ ପରିବର୍ତ୍ତନ ବିଶ୍ୱ ଅର୍ଥନୀତି ଲାଗି ଏବେ ବିପଦ ସୃଷ୍ଟିକରିଛି। ଭାରତର ସବୁଜ ଗୃହ ବାଷ୍ପ ନିର୍ଗମନ ୨୦୧୦ରୁ ୨୦୧୪ ମଧ୍ୟରେ ୨୨ ପ୍ରତିଶତ ବୃଦ୍ଧି ପାଇଛି। ଶିଳ୍ପ ଓ ଶକ୍ତି କ୍ଷେତ୍ର ବୃଦ୍ଧି, ଜଙ୍ଗଲ ନିଆଁ ପରିବେଶକୁ ଅଧିକ ପ୍ରଦୂଷିତ କରିପକାଉଛି। ଏଥିପ୍ରତି ସତର୍କ ଓ ସଚେତନ ନ ହେଲେ ପରିସ୍ଥିତି ଅଧିକ ବିଗିଡ଼ିଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏଥିପ୍ରତି ସରକାର ଓ ବ୍ୟକ୍ତିବିଶେଷ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ଦର୍ଶାଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୬ ଜୁନ, ୨୦୧୯



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବା

- ଭଲ୍‌ଟାୟାର



# ସଂକ୍ଷେପରେ

## ବାଇକ୍ ପୋଡ଼ି ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୫।୬ (ବ୍ୟୁରୋ)-** ସମ୍ବଲପୁର ଟାଉନ ଥାନା ମୁଦିପଡାରେ ହୋଇଥିବା ବାଇକ ପୋଡି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ବାରବନ୍ଧର ମନିଷ ବାଗ । ଏ ନେଇ ଥାନାରେ କେସ ନଂ. ୨୧୬/୧୯ରେ ଏକ ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ ଯେ, ମୁଦିପଡାର ଭୀମସେନ ଗୁରୁଙ୍କ ବାଇକ (ନଂ. ଓଡି ୧୫ ଜି- ୧୯୦୫)କୁ ଗତ ମେ ୨୭ ତାରିଖ ରାତିରେ ସେ ପୋଡି ଦେଇଥିଲେ । ଏହି ଘଟଣା ନେଇ ଭୀମସେନ ଟାଉନ ଥାନାରେ ଅଭିଯୋଗ କରିଥିଲେ ।

## ଘରକୁ ଫେରିଲେ ଅପହୃତା ନାବାଳିକା

### ପୋଲିସର ତଦନ୍ତ ଆରମ୍ଭ

**ସମ୍ବଲପୁର,୫।୬ (ବ୍ୟୁରୋ)-** ସମ୍ବଲପୁର ହୀରାକୁଦ ଥାନା ଅଞ୍ଚଳର ନିଖୋଜ ଥିବା ଜଣେ ନାବାଳିକା ବୁଧବାର ଘରକୁ ଫେରିଛନ୍ତି । ଏହି ଘଟଣାରେ ପରିବାର ବର୍ଗ ଖୁସିବ୍ୟକ୍ତ କରିଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି । ନାବାଳିକାଙ୍କ ମା’ ଅଭିଯୋଗ କରିଥିବା ମାମଲାର ବିଭିନ୍ନ ଦିଗ ଉପରେ ପୋଲିସ ତଦନ୍ତ କରୁଛି । ବୁଧବାର ନାବାଳିକାଙ୍କୁ ପ୍ରଥମେ ଡାକ୍ତରୀମାଇନା ପାଇଁ ହୀରାକୁଦ ମେଡିକାଲ ନିଆ ଯାଇଥିଲା। ସେଠାରେ ଡାକ୍ତର ଅଭାବରୁ ପୁଣି ଜିଲା ସଦର ଡାକ୍ତରଖାନାକୁ ଆଣିଥିଲେ । ହେଲେ ଏଠାରେ ମଧ ମହିଳା ଡାକ୍ତର ଅନୁପସ୍ଥିତ ଥିବାରୁ ନାବାଳିକାଙ୍କ ଡାକ୍ତରୀମାଇନା ସନ୍ଧ୍ୟା ପର୍ଯ୍ୟନ୍ତ ହୋଇପାରି ନ ଥିଲା । ସୂଚନାଯୋଗ୍ୟ ଯେ, ଗତ ୧ ତାରିଖରୁ ନାବାଳିକାଙ୍କୁ ନେଇ ପଶ୍ଚିମବଙ୍ଗ ମୁର୍ସିଦାବାଦର ଜଣେ ଯୁବକ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା । ଉକ୍ତ ଯୁବକ ଜଣକ ରାଜମିସ୍ତ୍ରି ଭାବେ କାମ କରନ୍ତି।

## ହତ୍ୟା ଧମକ ଦେଇ ଜଣେ ଗିରଫ, ବନ୍ଧୁକ ଜବତ



**ରେଙ୍ଗାଲି, ୫।୬ (ଡି.ଏନ.ଏ.)-** ସମ୍ବଲପୁର ଜିଲା ଠେଲକଲୋଇ ଥାନା ବେଉଁରାରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା ଧମକ ଦେଇ ଦେଶୀ ମନ୍ଧୁକ ସହ ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ବେଉଁରାର ଚକାନନ ବାରିକ (୪୩)ଙ୍କ ମଙ୍ଗଳବାର ଯଦୁମଣି ସାହୁଙ୍କ ସହିତ କୌଣସି କାରଣରୁ ବଚସା ହୋଇଥିଲା । ଚକାନନ ଯଦୁମଣିଙ୍କ ଘରକୁ ଯାଇ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଯଦୁମଣି ଥାନାରେ ଅଭିଯୋଗ କରବା ପରେ ଚକାନନଙ୍କୁ ପୋଲିସ ବନ୍ଧୁକ ସହ ଗିରଫ କରିଛି।

# ପରିବେଶ ସୁରକ୍ଷା ପାଇଁ ସବୁଠି ଚାରା ରୋପଣ

**ସମ୍ବଲପୁର,୫।୬(ବ୍ୟୁରୋ)**



ବୁଧବାର ସମ୍ବଲପୁର କୋର୍ଟ ପରିସରରେ ବୃକ୍ଷଚାରା ରୋପଣ କରାଯାଉଛି ।




ରେଢ଼ାଖୋଲ କୋର୍ଟ ପରିସରରେ ଚାରା ରୋପଣ କରିବା ଅବସରରେ ଉପସ୍ଥିତ ଅତିଥିମାନେ।



ବୁଧବାର ଏମସିଏଲରେ ଆୟୋଜିତ ବିଶ୍ୱ ପରିବେଶ ଉତ୍ସବରେ ଅତିଥିମାନେ ।




କୁଚିଣ୍ଡାରେ ପରିବେଶ ସୁରକ୍ଷା ସଚେତନତା ସଭାରେ ଅତିଥି।




ସମ୍ବଲପୁରରେ ବୁଧବାର ବିଶ୍ୱ ପରିବେଶ ଦିବସରେ ପିଲାଙ୍କ ସଚେତନତା ରାଲି ।




ରେଙ୍ଗାଲିରେ ପରିବେଶ ସୁରକ୍ଷା ସଚେତନତା ଅବସରରେ ବାହାରିଥିବା ରାଲି।

ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୁଧବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ସକାଳ ୮ଟାରେ କୋର୍ଟ ପରିସରରୁ ପ୍ରାଧିକରଣ ସ୍କୁଲ ଲିଗାଲ ଲିଟେରାସି କ୍ଲବ ଛାତ୍ରୀଛାତ୍ର ଓ ପାରାଲିଗାଲ ସାମାଜିକ କର୍ମୀମାନେ ସଚେତନତା ରାଲିରେ ସହର ପରିକ୍ରମା କରିଥିଲେ। ସେମାନେ ଗୋଟିଏ ମଣିଷ ଗୋଟିଏ ଗଛ, ହେଲେ ସିନା ହେବ ପୃଥିବୀ ସ୍ୱଚ୍ଛ, ବର୍ଷା, ବାୟୁ, ପବନ ହୋଇବ ସ୍ୱଚ୍ଛ, ପୃଥିବୀରେ ଯେବେ ରହିବ ଗଛ.... ପ୍ରଭୃତି ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରାଇଥିଲେ। ଏହାପରେ ସିଭିଲ କୋର୍ଟ ପରିସରରେ ସାମୂହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା । ପୂର୍ବାହ୍ନ ୧୦ଟାରେ ମୁଖ୍ୟ ବନ ସଂରକ୍ଷକ ସମ୍ମିଳନୀ କକ୍ଷରେ ପ୍ରାଧିକରଣ ଅଧକ୍ଷ ତଥା ଜିଲା ଜଜ ମଳୟରଞ୍ଜନ ଦାସଙ୍କ ଅଧକ୍ଷତାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପ୍ରାଧିକରଣ ସଚିବ ଲିଲି ସେନାପତି ସ୍ୱାଗତ ଭାଷଣ ଦେଇଥିଲେ। ପରିବାର ଅଦାଲତ ଜଜ ଅନୁପ କୁମାର ଚନ୍ଦନ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିରେଖା ବାରିକ, ଅତିରିକ୍ତ ସିନିୟର ସିଭିଲ ଜଜ ସୁଦୀପ କୁମାର ଦାଶ, ସବ୍‌ଡିଭିଜିନାଲ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱପ୍ନସାଗରିକା ମିଶ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଭିନନ୍ଦନ ନନ୍ଦ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ବଲପୁର ଡିଏଫଓ ଡ. ସଞ୍ଜିତ କୁମାର ସୂଚନା ଦେଇ କହିଥିଲେ ଯେ, ଚଳିତ ବର୍ଷ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ୨୨ ଲକ୍ଷ ବୃକ୍ଷଚାରା ରୋପଣ କରାଯିବ। ବୁଢ଼ାରଜା ହାଇସ୍କୁଲ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ କହିଥିଲେ ଯେ, ସଂପ୍ରତି ତାପମାତ୍ରା ବଢ଼ିବାରେ ଲାଗିଛି। ବୃକ୍ଷରୋପଣ କଲେ ତାପମାତ୍ରା କମିବ, ଏଥିସହ ପରିବେଶ ସ୍ୱଚ୍ଛ ରହିବ । ଏହାକୁ ଦୃଷ୍ଟିରେ ରଖି ସବୁ ସ୍ତରରୁ ବୃକ୍ଷର ସୁରକ୍ଷା, ଓ ଯତ୍ନ କରିବାର ଆବଶ୍ୟକତା ରହିଛି ।

**ରେଳମଣ୍ଡଳ:** ସେହିଭଳି ସମ୍ବଲପୁର ରେଳ ମଣ୍ଡଳରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି । ରେଳ ମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ବୃକ୍ଷ ଚାରା ରୋପଣ କରିଥିଲେ । ଏହାପରେ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ବୃକ୍ଷ ଚାରା ରୋପଣ କର ଯତ୍ନ ଓ ସୁରକ୍ଷା ନେବାକୁ ସଂକଳ୍ପ କରିଥିଲେ ।

**ଏମ୍‌ସିଏଲ:** ମହାନଦୀ କୋଇଲା କମ୍ପାନୀ (ଏମସିଏଲ)ରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ବୈଷୟିକ ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏମସିଏଲ ବିଭାଗୀୟ ଅଧକ୍ଷ, ଅଧିକାରୀ ଓ କର୍ମଚାରୀଙ୍କୁ ପରିବେଶ ସୁରକ୍ଷା ନେଇ ଶପଥ ପାଠ କରାଇଥିଲେ । ପରିବେଶ ବିଭାଗ ମହାପ୍ରବନ୍ଧକ ନିରଜ କଲ୍ଲା ସ୍ୱାଗତ ଭାଷଣ ଦେଇଥିଲେ । ଜାଗୃତି ମହିଳା ମଣ୍ଡଳ ସଚିବ ରଞ୍ଜିତା ତ୍ରିପାଠୀ ଓ ସଭ୍ୟା ଏବଂ ଅତିଥିମାନେ ପରିବେଶ ପୋଷ୍ଟର ଉଦ୍‌ଘାଟନ କରିଥିଲେ । ମାନସ ସାମନ୍ତରାୟ, ଜୟ ଦେବ, ଅନୀଲ, ଲୋପାମୁଦ୍ରା, ଓଜସ୍ୱିନୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ରେଙ୍ଗାଲି,(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଜଙ୍ଗଲା ଗ୍ରାମ୍ୟ ଜଙ୍ଗଲ ପ୍ରଜା ସୁରକ୍ଷିତ କମିଟି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ବୁଧବାର ଜଙ୍ଗଲା ଗ୍ରାମ୍ୟ ଜଙ୍ଗଲ ସୁରକ୍ଷିତ କମିଟିର ଚେୟାରମ୍ୟାନ ମୁରାରୀ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ଏକ ସାଇକେଲ ରାଲି ବାହାରି ଜଙ୍ଗଲାଠାରୁ ରେଙ୍ଗାଲି ରେଞ୍ଜ ଅଫିସ ପର୍ଯ୍ୟନ୍ତ ଆସିଥିଲା । ଜଙ୍ଗଲା ଗ୍ରାମରେ ଏକ ଶୋଭାଯାତ୍ରା କରି ବୃକ୍ଷରୋପଣ ଏକ ମହତ କାମ । ସମସ୍ତଙ୍କୁ ବୃକ୍ଷ ରୋପଣ କରିବା ପାଇଁ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତ୍ରିନାଥ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ଗର୍ଡିଆ, ଶୁକ୍ରୁ ଓରାମ, ପ୍ରକାଶ ବେରିହା, ଦାଉଦ ମୁଣ୍ଡା, ଲକ୍ଷ୍ମୀଧର ବଗର୍ତ୍ତି, ପ୍ରଫୁଲ୍ଲ ସାହୁ, ଧ୍ରୁବ ଓରାମ, ଶିବ ଛତ୍ରିଆ ଏବଂ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

**କୁଚିଣ୍ଡା,(ଡି.ଏନ.ଏ.):** ଚାଇଲ୍ଡଲାଇନ ସବସେଣ୍ଟର କୁଚିଣ୍ଡା ଏବଂ ବଣ୍ୟପ୍ରାଣୀ ବନାଞ୍ଚଳ କୁଚିଣ୍ଡା, ବାମରା ବନଖଣ୍ଡର ମିଳିତ ସହଯୋଗରେ ଚାଇଲ୍ଡଲାଇନ ଅଫିସଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଉଦ୍ୟାନ ବିଭାଗର ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଭୀମସେନ ରାଉତ, ବନପାଳ ଶରତ ପଣ୍ଡା, ସଞ୍ଜୟ ମିଶ୍ର, ଗଗନ ଶର୍ମା, ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଚାଇଲ୍ଡଲାଇନ ନିର୍ଦ୍ଦେଶକ ପ୍ରଦୀପ କୁମାର ବିଶ୍ୱ ପରିବେଶ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ବନ୍ଧରେ ଜଣାଇଥିଲେ। ଉପସ୍ଥିତ ଅତିଥିଗଣ ଭବିଷ୍ୟତରେ କିଭଳି ଭାବରେ ପରିବେଶ ସୁରକ୍ଷିତ ରହିପାରିବ ସେ ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ । ଆଗାମୀ ଦିନ ଗୁଡିକରେ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ପାଇଁ ସମସ୍ତେ ପ୍ରତିଜ୍ଞାବଦ୍ଧ ହେବା ପାଇଁ ଆହ୍ୱାନ ଜଣାଇଥିଲେ । କୁଚିଣ୍ଡା, ଜମନକିରା, ବାମରା ବ୍ଲକ ଅନ୍ତର୍ଗତ ୧୭ଟି ଶିଶୁ ସଂଘର ଲିଡର ଏବଂ ଚାଇଲ୍ଡଲାଇନର ସ୍ୱେଚ୍ଛାସେବୀମାନଙ୍କୁ ନେଇ ଶିଶୁ ଅଧିକାର ଶୀର୍ଷକ ତାଲିମ ତଥା ଆଗାମୀ ବର୍ଷ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା । ସରକାରୀ ଓକିଲ ସଞ୍ଜୟ ବେହେରା ପରିଚାଳନା କରିଥିଲେ । ସରୋଜ କୁମାର ପୃଷେଠ, ଶ୍ୱେତାଙ୍ଗିନୀ ବାରିକ, ଟେକଚାନ୍ଦ ପାଣ୍ଡେ, ନିଳିମା ଟୁଟି, ପ୍ରୀତି ଭେଙ୍ଗରା, ଶୁଭମ ସାହୁ, ସୁରେଶ୍ୱରୀ ପସାୟତ ସହଯୋଗ କରିଥିଲେ।

**ରେଢାଖୋଲ,(ଡି.ଏନ.ଏ.):** ବିଶ୍ୱ ପରିବେଶ ଦିବସ ପାଳନ ପରିପ୍ରେକ୍ଷୀରେ ବୁଧବାର ସିଭିଲ କୋର୍ଟ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସବ୍‌ଜଜ୍ ଅପୂର୍ବା ଚୌଧୁରୀ ଓ ଉପଜିଲାପାଳ ବିଶିକେସନ ଦେହୁରୀ ଗଛ ଲଗାଇଥିଲେ। ବୃକ୍ଷରୋପଣ ଦ୍ୱାରା ପରିବେଶ ସୁରକ୍ଷା ସହ ବାୟୁମଣ୍ଡଳ ପରିବର୍ତ୍ତନରେ ସହାୟକ ହେବ ବୋଲି ଅତିଥବମାନେ ବାର୍ତ୍ତା ଦେଇଛନ୍ତି। ରେଢାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଆୟୋଜିତ ଏହି ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ହାରୁନ ଖାନ, ତହସିଲଦାର ରୁବି ବେହେରା, ଏସଡିପିଓ ହାଡିବନ୍ଧୁ ସ୍ୱାଇଁ, ଏସିଏଫ ରଙ୍କନିଧି ନାଥ, ରେଞ୍ଜ ଅଧିକାରୀ ପ୍ରଦୀପ କୁମାର ସେଠୀ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ। କୋର୍ଟ କର୍ମଚାରୀ ଫେଡରିକ କାଣ୍ଡୁଲନା, ସୂର୍ଯ୍ୟନାରାୟଣ ଶତପଥୀ, ପ୍ରମୋଦ ମହାନନ୍ଦ, ପଞ୍ଚାନନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

**ପଡିଆବାହାଲ,(ଡି.ଏନ.ଏ.):** ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ବଡତୁରାଙ୍ଗ ଗ୍ରାମଠାରେ ରାଧାକୃଷ୍ଣ ସ୍ପୋର୍ଟିଂ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଗ୍ରାମର କୁମ୍ଭାରପଡାରେ ନାଳକୁ ସଦସ୍ୟମାନେ ପରିଷ୍କାର କରିଛନ୍ତି। ପଡାରେ ଏକ ସଚେତନା ସଭା କରି ନିଜ ଘର ଓ ଘର ସାମନା ତଥା ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ନିଜବାଡି ଓ ରାସ୍ତା କଡରେ ଗଛ ଲଗାଇ ସବୁଜିମା ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି। ସୁନୀଲ କୁମାର ଭୋଇ ଧନ୍ୟବାଦ ଅର୍ପଣ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ପିସି ବ୍ରିଜ ଉପରୁ କାର ଜବତ: ମାଲିକଙ୍କ ପତ୍ତା ମିଳୁନାହିଁ, ପାୱାର ଚ୍ୟାନେଲରେ ବୁଡ଼ିଥିବା ସନ୍ଦେହ

**ସମ୍ବଲପୁର, ୫।୬ (ବ୍ୟୁରୋ)** ବୁର୍ଲା ଥାନା ପିସି ବ୍ରିଜ ଉପରୁ ଏକ କାର (ନଂ. ସିଜି ୧୦ପି- ୨୪୮୬)କୁ ପୋଲିସ ଜବତ କରିଛି। ଏହି ଘଟଣାରେ ପୋଲିସକୁ କିଛି ସୁରାକ ମିଳିପାରି ନାହିଁ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଛତିଶଗଡ ବିଳାସପୁରର ବିଶ୍ୱଜିତ ଭୌମିକ, ସ୍ତ୍ରୀ ରୋମାଙ୍କ ସମେତ ପୁଅ ଓ ଝିଅ ହୀରାକୁଦ ଆସିଥିଲେ । ସେମାନେ ଜାତୀୟ ରାଜପଥ କଡ ଏକ ହୋଟେଲରେ ରହିଥିଲେ । ପରିବାର ଶୋଇବା ପରେ ମୋବାଇଲ, ପର୍ସ ଛାଡି ଗାଡି ନେଇ ଭୌମିକ କୁଆଡେ ଯାଇଥିଲେ । ପିସି ବ୍ରିଜ ଉପରେ କାରଟିକୁ ରଖି କୁଆଡେ ଚାଲି ଯାଇଥିଲେ। ପୋଲିସ ଗାଡିକୁ ଜବତ କରି ତଦନ୍ତ କରୁଛି । ଅନ୍ୟ ପଟେ ଅଗ୍ନିଶମ ବିଭାଗର ୨ଟି ଟିମ୍ ପାୱାର ଚେନ୍ୟାଲରେ ବୁଧବାର ଖୋଜାଖୋଜି କଲା ପରେ ମଧ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ସୁରାକ ପାଇନାହାନ୍ତି।

# ନଲ୍‌ଟୁଆଁରୁ ବାହାରୁଛେ ଦୂଷିତ୍ ପାଏନ୍

**ସମ୍ବଲପୁର,୫।୬ (ବ୍ୟୁରୋ)**

**ସମସିଆ ଘେରରେ ଭୋଇପାଲିବାସୀ**

ସମ୍ବଲପୁର ମହାନଗର ନିଗମରେ ସାମିଲ ହେଇଥିବାର ୧୨ଟା ପଁଚେତ୍‌ବାସୀ ଅନେକ ସମସିଆରେ ବୁଡ଼ି ରହିଛନ୍। ବଡ଼ଭାରି ହିସାବେ ମହାନଗର ନିଗମର ସୀମାନାରେ ଥିବାର ଗାଁବାସୀମାନେ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଉଛନ୍। ରାସ୍‌ତାଘାଟ, ଆବାସ ଯୋଜନା, ପେନସନ ଯୋଜନା, ପିଇଲା ପାଏନ୍ ସମସିଆ ଲେଖେଁ ଅନେକ ସମସିଆ ସଂଗେ ଯୁଝୁଛନ୍। ମହାନଗର ନିଗମର ୪୦ ନଂ. ୱାର୍ଡର ଭୋଇପାଲି ଇ ଭିତରୁ ଗୁଟେ ଆଏ। ଏହେଦେ ଇ ଗାଁରେ ପିଇଲା ପାଏନ୍‌ଟା ମୁଖିଆ ସମସିଆ ହେଇଛେ। ଗାଁରେ ଥିବାର ନଲ୍‌ଟୁଆଁରୁ ପୋକ୍ ଆର ଲୁହାଗୁଁଡ଼ ମିଶା ଦୂଷିତ ପାଏନ୍ ବାହାରୁଛେ। ପାଏନ୍ ବେଭାର କଲା ଲେଖେଁ ଅବସ୍‌ତାରେ ନାଁଇଁନ। ହେଲେ ଗାଁବାସୀ ଉପେ ଶୂଇନ୍ ହେଇ ଇ ପାଏନ୍‌କେ ଖାଏବା ପିଇବା, ରଁଧାବଢ଼ାରେ ବେଭାର କରୁଥିବାର ଗାଁର ମହିଲାମାନେ କହିଛନ୍। ସେମାନେ ଆହୁରି କହିଛନ୍ ଯେ, ଇ ନଲ୍‌ଟୁଆଁ ସମସିଆ ବାବ୍‌ଦେ ଜନସ୍ୱାସ୍ଥ୍ୟ ବିଭାଗ ଅଫିସକେ ଯାଇ ଦୁଇଥର ଅଭିଯୋଗ ପତର ଦେଇଛୁଁ। ମରାମତି କାମ୍ ହେଇଯିବା ବଲି ସେମାନେ କଥା ଦେଇଥିଲେ। ହେଲେ ଆଏଜ୍‌କେ ମାସେରୁ ଅଧିକା ହେଲା କାହାରି ଦେଖାଦରଶନ୍ ନାଇଁ ମିଲବାର ବଲି ସେମାନେ ଅଭିଯୋଗ କରିଛନ୍। ଆମେ ପାଏନ୍ ଲାଗି ବଡ଼ା ଗୁଲଗୁଲା ହେଉଛୁଁ, ଆଘ କେନାଲ ଆର ବଁଧର ପାଏନ୍ ଉପରେ ଭରସା କରୁଥିଲୁଁ। ହେଲେ ଏହେଦେ ସେ ସବୁ ଶୁଖା ପଡ଼ିଛେ। ଯେତେ ଜଲଦି ହେବା ପରଶାସନ ସମସିଆର ସମାଧାନ ଦିଗେ ପଦକ୍ଷେପ ନେଉ, ନାଇଁ ହେଲେ ଆଏବାର ଦିନେ ଉଲଗୁଲାନର ଡାକ୍‌ରା ଦିଆଯିବା ବଲି ଗାଁବାସୀ ଚେତାବନୀ ଦେଇଛନ୍। ଇତାର ବାହାରେ ଗାଁର ବଁଧ୍‌ର ପୁନରୁଧାର କରି ଥାୟୀଭାବେ ପାଏନ୍ ସମସିଆର ସମାଧାନ କରାଯାଉ, ରାସ୍‌ତାଘାଟ ମରାମତି କରାଯାଉ, ସର୍ଭେ କରି ହକ୍‌ଦାର ହିତାଧିକାରୀମାନକୁ ପେନସନ ଦେବାର ବେବସ୍‌ତା କରାଯାଉ ବଲି ଥାନୀୟ ମହିଳା ସଂଗଠନର ସଦସ୍ୟ ପୂର୍ଣ୍ଣିମା ମୁଣ୍ଡା ଦାବି କରିଛନ୍।



ମହିଳାମାନେ ନଲ୍‌ଟୁଆଁରୁ ପାଏନ୍ ନେବାରଲାଗି ଠିଆ ହେଇଛନ୍।

# ୪ବର୍ଷ ବିତିଲା, କଲ୍ୟାଣ ମଣ୍ଡପ କାମ ସରୁନି

■ ବଦଳିଲେଣି ୨ ଜିଲାପାଳ, ୪ କମିଶନର

**ସମ୍ବଲପୁର,୫।୬ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅଧୀନ ୪୦ ନଂ ୱାର୍ଡରେ ନିର୍ମାଣାଧୀନ କଲ୍ୟାଣମଣ୍ଡପ କାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ । ପ୍ରାୟ ୪ ବର୍ଷ ତଳେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ କାମ ମନ୍ଥର ଗତିରେ ଚାଲିଛି । ତେଣୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । କଲ୍ୟାଣମଣ୍ଡପ ନିର୍ମାଣ ହେଲେ ଲୋକମାନେ ବିବାହ, ବ୍ରତ ଭଳି ମାଙ୍ଗଳିକ ଓ ଅନ୍ୟ ସାମାଜିକ କାର୍ଯ୍ୟକ୍ରମରେ ବ୍ୟବହାର କରି ପାରିବେ ବୋଲି ଆଶା କରିଥିଲେ । ହେଲେ ତାହା ପୂରଣ ହୋଇ ପାରୁନାହି । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଅବହେଳା ଯୋଗୁ ଏଭଳି ପରିସ୍ଥିତି ହୋଇଥିବା ଅଭିଯୋଗ ହେଉଛି । ଏହି କାମକୁ ୨୦୧୪-୧୫ ଆର୍ଥିକ ବର୍ଷରେ ମହାନଗର ନିଗମ ପକ୍ଷରୁ ହାତକୁ ନିଆଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୫୦ ଲକ୍ଷ ଟଙ୍କାର ଅନୁଦାନରେ ଟେଣ୍ଡର ହୋଇ କାମ ହୋଇଥିଲା । ହେଲେ ସବୁ ଟଙ୍କା ଖର୍ଚ୍ଚ ହେବା ପରେ ମଧ କାମ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ପରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଓ ବ୍ଲକ ପ୍ରଶାସନ ପକ୍ଷରୁ କାମ କରାଯାଉଛି । ବିଦ୍ୟୁତ, ପାଣି, ପାଇଖାନା, ରେଷେଇ ଘର,



ସମ୍ବଲପୁର ମହାନଗର ନିଗମ ରାସନପୁରଠାରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ।

ମାଟି ପୋତିବା ଭଳି କାମ ଏବେ ମଧ ଚାଲିଛି । ଠିକାଦାରମାନେ କାମରେ ଧିମେଇ ଯାଇଥିବା ଅଭିଯୋଗ ହୋଇଛି । ତେବେ ଏହି ୪ ବର୍ଷ ଭିତରେ ବଳବନ୍ତ ସିଂ ଓ ସମର୍ଥ ବର୍ମାଙ୍କ ଭଳି ୨ ଜଣ ଜିଲାପାଳ ବଦଳିଛନ୍ତି । ସେହିପରି ୪ ଜଣ କମିସନର ମଧ ବଦଳିଛନ୍ତି । ହେଲେ କାମ ଅସମ୍ପୂର୍ଣ୍ଣ ହୋଇ ରହିଛି । ସୂଚନା ଯୋଗ୍ୟ ଯେ, ମହାନଗର ନିଗମ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ବୁର୍ଲା, ହୀରାକୁଦ ଓ ମାନେଶ୍ୱର ( ରାସନପୁର)ରେ ୩ଟି କଲ୍ୟାଣ ମଣ୍ଡପ ନିର୍ମାଣ କରବା ପାଇଁ ସ୍ଥିର ହୋଇଥିଲା । ଏହି କଲ୍ୟାଣ ମଣ୍ଡପ କାମ ସମ୍ପୂର୍ଣ୍ଣ ହେବା ପରେ ମହାନଗର ନିଗମ ପରିଚାଳନା କରିବ । କମ୍ ଭଡାରେ କଲ୍ୟାଣ ମଣ୍ଡପକୁ ଲୋକେ ବ୍ୟିହାର କରିପାରିବେ । ଅନ ଲାଇନ ଓ ମହାନଗର ଅଫିସରେ ବୁକିଂ କରିବାର ବ୍ୟବସ୍ଥା କରାଯାଇଥିଲା । ଏ ସମ୍ପର୍କରେ ମହାନଗର ନିଗମ ଡେପୁଟି କମିସନର ଶୁଭଙ୍କର ମହାନ୍ତିଙ୍କୁ ପଚାରିବାରୁ ବ୍ଲକ ପକ୍ଷରୁ କାମ କରାଯାଇଛି । ମହାନଗର ନିଗମ ପକ୍ଷରୁ ଶୀଘ୍ର କାମ ସାରିବାକୁ ବାରମ୍ବାର ଚିଠି କରାଯାଉଛି ବୋଲି ସେ କହିଛନ୍ତି ।



ତାଙ୍କ ନିକଟରେ ନିଜକୁ ସମର୍ପି ଦିଅ; ତାଙ୍କରି କରୁଣାରେ ତୁମ ଆତ୍ମା ପ୍ରସ୍ଫୁଟିତ ହେବ। ସେ ପରମେଶ୍ୱର ଏବଂ ତୁମର ସ୍ୱାମୀ, ତାଙ୍କ ପ୍ରତି ତୁମର ଶ୍ରଦ୍ଧା ଦ୍ୱାରା ହିଁ ତାଙ୍କର ଦର୍ଶନ ପାଇବ। ଏହି ଭାବକୁ ଧ୍ୟାନ କଲେ ପରମ ଶାନ୍ତି ପାଇବ।

- ରାମାନୁଜ



## ସଂକ୍ଷେପରେ

### ସାମୂହିକ ନମାଜ ପଢ଼ିଲେ, ଶୁଭେଚ୍ଛା ଜଣାଇଲେ

ବାମରା, ୫।୬ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରାସ୍ଥିତ ନୁରୀ ଜମା ମସଜିଦଠାରେ ମୁସଲିମ ସଂପ୍ରଦାୟର ମୁଖ୍ୟ ପର୍ବ ଇଦୁଲ ଫିତର ବୁଧବାର ପାଳିତ ହୋଇ ଯାଇଛି । ବୁଧବାର ସକାଳ ୮ରେ ବାମରାର ସମସ୍ତ ଇସଲାମ ଧର୍ମାବଲମ୍ବୀମାନେ ମସଜିଦଠାରେ ଏକତ୍ରିତ ହୋଇ ସାମୂହିକ ନମାଜ ପାଠ କରିଥିଲେ। ଏକ ମାସର ଉପବାସ (ରୋଜା) ରହିବା ପରେ ବୁଧବାର ସ୍ଥାନୀୟ ମୌଲାନା ଇଜହାର ଆଲମ ସମସ୍ତଙ୍କୁ ନମାଜ ପାଠ କରାଇ ଥିଲେ । ପରେ ସମସ୍ତେ ସମସ୍ତଙ୍କୁ ଆଲିଙ୍ଗନ କରି ଇଦର ମୁବାରକ ଜଣାଇଥିଲେ । ଏହା ସହିତ ମସଜିଦ ବାହାରେ ଗରିବ ଲୋକଙ୍କୁ ଦାନ ମଧ ପ୍ରଦାନ କରାଯାଇଥିଲା। ମାସକ ଅଲ୍ଲି ଖାନ, ଜାବେଦ ଅଲ୍ଲି, ସେକ ଇସାକ ରଜା, ୟୁସୁଫ ଖାଁନ, ଶେକ ଅହମ୍ମଦ, ଶେକ ନଶରତ, ଏମଡି ଅସଗର, ତନବିର ହସନ, ଫନଟୁସ ଖାନ, ଏମଡି ଅସଫାକ ଓ ଏମଡି ଫରିଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିନା ସର୍ଚ୍ଚ ୱାରେଣ୍ଟରେ ପୋଲିସର ଦାଦାଗିରି

ବ୍ରଜରାଜନଗର,୫।୬(ଡି.ଏନ.ଏ.)

ବ୍ରଜରାଜନଗର ଥାନା ଅନ୍ତର୍ଗତ ଭୁତବଙ୍ଗଳାଠାରେ ଥିବା ଆଦିତ୍ୟ ଧଳଙ୍କ ଘରେ ପଶି ଝାରସୁଗୁଡା ପୋଲିସ ଦାଦାଗିରି ଦେଖାଇ ହଇରାଣ କରୁଛି। ପ୍ରତିରୋଧ କରିବାରୁ ପରିବାରର ଜଣେ ସଦସ୍ୟଙ୍କ ନାମରେ ମିଥ୍ୟା ଅଭିଯୋଗ କରି ବାନ୍ଧି ନେଇଛି। କିଛି ମାସ ତଳେ ଖଲିଆକାନୀର ଜଣେ ନେତାଙ୍କ ସହିତ କିଛି ଯୁବକଙ୍କର ଗଣ୍ଡଗୋଳ ହୋଇଥିଲା। ସେମାନଙ୍କ ମଧରେ ଅମିତ ଧଳଙ୍କର ସମ୍ପର୍କୀୟ ଭାଇ ସାମିଲ ଥିବା ନେଇ ବିଟିଏମ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ସେହି କେସରେ ମଙ୍ଗଳବାର ମଧ ରାତ୍ରିରେ ବିଟିଏମ ଫାଣ୍ଡି ଅଧିକାରୀ ସସ୍ମିତା ମହାନ୍ତି ସଦଳବଳେ ଆଦିତ୍ୟ ଧଳଙ୍କ ଘରେ ପହଞ୍ଚି ଅଭିଯୁକ୍ତଙ୍କୁ ଖୋଜିଥିଲେ । ବିନା ସର୍ଚ୍ଚ ୱାରେଣ୍ଟରେ ମଧ ରାତ୍ରରେ ଘରେ ପଶି ଯୋତା ପିନ୍ଧି ପୂଜାଘରେ ଓ ରୋଷେଇ ଘର ଆଦି ପୋଲିସ ଖୋଜିଥିଲା । ପରିବାରର ମହିଳାମାନେ ଏହାକୁ ବିରୋଧ କରିବାରୁ ପୋଲିସ ସେମାନଙ୍କୁ ଧମକାଇବା ସମୟରେ ଅମିତ ଧଳ ଆସି ସର୍ଚ୍ଚ ୱାରେଣ୍ଟ ଦେଖାଇବା ପାଇଁ କହିଥିଲେ । ଏଥିରେ ପୋଲିସ ଉତକ୍ଷିପ୍ତ ହୋଇ ଅମିତଙ୍କୁ ଗିରଫ କରି ବ୍ରଜରାଜନଗର ଥାନାକୁ ନେଇଥିଲା। ଏ ନେଇ ବ୍ରଜରାଜନଗର ଥାନା ପୋଲିସ କହୁଛି ଯେ, ଝାରସୁଗୁଡା ପୋଲିସ ଗିରଫ କରିଛି। ଅନ୍ୟପକ୍ଷେ ବିଟିଏମ ଫାଣ୍ଡି ଅଧିକାରୀ ମହାନ୍ତି ଅମିତଙ୍କୁ ଗିରଫ କରି ନ ଥିବା କହିଛନ୍ତି । ସେମାନେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଅମିତଙ୍କ ଘରକୁ ଯାଇଥିଲେ ବୋଲି କହିଛନ୍ତି।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କିର୍ମିରା, ୫।୬ (ଡି.ଏନ.ଏ.)

ଆରଏମପିଏସ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏସଜିଡି ଖାନ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ହାଇସ୍କୁଲରେ ବରିଷ୍ଠ ଶିକ୍ଷକ ଯୁଗଳ କିଶୋର ପରୁଆଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ଖାନ ତାଙ୍କ ବିଦାୟକାଳୀନ ଭାଷଣରେ ସ୍କୁଲର ଉନ୍ନତି କାମନା କରିଥିଲେ । ଏହି ସଭାରେ ମୋହନଚରଣ ବେହେରା, ଶାନ୍ତିଲତା କିଶାନ, ଅନିତା କେରକେଟା, ଡାଏନା, ଶ୍ରଦ୍ଧାଞ୍ଜଳି ଲାକରା, ଲକ୍ଷ୍ମୀନାରାୟଣ ସରାଫ, ଜ୍ୟୋତିଷ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ, ଖାନ ଜଣେ ପ୍ରସିଦ୍ଧ ଗଣିତ ଶିକ୍ଷକ ଥିଲେ। ସେ ଜିଲାର ସମସ୍ତ ଗଣିତ ବିଭାଗ ତାଲିମ ଶିବିରରେ ପ୍ରଶିକ୍ଷକ ରୂପେ ଯୋଗ ଦେଉଥିଲେ ।

# ରୀତିନୀତିରେ ପତରପେଁଡି ସମ୍ପନ୍ନ







ବୁଧବାର ରାତିରେ ସମ୍ବଲପୁର ବାଲିବନ୍ଧାଠାରେ ସୋମନାଥ ବାବାଙ୍କ ବରପିତାଙ୍କଠାରୁ କନ୍ୟା ମାତାପିତା କନ୍ୟାଦାନ କରିବାକୁ ସଂକଳ୍ପ କରୁଛନ୍ତି (ବାମ)। ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପରେ ଝାଡୁଆପଡା ଲୋକନାଥ ବାବାଙ୍କ ପତରପେଡ଼ି (ମଝି)। ମୁଦିପଡା ପତରପେଡ଼ିରେ ଶୋଭାଯାତ୍ରା।



ଶୀତଳେଶ୍ୱର ବାବାଙ୍କ ନିର୍ବନ୍ଧ ଭାର ନିଆଯାଉଛି ।



ଗୁପ୍ତେଶ୍ୱର ବାବାଙ୍କ ନିର୍ବନ୍ଧ ଭାର ନିଆଯାଉଛି ।



ବୁଢ଼ାରଜା ମହାଦେବଙ୍କ ବରପିତା ସପ୍ତଋଷିଙ୍କ ସହ ନିର୍ବନ୍ଧ ଭାର ନେଇ କନ୍ୟା ମାତାପିତା ଘରକୁ ଯାଉଛନ୍ତି ।

ସମ୍ବଲପୁର, ୫।୬ (ବ୍ୟୁରୋ)

ପରମ୍ପରା ଓ ରୀତିନୀତିରେ କନ୍ୟା ଖୋଜା ପର୍ବ ତଥା ପତରପେଁଡି ବୁଧବାର ମଧ ରାତ୍ରିରେ ସଂପନ୍ନ ହୋଇଛି । ବର ପିତାଙ୍କଠାରୁ ୭୨ଟି ସର୍ଗିପତ୍ର ଗ୍ରହଣ କରି କନ୍ୟା ମାତାପିତା କନ୍ୟାଦାନ କରିବାକୁ ସଂକଳ୍ପ କରିଛନ୍ତି । ହରିବୋଲ, ହୁଳହୁଳି, ଘଣ୍ଟ, ଶଙ୍ଖରେ ଉଛୁଳି ପଡିଥିଲା କନ୍ୟା ମାତାପିତାଙ୍କ ବାସଭବନ । ନୂତନ ଧଳା ଗାମୁଛାରେ କନ୍ୟା ମାତାପିତା ସର୍ଗିପତ୍ର ଗ୍ରହଣ କରି ନିଜ ଠାକୁର ଘରେ ରଖିଥିଲେ । ସର୍ବ ପୁରାତନ ଶ୍ରୀଶ୍ରୀ ସୋମନାଥ ବାବା, ଝାଡୁଆପଡା ଶ୍ରୀଶ୍ରୀ ଲୋକନାଥ ବାବା, ମୁଦିପଡା ଶ୍ରୀଶ୍ରୀ ଜାଗେଶ୍ୱର ବାବା, ବଡବଜାର ଶ୍ରୀଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡା ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବା, ବୁଢ଼ାରଜା ମହାଦେବଙ୍କ ସମେତ ଛୋଟବଡ ଶୈବ ପୀଠର ପତରପେଡିଁ ସଂପନ୍ନ ହୋଇଛି । ପଣ୍ଡିତମାନଙ୍କ ମନ୍ତ୍ରାଚାରଣରେ ପତରପେଡିଁ ହୋଇଥିଲା । ନିର୍ବନ୍ଧ ଭାର ଓ ବରପକ୍ଷ ଅତିଥିଙ୍କୁ ସ୍ୱାଗତ କରି କନ୍ୟାପକ୍ଷ ଘର ଭିତରକୁ ପାଛୋଟି ନେଇଥିଲେ । ଆତସବାଜି, ରୋଷଣି, ଦୁଲଦୁଲି ବଜା, କିନ୍ନରଙ୍କ ନୃତ୍ୟ, ବାଡିଖେଳରେ ଦୁଲକି ଉଠିଥିଲା ସମ୍ବଲପୁର ରାଜରାସ୍ତା । ଗୁରୁବାର ସାକ୍ଷୀ ଗୋପିନାଥ ଶିବପାର୍ବତୀଙ୍କ ବିବାହ ଉତ୍ସବରେ ସାକ୍ଷୀ ହେବାକୁ ନନ୍ଦପଡା ବମ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ପୀଠରେ ପହଞ୍ଚିବେ। ଏଥିସହ ବୀର ହନୁମାନ ସୁସଜ୍ଜିତ ବିମାନରେ ଆରୁଢ଼ ହୋଇ ଦେବୀଦେବାଙ୍କୁ ନିମନ୍ତ୍ରଣ କରିବାର ରୀତି ରହିଛି ।

**ସୋମନାଥ ବାବା–**ସୋମନାଥ ବାବାଙ୍କ ବରପିତା ଗୋପିନାଥ ନାୟକ ନିର୍ବନ୍ଧ ଭାର ନେଇ ସପ୍ତରଷିଙ୍କ ସହ ବାଲିବନ୍ଧା କନ୍ୟା ମାତା ହେମାଙ୍ଗିନୀ ଓ କନ୍ୟାପିତା ରମଣୀରଞ୍ଜନ ଆଚାର୍ଯ୍ୟଙ୍କ ବାସଭବନରେ ପହଞ୍ଚିଥିଲେ । ପଣ୍ଡିତ ମନୋବୋଧ ପାଢ଼ୀଙ୍କ ମନ୍ତ୍ରୋଚାରଣରେ ପତରପେଡିଁ ହୋଇଥିଲା। ଶ୍ରୀ ଶ୍ରୀ ସୋମନାଥ ଟ୍ରଷ୍ଟବୋର୍ଡ ସଭାପତି ନିହାର ରଞ୍ଜନ ବହିଦାର, ଯାତ୍ରା କମିଟି ସଭାପତି ପ୍ରଶାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବନାରାୟଣ ପାଣିଗ୍ରାହୀ, ବୃହସ୍ପତି ସ୍ୱାଇଁ, ଲୋକନାଥ ପାଣ୍ଡେ, ଅରକ୍ଷୀତ ନାୟକ, ବସନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ଲୋକନାଥ ବାବା–** ସୁସଜ୍ଜିତ ବିମାନରେ ଝାଡୁଆପଡାର ଶ୍ରୀ ଶ୍ରୀ ଲୋକନାଥ ବାବାଙ୍କ ବରପିତା ସନ୍ତୋଷ ସୁପକାର ପିତ୍ତଳ ଥାଳରେ ଶାଳପତ୍ର ଓ ପୂଜା ସାମଗ୍ରୀ ନେଇ ମନ୍ଦିର ସମ୍ମୁଖରୁ ବାହାରିଥିଲେ। ସପ୍ତରଷିମାନେ ମଧ ସୁସଜ୍ଜିତ ବିମାନରେ ସାମିଲ ହୋଇଥିଲେ । ରାତିରେ କନ୍ୟା ମାତାପିତାଙ୍କ ଅସ୍ଥାୟୀ ବାସଭବନ କମଲିବଜାର ପାଟଣେଶ୍ୱରୀ ମଣ୍ଡପରେ ପହଞ୍ଚିଥିଲେ । ବରପିତା ଓ ସପ୍ତରଷିଙ୍କୁ କନ୍ୟାମାତାପିତା ସମିତା ଓ ଅମୀୟ ମୁଣ୍ଡ ଭିତରକୁ ପାଛୋଟି ନେଇଥିଲେ । ପଣ୍ଡିତ ମହେନ୍ଦ୍ର ପୂଜାରୀ ନିର୍ବନ୍ଧ ପୂଜାର୍ଚ୍ଚନା ଓ ହୋମ କରିଥିଲେ । ମନ୍ଦିର ପୂଜକ ରାମନାଥ ମହାପାତ୍ର ସହଯୋଗ କରିଥିଲେ। ଯାତ୍ରା କମିଟି ସଭାପତି ସରୋଜ ଦଲପତ, ସାଧାରଣ ସଂପାଦକ ସଞ୍ଜୟ ମିଶ୍ର, ଉପସଭାପତି ସୁଶାନ୍ତ ପୁରୋହିତ, କୈବଲ୍ୟ ମହାକୁଡ, ସୀତାକାନ୍ତ ପାଣିଗ୍ରାହୀ, ଅଭିଷେକ ମିଶ୍ର, ଶୁଭେନ୍ଦୁ ମିଶ୍ର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ । ବିଭିନ୍ନ ବାଦ୍ୟ ସାମିଲ ହୋଇଥିଲା ।

**ଜାଗେଶ୍ୱର ବାବା–**ମୁଦିପଡା ଶ୍ରୀ ଶ୍ରୀ ଜାଗେଶ୍ୱର ବାବାଙ୍କ ବରପିତା ମଧୁସୂଦନ ନେଗୀ ସୁସଜ୍ଜିତ ବିମାନରେ ସପ୍ତରଷିଙ୍କ ସହ ମାହାନ୍ତିପଡା କନ୍ୟା ମାତାପିତା ଜାଗୃତି ଓ ରାଜେଶ ଚନ୍ଦ୍ର ବହିଦାରଙ୍କ ବାସଭବନରେ ପହଞ୍ଚି ଥିଲେ । ଏହାପରେ ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପୂଜକ ଗୋବିନ୍ଦ ପଣ୍ଡା ସହଯୋଗ କରିଥିଲେ । ଅରବିନ୍ଦ ମହାପାତ୍ର, ଶଶିଭୂଷଣ ତ୍ରିପାଠୀ,ଜୟନାରାୟଣ ବେହେରା, ଶାନ୍ତନୁ ପାଣିଗ୍ରାହୀ, ସଞ୍ଜୀବ ଷଡଙ୍ଗୀ, ରଞ୍ଜନ କୁମାର ପଣ୍ଡା, ଦିଲୀପ କୁମାର ଦାଶ ସପ୍ତରଷି ଭାବେ ସାମିଲଥିଲେ । ଯାତ୍ରା କମିଟି ସଭାପତି ସୁନୀଲ ଦାଶ, ସମ୍ପାଦକ ଗତିକୃଷ୍ଣ ଷଡଙ୍ଗୀ, ସୁଧିର କୁମାର ପଣ୍ଡା, ଈଶ୍ୱର ନନ୍ଦ, ନୃସିଂହ ଦାସ, ଜଗଦିଶ ପଣ୍ଡା, ଖଡିରତ୍ନ ବେହେରା, ଜିତୁ କର୍ଣ୍ଣ, ଅକ୍ଷୟ ପ୍ରଧାନ, ବିଶ୍ୱମ୍ଭର ବହିଦାର, ଅଶୋକ ପଟେଲ, ବ୍ୟୋମକେଶ ପଣ୍ଡା ଶୋଭାଯାତ୍ରା ପରିଚାଳନା କରିଥିଲେ।

**ଶୀତଳେଶ୍ୱର ବାବା–**ବଡବଜାରର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବାଙ୍କ ବରପିତା ଜଗଦୀଶ ପ୍ରସାଦ କାଲାନୁରିଆ ନିର୍ବନ୍ଧ ଭାର ସପ୍ତରଷିଙ୍କ ସହ ପଧାନପଡା କନ୍ୟା ମାତାପିତାଙ୍କ ବାସଭବନରେ ପହଞ୍ଚିଥିଲେ । ମନ୍ଦିର ପୂଜକ ବଡମାଳୀ ପୂଜାର୍ଚ୍ଚନା କରିଥିଲେ । ନୀଳାମ୍ବର ପଣ୍ଡା, ସୁରେନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ମହାକୁର, ଡମ୍ବରୁଧର ପ୍ରଧାନ, ଅମରେଶ ମିଶ୍ର, ସୁବ୍ରତ ପଣ୍ଡା, ତ୍ରିଲୋଚନ ସରାଫ ସପ୍ତରଷି ଥିଲେ ।



ସିନ୍ଦୂରପଙ୍କ ତାରକେଶ୍ୱର ବାବାଙ୍କ ପତରପେଡିଁ ।



ଭତରାସ୍ଥିତ ଶଙ୍କରମଠ ବାବାଙ୍କ ପତରପେଡିଁ ।

### ଆଜି ହନୁମାନ ନିଉଁତା

■ ବିବାହରେ ସାକ୍ଷୀ ହେବାକୁ ସାକ୍ଷୀଗୋପୀନାଥଙ୍କ ଆଗମନ

ଯାତ୍ରା କମିଟି ସଭାପତି ସୁରେନ୍ଦ୍ର ମହାନ୍ତି, ସମ୍ପାଦକ ସରୋଜ କୁମାର ସାହୁ, କୋଷାଧ୍ୟକ୍ଷ ପଞ୍ଚାନନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ଗୁପ୍ତେଶ୍ୱର ବାବା–**ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ବରପିତା ଶିବ ପ୍ରସାଦ ଦୋରା ନିର୍ବନ୍ଧ ଭାର ନେଇ ଦାନୀପାଲି ବାସିନ୍ଦା କନ୍ୟାମାତା ସନ୍ତୋଷିନୀ ଓ ପିତା ସୁବାଷ ଚନ୍ଦ୍ର ଦେହୁରିଙ୍କ ଘରେ ପହଞ୍ଚିଥିଲେ । ପଣ୍ଡିତ ଆଶୁତୋଷ ପୁରୋହିତ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପୂଜକ ଲୋକନାଥ ମହାପାତ୍ର ସହଯୋଗ କରିଥିଲେ। ଭବାନୀଶଙ୍କର ବାବୁ, ପ୍ରଫୁଲ୍ଲ ପ୍ରଧାନ, ବଳରାମ ଜାଲ, ସଦାଶିବ ମହାକୁର, ଜଗଦୀପ ସିଂ, ଚୂଡାମଣୀ ବାରିକ, ବିଷ ଦୋରା ସପ୍ତରଷି ଭାବେ ରହିଥିଲେ । କମିଟି ସଭାପତି ଶିବ ପ୍ରଧାନ, ସଂପାଦକ ସନ୍ତୋଷ ବାଗ ଓ ଆନନ୍ଦ ଜାଲ ଶୋଭାଯାତ୍ରା ପରିଚାଳନା କରିଥିଲେ ।

**ବୁଢ଼ାରଜା ମହାଦେବ–** ଶ୍ରୀ ଶ୍ରୀ ବୁଢ଼ାରଜା ମହାଦେବଙ୍କ ବରପିତା ପ୍ରଦୀପ ମେହେର ନିର୍ବନ୍ଧ ଭାର ନେଇ ପଣ୍ଡିତ ଲକ୍ଷ୍ମୀନାରାୟଣ ଗଳି ନିବାସୀ ସସ୍ମିତା ଓ ଶ୍ରୀମନ୍ତ ଦାଶଙ୍କ ବାସଭବନରେ ପହଞ୍ଚିଥିଲେ। ମନ୍ଦିର ପୂଜକ ରାଜା ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାଜେଶ ସିଂ, ସୁଶୀଲ ପଣ୍ଡା, ରାଜେଶ ଗିରି, ସତ୍ୟନାରାୟଣ ପଣ୍ଡା, ଅକ୍ଷୟ ପୁରୋହିତ, ଗୌରି ଶଙ୍କର, ବିମଳ ପୁରୋହିତ ସପ୍ତରଷି ଥିଲେ । ସତ୍ୟବାଦୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ଶଙ୍କରମଠ ବାବା:**ଭତରା ଶଙ୍କମଠବାବାଙ୍କ ବୁଧବାର ପତରପେଡିଁ ସମ୍ପୂର୍ଣ୍ଣ ହୋଇଯାଇଛି । ଏବେ ବିବାହକୁ ଅପେକ୍ଷା କରିଛନ୍ତି କନ୍ୟା ପରିବାର । ମନ୍ଦିର କମିଟି ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ବାହାରି କୁଲୁଥକାନୀସ୍ଥିତ କନ୍ୟା ମାତା ପିତା ସଞ୍ଜୟ ଖଣ୍ଡେଲୱାଲ ଓ ସଞ୍ଜୟଙ୍କ ଘରକୁ ଯାଇଥିଲେ । ମାତା ପାର୍ବତୀଙ୍କ ପାଇଁ ସୁନା ଓ ରୁପା ଅଳଙ୍କାର ଓ ପୂଜା ସମଗ୍ରୀ ଥିବା ଥାଳକୁ କନ୍ୟା ପିତାମାତା ଗ୍ରହଣ କରିଥିଲେ । ସାଂସ୍କୃତିକ ଶୋଭାଯାତ୍ରାରେ କୀର୍ତ୍ତନ୍ୟ, ଦୁଲଦୁଲି ବଜା, ସମ୍ପ୍ରଦା, ଶବର ନାଚ ସାମିଲ ହୋଇଥିଲା ।

**ସିନ୍ଦୂରପଙ୍କ ତାରକେଶ୍ୱର ବାବା**

ସହର ଉପକଣ୍ଠ ସିନ୍ଦୂରପଙ୍କ ତାରକେଶ୍ୱର ବାବାଙ୍କ ପତରାପେଡିଁ ସମ୍ପନ୍ନ ହୋଇଛି। ପଣ୍ଡିତ ସୁଶାନ୍ତ ସାହୁ ମନ୍ଦିରରେ ମହାଦେବଙ୍କ ପୂଜା ଅର୍ଚ୍ଚନା କରିବା ପରେ ଶୋଭାଯାତ୍ରା ବାହାରିଥିଲା । ମହାଦେବଙ୍କ ପିତା ନିମାଇଁ ଚରଣ ନନ୍ଦ ଶାଳ ପତ୍ର, ବେଲପତ୍ର , ପଦ୍ମଫୁଲ, ଚନ୍ଦନ, କର୍ପୁର ଭରା ପୂଜା ଥାଳି ନେଇ ବାହରିଥିଲେ । ସାଙ୍ଗରେ ୭ ଜଣ ବ୍ରାହ୍ମଣ ସପ୍ତରଷୀ ଭାବେ ଯାଇଥିଲେ । କନ୍ୟା ଘର ପକ୍ଷରୁ କଳସ ସ୍ଥାପନ କରି ବର ପକ୍ଷକୁ ସ୍ୱାଗତ କରାଯାଇଥିଲା। ମହାଦେବଙ୍କ ଗୁଣଗାନ କଲାପରେ କନ୍ୟା ମାତାପିତା ବୀରେନ୍ଦ୍ର ଧର ଓ ବୀଣାପାଣି ବିବାହ ପାଇଁ ରାଜି ହୋଇଥିଲେ । ପରେ ସାଙ୍ଗରେ ନେଇଥିବା ଥାଳିକୁ କନ୍ୟା ମାତାପିତାଙ୍କ ହାତରେ ଦେଇଥିଲେ।

**ରେଙ୍ଗାଲିର ଓଁକାରେଶ୍ୱରାୟ ବାବାଙ୍କ ପତରପେଡିଁ**

ଚଳିତ ବିଶ୍ୱକପ୍‌ରେ ଗୁରୁବାର ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସ୍ଥାନୀୟ ଟ୍ରେଣ୍ଟ ବ୍ରିଜ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉଭୟ ଦଳ ପାଇଁ ଗୁରୁତ୍ୱବହନ କରୁଛି। ୱେଷ୍ଟଇଣ୍ଡିଜ ଏବେ ବିପଜ୍ଜନକ ଦଳ ଭାବେ ଉଭା ହୋଇଛି। ତେଣୁ ଅଷ୍ଟ୍ରେଲିଆ ଅଧିନାୟକ ଆରୋନ ଫିଞ୍ଚ୍ ୱେଷ୍ଟଇଣ୍ଡିଜର ବିପଜ୍ଜନକ ଖେଳ ନେଇ ଚିନ୍ତିତ ଅଛନ୍ତି। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ତା'ର ପ୍ରଥମ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୭ ଉଇକେଟରେ ହରାଇ ଅଭିଯାନ ଆରମ୍ଭ କରିଛି। ଅନ୍ୟପଟେ ୱେଷ୍ଟଇଣ୍ଡିଜ ତା'ର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ମାତ୍ର ୧୦୫ ରନରେ ଅଲ୍‌ଆଉଟ କରି ବିପର୍ଯ୍ୟୟ ଘଟାଇବା ସହ ବିଜୟରୁ ଅଭିଯାନ ଆରମ୍ଭ କରିଛି।

ୱେଷ୍ଟଇଣ୍ଡିଜ ଅଭିଜ୍ଞ ଓପନର କ୍ରିସ୍ ଗେଲଙ୍କ ବିସ୍ଫୋରକ ବ୍ୟାଟିଂ ପ୍ରତି ଅଷ୍ଟ୍ରେଲିଆ ସତର୍କ ରହିଛି। ୱେଷ୍ଟଇଣ୍ଡିଜ ଏକ ବିପଜ୍ଜନକ ଦଳ ବୋଲି ଫିଞ୍ଚ୍ କହିଛନ୍ତି। ପ୍ରଥମେ ବୋଲିଂ ହେଉ କି ବ୍ୟାଟିଂ ହେଉ ବିଜୟରୁ ଅଭିଯାନ ଆରମ୍ଭ କରିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଇନିଂସର ପ୍ରଥମ ୧୦ ଓଭର ବେଶ୍ ଗୁରୁତ୍ୱବହନ କରୁଛି। ଏଥିରେ ୱେଷ୍ଟଇଣ୍ଡିଜ ବେଶ୍ ଉଚ୍ଚକୋଟୀର ବୋଲିଂ କରିଥାଏ। ଅନ୍ୟପଟେ ଯଦି ଆମେ ପ୍ରଥମେ ଭଲ ଆରମ୍ଭ କରୁ ତାହାଲେ ଆମେ ବଡ଼ ସ୍କୋର ହାସଲ କରିବୁ। ଧୈର୍ଯ୍ୟର ସହ ଖେଳିଲେ ଆମେ ୱେଷ୍ଟଇଣ୍ଡିଜ ଉପରେ ପ୍ରଭାବ ବିସ୍ତାର କରିପାରିବୁ ବୋଲି ଫିଞ୍ଚ୍ କହିଛନ୍ତି। ଟ୍ରେଣ୍ଟବ୍ରିଜ୍‌ର ଏହି ଗ୍ରାଉଣ୍ଡରେ ଇଂଲଣ୍ଡ ଗତବର୍ଷ ଦିନିକିଆର ସର୍ବାଧିକ ସ୍କୋର ୬ ଉଇକେଟ ହରାଇ ୪୮୧ ରନ ସଂଗ୍ରହ କରିଥିଲା। ତେଣୁ ଏହି ମ୍ୟାଚ୍ ହାଇସ୍କୋରିଂ ହେବ ବୋଲି ସେ ଆଶା କରୁଛନ୍ତି। ଦକ୍ଷତା ଅନୁରୂପ ଖେଳିଲେ ଆମେ ୱେଷ୍ଟଇଣ୍ଡିଜକୁ ହରାଇ ପାରିବୁ ବୋଲି ଫିଞ୍ଚ୍ କହିଛନ୍ତି।

# ଅଷ୍ଟ୍ରେଲିଆ-ୱେଷ୍ଟଇଣ୍ଡିଜ ମ୍ୟାଚ୍ ଆଜି

**ନଟିଂହାମ, ୫।୬**

ଚଳିତ ଆଇସିସି ବିଶ୍ୱକପ୍‌ର ୧୦ମ ମ୍ୟାଚ୍‌ରେ ଗୁରୁବାର ଦୁଇ ଶକ୍ତିଶାଳୀ ଦଳ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ପରସ୍ପରକୁ ଭେଟିବେ। ଉଭୟ ଦଳ ବିଶ୍ୱକପ୍‌ରେ ବିଜୟରୁ ସେମାନଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ଦଳ ବ୍ରିଷ୍ଟଲରେ ଖେଳାଯାଇଥିବା ମ୍ୟାଚ୍‌ରେ ୭ ଉଇକେଟ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲା। ସେହିଭଳି ୱେଷ୍ଟଇଣ୍ଡିଜ ମଧ ଏହାର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ୭ ଉଇକେଟ୍‌ରେ ସମାନ ବ୍ୟବଧାନରେ ହରାଇଥିଲା। ତେଣୁ ଉଭୟ ଦଳ ଏହି ମ୍ୟାଚ୍‌ରେ ବିଜୟ ଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛନ୍ତି।

ଗତବର୍ଷ ଅଳ୍ପକେ ବିଶ୍ୱକପ୍‌କୁ ଯୋଗ୍ୟତା ହାସଲ କରିଥିବା ଜାସନ ହୋଲ୍ଡରଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ ଦଳକୁ ଡୋରେନ ବ୍ରାଭୋ, କ୍ରିସ ଗେଲ୍‌ଙ୍କ ପରି ବହୁ ଅଭିଜ୍ଞ ଖେଳାଳି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫଳରେ ୱେଷ୍ଟଇଣ୍ଡିଜ ଏକ ମଜଭୁତ୍ ଦଳ ଭାବେ ବିଶ୍ୱକପ୍‌ରେ ପ୍ରବେଶ କରିଛି। ସାଧାରଣତଃ ଏକ ଟି୨୦ ଭିତ୍ତିକ ଦଳ ଭାବେ ପରିଚିତ ୱେଷ୍ଟଇଣ୍ଡିଜ ନଟିଂହାମ ପରି ଫ୍ଲାଟ୍ ପିଚ୍‌ରେ ବିସ୍ଫୋରକ ବ୍ୟାଟିଂ ପରି ସମାନ ଷ୍ଟ୍ରାଟେଜୀ ଆପଣେଇପାରେ। ପୂର୍ବରୁ ବିଶ୍ୱକପ୍‌ର ୱାର୍ମଅପ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ବୋଲିଂ ବାହିନୀକୁ ନିର୍ଦ୍ଧୁମ ପ୍ରହାର କରି ୱେଷ୍ଟଇଣ୍ଡିଜ ୪୨୧ ରନ ସଂଗ୍ରହ କରିଥିଲା। ଗେଲ୍, ଏଭିନ୍ ଲୁଇସ, ସାଇ ହୋପ୍, ଆନ୍ଦ୍ରେ ରସେଲ, ସିମରନ ହେଟ୍‌ମେୟରଙ୍କ ପରି ବ୍ୟାଟ୍ସମ୍ୟାନଙ୍କୁ ନେଇ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ଼ ରହିଛି। କିନ୍ତୁ ମିଚେଲ୍ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ, ନାଥନ କ୍ଲଟର୍-ନିଲ, ଆଡାମ ଜାମ୍ପାଙ୍କ ପରି ଅଷ୍ଟ୍ରେଲିଆର ଏକ କ୍ୱାଲିଟି ବୋଲିଂ ବାହିନୀ ୱେଷ୍ଟଇଣ୍ଡିଜ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ।

ଟାଇଟଲ୍ ଦୌଡ଼ରେ ରହିଥିବା ଅଷ୍ଟ୍ରେଲିଆ ବିଶ୍ୱକପ୍ ପୂର୍ବରୁ ଭାରତ ଓ ପାକିସ୍ତାନ ବିପକ୍ଷରେ ୮ଟି ଦିନିକିଆ ମ୍ୟାଚ୍ ଜିତିଥିଲା। ଆଫଗାନିସ୍ତାନକୁ ପ୍ରଥମ ମ୍ୟାଚ୍‌ରେ ହରାଇବା ପରେ ଦଳ ଅପରାଜେୟ ଧାରା ୯ରେ ପହଞ୍ଚିଛି। ଷ୍ଟିଭ ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କ ପରି ଦକ୍ଷ ବ୍ୟାଟ୍ସମ୍ୟାନ ଏକ ବର୍ଷର ବ୍ୟବଧାନ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଅଷ୍ଟ୍ରେଲିଆ ବ୍ୟାଟିଂ ଲାଇନ୍‌ଅପ୍ ସୁଦୃଢ଼ ହୋଇଛି। ଅଧିନାୟକ ଆରୋନ୍ ଫିଞ୍ଚ୍‌ଙ୍କ ସମେତ ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ ବଡ଼ ଶଟ୍ ଖେଳିବାର କ୍ଷମତା ରଖିଛନ୍ତି। ଉଭୟ ବ୍ୟାଟିଂ ଓ ବୋଲିଂରେ ଅଷ୍ଟ୍ରେଲିଆ ବାଲାନ୍ସ ବହୁତ ଭଲ ରହିଛି। ତେଣୁ ଏଠାରେ ଏକ ରୋମାଞ୍ଚକ ମ୍ୟାଚ୍ ହେବ ବୋଲିଂ ଆଶା କରାଯାଉଛି।

**ଅଷ୍ଟ୍ରେଲିଆ ଦଳ:** ଆରୋନ୍ ଫିଞ୍ଚ୍ (ଅଧିନାୟକ), ଡେଭିଡ୍ ୱାର୍ନର, ଉସମାନ ଖ୍ୱାଜା, ଷ୍ଟିଭ୍ ସ୍ମିଥ୍, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ, ଆଲେକ୍ସ କେରୀ, କେନ୍ ରିଚାର୍ଡଶନ୍, ପ୍ୟାଟ୍ କୁମିନ୍ସ, ନାଥନ କଲ୍ଟର-ନିଲ, ମିଚେଲ ଷ୍ଟାର୍କ, ଜାସନ ବେହରାନଡ୍ରଫ୍, ଆଡାମ ଜାମ୍ପା, ନାଥନ ଲିୟନ।

**ୱେଷ୍ଟଇଣ୍ଡିଜ ଦଳ:** ଜାସନ ହୋଲ୍ଡର (ଅଧିନାୟକ), କ୍ରିସ ଗେଲ, ଏଭିନ୍ ଲୁଇସ୍, ଆନ୍ଦ୍ରେ ରସେଲ, ଆସଲେ ନର୍ସ, କାର୍ଲୋସ ବାର୍ଥୱେଟ୍, ଡାରେନ ବ୍ରାଭୋ, କେମାର ରୋଚ୍, ନିକୋଲାସ ପୁରାନ, ସାଇ ହୋପ୍, ଶାନନ ଗ୍ରାବିଏଲ୍, ସେଲଡନ୍ କର୍ଟେଲ, ସିମରନ ହେଟ୍‌ମେୟର।

### ବିଶ୍ୱକପ ରେକର୍ଡ

- ମୋଟ୍ ମ୍ୟାଚ୍- ୯
- ଅଷ୍ଟ୍ରେଲିଆ ଜିତିଛି- ୪
- ୱେଷ୍ଟଇଣ୍ଡିଜ ଜିତିଛି- ୫
- ଟାଇ- ୦
- ବିନା ଫଳାଫଳ- ୦

## ଫ୍ୟାନ୍ କର୍ଣ୍ଣର







ଦକ୍ଷିଣ ଆଫ୍ରିକା ମ୍ୟାଚ ଅବସରରେ ଦୁଇ ଭାରତୀୟ ପ୍ରଶଂସକ




## ସଂକ୍ଷେପରେ

### ସିନ୍ଧୁ, ସମୀରଙ୍କ ବିଜୟ ଅଭିଯାନ

ସିଡ୍‌ନୀ,୫।୬(ପିଟି)- ଭାରତୀୟ ଷ୍ଟାର ଶଟ୍‌ଲର ପି.ଭି. ସିନ୍ଧୁ ଓ ସମୀର ବର୍ମା ଏଠାରେ ଚାଲିଥିବା ଦେଢ଼ ଲକ୍ଷ ପୁରସ୍କାର ରାଶିବିଶିଷ୍ଟ ଅଷ୍ଟ୍ରେଲିଆ ଓପନ୍ ୱାର୍ଲ୍ଡ ଟୁର୍ ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଅଲିମ୍ପିକ୍ ତଥା ୨୦୧୭ ଓ ୨୦୧୮ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକଧାରୀ ସିନ୍ଧୁ ୨୧-୧୪, ୨୧-୯ ଗେମ୍‌ରେ ଇଣ୍ଡୋନେସିଆର ଚୋଇରୁନ୍ନିସାଙ୍କୁ ଏକତରଫା ମ୍ୟାଚ୍‌ରେ ହରାଇ ଦେଇଛନ୍ତି। ବିଶ୍ୱର ଏହି ୫ମ ର୍‍ୟାଙ୍କ୍ ଖେଳାଳି ପରବର୍ତ୍ତୀ ମ୍ୟାଚ୍‌ରେ ଥାଇଲାଣ୍ଡର ନିଚାନ ଜିନ୍ଦପଲଙ୍କୁ ଭେଟିବେ। ପୁରୁଷ ସିଙ୍ଗଲ୍ସ ବର୍ଗରେ ୬ଷ୍ଠ ସିଡ୍ ସମୀର ୨୧-୧୫, ୧୬-୨୧, ୨୧-୧୨ ବ୍ୟବଧାନରେ ମାଲେସିଆର ଜି.ଲି. ଜିଆଙ୍କୁ ହରାଇ ପ୍ରତିଶୋଧ ନେଇଛନ୍ତି। ସମାନ ଖେଳାଳିଙ୍କଠାରୁ ସୁଦିରମାନ କପ୍‌ରେ ଭାରତୀୟ ଖେଳାଳି ପରାସ୍ତ ହୋଇଥିଲେ। ୨୫ ବର୍ଷୀୟ ସମୀର ଦ୍ୱିତୀୟ ରାଉଣ୍ଡରେ ଚାଇନିଜ୍ ତାଇପେର ୱାଙ୍ଗ ଜୁ ୱେଇଙ୍କ ସହ ମୁକାବିଲା କରିବେ। ପୂର୍ବତନ ସିଙ୍ଗାପୁର ଓପନ ଚାମ୍ପିୟନ ବି. ସାଇ ପ୍ରଣୀଥ କୋରିଆର ଲି ଡଙ୍ଗ କେଉନଙ୍କୁ ୨୧-୧୬, ୨୧-୧୪ ଗେମ୍‌ରେ ହରାଇ ଦେଇଛନ୍ତି। ସେ ଦ୍ୱିତୀୟ ସିଡ୍ ଆଣ୍ଟୋନୀ ସିନିସୁକା ଗିଣ୍ଟିଂଙ୍କ ସହ ମୁକାବିଲା କରିବେ।

### ଇନ୍‌ଫାଣ୍ଟିନୋ ପୁଣି ଫିଫା ସଭାପତି

ପ୍ୟାରିସ୍, ୫।୬(ପିଟି)- ଜିଆନି ଇନ୍‌ଫାଣ୍ଟିନୋ ବୁଧବାର ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା 'ଫିଫା'ର ସଭାପତି ଭାବେ ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଛନ୍ତି। ଏଠାରେ ଅନୁଷ୍ଠିତ ଫିଫା କଂଗ୍ରେସ ନିର୍ବାଚନ ପ୍ରକ୍ରିୟାରେ ସେ ସଭାପତି ପଦରେ ପୁନଃ ନିର୍ବାଚିତ ହୋଇଛନ୍ତି। ୨୦୧୬ ଫେବୃୟାରୀରେ ଫିଫା ସଭାପତି ଭାବେ ଦାୟିତ୍ୱ ନେଇଥିବା ୪୯ ବର୍ଷୀୟ କ୍ରୀଡ଼ା ପ୍ରଶାସକ ଇନ୍‌ଫାଣ୍ଟିନୋ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ୪ ବର୍ଷ ପାଇଁ ପୁଣି ନିର୍ବାଚିତ ହୋଇଛନ୍ତି। ସେ ୨୦୨୩ ପର୍ଯ୍ୟନ୍ତ କାର୍ଯ୍ୟଭାର ତୁଲାଇବେ। ଇନ୍‌ଫାଣ୍ଟିନୋଙ୍କ କାର୍ଯ୍ୟକାଳରେ କୌଣସି ଦୁର୍ନୀତି ହୋଇଥିବାବେଳେ ଆର୍ଥିକ ସଙ୍କଟରୁ ଫିଫା ମୁକ୍ତ ହୋଇଛି।

### ପରିବେଶଭିତ୍ତିକ ହେବ ସାଇର ସମସ୍ତ ଷ୍ଟାଡିୟମ

ନୂଆଦିଲ୍ଲୀ,୫।୬(ପିଟି)- ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ସମସ୍ତ ଷ୍ଟାଡିୟମ ଓ ଏକାଡେମୀ ପରିବେଶଭିତ୍ତିକ ହେବ ବୋଲି ନୂଆ କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ ବୁଧବାର ଘୋଷଣା କରିଛନ୍ତି। ବିଶ୍ୱ ପରିବେଶ ଦିବସ ଅବସରରେ ରିଜିଜୁ ଏଭଳି ସ୍ପଷ୍ଟ କରିଛନ୍ତି। ଦୀର୍ଘ ମିଆଦୀ ଯୋଜନାର ଏହା କେବଳ ଆରମ୍ଭ। ଆମେ ସାଇ ଷ୍ଟାଡିୟମ ଓ ଏକାଡେମୀରେ ଆହୁରି ବୃକ୍ଷ ରୋପଣ କରିବୁ। ଆମର ସମସ୍ତ ସଂସ୍ଥା ପରିବେଶଭିତ୍ତିକ ହେବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

## ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ

# କଳିଙ୍ଗରେ ଆଜିଠାରୁ ହକି ରୋମାଞ୍ଚ

**ଭୁବନେଶ୍ୱର,୫।୬(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସିରିଜ ଫାଇନାଲ୍ସ। ୨୦୨୦ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାକୁ ଭାରତ ପାଇଁ ଏହି ଟୁର୍ଣ୍ଣାମେଣ୍ଟ ପ୍ରଥମ ପାହାଚ ସଦୃଶ ହୋଇଛି। ନୂଆ କୋଚ୍ ଗ୍ରାହମ ରିଡ୍‌ଙ୍କ ତତ୍ତ୍ୱାବଧାନରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଫେଭରାଇଟ ବିବେଚିତ ହେଉଛି ଓ ଭାରତ ପ୍ରଥମଥର ପାଇଁ କୌଣସି ମେଜର ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯାଉଛି।

ଏସିଆ, ୟୁରୋରପ, ଆଫ୍ରିକା ଓ ଉତ୍ତର ଆମେରିକାରୁ ୮ଟି ଦଳ ଏଫ୍‌ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟର୍ସର ଦୁଇଟି ସ୍ଥାନ ପାଇଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଏହି ଅଲିମ୍ପିକ୍ସ କ୍ୱାଲିଫାୟର୍ସ ଚଳିତ ବର୍ଷ ଅକ୍ଟୋବର-ନଭେମ୍ବର ମାସରେ ଖେଳାଯିବ। ଭାରତ ସମେତ ପୋଲାଣ୍ଡ, ରୁଷିଆ ଓ ଉଜ୍‌ବେକିସ୍ତାନ ପୁଲ୍ ଏ'ରେ ସ୍ଥାନ ପାଇଛନ୍ତି। ସେହିପରି ପୁଲ୍ ବି'ରେ ସ୍ଥାନ ପାଇଥିବା ଦଳଗୁଡିକ ହେଲେ ଦକ୍ଷିଣ ଆଫ୍ରିକା, ଏସିଆନ ଗେମ୍ସ ଚାମ୍ପିୟନ ଜାପାନ, ଆମେରିକା ଓ ମେକ୍ସିକୋ। ଭାରତ ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗ୍‌ର ପଞ୍ଚମ ସ୍ଥାନରେ ରହିଛି। ର୍‍ୟାଙ୍କିଙ୍ଗ୍‌ରେ ଅନ୍ୟଦଳଗୁଡିକ ଭାରତଠାରୁ ଯଥେଷ୍ଟ ନିମ୍ନରେ ରହିଛନ୍ତି। ପ୍ରତିଭା, ଦକ୍ଷତା ଓ କ୍ଷମତା ଦୃଷ୍ଟିକୋଣରୁ ଭାରତ ଏହି ଦଳଗୁଡିକଠାରୁ ଯଥେଷ୍ଟ ଉପରେ ରହିଛି। ର୍‍ୟାଙ୍କିଙ୍ଗ୍‌ରେ ଦକ୍ଷିଣ ଆଫ୍ରିକା ୧୬, ଜାପାନ ୧୮ତମ ସ୍ଥାନରେ ରହିଛି।

ଭାରତ ଗୁରୁବାର ତା'ର ପ୍ରଥମ ମ୍ୟାଚ୍‌ରେ ରୁଷିଆକୁ ଭେଟି ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍‌ରେ ଭାରତ ବୃହତ୍ ବ୍ୟବଧାନରେ ବିଜୟୀ ହେବ ଓ ଭାରତ ଶୀର୍ଷରେ ରହିବ ବୋଲି ଆଶା କରାଯାଉଛି। ଜାକର୍ତ୍ତା ଅଲିମ୍ପିକ୍ସ ଗେମ୍ସରେ ଭାରତ ଲାଗି ଅଲିମ୍ପିକ୍ସ ଯୋଗ୍ୟତା ହାସଲର ସୁଯୋଗ ଥିଲା। ତେବେ ସେମିଫାଇନାଲରେ ଭାରତ ମାଲେସିଆଠାରୁ ପରାସ୍ତ ହୋଇ ଫାଇନାଲକୁ ଉଠିବାର ବିଫଳ ହୋଇଥିଲା। ସେହିପରି ଚଳିତବର୍ଷ ଅନୁଷ୍ଠିତ ଆଜଲାନ ଶାହ କପ୍‌ରେ ଶ୍ରେଷ୍ଠ ଦଳ ହୋଇଥିଲେ ମଧ୍ୟ ଫାଇନାଲରେ କୋରିଆଠାରୁ ପରାସ୍ତ ହୋଇଥିଲା। ତେଣୁ ଏହି ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ଭାରତ ପାଇଁ ଅଲିମ୍ପିକ୍ସ ଯୋଗ୍ୟାତା ହାସଲ କରିବାର ପ୍ରଥମ ସୁଯୋଗ ସୃଷ୍ଟି କରିଛି। ଏହି ଟୁର୍ଣ୍ଣାମେଣ୍ଟ କୋଚ୍ ତଥା ପୂର୍ବତନ ଅଷ୍ଟ୍ରେଲୀୟ ଖେଳାଳି ଗ୍ରାହମ ରିଡ୍‌ଙ୍କ ପାଇଁ ପ୍ରଥମ ପରୀକ୍ଷା ସଦୃଶ ହୋଇଛି। ଗତ ଡିସେମ୍ବରରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଭାରତ ନୈରାଶ୍ୟଜନକ ପ୍ରଦର୍ଶନ ପରେ କୋଚ୍ ହରେନ୍ଦ୍ର ସିଂଙ୍କୁ ବହିଷ୍କାର କରାଯାଇଥିଲା ଓ ରିଡ୍‌ଙ୍କୁ ନୂଆ କୋଚ୍ ନିଯୁକ୍ତି କରାଯାଇଥିଲା। ପୂର୍ବରୁ ଟେରୀ ୱାଲ୍ସ, ପଲ ଭାନ ଆସ, ମାଇକେଲ ନୋବ୍ସ ଭାରତୀୟ କୋଚ୍ ରୂପେ ଯାହା କରିପାରି ନ ଥିଲେ ରିଡ୍ ତାହା କରିପାରିଛନ୍ତି କି ନା ତାହା ଦେଖିବାକୁ ବାକି ରହିଲା। ଫଳରେ ରିଡଙ୍କ ଉପରେ ଯଥେଷ୍ଟ ଆଶା ରହିଛି ଓ ସେଥିପାଇଁ ସେ ଚାପରେ ରହିଥିବେ।

ରିଡ ପୂର୍ବରୁ ଅଷ୍ଟ୍ରେଲୀୟ ପୁରୁଷ ଦଳର କୋଚ୍ ରହି ସାରିଛନ୍ତି। ତେବେ ତଙ୍କ ନିକଟରେ ପର୍ଯ୍ୟାପ୍ତ ସମୟ ନାହିଁ। ନିଯୁକ୍ତି ପାଇବା ପରେ ପରେ ତାଙ୍କୁ ଏହି ଗୁରୁଦାୟିତ୍ୱ ମିଳିଛି। ତେଣୁ ତାଙ୍କ ଯଥାଶୀଘ୍ର ଦକ୍ଷତା ଦେଖାଇବାକୁ ପଡିବ। ଖରାପ ପ୍ରଦର୍ଶନ ପରେ ହକି ଇଣ୍ଡିଆ ତା'ର କୋଚ୍‌ମାନଙ୍କୁ ବହିଷ୍କାର କରିବାର ଅଭ୍ୟାସ ରହିଛି। ତେଣୁ ଏଭଳି ପରିସ୍ଥିତିରେ ରିଡ୍‌ଙ୍କ ପାଇଁ ଜବରଦସ୍ତ ଚ୍ୟାଲେଞ୍ଜ୍ ରହିଛି। ପ୍ରଥମ ମ୍ୟାଚ୍‌ରେ ରୁଷିଆକୁ ଭେଟିବା ପରେ ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ଶୁକ୍ରବାର ପୋଲାଣ୍ଡକୁ ଭେଟିବ। ସେହିପରି ଜୁନ୍ ୧୦ ତାରିଖରେ ଭାରତ ଅନ୍ତିମ ପୁଲ୍ ଗେମ୍‌ରେ ୧୦ ତାରିଖରେ ଉଜ୍‌ବେକିସ୍ତାନକୁ ଭେଟିବ। ଯଦି ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୁଏ ତା'ହେଲେ ଭାରତ ପାଇଁ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି ହେବ। ଅଲିମ୍ପିକ୍ସ କ୍ୱାଲିଫାୟର ଖେଳିବାକୁ ହେଲେ ଭାରତକୁ ଏହି ଟୁର୍ଣ୍ଣାମେଣ୍ଟରେ ଅତିକମ୍‌ରେ ଫାଇନାଲରେ ପ୍ରବେଶ କରିବାକୁ ହେବ।

ଏକ ଶକ୍ତିଶାଳୀ ଦଳ ସହ ଭାରତ ପଡିଆକୁ ଓହ୍ଲାଇବ। ଷ୍ଟ୍ରାଇକର ରମନଦୀପ ସିଂ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଭିଜ୍ଞ ଗୋଲ କିପର ପି. ଆର. ଶ୍ରୀଜେସଙ୍କ ପାଇଁ ବଡ଼ ପରୀକ୍ଷା ସୃଷ୍ଟି ହୋଇଛି। କ୍ୟାରିୟର ଆଗକୁ ବଢାଇବାକୁ ହେଲେ ତାଙ୍କୁ ଭଲ ପ୍ରଦର୍ଶନ କରବାକୁ ହେବ। ଅଭିଜ୍ଞ କିମ୍ବା ବଡ଼ ତାରକା ଖେଳାଳି ହୁଅନ୍ତୁ ପଛେ ରିଡ୍ ଫର୍ମକୁ ଅଗ୍ରାଧିକାର ଦେଇଛନ୍ତି। ସେଥିପାଇଁ ସେ ରୂପିନ୍ଦର ପାଲ ସିଂଙ୍କୁ ଦଳରେ ସାମିଲ କରିନାହାନ୍ତି। ବଦଳରେ ସେ ହରମନପ୍ରୀତ ସିଂ, ବରୁଣ କୁମାର ଓ ଅମିତ ରୋହିଦାସଙ୍କୁ ଦଳରେ ସାମିଲ କରିଛନ୍ତି। ପେନାଲ୍ଟି କର୍ନରରେ ଏହି ଖେଳାଳିମାନେ ସଫଳ ହେବେ ବୋଲି ଆଶା କରାଯାଉଛି। ମିଡ୍‌ଫିଲ୍ଡରେ ଅଧିନାୟକ ମନପ୍ରୀତ ସିଂଙ୍କୁ ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା ଓ ହାର୍ଦ୍ଦିକ ସିଂ ସହଯୋଗ କରିବେ। ସେହିପରି ଆକାଶଦୀପ ସିଂ, ମନଦୀପ ସିଂ ଷ୍ଟ୍ରାଇକର ହିସାବରେ କମାଲ କରିବା ଆଶା କରାଯାଉଛି। ଭାରତୀୟ ଖେଳାଳିଙ୍କୁ ଫିନିଶିଂରେ ଉନ୍ନତି ଆଣିବାକୁ ହେବ। ପୁଣି ଅନ୍ତିମ ମିନିଟ୍‌ରେ ଗୋଲ ବରଣ କରିବାର ଅଭ୍ୟାସକୁ ବଦଳାଇବାକୁ ପଡିବ। ଗତ ୩ ସପ୍ତାହ ହେବ ଆମେ ଫିନିଶିଂରେ ଉନ୍ନତି ଆଣିବା ଉପରେ କାର୍ଯ୍ୟ କରୁଛୁ। ସବୁ ଦୁର୍ବଳତାକୁ ଦୂରେଇବା ପାଇଁ ଆମେ ପ୍ରୟାସ କରିବୁ ବୋଲି ଭାରତୀୟ ଅଧିନାୟକ ମନପ୍ରୀତ କହିଛନ୍ତି।

ଗୁରୁବାର ବାକି ଦୁଇଟି ମ୍ୟାଚ୍‌ରେ ଆମେରିକା ଓ ଦକ୍ଷିଣ ଆଫ୍ରିକା, ପୋଲାଣ୍ଡ ଓ ଉଜ୍‌ବେକିସ୍ତାନ ପୁଲ୍ ବି'ରେ ପରସ୍ପରକୁ ଭେଟିବେ। ଏହି ଟୁର୍ଣ୍ଣାମେଣ୍ଟ ହେଉଛି ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସର ଦ୍ୱିତୀୟ ଟୁର୍ଣ୍ଣାମେଣ୍ଟ। ପୂର୍ବରୁ ପ୍ରଥମ ଟୁର୍ଣ୍ଣାମେଣ୍ଟ ମାଲେସିଆରେ ଏପ୍ରିଲ ୨୬ରୁ ମେ ୪ ତାରିଖ ମଧ୍ୟରେ ଖେଳାଯାଇଥିଲା। ସେହିପରି ତୃତୀୟ ଟୁର୍ଣ୍ଣାମେଣ୍ଟ ଫ୍ରାନ୍ସରେ ଜୁନ ୧୫ରୁ ୨୩ ତାରିଖ ମଧ୍ୟରେ ଖେଳାଯିବ। ମୋଟ ଉପରେ ଏଫ୍‌ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟର୍ସରେ ୧୪ଟି ଦଳ ସାମିଲ ରହିବେ। ଏଥିମଧ୍ୟରୁ ଟୋକିଓ ଅଲିମ୍ପିକ୍ସ ପାଇଁ ୧୪ଟି ଦଳ କ୍ୱାଲିଫାଏ କରିବେ।



କଳିଙ୍ଗ ଷ୍ଟାଡିୟମରେ ପୋଲାଣ୍ଡ ଦଳର ଖେଳାଳିଙ୍କ ଅଭ୍ୟାସ।

### କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ | ସମୟ |
|---|---|---|
| ଜୁନ ୬ | ଦକ୍ଷିଣ ଆଫ୍ରିକା ବନାମ ଆମେରିକା | ସକାଳ ୮ଟା ୪୫ |
| | ପୋଲାଣ୍ଡ ବନାମ ଉଜ୍‌ବେକିସ୍ତାନ | ଅପରାହ୍ନ ୫ଟା |
| | ଭାରତ ବନାମ ରୁଷିଆ | ରାତି ୭ଟା |
| ଜୁନ ୭ | ଜାପାନ ବନାମ ମେକ୍ସିକୋ | ସକାଳ ୮ଟା ୪୫ |
| | ରୁଷିଆ ବନାମ ଉଜ୍‌ବେକିସ୍ତାନ | ଅପରାହ୍ନ ୫ଟା |
| | ଭାରତ ବନାମ ପୋଲାଣ୍ଡ | ରାତି ୭ଟା |
| ଜୁନ ୮ | ଆମେରିକା ବନାମ ମେକ୍ସିକୋ | ଅପରାହ୍ନ ୫ଟା |
| | ଜାପାନ ବନାମ ଦକ୍ଷିଣ ଆଫ୍ରିକା | ରାତି ୭ଟା |
| ଜୁନ ୯ | ରୁଷିଆ ବନାମ ପୋଲାଣ୍ଡ | ରାତି ୭ଟା |
| ଜୁନ ୧୦ | ଆମେରିକା ବନାମ ଜାପାନ | ସକାଳ ୮ଟା ୪୫ |
| | ଦକ୍ଷିଣ ଆଫ୍ରିକା ବନାମ ମେକ୍ସିକୋ | ଅପରାହ୍ନ ୫ଟା |
| | ଭାରତ ବନାମ ଉଜ୍‌ବେକିସ୍ତାନ | ରାତି ୭ଟା |
| ଜୁନ ୧୧ | ବିଶ୍ରାମ ଦିବସ | |
| ଜୁନ ୧୨ | ୭-୮ ପ୍ଲେସିଂ ମ୍ୟାଚ | ସକାଳ ୮ଟା୪୫ |
| | କ୍ରସ୍ ଓଭର-୧ | ଅପରାହ୍ନ ୫ଟା |
| | କ୍ରସ୍ ଓଭର-୨ | ରାତି ୭ଟା୧୫ |
| ଜୁନ ୧୩ | ବିଶ୍ରାମ ଦିବସ | |
| ଜୁନ ୧୪ | ୫-୬ ପ୍ଲେସିଂ ମ୍ୟାଚ | ସକାଳ ୮ଟା ୪୫ |
| | ସେମିଫାଇନାଲ-୧ | ଅପରାହ୍ନ ୫ଟା |
| | ସେମିଫାଇନାଲ-୨ | ରାତି ୭ଟା୧୫ |
| ଜୁନ ୧୫ | ତୃତୀୟ ସ୍ଥାନ ପ୍ଲେ-ଅଫ୍ | ଅପରାହ୍ନ ୫ଟା |
| | ଫାଇନାଲ | ରାତି ୭ଟା ୧୫ |



### ମେକ୍ସିକୋ ଦଳ ପହଞ୍ଚିଲା

**ଭୁବନେଶ୍ୱର, ୫।୬(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ମେକ୍ସିକୋ ଦଳ ବୁଧବାର ଭୁବନେଶ୍ୱରରେ ପହଞ୍ଚିଛି। ଏହି ଦଳର ୫ ଖେଳାଳି ସୋମବାର ଆସିଥିବାବେଳେ ଅବଶିଷ୍ଟ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ବୁଧବାର ମନ୍ଦିରମାଳିନୀ ସହରରେ ପହଞ୍ଚିଛନ୍ତି। ଆମେରିକା, ଦକ୍ଷିଣ ଆଫ୍ରିକା ଓ ଜାପାନ ସହିତ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି ମେକ୍ସିକୋ। ପ୍ରତିଯୋଗିତାରେ ଅଣ୍ଡରଡଗ୍ ବିବେଚିତ ହେଉଥିବା ମେକ୍ସିକୋ ପ୍ରତିଯୋଗିତାରେ ପ୍ରଦର୍ଶନର ଛାପ ଛାଡ଼ିବାକୁ ପ୍ରସ୍ତୁତ ବୋଲି ଦଳ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ''ଫୁଟବଲ ସଂସ୍କୃତି ପାଇଁ ଆମ ଦେଶ ପରିଚିତ। ଆମେ ଏଠାକୁ ହକି ଖେଳିବାକୁ ଆସିଛୁ ଏବଂ ଏଥିପାଇଁ ଉତ୍ସର୍ଗୀକୃତ। ଅନ୍ତର୍ଜାତୀୟ ହକିରେ ଆମେ ନିଜ ଉପସ୍ଥିତି ଜାହିର କରିବୁ'' ବୋଲି ମେକ୍ସିକୋ ଖେଳାଳି ମିଗୁଏଲ ଲିଅନ ପ୍ରକାଶ କରିଛନ୍ତି। ଏଠାରେ ଅନୁଷ୍ଠିତ ହକି ବିଶ୍ୱକପ ଉପରେ ଆମେ ନଜର ରଖିଥିଲୁ। ଏଠାରେ ହକି ପାଇଁ ସୁନ୍ଦର ମାହୋଲ ରହିଛି। ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସରୁ ବିଶେଷ କରି ଭାରତ ଓ ଜାପାନ ମ୍ୟାଚରୁ ଆମେ ଅନେକ କିଛି ଶିଖିବାକୁ ପାଇବୁ ବୋଲି ଲିଅନ କହିଛନ୍ତି। ମେକ୍ସିକୋ ଦଳ ଜୁନ ୭ରେ ଜାପାନ ସହିତ ଖେଳି ଏହାର ଅଭିଯାନ ଆରମ୍ଭ କରିବ।

## ଛେତ୍ରୀଙ୍କ ମାଇଲ୍‌ଖୁଣ୍ଟ ସତ୍ତ୍ୱେ ଭାରତ ହାରିଲା

**ବୁରିରାମ(ଥାଇଲାଣ୍ଡ),୫।୬(ପି.ଟି)**

ଏଠାରେ ଚାଲିଥିବା କିଙ୍ଗ୍ସ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭାରତ ବୁଧବାର ଖେଳାଯାଇଥିବା ତା'ର ପ୍ରଥମ ମ୍ୟାଚ୍‌ରେ କୁରାକାଓଠାରୁ ପରାସ୍ତ ହୋଇଛି। ଅଧିନାୟକ ସୁନୀଲ ଛେତ୍ରୀ ଗୋଲ କରି ମାଇଲ ଖୁଣ୍ଟ ସ୍ଥାପନ କରିଥିଲେ ମଧ୍ୟ ଭାରତ ୩-୧ ଗୋଲରେ ମ୍ୟାଚ୍ ହାତଛଡ଼ା କରିଛି। ନୂଆ କୋଚ୍ ଆଇଗର ଷ୍ଟିମାକଙ୍କ ତତ୍ତ୍ୱାବଧାନରେ ଭାରତ ପ୍ରଥମ ପରାଜୟ ବରଣ କରିଛି।

ଏହି ମ୍ୟାଚ୍ ଖେଳିବା ସହ ଛେତ୍ରୀ ଭାରତର ସର୍ବାଧିକ ମ୍ୟାଚ୍ ଖେଳିଥିବା ଫୁଟବଲର ବିବେଚିତ ହୋଇଛନ୍ତି। ପୂର୍ବତନ ଅଧିନାୟକ ବାଇଚୁଙ୍ଗ ଭୂଟିଆ ସର୍ବାଧିକ ୧୦୭ଟି ମ୍ୟାଚ୍ ଖେଳିଥିଲେ। ତେବେ ଛେତ୍ରୀ ଏହାକୁ ଅତିକ୍ରମ କରି ୧୦୮ଟି ଆନ୍ତର୍ଜାତିକ ମ୍ୟାଚ୍ ଖେଳିଛନ୍ତି। ଏହି ମ୍ୟାଚ୍‌ରେ ଛେତ୍ରୀ ଭାରତ ତରଫରୁ ୩୧ତମ ମିନିଟ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ଏଥିସହ ସେ ମୋଟ ଉପରେ କ୍ୟାରିୟରର ୬୯ତମ ଗୋଲ ସ୍କୋର କରିଛନ୍ତି।

ଫିଫା ର୍‍ୟାଙ୍କିଙ୍ଗରେ କାରିବିୟାନ ଦ୍ୱୀପ ଦେଶ କୁରାକାଓ ଏବେ ୮୨ତମ ସ୍ଥାନରେ ରହିଛି। କୁରାକାଓର ଦୁଇଜଣ ଖେଳାଳି ଇଂଲିଶ ପ୍ରିମିୟର ଲିଗ୍ ଖେଳୁଛନ୍ତି। ସେହିପରି ଆଉ କେତେକ ଖେଳାଳି ୟୁରୋପିଆନ୍ ଲିଗ୍ ଖେଳୁଛନ୍ତି। କୁରାକାଓ ୧୮ ମିନିଟ ମଧ୍ୟରେ ୩ଟି ଗୋଲ ସ୍କୋର କରିଥିଲା। ୧୬ତମ ମିନିଟ୍‌ରେ ରୋଲି ବୋନେଭାସିଆ, ୧୮ତମ ମିନିଟ୍‌ରେ ଏଲସନ ହୁଇ ଓ ୩୩ତମ ମିନିଟରେ ଲିଓନାର୍ଡ କୁରାକାଓ ତରଫରୁ ଗୋଲ ଦେଇଥିଲେ। ଫିଫା ର୍‍ୟାଙ୍କିଙ୍ଗରେ ଭାରତ ଏବେ ୧୦୧ତମ ସ୍ଥାନରେ ରହିଛି। ଡିଫେନ୍ସ ଓ ଆଟାକରେ ଭାରତ ଦୁର୍ବଳ ପ୍ରଦର୍ଶନ କରିଥିଲା। ଭାରତ ଉପରେ କୁରାକାଓ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଏବେ ଥାଇଲାଣ୍ଡ ଓ ଭିଏତ୍‌ନାମ ମୁହାଁମୁହିଁ ହେବେ। ଏହି ମ୍ୟାଚ୍‌ର ପରାଜିତ ଦଳକୁ ଭାରତ ତୃତୀୟ ସ୍ଥାନ ପ୍ଲେ ଅଫ୍ ପାଇଁ ଶୁକ୍ରବାର ଭେଟିବ।




## ରୋନାଲ୍ଡୋଙ୍କୁ ଆଶ୍ୱସ୍ତି

**ବୁରିରାମ(ଥାଇଲାଣ୍ଡ), ୫।୬(ପି.ଟି.)**

ପର୍ତ୍ତୁଗାଲ ତଥା ଜୁଭେଣ୍ଟସ୍ ଫୁଟ୍‌ବଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ବୁଧବାର ଆଶ୍ୱସ୍ତି ମିଳିଛି। ତାଙ୍କ ନାମରେ ବଳାତ୍କାର ଅଭିଯୋଗ ଆଣିଥିବା ମହିଳା କେସ୍ ପ୍ରତ୍ୟାହାର କରିନେଇଛନ୍ତି। ଗତ ମାସରେ ଲାସ୍ ଭେଗାସସ୍ଥିତ ନେଭାଡ ଷ୍ଟେଟ୍ କୋର୍ଟରେ ମାମଲାକୁ ଖାରଜ କରିବା ପାଇଁ ନୋଟିସ୍ ହୋଇଥିଲା। ତେବେ ଅଭିଯୋଗକାରିଣୀ ଆମେରିକୀୟ ମହିଳା କ୍ୟାଥରିନ ମେୟୋର୍ଗା ଓ ରୋନାଲ୍ଡୋଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଛି କି ନାହିଁ କିଛି ଜଣାପଡ଼ିନାହିଁ। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ସେପ୍ଟେମ୍ବରରେ କ୍ୟାଥରିନ ଅଭିଯୋଗ ଆଣିଥିଲେ କି, ୨୦୦୯ରେ ଲାସ ଭେଗାସର ଏକ ହୋଟେଲରେ ରୋନାଲ୍ଡୋ ତାଙ୍କୁ ବଳାତ୍କାର କରିଥିଲେ। ସେତେବେଳେ ରୋନାଲ୍ଡୋ ରିୟଲ୍ ମାଡ୍ରିଡ୍ କ୍ଲବରେ ସାମିଲ ହୋଇଥିଲେ। ତେବେ ରୋନାଲ୍ଡୋ ଏହି ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିଆସିଥିଲେ।

## ଜାତୀୟ ସଫ୍ଟଟେନିସ ପାଇଁ ଓଡ଼ିଶା ଦଳ


ଓଡ଼ିଶା ବାଳିକା ଓ ବାଳକ ସଫ୍ଟଟେନିସ ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୫।୬(ସ୍ପୋର୍ଟ୍ସ ବ୍ୟୁରୋ)**

ମଧ୍ୟପ୍ରଦେଶର ଭୋପାଳଠାରେ ଆସନ୍ତା ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ୧୪ତମ ଜାତୀୟ ଜୁନିୟର ସଫ୍ଟଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ବାଳିକା ଓ ବାଳକ ଦଳ ବୁଧବାର ଭୋପାଳ ଅଭିମୁଖେ ଗସ୍ତ କରିଛି। ଅଜିତ୍ ସାବରଙ୍କ ନେତୃତ୍ୱରେ ଗଠିତ ଓଡ଼ିଶା ବାଳକ ଦଳରେ ମହମ୍ମଦ ଅମନ୍, ଲକ୍ଷ୍ମଣ ମୀନାକା, ବ୍ରଜ ହିମିରିକା, ହେମନ୍ତ ଛତ୍ରିଆ, କୃଷ୍ଣଧର ନାୟକ, ସୁଦାମ ମୁଣ୍ଡା ମାଝୀ ଓ ପ୍ରଦୀପ ମଣ୍ଡଳ ରହିଛନ୍ତି। ସେହିଭଳି କରିଶ୍ମା କିସାନଙ୍କୁ ବାଳିକା ଦଳର ଅଧିନାୟିକା ନିଯୁକ୍ତ କରାଯାଇଛି। ମୋନାଲିସା ନାୟକ, ଲିସା ଜୁଲଣ୍ଡୀ, ସ୍ନେହଲତା ସିଂ, ଚୂଡ଼ାମଣୀ ସୋରେନ, ଆମିସା ମିଞ୍ଜ ଓ ରିଙ୍କି ମିଞ୍ଜ ବାଳିକା ଦଳରେ ସ୍ଥାନ ପାଇଛନ୍ତି। ମହମ୍ମଦ ଆଜାମ ଓ ରବୀନ୍ଦ୍ର ହାଂସଦା ଯଥାକ୍ରମେ କୋଚ୍ ଓ ମ୍ୟାନେଜର ଭାବେ ଦଳ ସହ ଗସ୍ତ କରିଛନ୍ତି। ମହମ୍ମଦ ଅନସାର ଉଲ୍-ହକ୍, କୁନାଲ ବିଶ୍ୱାଳ ଓ ସତୀଶ କୁମାର ବିଶ୍ୱକର୍ମା ଅମ୍ପାୟର ରହିଛନ୍ତି। ଓଡ଼ିଶା ସଫ୍ଟଟେନିସ ଆସୋସିଏଶନର ସାଧାରଣ ସମ୍ପାଦକ ମହମ୍ମଦ ଆଜାମ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆସୋସିଏଶନର ମୁଖ୍ୟ ପୃଷ୍ଠପୋଷକ ମନୋରଞ୍ଜନ ମହାନ୍ତି, ଅଧ୍ୟକ୍ଷ ରଞ୍ଜନ କୁମାର ନନ୍ଦ, ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ, କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ, ଉପସଭାପତି, ଦିଲୀପ କୁମାର ମହାନ୍ତି, ରମେଶ ଚନ୍ଦ୍ର ଦାସ, ନବରଞ୍ଜନ ପଟ୍ଟନାୟକ, କୃଷ୍ଣଚରଣ ପଣ୍ଡା, ରିଣ୍ଟୁ ମିତ୍ର ପ୍ରମୁଖ ଓଡ଼ିଶା ଦଳକୁ ଏହି ଅବସରରେ ଶୁଭେଚ୍ଛା ଜଣାଇଛନ୍ତି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଜୁନ୍ ୬/୨୦୧୯ Sambalpur, Thursday, June 6 / 2019



FIH

ODISHA
INDIA'S BEST KEPT SECRET.

CORDIALLY WELCOMES

INDIA JAPAN MEXICO POLAND RUSSIA SOUTH AFRICA USA UZBEKISTAN

TO THE FIH MEN'S SERIES FINALS BHUBANESWAR ODISHA 2019
6TH - 15TH JUNE 2019

FIH SERIES FINALS BHUBANESWAR ODISHA 2019



DSPL-23

29001/13/0005/1920


# ଛେଉଁଡ ଛୁଆକେ ପୁଷ୍‌ବାରେ ଅକ୍ଷମ ଦାଦନ ପରିବାର

**ଲାଠୋର, ୫।୬ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗାଁର ଗୁଟେ ଦାଦନ କରିବାର ଝନେ ଛେଉଁଡ଼ ଛୁଆକେ ଆଶ୍ରେ ଦେଇଛନ୍। ହେଲେ ତାହାର ଦେଖ୍‌ଭାଲ ପାଲପୋଷ କରବାରେ ସେମାନେ ସକ୍ଷମ ନାଇଁ ହେଇପାରବାର। ସେଥିରଲାଗି ସେମାନେ ଛୁଆର ଭବିଷତ୍ ଚିନ୍ତା କରି ସରକାରୀ ହିସାବେ ତାର ଥଇଥାନ କରବାକେ ନିବେଦନ କରିଛନ୍।

ସୂଚନା ଅନ୍‌ସାରେ ଲାଠୋରରେ ରହୁଥିବାର ରହୁଥିବାର ଜଗିନ ବରିହା ଗଲା ସେପ୍ଟେମ୍ବର ୨୦୧୮ରେ ନିଶାରେ ମତୁଆଲ ହେଇ ନିଜର ୬ ବଛରିଆ ଝି'ର ଟଁଟି ଚିପି ମାରବାର ଉଦିଅମ୍ କରୁଥିଲେ। ହେଲେ ସେ ସେଥିରେ ବିଫଲ ହେଲାରୁ ମାଏକିନା ଆଶା ବରିହାକୁଁ ଲାଠିରେ ପିଟି ପିଟି ମାରିଦେଇ ଜେଲ ଗଲେ। ଏନ୍‌ତାଥି ନିରହି ଛୁଆଟା ଛେଉଁଡ଼ ପାଲଟିଗଲା। ଛୁଆଟାକେ ମାମୁ ନନ୍ଦରାମ ବରିହା ନିଜର ଘରେ ଆଶ୍ରେ ଦେଇ ପାଲପୋଷ କରୁଛନ୍। ହେଲେ ସେ ନିଜେ ଝନେ ନିହାତି ଗରିବ୍ ହେଇଥିଲାବେଲେ ଛୁଆକେ ପୁଷବାରେ ଅକ୍ଷମ ହେଉଛନ୍। ଛୁଆଟା ଏହେଦେ ପରଥମ ଶ୍ରେଣୀରେ ପଢୁଥିଲେ ବି ମାମୁ ଘରେ କୁଟୁମବସିଆ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦକେ ଦାଦନ ଖଟିଗଲାରୁ ସେ ବି ସାଂଗେ ଯାଇଥିଲେ। ମାମୁ ନିଜେ ଦାଦନ ଖଟି ପରିବାରର ପେଟ ପାଲୁଛନ୍। ଏନ୍‌ତାଥି ଛୁଆର ଭବିଷତ୍ ଅଁଧାରକେ ଠେଲି ହେଇଯିବା ଆଶଁକା କରି ତାହାକୁ କେହେନ୍‌ସି ଆଶ୍ରମରେ ଛାଡ଼ିଦେବାକେ ଛାହୁଁଛନ୍। ହେଲେ ଯୋଗାଯୋଗ ଅଭାବୁ ସେ କାମ୍‌ଟା ନାଇଁ କରିପାରବାର। ଇ ବାବ୍‌ଦେ ଚାଇଲ୍ଡଲାଇନ ନଂ.୧୦୯୮କେ ଯୋଗାଯୋଗ କରାଯାଇଥିଲା, ସେମାନେ ଲାଠୋର ଆସି ଛେଉଁଡ ଛୁଆକେ ଉଧାର କରାଯିବା ବଲି କହିଛନ୍। ଛୁଆର ଉଜଲ ଭବିଷତ୍‌କେ ଦୁରୁଷ୍‌ଟିରେ ରଖି ଯେତେ ଜଲଦି ହେବା ଛୁଆକେ ଉଧାର କରି ଥଇଥାନ କରବାକେ ଅଂଚଲବାସୀ ଦାବି କରିଛନ୍।


NTA NEET 2019
Results are out.

UTKAL ACADEMY
YOUR TRUST I ଆମର ବିଶ୍ୱାସ

For Career Guidance In MBBS/BDS

Contact us on our toll-free no:
1800 123 89 5400

(A Unit of Vardham Metropolish Pvt. Ltd)



ADDRESS:
BHUBANESWAR: 1190/A, Jagmohan Nagar, ITER Square, Khandagiri, 751030, Mob: 9090103333, 9090053330
BERHAMPUR: Panitanki Square, Mob: 9778162762

WEB: www.utkalacademy.com


# କୁଷ୍ଠରୋଗୀଙ୍କୁ ରାସ୍ତା ପାର କରାଇ ଚର୍ଚ୍ଚାରେ ଡାକ୍ତର

**ଟିପିଲିମା,୫।୬(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ମେଡିକାଲ କଲେଜ ଓ ହସ୍ପିଟାଲର ସିନିୟର ରେସିଡେଣ୍ଟ ଡାକ୍ତର ଶଙ୍କର ରାମଚନ୍ଦାନୀ ସବୁବେଳେ ଅନ୍ୟ ଡାକ୍ତରମାନଙ୍କଠାରୁ ଅଲଗା ଓ ବ୍ୟତିକ୍ରମ। କେବେ ରାସ୍ତାକଡରୁ ରୋଗୀ ଓ ଅସହାୟ ଲୋକଙ୍କୁ ନିଜ କାରରେ ଉଠାଇ ମେଡିକାଲ ନିଅନ୍ତି ତ ପୁଣି କେବେ ସେମାନଙ୍କୁ ନେଇ ଘରେ ପହଞ୍ଚାନ୍ତି। ଅନେକ ଗରିବ ରୋଗୀ ଓ ଅସହାୟଙ୍କୁ ଆର୍ଥିକ ସହାୟତା ବି କରନ୍ତି। ଅନେକକ୍ଷେତ୍ରରେ ନିଜର ମାସକର ଦରମା ସମ୍ପୂର୍ଣ୍ଣ ଦାନ କରିଦେବା ମଧ୍ୟ ନଜିର ରହିଛି। ଏହିଭଳି ଭାବେ ସେ ତାଙ୍କ କାର୍ଯ୍ୟ ପାଇଁ ସବୁବେଳେ ଚର୍ଚ୍ଚାରେ ରହନ୍ତି। ଏଇ ନିକଟରେ ସେ କାରରେ ଯାଉଥିବା ବେଳେ ବୁର୍ଲା କୁଷ୍ଠ କଲୋନୀ ପାଖରେ ଜଣେ କୁଷ୍ଠ ରୋଗୀ



(ବୃଦ୍ଧ) ରାସ୍ତା ପାର ହୋଇ ପାରୁ ନ ଥିବା ଦେଖିଥିଲେ। ଏହାପରେ ସେ କାରକୁ ସାଇଡ୍ କରି ସମ୍ପୃକ୍ତ ବୃଦ୍ଧଙ୍କୁ କୋଳେଇ ଧରି ରାସ୍ତା ସେପଟେ ଥିବା କୁଡିଆରେ ଛାଡିଥିଲେ। ଏହି ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଦୈନିକ 'ଧରିତ୍ରୀ' ଓ 'ଓଡିଶା ପୋଷ୍ଟ' ସହ ଧରିତ୍ରୀ ଏବଂ ଓଡିଶା ପୋଷ୍ଟର ୱେବପୋର୍ଟାଲରେ ମଧ୍ୟ ପ୍ରଥମେ ଖବର ପ୍ରକାଶ ପାଇଥିଲା। ଏହା ଏବେ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିଛି। ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କ ଏହି ପେପର କ୍ଲିପିଂ ଏବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୱେବ୍‌ସାଇଟରେ ସ୍ଥାନ ପାଇଛି। ଅନ୍ୟମାନଙ୍କ ପାଇଁ ଏହା ଉଦାହରଣ ବୋଲି ଦର୍ଶାଯାଇଛି। ଏଣୁ ଏବେ ଡାକ୍ତର ରାମଚନ୍ଦାନୀ ପୁଣି ଚର୍ଚ୍ଚାରେ ରହିଛନ୍ତି। ତେବେ ଏ ନେଇ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ସରକାର ଏହାକୁ ଅନ୍ୟମାନଙ୍କ ପାଇଁ ଉଦାହରଣ ଦେଇଥିବାରୁ ସମାଜକୁ ଏକ ଭଲ ବାର୍ତ୍ତା ଯାଇଛି। ଆମେମାନେ କୁଷ୍ଠରୋଗୀଙ୍କୁ ଆଦୌ ଘୃଣା କରିବା ଅନୁଚିତ। ଛୁଇଁଲେ କୁଷ୍ଠରୋଗ ବ୍ୟାପେ ନାହିଁ। ହେଲେ

**ଧରିତ୍ରୀ ପ୍ରଭାବ**
- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୱେବ୍‌ସାଇଟରେ ସ୍ଥାନ ମିଳିଲା
- ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଲେ
- କୁଷ୍ଠରୋଗୀଙ୍କୁ ଘୃଣା ନ କରିବାକୁ ଆହ୍ୱାନ

ଆମମାନଙ୍କ ଭିତରେ ଥିବା ଭୁଲ୍ ଧାରଣ ଯୋଗୁ ଆମ ଚାରିପାଖ, ପରିବାର ଓ ସମାଜରେ ଥିବା କୁଷ୍ଠରୋଗୀମାନେ ଆଜି ଅବହେଳିତ ଆଉ ଘୃଣାର ପାତ୍ର। ଶିକ୍ଷିତ ସମାଜରେ ଆମେମାନେ ପରିବର୍ତ୍ତନ ଆଣିବାକୁ ସେ ଆହ୍ୱାନ ଦେଇଛନ୍ତି।

ଦିବ୍ୟାଙ୍ଗଙ୍କର ଉଚ ଶିକ୍ଷା ଅଭିଳାଶ

# ମନବଲ ଥିଲେ ସବୁ ସମ୍ଭବ: ଜଗନ୍ନାଥ

**ହୃଷୀକେଶ ଖମାରୀ**
**ଅତାବିରା, ୫।୬ (ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଲ ବ୍ଲକ ଜାମସେଦ ପଁଚେତ୍ ଉରୁଆମୁଣ୍ଡା ଗାଁର ପଦ୍ମିନୀ ଆର କ୍ଷୀରସାଗର ତାଣ୍ଡିଙ୍କର ପୁଓ ଜଗନ୍ନାଥ ତାଣ୍ଡି(୧୧)। ସେ ଜନମୁ ଦିବ୍ୟାଙ୍ଗ ଆଏ, ତାକର ଦୁଇହାତ୍ ଗୋଡ଼ ନାଁଇନ। ମା'ବାପ୍ ପୁଓ ଦିବ୍ୟାଙ୍ଗ ବଲି ଦେଖ୍‌ଭାଲ କେଭେ ହେଲା ନାଇଁକରି। ଜଗନ୍ନାଥକେ ୩ ବଛର ହେଲାରୁ ମା'ବାପ୍ ତାକର ନାଁ ଗାଁର ଅଙ୍ଗନୱାଡିରେ ଲେଖାଲେ। ପଛେ ପାଠ୍‌ପଢ଼ାରେ ତାକର ରୁଚି ଦେଖି ମା'ବାପ୍ ଗାଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାଁ ଲେଖାଲେ। ଏହେଦେ ସେ ୬ଷ୍ଠ ଶ୍ରେଣୀରେ ପାଠ୍ ପଢୁଛନ୍। ହେଲେ ଜଗନ୍ନାଥ ଚାଲିବୁଲି ନାଇଁ ପାରବାର, ଘରୁ ଯେ ହେଲେ ଝନେ ତାହାକୁ ସ୍କୁଲକେ ନେବାର ଆନବାର କରୁଛନ୍। ମା'ବାପ୍ ନିହାତି ଗରିବ୍ ହେଇଥିଲେ ବି ଜଗନ୍ନାଥର ପାଠ୍‌ପଢ଼ାରେ ଉନା ନାଇଁ କରବାର। ଇଆଡ଼େ ଜଗନ୍ନାଥଙ୍କର ଉଚ ଶିକ୍ଷା ଲାଗି



ଦିବ୍ୟାଙ୍ଗ ଜଗନ୍ନାଥ ତାଣ୍ଡି।

ବଡ଼ଭାରି ରୁଚି ରହିଛେ। ସେ ପାଠ୍‌ପଢ଼ି ଝନେ ଭଲ ମୁନୁଷ ହେବାର ସଂଗେ ସରକାରୀ ଚାକରି କରବାର ଲକ୍ଷ୍ୟ ରଖିଛନ୍। ହେଲେ ଘରେ ଅଭାବ ଅନାଟନ ସବୁବେଲେ ଲାଗି ରହିଛେ, ଏନ୍‌ତାଥି ମା'ବାପ୍ ଜଗନ୍ନାଥକେ ଆଗ୍‌କେ ପଢ଼େଇ ପାରବେ କି ନାଇଁ ସେ ଚିନ୍ତାରେ ରହିଛନ୍। ଇଆଡ଼େ ଜଗନ୍ନାଥ ସରକାରୀ ସୁବିଧା ବଏଲେ ଖାଲି ଭିନ୍ନକ୍ଷମ ଭତା ପାଉଛନ୍। ଏହେଦେ ସେ ମାମୁ ଗାଁ ଭେଡ଼େନ ବ୍ଲକ ବୁର୍ଦ୍ଧା ଗାଁକେ ଖରାଛୁଟି ବିତାବାର ଲାଗି ଆସିଛନ୍। ଇ ସମିଆରେ ଥାନୀୟ ଧରିତ୍ରୀ ପରତିନିଧି ଦିବ୍ୟାଙ୍ଗ ଜଗନ୍ନାଥକୁଁ ଭେଟି ତାକର ଲକ୍ଷ୍ୟ ଆର ସୁବିଧା ଅସବିଧା ବାବ୍‌ଦେ ପଚାରି ବୁଝିଥିଲେ। ଆମେ ଗରିବ୍ ଲୋକ୍ ଘରେ ସବୁବେଲେ ଅଭାବ ଅନାଟନ ଲାଗି ରହୁଛେ। ମୁଇଁ ଝନେ ଭିନ୍ନକ୍ଷମ ଆଏ, ପାଠ୍‌ପଢ଼ି ଭଲ ମୁନୁଷ ହେବାର ସଂଗେ ଗୁଟେ ସରକାରୀ ଚାକରି କରବାର ଲକ୍ଷ୍ୟ ରଖିଛେଁ। ହେଲେ ଅଭାବ ଅନାଟନ ଲାଗି ଆଗ୍‌କେ କାଣା ହେବା ମୁଇଁ ନାଇଁ କହିପାରେଁ। ହଁ, ଯଦି ପାଠ୍‌ପଢ଼ାର ଲାଗି ସରକାରୀ ସାହାଯ୍ ମିଲବା ତ ନିହାତି ମୋର ଲକ୍ଷ୍ୟ ପୂରନ କରମି ବଲି ଜଗନ୍ନାଥ କହିଥିଲେ। ଦିବ୍ୟାଙ୍ଗ ଜଗନ୍ନାଥଙ୍କୁ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋରାସାଗର ଭେଟି କିଛି ଆରଥିକ୍ ସାହାଯ୍ ଦେଇଛନ୍। ଜଗନ୍ନାଥ ଯେନ୍‌ଥେଇ ସବୁପରକାର ସରକାରୀ ସାହାଯ୍ ପାଇପାରବେ ସେଥିରଲାଗି ପରଶାସନର ଦୁରୁଷ୍‌ଟି ଆକରଷନ୍ କରବାକେ ପଦ୍ମଲୋଚନ କଥା ଦେଇଛନ୍।





... ଏବେ ତ ଭାରତ ବି ବ୍ୟବହାର କରୁଛି, ପେଟ ସଫା
କାରଣ ସମସ୍ତେ ଜାଣନ୍ତି "ପେଟ ସଫା... ତ ସବୁ ରୋଗ ଦଫା"

20% EXTRA

କୋଷ୍ଠକାଠିନ୍ୟ
ଗ୍ୟାସ୍
ଏସିଡିଟି

Dr. Juneja's ପେଟ ସଫା
Natural Laxative Granules & Tablets

24x7 Helpline: 0171-3055233 • www.petsaffa.com


# ପରିଶ୍ରମ କରି ରୋଜଗାର କଲେ ଖୁସି ଲାଗେ

**ଦିନକର କାହାଣୀ**

ପରିଶ୍ରମ କରି ଯାହା ରୋଜଗାର କଲେ ବି ଖୁସି ଲାଗେ। ପରିଶ୍ରମ କରୁଥିବା ଲୋକଙ୍କୁ ସରକାର ଓ ବିଭିନ୍ନ ଅନୁଷ୍ଠାନ ସହଯୋଗ କରିଥାନ୍ତି । ଈଶ୍ୱର ବି ପରିଶ୍ରମୀ ଲୋକଙ୍କୁ ଆଶୀର୍ବାଦ କରିଥାନ୍ତି। ତେବେ ଜୀବନରେ ଅନେକ ସପ୍ନ ଥାଏ। ହେଲେ ସବୁ ପୂରା ହୁଏ ନାହିଁ ସ୍ୱପ୍ନ ପୂରଣ ପାଇଁ କଠିନ ପରିଶ୍ରମ ଓ ଲକ୍ଷ୍ୟ ରହିଲେ ନିଶ୍ଚୟ ସଫଳତା ମିଳେ ବୋଲି ମୁଦିପଡାର ଯଶପାଲ ସିଂ (୩୫) କୁହନ୍ତି। ଯଶପାଲ ଜଣେ ଭିନ୍ନକ୍ଷମ ମଣିଷ ହୋଇଥିଲେ ବି କାହା ଉପରେ ନିର୍ଭର କରନ୍ତି ନାହିଁ। ନିଜ କର୍ମକୁ ଭଲ ପାଉଥିବା ଯଶପାଲଙ୍କ ଜୀବନ ଯାତ୍ରା ଏପରି.. ।



ଯଶପାଲ ସିଂ

ବାପା ସ୍ୱର୍ଗତ ଟହଲୁ ସିଂ ଓ ମା' ଗୁରୁଦୀପ କୌରଙ୍କ ୪ ପିଲାଙ୍କ ମଧ୍ୟରେ ଯଶପାଲ ବଡ। ଗୋଟିଏ ଭଉଣୀଙ୍କୁ ବିବାହ ଦେଇ ସାରିଛନ୍ତି ସେ। ପରିବାରରେ ଏବେ ମା, ସାନ ଭାଇ ଦେବେନ୍ଦ୍ର ଓ ସାନ ଭଉଣୀ କଲବିନ୍ଦର। ଯଶପାଲ ଜନ୍ମରୁ ଜଣେ ଦିବ୍ୟାଙ୍ଗ(୮୦ ପ୍ରତିଶତ)। ଯୁକ୍ତ ୨ (କଳା) ପାସ କରିଛନ୍ତି। ସେ ଜଣେ ଇଲେକ୍ଟ୍ରିସିଆନ। ମେଡିକାଲ ରୋଡ୍‌ରେ ଏକ କ୍ୟାବିନରେ ଦୋକାନ କରିଛନ୍ତି । ଭଲ କାମ ଓ ଉତ୍ତମ ବ୍ୟବହାର ପାଇଁ ଗ୍ରାହକମାନେ ତାଙ୍କୁ ଭଲ ପାଆନ୍ତି । ସରକାରୀ ସୁବିଧା କହିଲେ ମାତ୍ର ୧୫ ହଜାର ଟଙ୍କା ଋଣ ମିଳିଥିଲା । ସେଥିରେ ସେ ନିଜ କର୍ମସଂସ୍ଥାନ ଖୋଲିଥିଲେ । ଏବେ ସରକାରଙ୍କ ପକ୍ଷରୁ ତାଙ୍କୁ ୭ ଶହ ଟଙ୍କା ପେନସନ ମିଳୁଛି । ସକାଳ ୫ଟାରେ ଉଠି ନିତ୍ୟକର୍ମ ସାରନ୍ତି ଯଶପାଲ । ପୂଜାପାଠ କରିବା ପରେ ଘରର କିଛି କାମ ଦେଖନ୍ତି। ଦୋକାନ ଆସିବା ଆଗରୁ ରାତିରେ ଘରକୁ ନେଇଆସିଥିବା ପାଣି ପମ୍ପ, ପଙ୍ଖା, କୁଲର ମୋଟର ଆଦି ବାଇଣ୍ଡିଂ କରନ୍ତି। ସକାଳ ୮ରେ ଜଳଖିଆ ଖାଇ ଦୋକାନ ଖୋଲିବାକୁ ବାହାରନ୍ତି। ଖରା, ବର୍ଷା, ଶୀତ ଯାହା ହେଲେ ବି ସେ ଦୋକାନକୁ ଆସନ୍ତି। ଆଗରୁ ୩ ଚକିଆ ସାଇକେଲ ଥିଲା। ହେଲେ ସେଥିରେ ଦୂର ବାଟ ଯାଇ ହେଉ ନ ଥିଲା। କିଛି ଟଙ୍କା ସଞ୍ଚିବା ପରେ ଏକ ଗାଡ଼ି (ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ) କିଣିଛନ୍ତି। ସେହି ଗାଡ଼ିରେ ଅପରାହ୍ନ ୧ଟାରେ ଘରକୁ ଖାଇବାକୁ ଆସନ୍ତି। ଅପରାହ୍ନ ୪ଟାରେ ପୁଣି ଦୋକାନକୁ ଆସି ରାତି ୯ଟା ପର୍ଯ୍ୟନ୍ତ ରହିଥାନ୍ତି। ରାତି ୯ଟାରୁ ୧୦ଟା ପର୍ଯ୍ୟନ୍ତ ସାଙ୍ଗସାଥିମାନଙ୍କ ସହ ସମୟ କଟିଥାଏ । ଘରକୁ ଫେରିବା ପରେ ମାଆ, ଭାଇ, ଭଉଣୀଙ୍କ ସହ ଏକା ସାଥିରେ ଖାଇବାକୁ ବସନ୍ତି। ଦିନଯାକର ଘଟଣା ଓ ପରିବାରର ସୁବିଧା ଅସୁବିଧା ଉପରେ ଏତିକିବେଳେ ହିଁ ଆଲୋଚନା ହୋଇଥାଏ। କାମ ସାରିବା ପରେ ସେ ବିଶ୍ରାମ ନିଅନ୍ତି।

ପ୍ରସ୍ତୁତି: ଶୁଭାଶିଷ ପାଢୀ

# ବ୍ୟବସାୟୀଙ୍କଠାରୁ ୧ ଲକ୍ଷ ଟଙ୍କା ଲୁଟ୍

## ପୋଲିସ କର୍ମଚାରୀ ଗିରଫ

**ସମ୍ବଲପୁର, ୫।୬ (ବ୍ୟୁରୋ):** ସମ୍ବଲପୁର ଧନୁପାଲି ଥାନା ପୋଲିସ ଏକ ଲୁଟ୍ ଘଟଣାରେ ଜଣେ ପୋଲିସ କନଷ୍ଟେବଲଙ୍କୁ ଗିରଫ କରିଛି। ତାଙ୍କ ନାମ ଲୋକନାଥ ବେହେରା। ପ୍ରକାଶ ଅଗ୍ରୱାଲ ନାମକ ଛତିଶଗଡ଼ର ଜଣେ ବ୍ୟବସାୟୀଙ୍କ ପାଖରୁ ସେ ୧ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଏକ ମାମଲା (ନଂ.୨୦୭/୧୯) ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ପ୍ରକାଶ ଆହ୍ଲାବାଦ ବ୍ୟାଙ୍କରେ ଟଙ୍କା ଜମା କରିବାକୁ ଯାଇଥିଲେ। ହେଲେ ଟଙ୍କା ପରିମାଣ ଅଧିକ ହେବାରୁ ବ୍ୟାଙ୍କ ମ୍ୟାନେଜର ଜମା ହୋଇ ପାରିବ ନାହିଁ କହିଥିଲେ । ଏଥିରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ପୋଲିସକୁ ଖବର ଦେଇଥିଲେ। କନ୍‌ଷ୍ଟେବଲ ବେହେରା ବ୍ୟାଙ୍କକୁ ଯାଇ ପ୍ରକାଶଙ୍କୁ ନିଛାଟିଆ ସ୍ଥାନକୁ ନେଇ ୧ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ପ୍ରକାଶ ବିରୋଧ କରିବାରୁ ସେ ତାଙ୍କୁ ଧମକ ଚମକ ଦେଇ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏହି ଘଟଣା ପ୍ରକାଶ ଧନୁପାଲି ଥାନାରେ ଅଭିଯୋଗ କରିଥିଲେ।


GOOD BYE CONSTIPATION • Kayam Tablet Guarantee
100% AYURVEDIC

କୋଷ୍ଠକାଠିନ୍ୟର ଲକ୍ଷଣ
- ଗ୍ୟାସ୍, ଏସିଡିଟି, ବଦହଜମି
- ପେଟ ଫାମ୍ପିବା
- ପାଟି ଘା'
- ଭୋକ ନ ହେବା
- ମୁଣ୍ଡବିନ୍ଧା
- ବାରମ୍ବାର ବ୍ରଣ ବାହାରିବା

AYURVEDIC KAYAM TABLET
Useful in Chronic Constipation, Acidity, Gas, Headache etc.

ଏ ସମସ୍ତ ଦୀର୍ଘଦିନର କୋଷ୍ଠକାଠିନ୍ୟର ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ
କୋଷ୍ଠକାଠିନ୍ୟକୁ ହେଳା କରନ୍ତୁ ନାହିଁ
ଆୟୁର୍ବେଦିକ
କାୟମ ଟାବ୍‌ଲେଟ
ଦ୍ୱାରା ଫଳପ୍ରଦ ଚିକିତ୍ସା କରନ୍ତୁ
TRUST OF 40 YEARS
"କାୟମ ଚୂର୍ଣ୍ଣ" ପ୍ରସ୍ତୁତକାରୀଙ୍କ ଏକ ଗୁଣାତ୍ମକ ଉତ୍ପାଦ



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୬ ଜୁନ୍,୨୦୧୯



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଧବଳେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରା ପାଇଁ କଳସ ଯାତ୍ରା

**ଗାଇସିଲେଟ, ୪।୬(ଡି.ଏନ.ଏ):** ଗାଇସିଲେଟ ବ୍ଲକ ଫିରିଙ୍ଗିମାଲ ପଞ୍ଚାୟତ କଣ୍ଟାଝୁଡା-ଶକ୍ରିପାଣି ଜଙ୍ଗଲ ମଧ୍ୟରେ ଥିବା ଧବଳେଶ୍ୱର ମହାଦେବଙ୍କ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ ହୋଇଛି। ଏହି ଅବସରରେ ଗୋକୁଳାନନ୍ଦ ପଧାନଙ୍କ ତତ୍ତ୍ୱାବଧାନରେ ମହିଳାମାନେ ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି କଣ୍ଟାଝୁଡା ବେଦୀରେ ସ୍ଥାପନ କରିଥିଲେ। ବରପିତା ଦୁର୍ଗା ପ୍ରସାଦ ତ୍ରିବେଦୀ ଓ କନ୍ୟା ପିତା ପ୍ରଶାନ୍ତ କୁମାର ପୁରୋହିତ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଯାତ୍ରା ମହୋତ୍ସବକୁ ସୁଚାରୁ ରୂପେ ସମ୍ପନ୍ନ ପାଇଁ ଏକ କମିଟି ଗଠନ କରାଯାଇଛି । ଏହି କମିଟିରେ ଯାଦବ ସାହୁ ସଭାପତି, ମୁରଲି ସାହୁ ଉପସଭାପତି, ପଦ୍ମଲୋଚନ ସାହୁ ସମ୍ପାଦକ, ଭକ୍ତବନ୍ଧୁ ଧରୁଆ ଉପ ସମ୍ପାଦକ, ଖଗେଶ୍ୱର ସାହୁ କୋଷାଧକ୍ଷ, ୱାର୍ଡସଭ୍ୟ ନରସିଂହ ସାହୁ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ସଭ୍ୟ ଭାବେ ମନୋନିତ ହୋଇଛନ୍ତି । ପଣ୍ଡିତ ଗୋପାଳ ଦାଶ, ନରେନ୍ଦ୍ର ପଣ୍ଡା, ଗୋପୀରାମ ପୁରୋହିତ ଓ ସନ୍ତୋଷ କୁମାର ପୁରୋହିତ ପୂଜାକାର୍ଯ୍ୟ କରୁଛନ୍ତି ।

### ବିଧାୟିକାଙ୍କୁ ନାଗରିକ ସମ୍ବର୍ଦ୍ଧନା

**ଭେଡ଼େନ, ୫।୬ (ଡ଼ି.ଏନ.ଏ):** ଅତାବିରା ବିଧାୟିକା ଦ୍ୱିତୀୟ ଥର ନିର୍ବାଚିତ ହେବା ପରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ବୁଧବାର ପ୍ରଥମ ଥର ପାଇଁ ଭେଡ଼େନ ବ୍ଲକ ଗସ୍ତରେ ଆସିଥିଲେ । ବୁଧବାର ଅପରାହ୍ନରେ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସହରାଟିକ୍ରାର ବିଜୁ କୃଷକ ଭବନରୁ ତାଙ୍କୁ ଏକ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ଭେଡ଼େନ ବସଷ୍ଟାଣ୍ଡରେ ବ୍ଲକ ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ହୋଇଥିବା ସମ୍ବର୍ଦ୍ଧନା ସଭାରେ ବ୍ଲକର ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ବିଧାୟିକାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ ।

### କାରଖାନା ସମ୍ମୁଖରେ ଶ୍ରମିକଙ୍କ ଧାରଣା

**ବରଗଡ଼ ଅଫିସ,୫।୬:** ଏସିସି ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନା ସମ୍ମୁଖରେ ବୁଧବାର କାର୍ଯ୍ୟରତ ଠିକା ଶ୍ରମିକମାନେ ସରକାରଙ୍କ ନିର୍ଦ୍ଧାରିତ ହାରରେ ପାରିଶ୍ରମିକ ପ୍ରଦାନ ଦାବି କରି ଧାରଣା ଦେଇଥିଲେ। କାରଖାନା କର୍ତ୍ତୃପକ୍ଷ ସେମାନଙ୍କ ଦାବି ସମୂହକୁ କର୍ଣ୍ଣପାତ କରୁ ନ ଥିବା ସେମାନେ ଅଭିଯୋଗ କରିଥିଲେ । ବରଗଡ଼ ସିମେଣ୍ଟ କାରଖାନା କର୍ତ୍ତୃପକ୍ଷ ଠିକା ଶ୍ରମିକଙ୍କୁ ଭିଡିଏ ବାବଦକୁ ନିର୍ଦ୍ଧାରିତ ଟଙ୍କା ପ୍ରଦାନ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ସେମାନେ ବାରମ୍ବାର ଜିଲାପାଳ ଓ ଜିଲା ଶ୍ରମ ଅଧିକାରୀଙ୍କୁ ଫେରାଦ ହୋଇଥିଲେ । ମାତ୍ର କୌଣସି ସୁଫଳ ମିଳି ନ ଥିବାରୁ ବୁଧବାର ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । ଆନ୍ଦୋଳନରେ ବହୁ ସଂଖ୍ୟକ ଠିକା ଶ୍ରମିକ ସାମିଲ ହୋଇଥିଲେ ।

■ ମୁଖ୍ୟମନ୍ତ୍ରୀ ଆସନ ଛାଡ଼ିବା ପ୍ରସଙ୍ଗ

# ବିଜେଡିକୁ ମହଙ୍ଗା ପଡ଼ିପାରେ ବିଜେପୁର

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ,୫।୬**

ବରଗଡ଼ ଜିଲା ବିଜେପୁର ଆସନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇସ୍ତଫା ଦେବା ପରେ ପୁଣି ରାଜ୍ୟରେ ବିଜେପୁରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ୨୦୧୮ ଉପନିର୍ବାଚନକୁ ଦେଢ଼ ବର୍ଷ ପୂରି ନ ଥିବା ବେଳେ ବିଜେପୁରବାସୀ ଆଉ ଏକ ଉପନିର୍ବାଚନର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଉପନିର୍ବାଚନକୁ ନେଇ ରାଜନେତାମାନେ ଉତ୍ସାହିତ ଥିବାବେଳେ ମତଦାତାଙ୍କ ମଧ୍ୟରେ ହତାଶା ମନୋଭାବ ଦେଖିବାକୁ ମିଳିଛି । ଆଗାମୀ ଉପନିର୍ବାଚନରେ ମତଦାତାଙ୍କ ମଧ୍ୟରେ ଏଭଳି ନୈରାଶ୍ୟ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ଆଲୋଚନା ଆରମ୍ଭ ହୋଇଗଲାଣି। ଏହା ଯଦି ନିର୍ଣ୍ଣାୟକ ମୋଡ ନିଏ ତେବେ ଶାସକ ଦଳ ବିଜେଡି ହିଁ ଅଡୁଆରେ ପଡିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଅପରପକ୍ଷେ ସାଧାରଣ ନିର୍ବାଚନରେ ପରାଜିତ ଦଳ ଉପନିର୍ବାଚନରେ ଫାଇଦା ଉଠାଇବା ପାଇଁ ଆଶା ବାନ୍ଧିଛନ୍ତି ।

ଏକଦା କଂଗ୍ରେସର ଗଡ ଥିବା ବିଜେପୁରକୁ ଗତ ୨୦୧୮ ଉପନିର୍ବାଚନରେ ବିଜେଡି ହାତେଇଥିଲା। ତତ୍କାଳୀନ ବିଜେପୁର ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ସ୍ତ୍ରୀ ରୀତା ସାହୁଙ୍କୁ ଦଳୀୟ ପ୍ରାର୍ଥୀ କରି ବିଜେଡି ଏହି ସଫଳତା ପାଇଥିଲା । ତେବେ ଉପନିର୍ବାଚନର ବର୍ଷେ ଦୁଇମାସ ପରେ ହୋଇଥିବା ସାଧାରଣ ନିର୍ବାଚନରେ ରୀତାଙ୍କୁ ବାଦ୍ ଦେଇ ଖୋଦ୍ ମୁଖ୍ୟମନ୍ତ୍ରୀ ଏଠାରୁ ଦଳୀୟ ପ୍ରାର୍ଥୀ ହୋଇଥିଲେ ଏବଂ ଦଳର ବିଜୟଧାରାକୁ ଜାରି ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ନିଜ ବିଧାୟକ ଭାବେ ପାଇ ବିଜେପୁରବାସୀ ବିକାଶର ସ୍ୱପ୍ନ ଦେଖିଥିଲେ। ମାତ୍ର ବିଧାୟକ ନିର୍ବାଚିତ ହେବାର ଦୁଇ ସପ୍ତାହ ନ ପୂରୁଣୁ ମୁଖ୍ୟମନ୍ତ୍ରୀ ଏହି ଆସନ ଛାଡି ଦେବା ପରେ ବିଜେପୁରବାସୀଙ୍କ ଆଶା ଆକାଂକ୍ଷା ଧୂଳିସାତ୍ ହୋଇଯାଇଛି। ଇସ୍ତଫା ଦେବାର ଦୁଇ ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ବିଜେପୁରବାସୀଙ୍କ ପାଇଁ ବଡ ପ୍ୟାକେଜ ଘୋଷଣା କରିଥିଲେ ସୁଦ୍ଧା ତାହା ଅଞ୍ଚଳବାସୀଙ୍କ ହତାଶାକୁ କିଛି ପ୍ରଭାବିତ କରିଥିବା ଭଳି ମନେ ହେଉନାହିଁ। କାରଣ ଉପନିର୍ବାଚନବେଳେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ଭଳି ପ୍ୟାକେଜ ଏଯାଏଁ କେବଳ ପ୍ୟାକେଜରେ ରହିଯାଇଛି। ବିଜେଡି ପ୍ରତି ବିଜେପୁରବାସୀଙ୍କ ଏଭଳି ହତାଶ ମନୋଭାବ ଜାରି ରହିଲେ ଆଗାମୀ ଉପନିର୍ବାଚନରେ ତାହା ଦଳକୁ ମହଙ୍ଗା ପଡିପାରେ।

**ବିଜେପୁର**

- ■ ଦେଢ଼ବର୍ଷରେ ୩ ନିର୍ବାଚନ ସାମ୍ନା କରିବେ ବିଜେପୁରବାସୀ
- ■ ସ୍ୱତନ୍ତ୍ର ପ୍ୟାକେଜକୁ ଭରସା ପାଉନି
- ■ ଭୋଟରଙ୍କ ପାଖକୁ ଯାଉଛି ନକରାତ୍ମକ ସନ୍ଦେଶ

ଏହି ନିର୍ବାଚନମଣ୍ଡଳୀର ଜଣେ ଭୋଟର ହରିଲାଲ ସାହୁଙ୍କ ମତରେ ଦେଢ଼ ଦୁଇବର୍ଷ ନ ପୂରୁଣୁ ଲୋକଙ୍କୁ ତିନିଟି ନିର୍ବାଚନ ସମ୍ମୁଖୀନ କରିବା ନିଶ୍ଚିତ ଭାବେ ସେମାନଙ୍କ ଉପରେ ମାନସିକ ଚାପ ପକାଇଛି। ସେହିପରି ଆଉ ଜଣେ ଭୋଟର ଫକୀର ସାହୁ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କୁ ପାଇ ଅଞ୍ଚଳବାସୀ ନିଜକୁ ଗର୍ବ ଅନୁଭବ କରୁଥିଲେ ଏବଂ ତାଙ୍କ ଇସ୍ତଫା ଏବେ ଅଞ୍ଚଳବାସୀଙ୍କୁ ନିରାଶ କରିଛି। ତେବେ ରାଜନୈତିକ ସମୀକ୍ଷକ ସତ୍ୟନାରାୟଣ ପାଢ଼ୀ କହିଛନ୍ତି, ବିଜେପୁର ଆସନରୁ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଆଗାମୀ ଉପନିର୍ବାଚନରେ ବହୁତ କିଛି ପ୍ରଭାବ ପକାଇବାର ସମ୍ଭାବନା ରହିଛି। ଦେଢ଼ ଦୁଇ ବର୍ଷ ମଧ୍ୟରେ ଗୋଟିଏ ଆସନରୁ ତିନିଟି ନିର୍ବାଚନ ହେବା ଲୋକଙ୍କ ପାଖକୁ ଏକ ନକରାତ୍ମକ ସନ୍ଦେଶ ଯାଇପାରେ । ମାତ୍ର ସରକାରଙ୍କ କାର୍ଯ୍ୟ ଦକ୍ଷତା, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିତ୍ୱକୁ ନେଇ ଜନମତ ଯେ ନ ଆସିବ ତାକୁ ଏଡାଇ ଦିଆଯାଇ ନ ପାରେ । ସେହିପରି ଆଡଭୋକେଟ ବିକ୍ରମାଦିତ୍ୟ ପଣ୍ଡାଙ୍କ ମତରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଆଗାମୀ ଉପନିର୍ବାଚନରେ ବିଜେଡିକୁ ମହଙ୍ଗା ପଡିପାରେ। ସେ କହିଛନ୍ତି, ପ୍ୟାକେଜ ନୁହେଁ, ନବୀନଙ୍କ ପ୍ରତି ବିଶ୍ୱାସ ରଖି ଲୋକେ ଭୋଟ ଦେଇ ଜିତାଇଥିଲେ। ୨୦୧୮ ଉପନିର୍ବାଚନରେ ମୁଖ୍ୟମନ୍ତ୍ରୀ ଅନେକ ପ୍ୟାକେଜ ଘୋଷଣା କରିଥିଲେ, ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଏହା ସତ୍ତ୍ୱେ ବିଜେପୁରବାସୀ ବିଜେଡି ସପକ୍ଷରେ ଭୋଟ ଦେଇଥିଲେ । ମାତ୍ର ଏବେ ମୁଖ୍ୟମନ୍ତ୍ରୀ ବିଧାୟକ ନିର୍ବାଚିତ ହେବାର ଅଳ୍ପ ଦିନ ପରେ ଏହି ଆସନରୁ ଇସ୍ତଫା ଦେବା ଘଟଣାକୁ ବିଜେପୁରବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଆଉ ଏହାର ପ୍ରଭାବ ଉପନିର୍ବାଚନରେ ନିଶ୍ଚୟ ଦେଖିବାକୁ ମିଳିବ।



ପରିବେଶ ସଚେତନତା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

## ସଭା, ଶୋଭାଯାତ୍ରାରେ ପରିବେଶ ସଚେତନତା ବାର୍ତ୍ତା

**ଭଟଲି,୫।୬(ଡି.ଏନ.ଏ)**

ବରଗଡ଼ ଜିଲା ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଭଟଲି ବ୍ଲକ ଅନ୍ତର୍ଗତ ଅନ୍ତପାଲି-କର୍ଲାଜୋରୀ ଗ୍ରାମରେ ବ୍ଲକସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଇକୋ ଡେଭଲପମେଣ୍ଟ କମିଟି ସଂଯୋଜନାରେ ଉଭୟ ଗ୍ରାମରେ ଶତାଧିକ ମହିଳା ଓ ଯୁବପିଢ଼ୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବାୟୁ ପ୍ରଦୂଷଣ ସମ୍ପର୍କିତ ଏକ ଆଲୋଚନଚକ୍ର ହୋଇଥିଲା। ଏହି ଆଲୋଚନାଚକ୍ରରେ ଅବସରପ୍ରାପ୍ତ ଶିକ୍ଷକ ବ୍ରହ୍ମାନନ୍ଦ ପ୍ରଧାନ ମୁଖ୍ୟଅତିଥି, ପରିବେଶବିତ୍ ସଞ୍ଜୟ ଖମାରୀ ମୁଖ୍ୟବକ୍ତା, ସାମାଜିକ କର୍ମୀ ଚୁମ୍ବିଲାଲ ପ୍ରଧାନ, ବନ୍ୟପ୍ରାଣୀ ବନପାଳ ନୀଳାଞ୍ଚଳ ଜେନା, ଗଣେଶ ମହାକୁଡ଼ ଏବଂ ସୁରେନ୍ଦ୍ର ପୋଢ଼ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜକିଶୋର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ନୂଆଗଡ଼ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଏଫ୍ଏମ୍ସି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଫ୍ଏମ୍ସି ସେଲ୍ସ ଅଫିସର ସୂଚନ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସୁଜାତା ପାଣ୍ଡେ ମୁଖ୍ୟଅତିଥି, ପ୍ରକୃତିବନ୍ଧୁ ଆନନ୍ଦ ସାହୁ ମୁଖ୍ୟବକ୍ତା, ରାଧେଶ୍ୟାମ ପଣ୍ଡା, ନୀଳାମ୍ବର ଖମାରୀ, ଭୈରବ ଖମାରୀ, ହରିଶଙ୍କର ଖମାରୀ, ଦିବାକର ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିତେନ୍ଦ୍ର କୁମାର ସରାଫ ଧନ୍ୟବାଦ ଅର୍ପଣ କରିଥିଲେ ।

**ସରଣ୍ଡା, ୫।୬ (ଡି.ଏନ.ଏ)**

ଅତାବିରା ବ୍ଲକ ବାବେବିରା ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଇକୋ କ୍ଲବ ଇନଚାର୍ଜ ଅମୃତ କୁମାର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବାୟୁ ପ୍ରଦୂଷଣ ଆଲୋଚନାଚକ୍ରରେ ଜିଲା ପରିଷଦ ସଭ୍ୟ ଯୁବରାଜ ପ୍ରଧାନ ମୁଖ୍ୟଅତିଥି, ପ୍ରକୃତି ବନ୍ଧୁ ଧର୍ମରାଜ ପ୍ରଧାନ ମୁଖ୍ୟବକ୍ତା, କବି କିଶୋର ଚନ୍ଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମନୁଷ୍ୟ କୃତ ପ୍ରଦୂଷଣ ବାବଦରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ୍ ସଚେତନତା ଶୋଭାଯାତ୍ରା କରିଥିଲେ। ଶେଷରେ ବିଭୁତି ଭୂଷଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

**ପାଇକମାଳ, ୫।୬ (ଡି.ଏନ.ଏ)**

ପାଇକମାଳ ବ୍ଲକ ବରତୁଣ୍ଡା ପଞ୍ଚାୟତର ଭୁଇଁଖାଇ ଗ୍ରାମରେ ବୁଧବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଇନ୍ଦ୍ରସିଂ ଭୋଇ ସଭାପତିତ୍ୱ କରିଥିଲେ। ନୃସିଂହନାଥ ବନ ବିଭାଗ ରେଞ୍ଜର ରତ୍ନଧ୍ୱଜ ସାହୁ ମୁଖ୍ୟଅତିଥି, ରଶ୍ମିତା ସାହୁ, ସୁଧିର ନାଗ, ନରସିଂହ ନାଗ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସଭାରେ ଭଇଖାର, ବ୍ରାହ୍ମଣଟାଲ, ନୂଆଡିହି, ବାଦିବାହାଲ ତଥା ଆଖପାଖ ଗ୍ରାମର ଗ୍ରାମବାସୀଙ୍କ ସହ କୃଷକ ଓ ଏସଏଚଜି ସଭ୍ୟାମାନେ ଯୋଗଦାନ କରିଥିଲେ। ଦୁର୍ଯ୍ୟୋଧନ ବିଶି କାର୍ଯ୍ୟକ୍ରମ ପରିଚାଳନା ଓ ରେବତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।




ପରିବେଶ ଦିବସରେ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରିଛନ୍ତି ।

## ୬ ପରିବେଶପ୍ରେମୀଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର

**ବରଗଡ଼ ଅଫିସ,୫।୬**

ବରଗଡ଼ ବନବିଭାଗ ପକ୍ଷରୁ ବୁଧବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ବରଗଡ଼ ବନଖଣ୍ଡ ଅଧିକାରୀ (ଡିଏଫଓ) ଅଭୟ କୁମାର ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଫେସର ରବିନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା, ଏସିଏଫ ଏସ.ଡି ଚମ୍ପତିରାୟ, ପରିବେଶବିଦ୍ ମୀନକେତନ ସାହୁ, ପ୍ରଦୀପ ହୋତା, ବିଭୂତି ଭୂଷଣ ମୁଣ୍ଡ, ଯଶବୀର ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ୬ ଜଣ ପରିବେଶପ୍ରେମୀ ନିରୂପମା ସାହୁ, ଚତୁର୍ଭୁଜ ବାଗ, ସତ୍ୟାନନ୍ଦ ପାଣ୍ଡେ, ଗିରିଧାରୀ ଡନସେନା, ଭୈରଭ ପାତ୍ର ଓ ଅନନ୍ତ କୁମାର ମେହେରଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବାବଦକୁ ନଗଦ ୫ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଥୁଆପାଲି ମାର୍କେଟ ୟାର୍ଡ଼ରେ ବିଧାୟିକା ଛୁରିଆ।

## ମଣ୍ଡିରେ ଅଚଳାବସ୍ଥା, ସମୀକ୍ଷା କଲେ ବିଧାୟିକା

**ଭେଡ଼େନ, ୫।୬ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅଞ୍ଚଳରେ ଧାନବିକ୍ରିରେ ଅଚଳାବସ୍ଥା ଦେଖାଦେଇଛି। ଗତ ରବିବାର ବର୍ଷା ପରେ ଧାନ ବିକ୍ରି ଅତ୍ୟନ୍ତ ଧିମାଗତିରେ ଚାଲିଛି। ଫଳରେ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ବୁଧବାର ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଭେଡ଼େନ ବ୍ଲକ ଅନ୍ତର୍ଗତ ଥୁଆପାଲି ମାର୍କେଟ ୟାର୍ଡ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିଥିଲେ। ବର୍ଷା ଆସିବା ପୂର୍ବରୁ ସବୁ ଧାନ ଯେପରି ଉଠାଯାଇପାରିବ ସେ ନେଇ ବିଧାୟିକା ଛୁରିଆ ୟାର୍ଡ଼ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିଲେ । କେବଳ ଥୁଆପାଲି ନୁହଁ ଭେଡ଼େନ ବ୍ଲକର ସମସ୍ତ ୟାର୍ଡ଼ ଏବଂ କ୍ରୟ କେନ୍ଦ୍ର ଗୁଡ଼ିକରେ ଆଲଟମେଣ୍ଟ ଆସି ନ ଥିବାରୁ ଧାନ ଉଠାଣ ଧିମା ହେଉଛି । ଶୀଘ୍ର ଏ ନେଇ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ମାର୍କଫେଡ଼ ଅଧକ୍ଷ ବିଭୁଦତ୍ତ ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ହୋତାଙ୍କ ସହ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ ।

## ଦଧିବାମନ କଲେଜକୁ ରାଜ୍ୟ ପ୍ରକୃତିମିତ୍ର ପୁରସ୍କାର

**ଭଟଲି,୫।୬(ଡି.ଏନ.ଏ)**

ଦୀର୍ଘ ଦୁଇ ବର୍ଷ ଧରି କଲେଜରେ ସହସ୍ରାଧିକ ନିମ୍ବ ଏବଂ ବିଭିନ୍ନ ଔଷଧୀୟ ବୃକ୍ଷ ରୋପଣ କରି କଲେଜକୁ ସରସ ସୁନ୍ଦର କରି ଗଢ଼ିତୋଳିଥିବାରୁ ଭଟଲି ଦଧିବାମନ ମହାବିଦ୍ୟାଳୟକୁ ପ୍ରକୃତିମିତ୍ର ପୁରସ୍କାର ମିଳିଛି । ବୁଧବାର ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟଅତିଥି ଭାବେ ଯୋଗଦେଇ କଲେଜକୁ ୧୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହିତ ଏକ ପ୍ରଶସ୍ତିପତ୍ର ପ୍ରଦାନ କରିଥିଲେ । କଲେଜ ପକ୍ଷରୁ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀ ଏହି ପୁରସ୍କାର ଗ୍ରହଣ କରିଥିଲେ।

## ବରଗଡ଼ ରୟାଲ ଟାଇଗର୍ସ ବିଜୟୀ

**ବରଗଡ଼ ଅଫିସ,୫।୬**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡିୟମରେ ଚାଲିଥିବା ଦିବାରାତ୍ର ଆନନ୍ଦ ଆଚାର୍ଯ୍ୟ କ୍ରିକେଟ ଲିଗ୍ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ବରଗଡ଼ ରୟାଲ ଟାଇଗର୍ସ ପ୍ରତିପକ୍ଷ ଶକ୍ତି ୱାରିୟରକୁ ୨୩ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବରଗଡ଼ ରୟାଲ ଟାଇଗର୍ସ ଟସ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳର ଅତୁଲ୍ୟ କର୍ଣ୍ଣ ୬୨ ରନ ଓ ଗୀତାଂଶୁ ବନଛୋରଙ୍କ ୪୪ ରନ ସହାୟତାରେ ୭ ଉଇକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲା। ଶକ୍ତି ୱାରିୟରର ସରୋଜ ପ୍ରଧାନ ୩ ଉଇକେଟ ନେଇଥିଲେ। ଜବାବରେ ଶକ୍ତି ୱାରିୟର ଦଳର ମଳୟ ହାତୀଙ୍କ ୪୪ ରନ ଓ ପ୍ରବୀଣ ଲୁହାଙ୍କ ୩୪ ରନ ସହାୟତାରେ ନିର୍ଦ୍ଧାରିତ ୨୦ ଓଭର ୬ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରିଥିଲା । ରୟାଲ ଟାଇଗର୍ସର ରାହୁଲ ଚୌଧୁରୀ ୧୪ ରନ ବିନିମୟରେ ୩ ଉଇକେଟ ନେଇଥିଲେ। ଅତୁଲ୍ୟ କର୍ଣ୍ଣ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ମହେଶ ମୁନସୀ, ପୃଥୀରାଜ ମିଶ୍ର, ସୁରେଶ ଦାଶ ମ୍ୟାଚ୍ ପରିଚାଳନା କରିଥିଲେ ।

■ ୧୪୨ ବର୍ଷରେ ବରପାଲିର ଶୀତଳଷଷ୍ଠୀ ଯାତ୍ରା

# ପ୍ରାଚୀନତା, ଆଧୁନିକତାର ମହାମିଳନ

**ବରପାଲି,୫।୬ (ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି ମାଟିର ସଂସ୍କୃତି ଅପୂର୍ବ ଓ ଅନନ୍ୟ। ପଶ୍ଚିମ ଓଡିଶାର ଅନ୍ୟତମ କଳା ସାହିତ୍ୟ ଓ ସଂସ୍କୃତିର ପୀଠ, ମନ୍ଦିରମାଳିନୀ ବରପାଲି ଅଞ୍ଚଳରେ ଚାଲିଥିବା ଶୀତଳ ଷଷ୍ଠୀ ଯାତ୍ରା ୧୪୨ ବର୍ଷରେ ପଦାର୍ପଣ କରିଛି। ଏହି ଯାତ୍ରାରେ ଉଭୟ ପ୍ରାଚୀନତା ଓ ଆଧୁନିକତାର ଅପୂର୍ବ ମିଳନ ଘଟିଥାଏ। ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ହେଉଥିବା ଶୀତଳଷଷ୍ଠୀ ଯାତ୍ରା ମଧ୍ୟରେ ବରପାଲି ଯାତ୍ରା ଭିନ୍ନ। ଏହି ଯାତ୍ରା ସମ୍ପୂର୍ଣ୍ଣ ଭାବେ ପାରମ୍ପରିକ ରୀତିନୀତିରେ ନିର୍ବନ୍ଧ ନିମନ୍ତ୍ରଣ, ବରାନୁଗମନ, ବିବାହ ହସ୍ତବନ୍ଧନ ଓ ଶେଷରେ କନ୍ୟା ବିଦାୟ ଆଦି କାର୍ଯ୍ୟ କରାଯାଇଥାଏ। ପରମ୍ପରା ଅନୁସାରେ ପ୍ରତିବର୍ଷ ସହରର କୌଣସି ଅନୁଷ୍ଠାନ କିମ୍ବା ବିଭିନ୍ନ ପଡାର ବଦାନ୍ୟ ବ୍ୟକ୍ତି ମାତା ପାର୍ବତୀଙ୍କୁ ଝିଅ ଭାବେ ଗ୍ରହଣ କରି ବିବାହ ଉତ୍ସବରେ କନ୍ୟାଦାନ କରିଥାନ୍ତି। କନ୍ୟାପକ୍ଷ ସ୍ଥାନକୁ ହିମାଦ୍ରି ନଗର ବୋଲି ଅଭିହିତ କରାଯାଇଥାଏ। ଏହି ଯାତ୍ରାରେ ଦୁବେପଡା ସ୍ଥିତ କପିଳେଶ୍ୱର ମନ୍ଦିରରୁ ଶିବପାର୍ବତୀଙ୍କୁ ଏକ ଶୋଭାଯାତ୍ରାରେ ଅଣାଯାଇ ରାଜବାଟୀ ନିକଟ ନୃପରାଜ କ୍ଲବ ସ୍ଥିତ ସୁଶୋଭିତ ମଣ୍ଡପରେ ରଖାଯାଇଥାଏ। ପରେ ପାରମ୍ପରିକ ନୀତିରେ ପତରପେଡ଼ି, ଭୈରେବୁଲା, ଗଣ୍ଠିଆଳ ଫିଠା ବୈବାହିକ କାର୍ଯ୍ୟ, ହସ୍ତବନ୍ଧନ, କନ୍ୟାବିଦାୟ ଆଦି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ମଧ୍ୟରେ ନବଦମ୍ପତି ଶିବପାର୍ବତୀଙ୍କ ସ୍ୱମନ୍ଦିର ପ୍ରବେଶ ହୋଇଥାଏ। ଶୀତଳଷଷ୍ଠୀ ଯାତ୍ରାରେ ପୁରାତନ ଓ ନୂତନ ପରମ୍ପରା ଅନୁଯାୟୀ ଘଣ୍ଟଦଳ, କୀର୍ତ୍ତନ, ଦୁଲଦୁଲି, ଘୋଡାନାଚ, ଦକ୍ଷିଣ ଭାରତ, ରାଜସ୍ଥାନ, ଛତିଶଗଡ ଓ କର୍ଣ୍ଣାଟକ ରାଜ୍ୟର ନୃତ୍ୟଗୀତ ଦଳ ଏଥିରେ ସାମିଲ ହୋଇଥାନ୍ତି। ଏହି ଯାତ୍ରାରେ ପରଭାରେ ଚକ ଅଖ ନ ଲଗାଇ ଲୋକେ କାବଡି ବୋହି ନେବାର ପରମ୍ପରା ରହିଛି। ଏହା ଅନ୍ୟ କୌଣସି ସ୍ଥାନରେ ଦେଖାଯାଏ ନାହିଁ।

**କିମ୍ବଦନ୍ତୀ:** ବରପାଲିର ତତ୍କାଳୀନ ଜମିଦାର ନୃପଲାଲ ସିଂ ଜଣେ ଶିବଭକ୍ତ ଓ ଉପାସକ ଥିଲେ। ଜ୍ୟେଷ୍ଠ ଶୁକ୍ଳପକ୍ଷ ଚତୁର୍ଥୀରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଏହି ଉପଲକ୍ଷେ ସେହି ସ୍ମୃତିକୁ ମନେ ରଖିବା ପାଇଁ ସେ ୧୮୭୭ ମସିହାରେ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ କରିଥିଲେ। ଯାତ୍ରା ସୁପରିଚାଳନା ପାଇଁ ବରପାଲିର ବ୍ରାହ୍ମଣ ସମାଜକୁ ଦାୟିତ୍ୱ ଅର୍ପଣ କରିଥିଲେ। ପରେ ୧୯୬୧ ମସିହାରୁ ଏହା ସାଧାରଣ ସଭା ହୋଇ ପରିଚାଳିତ ହୋଇଆସୁଛି।



ଶିବପାର୍ବତୀଙ୍କୁ ସଜ୍ଜିତ କରି ନଗର ପରିକ୍ରମା କରାଯାଉଛି ।

### ଭୈରବ ବାବାଙ୍କ ଦେବନିମନ୍ତ୍ରଣ ଶୋଭାଯାତ୍ରା

**ବରପାଲି, ୫।୬ (ଡି.ଏନ.ଏ)**

ବରପାଲିରେ ଶିବ ବିବାହ ପାଇଁ ନିର୍ବନ୍ଧ କାର୍ଯ୍ୟ ସମାପନ ପରେ ବୁଧବାର ରାତ୍ରିରେ ଭୈରବ ବାବାଙ୍କ ଦ୍ୱାରା ଦେବ ନିମନ୍ତ୍ରଣ ପାଇଁ ଗୁଆଗୁଣ୍ଡ ବିତରଣ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହା କପିଳେଶ୍ୱର ମନ୍ଦିରରୁ ରେଳଷ୍ଟେଶନ, କଲେଜ ଛକ, ଶ୍ୟାମ ଛକ ଦେଇ ସ୍ଥାନେ ସ୍ଥାନେ ବିଭିନ୍ନ ଦେବଦେବୀ ମନ୍ଦିରମାନଙ୍କରେ ଯଥାରୀତି ଗୁଆଗୁଣ୍ଡା ଦିଆଯାଇଥିଲା। ଶୋଭାଯାତ୍ରା ବେଳେ ପାରମ୍ପରିକ ଦୁଲଦୁଲି ବାଜା ସହ ବିଭିନ୍ନ ଆତସବାଜିରେ ସହର ପ୍ରକମ୍ପିତ ହୋଇଉଠିଥିଲା। ଏଥିସହ ଶୀତଳଷଷ୍ଠୀ ଯାତ୍ରାର ମୁଖ୍ୟ ଆକର୍ଷଣ ତାରକାସୁର ଶୋଭାଯାତ୍ରାକୁ ଆହୁରି ଦ୍ୱିଗୁଣିତ କରିଥିଲା। ସେହିପରି ରାତିରେ ହଟୁଆବନ୍ଧ ରାମେଶ୍ୱର ମନ୍ଦିରରେ ମହାଦୀପ ପ୍ରଜ୍ୱଳନ ହୋଇଥିଲା। ପରେ ପ୍ରମୁଖ ଛକମାନଙ୍କର ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କପିଳେଶ୍ୱର ବାବାଙ୍କ ବରାନୁଗମନ ସହ ବିଗତ ବର୍ଷର କନ୍ୟା ମାତାପିତାଙ୍କ ଦ୍ୱାରା ଗଣ୍ଠିଆଳ ଫିଟା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ମହିଳାଙ୍କ ସମାଗମ ହୋଇଥିଲା।



“ ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।

- ଜବାହରଲାଲ ନେହେରୁ

## ସଂକ୍ଷେପରେ

### ଇଭିଏମ୍‌, ଭିଭିପିଏଟି ଗୋଦାମ ଗୃହ ଉଦ୍‌ଘାଟିତ

ସୋନପୁର,୫।୬(ନି.ପ୍ର.): ସୁବର୍ଣ୍ଣପୁରରେ ନୂତନ ଭାବେ ଜିଲାସ୍ତରୀୟ ଇଭିଏମ୍‌ ଓ ଭିଭିପାଟ୍‌ ସଂରକ୍ଷଣ ଗୋଦାମ ଗୃହ ସହରର ପଟାଭାଡିଠାରେ ନିର୍ମିତ ହୋଇଛି । ଜିଲାପାଳ ମଧୁସୂଦନ ମିଶ୍ର ବୁଧବାର ଗୋଦାମ ଗୃହକୁ ଉଦ୍‌ଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ବଳରାମ ମଲ୍ଲିକ, ନିର୍ବାଚନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇ.ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ୨୦୧୯ ଲୋକ ସଭା ଓ ବିଧାନସଭା ନିର୍ବାଚନର ଭୋଟ ଗଣତି ସରିବା ପରେ ବୀରମହାରାଜପୁର ଓ ସୋନପୁର ନିର୍ବାଚନମଣ୍ଡଳୀର ନିର୍ବାଚନରେ ବ୍ୟବହୃତ ଇଭିଏମ୍‌ ଓ ଭିଭିପାଟ୍‌ଗୁଡିକୁ ସୁରକ୍ଷିତ ଭାବେ ଏଠାରେ ରଖାଯାଇଛି । ଏଠାରେ ପ୍ରାୟ ୪୦ଟି ସିସିଟିଭି କ୍ୟାମେରା ଲଗାଯାଇଛି । ଏହା ବ୍ୟତୀତ କେନ୍ଦ୍ରରେ ୧୬ଜଣ ସଶସ୍ତ୍ର ସୁରକ୍ଷା କର୍ମୀଙ୍କୁ ୨୪ ଘଣ୍ଟିଆ ପ୍ରହର ଦେବା ପାଇଁ ନିୟୋଜିତ କରାଯାଇଛି । ପ୍ରାୟ ୨ କୋଟି ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ତିଆରି ହୋଇଥିବା ଏହି ଗୋଦାମ ଗୃହରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ।

■ସୁବର୍ଣ୍ଣପୁର ଶୀତଳଷଷ୍ଠୀ ଯାତ୍ରା

# ଅଷ୍ଟଶମ୍ଭୁ, ଅଷ୍ଟବିଷ୍ଣୁଙ୍କୁ ନିମନ୍ତ୍ରଣ ସମ୍ପନ୍ନ

ସୋନପୁର,୫।୬(ନି.ପ୍ର.)

ସୁବର୍ଣ୍ଣପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ସହର ଚଳଚଞ୍ଚଳ ହୋଇଉଠିଛି । ବୁଧବାର ସନ୍ଧ୍ୟାରେ ଦେବ ନିମନ୍ତ୍ରଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ସୋନପୁରର ଅଷ୍ଟଶମ୍ଭୁ ଓ ଅଷ୍ଟବିଷ୍ଣୁଙ୍କୁ ଭୈରବବାବାଙ୍କ ସହିତ ବର ପିତା ଗୌରିଶଙ୍କର(ଅର୍ଜୁନ ରଥ) ନିମନ୍ତ୍ରଣ କରିବାକୁ ଯାଇଥିଲେ। ଏଥିରେ ଶାନ୍ତିନଗରପଡ଼ାର ଜନସାଧାରଣ ସାମିଲ ହୋଇଥିଲେ । ଶିବ ଓ ପାର୍ବତୀଙ୍କ ଗୃହ ପ୍ରବେଶ ପରେ ବିଧି ଅନୁଯାୟୀ ଏହି କାର୍ଯ୍ୟକ୍ରମ ହୋଇଥିଲା । ସେହିପରି କନ୍ୟାପିତାଙ୍କ ବାସଗୃହ ହିମାଦ୍ରୀନଗର, ଘୋଡାଘାଟପଡ଼ାରେ ପୂଜାର୍ଚ୍ଚନା ପରେ ମାଟିପକା କାର୍ଯ୍ୟ ସମ୍ପନ୍ନ ହୋଇଛି । ବୁଧବାର ସକାଳେ ଶିବଙ୍କ ମାତାପିତା ଚନ୍ଦ୍ରଶେଖରଙ୍କୁ ଶାନ୍ତିନଗର ସ୍ଥିତ ବାସଗୃହକୁ ଏକ ଶୋଭାଯାତ୍ରାରେ ନେଇଥିଲେ । ସେହିପରି ସନ୍ଧ୍ୟାରେ ପାର୍ବତୀଙ୍କ ମାତାପିତା ମା' ପାର୍ବତୀଙ୍କୁ ଚନ୍ଦ୍ରଶେଖର ମନ୍ଦିରରୁ ଏକ ଶୋଭାଯାତ୍ରାରେ ଘୋଡାଘାଟପଡ଼ା ସ୍ଥିତ ବାସଭବନକୁ ନେଇଥିଲେ। ଏଥିରେ ସହରର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ଗୁରୁବାର ଅଳଙ୍କାର ଧାରଣ ପରେ ସନ୍ଧ୍ୟାରେ ବରନିମନ୍ତ୍ରଣ କାର୍ଯ୍ୟକ୍ରମ ରହିଛି । ରାତିରେ କୈଳାସ ନଗରରୁ ଶିବ ବରାତିରେ ବାହାରିବେ । ଯାତ୍ରା ଅବସରରେ ୧୦୮ ଭରି ବିଶିଷ୍ଟ ସୁବର୍ଣ୍ଣ ନାଗ ପ୍ରତିମା ବର ବେଶରେ ରୂପା ବିମାନରେ ବିଜେ ହେବେ । ସୋନପୁରର ଅଷ୍ଟବିଷ୍ଣୁ ଓ ଅଷ୍ଟଶମ୍ଭୁ ବରାତି ଶୋଭାଯାତ୍ରାରେ ଯିବେ । ସ୍ଥାନୀୟ ଶୀତଳଷଷ୍ଠୀ ଯାତ୍ରାର ଏହା ହିଁ ମୁଖ୍ୟ ଆକର୍ଷଣ । ରାଜାରାଜୁଡ଼ା ଅମଳରୁ ଶତାଧିକ ବର୍ଷ ଧରି ଏହି ପରମ୍ପରା ଚାଲି ଆସିଛି । ବିଳମ୍ବିତ ରାତିରେ ସୁବର୍ଣ୍ଣମେରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବାଙ୍କ ଶୁଭବିବାହ ଜଗତ୍‌ଜନନୀ ମା' ପାର୍ବତୀଙ୍କ ସହିତ ପ୍ରତିନିଧି ସ୍ୱରୂପେଣ କନ୍ୟାପିତାଙ୍କ ବାସଗୃହ ହିମାଦ୍ରୀ ନଗରରେ ଅନୁଷ୍ଠିତ ହେବ। ଘୋଡାଘାଟପଡାର ଅନୀତା ପାଣିଗ୍ରାହୀ ଓ ସ୍ୱାମୀ ଶୁକ୍ଳାମ୍ବର ପାଣିଗ୍ରାହୀ(ମାତା ପାର୍ବତୀଙ୍କ) ମାତାପିତା ଓ ଶାନ୍ତିନଗରର ରାଲି ରଥ ଓ ସ୍ୱାମୀ ଅର୍ଜୁନ ରଥ(ଚନ୍ଦ୍ରଶେଖରଙ୍କ) ମାତାପିତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ଲୋକ ସଂସ୍କୃତି ଓ ଆଧ୍ୟାତ୍ମିକ ପର୍ବ ଶୀତଳଷଷ୍ଠୀ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳନ ହେଉଛି।



ଚନ୍ଦ୍ରଶେଖର ମନ୍ଦିରରୁ ଶିବଙ୍କୁ ମାତାପିତା ନିଜ ବାସଗୃହକୁ ନେଉଛନ୍ତି ।

### ଚୋରି କରୁଥିବା ବେଳେ ଧରାପଡ଼ିଲେ ଯୁବକ

ଡୁଙ୍ଗୁରିପାଲି,୫।୬(ଡି.ଏନ୍‌.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଲା ହାଇସ୍କୁଲ ଛକରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଦୋକାନ ଭିତରେ ପଶି ଚୋରି କରୁଥିବା ବେଳେ ଗ୍ରାମବାସୀଙ୍କ ଜଣେ ଯୁବକଙ୍କୁ ଧରିବାରେ ସଫଳ ହୋଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାକୁ ନେଇ ଅଟକ ରଖିଛି। ପୋଲିସ ସୂଚନା ମୁତାବକ, ଲଛିପୁର ଏବଂ ଅସୁରମୁଣ୍ଡା ଗ୍ରାମର ୨ଜଣ ଯୁବକ ଏକ ବାଇକ୍‌ରେ ଡୁଙ୍ଗୁରିପାଲି ଆସି ବିଳମ୍ବିତ ରାତି ଘରକୁ ଫେରୁଥିଲେ। ସେତିକିବେଳେ ଡୁଙ୍ଗୁରିପାଲିରୁ ୨ କି.ମି ଦୂର ସହଲା ହାଇସ୍କୁଲ ଛକରେ ସେମାନେ ଅଟକିଥିଲେ। ପରେ ସେମାନଙ୍କ ମଧ୍ୟରୁ ଜଣେ ଛକରେ ଥିବା ପାନ ଦୋକାନକୁ ପଶିଥିଲେ। ଅନ୍ୟଜଣେ ବାହାରରେ ଛିଡା ହୋଇଥିଲେ। ଏହି ସମୟରେ ସହଲା ପେକ୍ସରେ କାମ କରୁଥିବା ଶ୍ରମିକମାନେ ବାହାରେ ଛିଡା ହୋଇଥିବା ଯୁବକଙ୍କୁ ସନ୍ଦେହ କରି ପଚରାଉଚୁରା କରିଥିଲେ। ଅନ୍ୟପକ୍ଷେ ଦୋକାନ ଭିତରୁ କିଛି ଶବ୍ଦ ହୋଇଥିଲା। ଏନେଇ ଶ୍ରମିକମାନେ ଦୋକାନ ପାଖକୁ ଯାଇ ଦେଖିଲା ବେଳେକୁ ଜଣେ ଯୁବକ ଦୋକାନ ଭିତରେ ପଶି ଚୋରି କରୁଥିବା ଦେଖିବାକୁ ପାଇଥିଲେ। ଶ୍ରମିକମାନେ ତାଙ୍କୁ ଧରି ନିସ୍ତୁକ ମାଡ଼ ମାରିଥିବା ଜଣାପଡିଛି। ପୋଲିସ ଯୁବକଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

# ଅର୍ଥମନ୍ତ୍ରୀଙ୍କୁ ନାଗରିକ ସମ୍ବର୍ଦ୍ଧନା

■ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ

ସୋନପୁର,୫।୬(ନି.ପ୍ର.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଞ୍ଚମ ପାଳିରେ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିବା ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କୁ ବୁଧବାର ସ୍ଥାନୀୟ ଭୀମଭୋଇ କଳାମଣ୍ଡପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି । ସମ୍ବର୍ଦ୍ଧନାର ଉତ୍ତରରେ ମନ୍ତ୍ରୀ ପୂଜାରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ଆସ୍ଥା ରଖି ପୁନର୍ବାର କ୍ୟାବିନେଟ୍‌ରେ ସ୍ଥାନ ଦେଇଛନ୍ତି। ସୁବର୍ଣ୍ଣପୁର ଜିଲା ସମେତ ଓଡ଼ିଶାର ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ । ଆର୍ଥିକ ସଂସ୍କାର ପ୍ରକ୍ରିୟା ଜାରି ରହିବ ବୋଲି କହିଥିଲେ। ସେ ଜଣେ ଚାଷୀ ଘରର ପୁଅ, ଜିଲାବାସୀଙ୍କ ସମର୍ଥନ ଓ ଭଲପାଇବା ଯୋଗୁ ତାଙ୍କୁ ଏହି ସଫଳତା ମିଳିଛି । ସେ ଆଗକୁ ଆହୁରି କଠିନ ପରିଶ୍ରମ କରିବେ ବୋଲି କହିଥିଲେ ।

ଚୌଧୁରୀ ବିଭାରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସ୍ତ୍ରୀ ବୀଣାପାଣି ପୂଜାରୀ, ବିଜେଡି ଜିଲା ସଭାପତି ତଥା ଜିଲା ପରିଷଦ ସଭ୍ୟ ସରୋଜ କମ୍ପ, ବରିଷ୍ଠ ବିଜେଡି ନେତା ଅଭିମନ୍ୟୁ କୁଶଳ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ପ୍ରକାଶ ସାହୁ, ସୋନପୁର ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ନାଗ, ଉପାଧ୍ୟକ୍ଷା ମାଧବୀଲତା କଅଁର, ଟାଉନ ସଭାପତି ଜନ୍ମେଜୟ ପାତ୍ର, ଛାତ୍ର ବିଜେଡି ସଭାପତି ଶାଶ୍ୱତ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ମନ୍ତ୍ରୀଙ୍କ ନେତୃତ୍ୱରେ ବିକାଶ ମୂଳକ କାର୍ଯ୍ୟ ଜାରି ରହିଛି । ଆଗାମୀ ଦିନରେ ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ ହେବ ବୋଲି ସେମାନେ ଆଶାବ୍ୟକ୍ତ କରିଥିଲେ। ଜିଲା କ୍ରିକେଟ୍‌ ସଂଘ, ଟ୍ରକ ମାଲିକ ସଂଘ, ମହିଳା ସ୍ୱୟଂ ସହାୟକ ଗୋଷ୍ଠି, ଦୁର୍ଗାପୂଜା କମିଟି, ଭଗବତ ପାଠାଗାର, ସୁରଶ୍ୱରୀ ପାଠାଗାର, ବାଲାଜି ମନ୍ଦିର କମିଟି, ରଥଯାତ୍ରା କମିଟି, ବଣିକ ସଂଘ, ଠିକାଦାର ସଂଘ, ବୁଢୀମା କ୍ଲବ, ମାରୱାଡି ଯୁବା ମଞ୍ଚ, ଚନ୍ଦ୍ରଶେଖର ପାଠାଗାର, ରାମେଶ୍ୱର କମିଟି ପ୍ରମୁଖ ୫୮ରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀବତ୍ସ ମଲ୍ଲିକ, ରାଜ କୁମାର ସୁନା, ପ୍ରକାଶ ବେବର୍ତ୍ତା, ମାନଭଞ୍ଜନ ବେଦବାକ ଓ ମୁନା ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

■ ଯୁକ୍ତ ୨ ବିଜ୍ଞାନ ପ୍ରଥମ ଶ୍ରେଣୀରେ ୨୫ ଛାତ୍ରୀଛାତ୍ରଙ୍କ ବାଜିମାତ

# ଗଭୀର ଅଧ୍ୟବସାୟ ସଫଳତା ଆଣିଦିଏ

ବୀରମହାରାଜପୁର, ୫।୬(ଡି.ଏନ୍‌.ଏ.)

ସଦ୍ୟ ପ୍ରକାଶ ପାଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ୯୪ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଉପଖଣ୍ଡର ୨ଟି ଯାକ ବ୍ଲକ ଅଞ୍ଚଳରେ ସର୍ବମୋଟ ୧୫ଟି ଜୁନିୟର କଲେଜ ଥିବାବେଳେ ମାତ୍ର ୨ଟି କଲେଜରେ ବିଜ୍ଞାନ ପାଠ୍ୟକ୍ରମ ରହିଛି। ତାହା ହେଲା ଉପଖଣ୍ଡ ସଦର ମହକୁମାସ୍ଥିତ ବୀରମହାରାଜପୁର ଜୁନିୟର କଲେଜ ଏବଂ ଉଲୁଣ୍ଡା ବ୍ଲକର ଉପାନ୍ତରେ ଅବସ୍ଥିତ ସିଣ୍ଢୋଲ ଆଞ୍ଚଳିକ ଜୁନିୟର କଲେଜ। ଚଳିତବର୍ଷ ବୀରମହାରାଜପୁର ଜୁନିୟର କଲେଜରୁ ପ୍ରଥମ ଶ୍ରେଣୀରେ ୪, ଦ୍ୱିତୀୟ ଶ୍ରେଣୀରେ ୪ ଓ ତୃତୀୟ ଶ୍ରେଣୀରେ ୧୩ ଜଣ ପରୀକ୍ଷାର୍ଥୀ ପାସ୍‌ କରିଛନ୍ତି। ତେବେ ସିଣ୍ଢୋଲ ଜୁନିୟର କଲେଜର ସଫଳତା ଏ ଦିଗରେ ଉଲ୍ଲେଖନୀୟ।

ଏଠାରୁ ଉତ୍ତୀର୍ଣ୍ଣ ହୋଇଥିବା ୭୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଛନ୍ତି ୨୧ ଜଣ ପ୍ରଥମ ଓ ୩୫ ଜଣ ଦ୍ୱିତୀୟ ଶ୍ରେଣୀ। ଏଠାରେ ତୃତୀୟ ଶ୍ରେଣୀରେ ପାସ୍‌ କରିଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୭। ବିଜ୍ଞାନ ପାଠ୍ୟକ୍ରମରେ ପଢିବା ପାଇଁ ବିଶେଷ ସୁବିଧା ସୁଯୋଗ ତଥା ଆନୁସଙ୍ଗିକ ବ୍ୟବସ୍ଥା ନଥିଲେ ସୁଦ୍ଧା ଏହି ଅନଗ୍ରସର ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ବିଜ୍ଞାନ ପଢି ପରୀକ୍ଷା ଦେଇଥିବାଛାତ୍ରୀଛାତ୍ରଙ୍କମଧ୍ୟରେ୨୫ଜଣ ପ୍ରଥମ ଶ୍ରେଣୀ ଲାଭ କରି ସାରା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। କଠିନ ପରିଶ୍ରମ ଅପେକ୍ଷା ଗଭୀର ଅଧ୍ୟବସାୟ ସଫଳତା ଆଣିଥାଏ ବୋଲି କେତେଜଣ ସଫଳ ଛାତ୍ରୀଛାତ୍ରଙ୍କ ଦେଇଥିବା ମତରୁ ସ୍ପଷ୍ଟ ବାରିହୁଏ।

### ଅଧ୍ୟାପକ ହେବାର ଲକ୍ଷ୍ୟ ରହିଛି : ସେବକ



“ ସିଣ୍ଢୋଲ ଆଞ୍ଚଳିକ ଜୁନିୟର କଲେଜର ଛାତ୍ର ସେବକ ମାଝୀ ଚଳିତ ପରୀକ୍ଷାରେ ୪୪୮ ନମ୍ବର(୭୪.୬୬%) ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମ୍ବଲପୁର ଜିଲା ସିମିଲିପାଲ ଅନ୍ତର୍ଗତ ସିହିଲିଆ ଗ୍ରାମର ସେବକଙ୍କ ବାପା ଦୁର୍ଯ୍ୟୋଧନ ମାଝୀ ଜଣେ ଚାଷୀ। ଗାଁରେ ବିଜ୍ଞାନ ପଢିବାର ସୁବିଧା ନଥିବାରୁ ସମ୍ପର୍କୀୟଙ୍କ ଘରେ ରହି ପଢୁଥିଲେ। ସଫଳତା ପାଇଁ କେବଳ କଠିନ ପରିଶ୍ରମ ନୁହେଁ ଧାନଦେଇ ପାଠ ପଢିବା ହିଁ ଏହାର ମୂଳମନ୍ତ୍ର ବୋଲି ସେ କହିଛନ୍ତି। ଭଲ ପାଠପଢି ଜଣେ ଅଧ୍ୟାପକ ହେବାର ଲକ୍ଷ୍ୟ ରହିଥିବା କହିଛନ୍ତି ସେବକ।

### ବ୍ୟାଙ୍କ ଅଫିସର ହେବେ ବିଭୂତି



“ ବୀରମହାରାଜପୁର ଜୁନିୟର କଲେଜର ବିଭୂତି କୁମାର ମେହେର ୪୨୭ ନମ୍ବର ରଖି ପ୍ରଥମ ଶ୍ରେଣୀରେ ପାସ୍‌ କରିଛନ୍ତି। ବୀରମହାରାଜପୁର ନିକଟବର୍ତ୍ତୀ ହନୁମାନପାଲି (ଟାଙ୍ଗରସାହି)ର ବାସିନ୍ଦାଙ୍କ ପରିବାରର କୌଳିକ ବୃତ୍ତି ଲୁଗାବୁଣା। ସଫଳତା ପାଇବାକୁ ହେଲେ ପରିଶ୍ରମ ସାଙ୍ଗକୁ ବ୍ୟବସ୍ଥିତ ଢଙ୍ଗରେ ପଢିବା ଉଚିତ୍‌ ବୋଲି ମୁଁ ମନେକରେ। ଭବିଷ୍ୟତରେ ବ୍ୟାଙ୍କ ଅଫିସର ହେବାକୁ ଅଭିପ୍ରାୟ ରଖିଛି।

### ପ୍ରଶାସନିକ ସେବାରେ ଯୋଗଦେବା ସଚିନଙ୍କ ଇଚ୍ଛା



“ ବୀମହାରାଜପୁର ଜୁନିୟର କଲେଜର ଛାତ୍ର ସଚିନ ଲୁହ ମୋଟ ୩୮୯ନମ୍ବର ରଖି ପ୍ରଥମ ଶ୍ରେଣୀରେ ପାସ୍‌ କରିଛନ୍ତି। କୋଟସମଲାଇ ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟୁଲାପାଲିର ସଚିନ ହିଲୁଙ୍କରେ ମାମୁଁଘରେ ରହି +୨ ବିଜ୍ଞାନ ପଢୁଥିଲେ। ଘୋର ଦାରିଦ୍ର୍ୟ ମଧ୍ୟରେ ସଫଳତା ପାଇ ଥିବାରୁ ଅନେକଟା ଉତ୍ସାହିତ ଲାଗୁଛି। ଘରୋଇ ଅସୁବିଧା ହେତୁ ବର୍ତ୍ତମାନ ମୁଁ ସିଟି ଟ୍ରେନିଂ କରିବାକୁ ଇଚ୍ଛା ପ୍ରକଟ କରିଥିଲେ ହେଁ ଭବିଷ୍ୟତରେ ପ୍ରଶାସିନ ସେବା ପ୍ରତି ଲକ୍ଷ୍ୟ ରଖିଛି।

### ଶିକ୍ଷୟିତ୍ରୀ ହେବେ ସୁଷମା



“ ବୀରମହାରାଜପୁର ଜୁନିୟର କଲେଜର ଛାତ୍ରୀ ସୁଷମା ମେହେର ୩୮୬ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଠିନ ପରିଶ୍ରମ ଅପେକ୍ଷା ଗଭୀର ଅଧ୍ୟବସାୟ ସଫଳତା ଆଣିଦିଏ । ଭବିଷ୍ୟତରେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ହେବାର ଲକ୍ଷ୍ୟ ରହିଥିବା କହିଛନ୍ତି ସୁଷମା। ବାଗବର ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପାଲି ଗାଁର ସୁଷମା ତାଙ୍କର ଏହି ସଫଳତା ପଛରେ ମା' ବାପାଙ୍କର ବିଶେଷ ଭୂମିକା ରହିଥିବା କହିଛନ୍ତି।

# ରତ୍ନପଥର ସନ୍ଧାନରେ ଲୁଟେରାଙ୍କ ମେଳି

■ଘଉଡ଼ାଇବାକୁ ଯାଇ ପୋଲିସ ହଟହଟା

ବୀରମହାରାଜପୁର,୫।୬(ଡି.ଏନ୍‌.ଏ.)

କିଛିବର୍ଷ ପୂର୍ବରୁ ରତ୍ନପଥରକୁ ନେଇ ଚର୍ଚ୍ଚାରେ ଥିବା ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଏବେ ସେହି ପ୍ରସଙ୍ଗକୁ ନେଇ ପୁଣି ଚର୍ଚ୍ଚାକୁ ଆସିଛି। ରତ୍ନପଥର ସନ୍ଧାନରେ ଗତ ୩ଦିନ ହେଲା ଲୁଟେରା ମେଳି ବାନ୍ଧିବା ଘଟଣା ସାମ୍ନାକୁ ଆସିଥିବାରୁ ଏଭଳି ଚର୍ଚ୍ଚା ଆହୁରି ଜୋର୍‌ ଧରିଛି। ବୀରମହାରାଜପୁର ଥାନା ମୁଷୁଣ୍ଡୀ ପଞ୍ଚାୟତ ଗୋପପାଲି ଗ୍ରାମରେ ବ୍ୟକ୍ତିଗତ ମାଲିକାନାରେ ଥିବା କେତେକ ଜମିରେ ମୂଲ୍ୟବାନ ରତ୍ନପଥର ସନ୍ଧାନ ମିଳିଥିବା କୁହାଯାଉଛି। ୩ଦିନ ତଳେ ସ୍ଥାନୀୟ ଏକ ଗୋଷ୍ଠୀ ଉକ୍ତ ଜମିରୁ କିଛି ରତ୍ନପଥର ପାଇ ତାହାକୁ ୧୫ଲକ୍ଷ ଟଙ୍କାରେ ବିକ୍ରି କରିଥିବା କଥା ବାହାରେ ପ୍ରଘଟ ହେବାରୁ କ୍ରମଶଃ ସେଠାରେ ଲୁଟେରାଙ୍କ ଭିଡ଼ ଜମୁଥିବା ଦେଖାଯାଉଛି। ସମ୍ପୃକ୍ତ ଜମିର ମାଲିକ ବୋଲି ଦାବି କରୁଥିବା ଗୋପପାଲିର ତିନିଭାଇଙ୍କ ଅଜାଣତରେ ଅଜଣା ବ୍ୟକ୍ତିମାନେ ଜମି ଖନନ କରୁଥିବା ଅଭିଯୋଗ ହୋଇଛି। ଗ୍ରାମର ଅଙ୍କୁର ଜଗଦଲା ତାଙ୍କ ଭାଇ ଅଲେଖ ଜଗଦଲା ଓ ଅନନ୍ତ ଜଗଦଲାଙ୍କ ମିଳିତ ଅଭିଯୋଗ କ୍ରମେ ଲୁଟେରାଙ୍କୁ ଧରିବାକୁ ମଙ୍ଗଳବାର ରାତିରେ ପୋଲିସ ଘଟଣାସ୍ଥଳରେ ଚଢ଼ାଉ କରି ବିଫଳ ହୋଇଥିଲା। ରାତିରେ ହଜାରେରୁ ଅଧିକ ଲୋକ ସେଠାରେ ରୁଣ୍ଡ ହୋଇ କୋଡ଼ି କୋଦାଳ ଓ ଶାବଳ ଆଦିରେ ରତ୍ନପଥର ସନ୍ଧାନରେ ମାଟି ଖୋଳି ଚାଲିଥିବାବେଳେ ସୀମିତ ସଂଖ୍ୟକ ପୋଲିସ କର୍ମଚାରୀ ସେମାନଙ୍କୁ ସାମନା କରିବା ସାହସ ଜୁଟାଇ ନ ପାରି ଫେରି ଆସିଥିବା କୁହାଯାଉଛି। ବର୍ତ୍ତମାନ ସୁଦ୍ଧା ପୋଲିସ ପ୍ରଶାସନ ଲୁଟେରାଙ୍କୁ ଘଉଡ଼ାଇବା ଅଭିଯାନରେ ବିଫଳ ହୋଇଥିବାରୁ ଆଗକୁ କିଭଳି ପଦକ୍ଷେପ ନିଆଯାଉଛି ତା' ଉପରେ ସମସ୍ତଙ୍କ ନଜର ରହିଛି। ବୁଧବାର ସନ୍ଧ୍ୟା ସୁଦ୍ଧା ଉକ୍ତ ଜମିରେ ଲୁଟେରାଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ିଥିବା ସୂଚନା ମିଳିଛି। ତେଣୁ ଉତ୍ତେଜନା ପ୍ରକାଶ ପାଇବା ସହ ଯେକୌଣସି ମୁହୂର୍ତ୍ତରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବା ଆଶଙ୍କା ରହିଛି। ଏସମ୍ପର୍କରେ ବୀରମହାରାଜପୁର ଏସ୍‌ଡିପିଓ ଧିରଜ ଚୋପଦାରଙ୍କ ସହ ଯୋଗାଯୋଗ କରିବାରୁ, ଖୁବ୍‌ଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।

■ସୁବର୍ଣ୍ଣପୁରରେ ବିଶ୍ୱ ପରିବେଶ ଦିବସ

# ମିଳିତ ପ୍ରଚେଷ୍ଟା ବାୟୁ ପ୍ରଦୂଷଣ ରୋକିପାରିବ

ସୋନପୁର,୫।୬(ନି.ପ୍ର.)

ସୁବର୍ଣ୍ଣପୁର ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ବୁଧବାର ଡିଏଫଓଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ମଧୁସୂଦନ ମିଶ୍ର ଯୋଗଦେଇ ପ୍ରଦୂଷଣକୁ ରୋକିବାକୁ ଆହ୍ୱାନ ଦେଇଥିଲେ । ଅସମୟରେ ବର୍ଷା, ଆଶାତୀତ ଶୀତ, ପ୍ରଚଣ୍ଡ ଗ୍ରୀଷ୍ମ, ମରୁଡି, ବାତ୍ୟା ଯୋଗୁ ବିଶ୍ୱ ସଙ୍କଟରେ । ସୁବର୍ଣ୍ଣପୁର ଜିଲାରେ ବାୟୁ ପ୍ରଦୂଷଣ ବଢି ଚାଲିଛି। ଜଙ୍ଗଲ ନଷ୍ଟ, ଫସଲ ଅମଳ ପରେ କ୍ଷେତରେ ନିଆଁ ଲଗାଇବା ଯୋଗୁ ପ୍ରଦୂଷଣ ବୃଦ୍ଧି ପାଉଛି । ତେଣୁ ମିଳିତ ପ୍ରଚେଷ୍ଟା ଦ୍ୱାରା ହିଁ ବାୟୁ ପ୍ରଦୂଷଣକୁ ରୋକା ଯାଇପାରିବ ବୋଲି ଜିଲାପାଳ କହିଥିଲେ। ଜିଲାପାଳ ମିଶ୍ର ଆହୁରି କହିଥିଲେ ଯେ, ଜୀବଜଗତ ବଞ୍ଚିବା ପାଇଁ ବାୟୁ ଏକ ଅପରିହାର୍ଯ୍ୟ ଉପାଦାନ । ନ ଖାଇ ଆମେ କିଛିଦିନ ବଞ୍ଚିପାରିବ ମାତ୍ର ବାୟୁ ବିନା କିଛି କ୍ଷଣ ବି ବଞ୍ଚିବା ଅସମ୍ଭବ । ଏସ୍‌ପି ଦେବୀପ୍ରସାଦ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାୟୁ ପ୍ରଦୂଷଣ ଆଜିର ଦିନରେ ବଡ ଚ୍ୟାଲେଞ୍ଜ। ଗଛ ନ ଥିଲେ ବାୟୁ ପ୍ରଦୂଷଣ, ତାପମାତ୍ରା ବୃଦ୍ଧି ପାଇବ । ଏହାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହେବାକୁ ପଡିବ । ବନୀକରଣ ସହିତ ବର୍ଜ୍ୟବସ୍ତୁର ଠିକ୍‌ ପରିଚାଳନା ଆବଶ୍ୟକ ବୋଲି ଏସ୍‌ପି କହିଥିଲେ । ସିଡିଏମ୍‌ପିଏଚଓ ଡାକ୍ତର ସରୋଜ କୁମାର ନାୟକ ପରିବେଶ ପ୍ରଦୂଷଣ ଯୋଗୁ ଦେଖା ଦେଉଥିବା ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଡିଏଫଓ ସୁଶାନ୍ତ କୁମାର ସାମନ୍ତରାୟ ସଭାରେ ଅଧ୍ୟକ୍ଷତା କରି ଜିଲାର ଆୟତନ ଅନୁସାରେ ୩୩%ରୁ ଊର୍ଦ୍ଧ୍ୱ ଜଙ୍ଗଲ ରହିବା ଆବଶ୍ୟକ । ଜିଲାରେ ମାତ୍ର ୧୮% ଜଙ୍ଗଲ ରହିଛି। ଉଜୁଡା ଜଙ୍ଗଲର ସଂରକ୍ଷଣ ସହିତ ନୂତନ ଜଙ୍ଗଲ ସୃଷ୍ଟି ଓ ବ୍ୟାପକ ବୃକ୍ଷରୋପଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପରିବେଶର ଅନୁଚିନ୍ତା ପ୍ରଥମେ ନିଜ ପରିବାରରୁ ଆରମ୍ଭ ହେବା ଉଚିତ ବୋଲି ଡିଏଫଓ କହିଥିଲେ। ଏହି ଅବସରରେ ସୋନପୁର ବ୍ଲକ ବାଲପୁରର ରାଜୁ ସେନାପତି, ଡୁଙ୍ଗୁରିପାଲି ବ୍ଲକ ଏସ ରାମପୁରର ଚୁମ୍‌କି ପୂଜାରୀ, ବିନିକାର ଅଧ୍ୟାପିକା ରେଖା ପଧାନ, ବୀରମହାରାଜପୁର ପଣ୍ଡାପାଲି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମେଘାନନ୍ଦ ଭୋଇ ଓ ଉଲୁଣ୍ଡା ଗଣ୍ଡାବାହାଲର ଲକ୍ଷ୍ମଣ ବାରିକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରଦୀପ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଞ୍ଜୀବ କୁମାର ନାଗ ଧନ୍ୟବାଦ ପ୍ରଦାନ କରିଥିଲେ। ବିଶ୍ୱ ପରିବେଶ ଦିବସ ଅବସରରେ ଜିଲାର ସମସ୍ତ ରେଞ୍ଜର, ଫରେଷ୍ଟର ଓ ଗାର୍ଡ ସୋନପୁର ରେଞ୍ଜ ଅଫିସ ସମ୍ମୁଖରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ସକାଳେ ସହର ପରିକ୍ରମା କରିଥିଲେ ।




ସଚେତନତା ସଭାରେ ଜିଲାପାଳ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ସେହିପରି ଜିଲା ଆଇନସେବା ପ୍ରାଧିକାରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ପରିବେଶକୁ ସନ୍ତୁଳିତ କରିବା ପାଇଁ ଅତିଥିମାନେ କୋର୍ଟ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିଥିଲେ। ଜିଲା ଦୌରାଜଜ୍‌ ରାଜ କୁମାର ସାହୁ, ପରିବାର କୋର୍ଟର ଜଜ୍‌ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ବରିଷ୍ଠ ସିଭିଲ ଜଜ୍‌ ଚିନ୍ମୟ ଗୋଛାୟତ, ରେଜିଷ୍ଟ୍ରାର ତଥା ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ସୀମା ତ୍ରିପାଠୀ, ଜେଏମ୍‌ଏଫସି ଅଙ୍କିତା ଶର୍ମା, ଅବସରପ୍ରାପ୍ତ ସିଡିଏମଓ ଡାକ୍ତର ରାଜେନ୍ଦ୍ର କୁମାର ମିଶ୍ର, ସୋନପୁର ରେଞ୍ଜର ରଞ୍ଜନ କୁମାର ମହାନ୍ତି, ସରକାରୀ ଓକିଲ ବ୍ୟୋମକେଶ ଦାଶ, ଅଦ୍ୱୈତ କୁମାର ପଣ୍ଡା, କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା ପ୍ରମୁଖ ବୃକ୍ଷରୋପଣ କରିଥିଲେ। ସୁସ୍ଥ ଜୀବନ ପାଇଁ ସୁନ୍ଦର ପରିବେଶ ଦରକାର । ପରିବେଶ ଅସନ୍ତୁଳିତ ହେଲେ ଜୀବଜଗତ ପାଇଁ ଏହା ସବୁଠୁଁ ବଡ ବିପଦ । ଲୋକେ ସଚେତନ ହୋଇ ନିଜ ନିଜର ପରିବେଶ ସଫା ସୁତୁରା ରଖିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ ।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ



### ଜିଲା ଶିଖ୍ ସେବା ସଂସ୍ଥା ପକ୍ଷରୁ ସରବତ ବଣ୍ଟନ

**ଭବାନୀପାଟଣା,୫।୬ (ଡି.ଏନ.ଏ.)**- କଳାହାଣ୍ଡି ଜିଲା ଶିଖ୍ ସେବା ସଂସ୍ଥା ଦ୍ୱାରା ପଞ୍ଚମ ଗୁରୁ ଅର୍ଜୁନ ଦେବଙ୍କ ଶହୀଦ୍ ଦିବସ ଉପଲକ୍ଷେ ସ୍ଥାନୀୟ ରେଲୱେ ଷ୍ଟେଶନ୍ ଛକଠାରେ ପଥଚାରୀମାନଙ୍କୁ ଜଳଛତ୍ର (ଛବିଲ) ଜରିଆରେ ଥଣ୍ଡା ସରବତ ବୁଧବାର ବଣ୍ଟନ କରାଯାଇଛି। ଜିଲ୍ଲା ଶିଖ୍ ସେବା ସଂସ୍ଥାର ମହିଳା ସଦସ୍ୟାଙ୍କ ସହ ଅନ୍ୟାନ୍ୟ ସଦସ୍ୟମାନେ ବୁଧବାର ପ୍ରବଳ ଗ୍ରୀଷ୍ମ ପ୍ରବାହରେ ରାସ୍ତାରେ ଯାଉଥିବା ପଥିକମାନଙ୍କୁ ସରବତ ବାଣ୍ଟିଥିଲେ।



### ରାସ୍ତା କଡ଼ରେ ଜମୁଛି ତାଳସଜ ପସରା

**ରିଷିଡା,୫।୬ (ଡି.ଏନ.ଏ.)**- ଖରା ଦିନରେ ଝାଞ୍ଜି ପବନ ଜନଜୀବନ ଅସ୍ତବ୍ୟସ୍ତ କରୁଥିବା ବେଳେ ଖରାଦିନିଆ କିଛି ଫଳ ଲୋକଙ୍କୁ ସନ୍ତୁଷ୍ଟ କରିଥାଏ । ଖରାଦିନେ ତାଳ, ଆମ୍ବ, ଖଜୁରୀ କୋଳି, ଜାମୁକୋଳି, କୁସମ ଭଳି ଫଳ ବେଶ ଚାହିଦା ରହିଛି । ଗ୍ରାମାଞ୍ଚଳରେ ଏହି ଫଳଗୁଡିକ ସହରରେ ଉପଲବ୍ଧ ହେଉଥିବା ବେଳେ ସହରାଞ୍ଚଳରେ ଏହାର ଦର ଅଧିକ ରହିଥାଏ । କଳାହାଣ୍ଡି ଜିଲା ଦେଇଯାଇଥିବା ୨୬ ନଂ. ଜାତୀୟ ରାଜପଥ ଉଚ୍ଚେଲାଠାରୁ ପ୍ରାୟ ୧୦ କି.ମି. ପର୍ଯ୍ୟନ୍ତ ଦୁଇ କଡରେ ମାଳମାଳ ତାଳଗଛ। ତାଳଗଛ ତାଳ ଫଳ ମଧ ଭର୍ତ୍ତି ହୋଇଛି। ତାଳ ଫଳ (କଞ୍ଚା)ରୁ କାଟି ତାର ସଜ ବାହାର କରି ଖାଇବାକୁ ପଡେ । କିଛି ନାବାଳକ ଏହି ଫଳକୁ ନେଇ ସାମୟିକ ବେପାର କରୁଛନ୍ତି । କଞ୍ଚା ତାଳ ଅଳ୍ପ କଅଁଳ ଥିବା ସଜ ଖାଇବାକୁ ବେଶ ସୁସ୍ୱାଦୁ ଫଳକୁ ଗୋଟା ପ୍ରତି ୨ ଟଙ୍କାରେ ବିକ୍ରି କରି ବେଶ ଦି ପଇସା ପାଇଥାନ୍ତି । ରାସ୍ତା କଡରେ ଏହି ତାଳ ଫଳକୁ ରଖି ଗ୍ରାହକ ଅପେକ୍ଷାରେଥାନ୍ତି। ରାସ୍ତା କଡରେ ଏହି ତାଳ ଫଳକୁ ରଖି ଗ୍ରାହକ ଅପେକ୍ଷା ଥାନ୍ତି। ଗ୍ରାହକମାନେ ତାଳ ପାଇବା ପାଇଁ ଭିଡ କରନ୍ତି । ଏହି ଫଳକୁ ଖାଇବା ପାଇଁ କାହିଁକି ହାତଛଡା କରିବା ବୋଲି ଗ୍ରାହକମାନେ କହୁଥିବା ବେଳେ ନାବାଳକ ବେପାରୀଙ୍କ ପାଇଁ ରୋଜଗାରର ପନ୍ଥା ସାଜିଛି ।

# ଚାଷୀଙ୍କ ଚିନ୍ତା ବଢ଼ାଉଛି କାଳବୈଶାଖୀ

**ଭବାନୀପାଟଣା,୫।୬ (ଡି.ଏନ.ଏ.)**

**କଲମପୁର ବ୍ଲକ**



କାଳବୈଶାଖୀ ଭୟରେ ଚାଷୀ ଧାନକୁ ଘୋଡାଇ ରଖିଛନ୍ତି ।

ଜିଲା ପ୍ରଶାସନ ଓ ମିଲର୍ସଙ୍କ ମଧ୍ୟରେ ଦୀର୍ଘ ୧୫ ଦିନ ଧରି ବାଦବିବାଦ ପରେ ଗତ ୨୯ ତାରିଖଠାରୁ କଳାହାଣ୍ଡି ଜିଲା କଲମପୁରଠାରେ ଧାନ ମଣ୍ଡି ଖୋଲିବା ପାଇଁ ସମବାୟ ସମିତିକୁ ସୂଚନା ଦିଆଯାଇଥିଲା । ଏହା ପରେ ସମବାୟ ସମିତି ପକ୍ଷରୁ ଚାଷୀଙ୍କୁ ଧାନ ମଣ୍ଡିକୁ ଆଣିବା ପାଇଁ ଟୋକନ ଦିଆଯାଇଥିଲା । ଚାଷୀ ଟୋକନ ପାଇବା ପରେ ଧାନ ଆଣି ମଣ୍ଡିରେ ରଖିଥିଲେ । କଲମପୁର ବ୍ଲକର କଲମପୁର, ଦେପୁର, ବନ୍ଧକନା ଓ ମଣ୍ଡଳଠାରେ ଥିବା ମଣ୍ଡିରେ ଛାଉଣି ବ୍ୟବସ୍ଥା ଥିବାରୁ କିଛି ଚାଷୀ ସୁରକ୍ଷିତ ଭାବେ ଧାନ ରଖିଥିଲେ ମଧ୍ୟ ଅନେକ ଚାଷୀ ଖୋଲା ଆକାଶ ତଳେ ଧାନ ରଖିଛନ୍ତି । ସେହିଭଳି ବିଜମରା, ବଡକୁଟ୍ରୁ, ଇଚ୍ଛାପୁର, ଦୁଲକିବନ୍ଧ ଓ ହାରାମାଲ ଆଦି ମଣ୍ଡି ଖୋଲା ଆକାଶ ତଳେ ରହିଛି। ଏଠାରେ ଚାଷୀଙ୍କ ଧାନକୁ ସୁରକ୍ଷିତ ରଖିବା ପାଇଁ କୌଣସି ବ୍ୟବସ୍ଥା ନାହିଁ । ନିୟନ୍ତ୍ରିତ ବଜାର କମିଟି ତରଫରୁ ଯୋଗାଇ ଦିଆଯାଇଥିବା ତାରପୋଲିନ ପର୍ଯ୍ୟାପ୍ତ ନ ଥିବାରୁ ଅନେକ ଚାଷୀ ନିଜ ସାଧ୍ୟ ମତେ ଧାନ ରଖିଥିଲେ । କାଳବୈଶାଖୀର ପ୍ରଭାବରୁ ପବନ ଦ୍ୱାରା ପାଲ ସବୁ ଉଡି ଯାଇଥିବାରୁ ବର୍ଷା ହେବା ପରେ ବହୁ ଚାଷୀଙ୍କ ଧାନ ଭିଜି ନଷ୍ଟ ହେବାରେ ଲାଗିଛି। ଗତ ଶୁକ୍ରବାର ରାତିରେ ବର୍ଷା ଓ ପବନ ହେଇଥିଲା । ଏହା ସହ ଶନିବାର ସକାଳେ ମଧ୍ୟ ବର୍ଷା ଲାଗି ରହିବାରୁ ଚାଷୀ ହତାଶ ହୋଇ ପଡିଛନ୍ତି । ବର୍ତ୍ତମାନ ୯୦ ପ୍ରତିଶତରୁ ଅଧିକ ଚାଷୀ ସେମାନଙ୍କ ଧାନ ଅମଳ କରି ସାରିଥିବା ବେଳେ ମାତ୍ର ୨ରୁ ୫ ପ୍ରତିଶତ ଚାଷୀ ସେମାନଙ୍କ ଧାନ ମଣ୍ଡିରେ ବିକ୍ରି କରିଛନ୍ତି । ବହୁ ଚାଷୀ ସେମାନଙ୍କ ଧାନକୁ କିଏ ଖଳାରେ ରଖି ପାଲ ଘୋଡାଇଛି ତ କିଏ ରାସ୍ତା କଡରେ ରଖି ଜଗି ରହିଛି। ଚାଷୀଙ୍କ ଏହି ଅସମୟରେ ଶ୍ରମିକମାନେ ଅଧିକ ପ୍ରାପ୍ୟ ଦାବି କରି ମଣ୍ଡି ଅଚଳ କରୁଛନ୍ତି। ଯାହା ଚାଷୀଙ୍କ ପାଇଁ ସମସ୍ୟା ଦେଖାଦେଉଛି। ଶ୍ରମିକଙ୍କୁ ଧାନ ଓଜନ ଓ ଟ୍ରକରେ ବୋଝେଇ କରିବା ପାଇଁ ପ୍ରଶାସନ ତରଫରୁ କୁଇଣ୍ଟାଲ ପ୍ରତି ୮.୪୭ ପଇସା ଧାର୍ଯ୍ୟ କରାଯାଇଛି । କିନ୍ତୁ ଗତ ଖରିଫରେ ଏହି ବାବଦକୁ ସମବାୟ ସମିତି ତରଫରୁ ୧୦.୫୦ ପଇସା ପ୍ରଦାନ କରିଥିବାରୁ ଚଳିତ ରବିରେ ପୁଣି ଶ୍ରମିକ ୫୦ ପଇସା ବର୍ଦ୍ଧିତ କରି କୁଇଣ୍ଟାଲ ପ୍ରତି ୧୧ ଟଙ୍କା ଧାର୍ଯ୍ୟ କରିବା ପାଇଁ ଦାବି କରିଥିଲେ। କିନ୍ତୁ ସମବାୟ ସମିତି ତରଫରୁ ପ୍ରଥମରୁ ହିଁ ପ୍ରଶାସନ ଧାର୍ଯ୍ୟଠାରୁ ଅଧିକ ପ୍ରାପ୍ୟ ଦେଉଥିବାରୁ ଆହୁରି ଅଧିକ ବୃଦ୍ଧି କରିବା ସମ୍ଭବ ନୁହେଁ କହିଥିଲେ । ବହୁ ଆଲୋଚନା ପରେ କଲମପୁର ଧାନ ମଣ୍ଡି ଆରମ୍ଭ ହେଇଥିବା ବେଳେ ମଣ୍ଡଳ ମଣ୍ଡି ଅଚଳ ରହିଥିଲା । ବର୍ତ୍ତମାନ ବର୍ଷା ଋତୁ ଥିବାରୁ ଚାଷୀଙ୍କ ଆଖିରୁ ନିଦ ହଜିଯାଇଥିବା ବେଳେ ନିଜ କଷ୍ଟ ଉପାର୍ଜିତ ଧାନ ବିକ୍ରି ନେଇ ଚାଷୀ ଚିନ୍ତାରେ ପଡିଛନ୍ତି । ତୁରନ୍ତ ଜିଲା ପ୍ରଶାସନ ଚାଷୀଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ଧାନ ଉଠାଣ ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଜୟପାଟଣାରେ ଇଦ୍ ପର୍ବ ପାଳିତ

**ଭବାନୀପାଟଣା/ମୁଖିଗୁଡା, ୫।୬ (ସ୍ୱ.ପ୍ର./ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ଜୁମ୍ମା ମସଜିଦ୍‌ଠାରେ ବୁଧବାର ପବିତ୍ର ଇଦ୍ ପର୍ବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ସାମୁହିକ ଭାବେ ଏକତ୍ର ହୋଇ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ନମାଜ ପାଠ କରିଥିଲେ। ଜୁମ୍ମା ମସ୍‌ଜିଦର ପେସ ଇମାମ କାଭୀ ଖଲିଲ ଅହମ୍ମଦଙ୍କ ଦ୍ୱାରା ଇଦ୍ ନମାଜ ପାଠ ହୋଇଥିଲା। ଦୀର୍ଘ ଏକମାସ ଧରି ସେମାନେ ଉପବାସ କରିବା ସହ ତରାବି ନମାଜ, ଧର୍ମୀୟ ଚର୍ଚ୍ଚା, ଦାନପୂଣ୍ୟ ପ୍ରଭୃତି ଧର୍ମୀୟ କର୍ମ କରିଥିଲେ। ସମସ୍ତଙ୍କ ମଧ୍ୟରେ ଭାଇଚାରା ସମ୍ପର୍କ ବନ୍ଧନ ମଧ୍ୟରେ ବାନ୍ଧିହେବା ଇଦ୍‌ପର୍ବର ମୁଖ୍ୟ ଉଦ୍ଦେଶ୍ୟ । ଜୟପାଟଣା ଜୁମ୍ମା ମସଜିଦର ସଭାପତି ଅବ୍ଦୁଲ ହମିଦ, ଅନସାରୀ ଅଲ୍ଲୀ, ତାହିର ଅଲ୍ଲୀ, ଅବେଶ ମହମ୍ମଦ, ଅହମ୍ମଦ ଅଲ୍ଲୀ, ମେହେବୁବ୍ ଅଲ୍ଲୀ, ଜବାର ଖାଁ, ଫାରୁକ ଖାଁ, ଅମଜାଦ ଖାଁ, ଫକିର ଖାଁ, ଫିରୋଜ ଖାଁ ପ୍ରମୁଖ ଏଥିରେ ନେତୃତ୍ୱ ନେଇଥିଲେ।



ଜୟପାଟଣାରେ ଅନୁଷ୍ଠିତ ଇଦ ପର୍ବରେ ଭାଗନେଇଥିବା ଛୋଟ ପିଲାମାନେ।

## ୩ ପଞ୍ଚାୟତ ଚାଷୀଙ୍କ ସମାବେଶ

**ମୋହନଗିରି,୫।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମାଣିକେରା ପଞ୍ଚାୟତ ଗଣ୍ଡପଦରଠାରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମାଣିକେରା ସରପଞ୍ଚ ରପକାନ୍ତି ସୁନାଙ୍କ ନେତୃତ୍ୱରେ ଆୟୋଜିତ ସମାବେଶରେ ମୋହନଗିରି, ସିଂହପୁର ଓ ମାଣିକେରା ପଞ୍ଚାୟତର ଶତାଧିକ ଚାଷୀ ଯୋଗଦେଇଥିଲେ। ଏହି ୩ଟି ପଞ୍ଚାୟତରେ ଥିବା ହାରାହାରି ୩ ହଜାର ଅଣ ଜଳସେଚିତ ଜମିକୁ ଜଳସେଚନ ବ୍ୟବସ୍ଥା କରାଯିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିବା ଲାଗି ଏହି ସମାବେଶ କରାଯାଇଛି। ଏହି ପରିପ୍ରକ୍ଷୀରେ ଚାଷୀମାନଙ୍କୁ ନେଇ ଏକ ୧୧ ଜଣିଆ ଚାଷୀ କମିଟି ଗଠନ କାରାଯାଇଥିଲା। ସର୍ବସମ୍ମତିକ୍ରମେ ମୀନକେତନ ପାତ୍ରଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିଲା। ସେହିପରି ଉପସଭାପତି ଧୋବା ପନ୍ଦର, ସମ୍ପାଦକ ଯୋଗେନ୍ଦ୍ର ଧରୁଆ, ସହସମ୍ପାଦକ ଚକ୍ରଧର ପାତ୍ର, କୋଷାଧ୍ୟକ୍ଷ ଅନନ୍ତ ଗୋପାଳ ସାହୁ, ଏବଂ ସଦସ୍ୟା/ସଦସ୍ୟ ଭାବରେ ମାର୍କଣ୍ଡ ସାହୁ, ନବୀନ ପଧାନ, ପୁଷ୍ପାଳି ଧରୁଆ, ମୋହନଗିରି ସରପଞ୍ଚ ବଳଭଦ୍ର ପାତ୍ର, ସିଂହପୁର ସରପଞ୍ଚ ବିଦ୍ୟାଧର ପାତ୍ର, ମାଣିକେରା ସରପଞ୍ଚ ରପକାନ୍ତି ସୁନାଙ୍କୁ ମନୋନୀତ କରାଯାଇଛି। ସୂଚନାଯୋଗ୍ୟ ଯେ, ମଣିକେରାଠାରୁ ୭ କି.ମି. ଦୂରରେ ଥିବା ଚିରସ୍ରୋତା ରାହୁଲ ନଦୀର ଏକ ଉପନଦୀରେ ସରକାରଙ୍କ ତରଫରୁ ଏକ ମେଘା ଜଳ ପ୍ରକଳ୍ପ ଦିଆରି କରାଗଲେ ୩ଟି ପଞ୍ଚାୟତ ୩ ହଜାରରୁ ଉର୍ଦ୍ଧ୍ୱ ଜମିକୁ ଜଳସେଚନ ହୋଇପାରିଲେ ଶତାଧିକ ଚାଷୀ ପରିବାର ଉପକୃତ ହେବେ। ଆଗାମୀ ଦିନରେ ଏହି ଦାବିକୁ ସରକାରୀସ୍ତରରେ କାର୍ଯ୍ୟକାରୀ କରାଇବାରେ ଏହି ଚାଷୀ କମିଟି ଅଗ୍ରଣୀ ଭୂମିକା ନେବ ।



ଗଣ୍ଡପଦରଠାରେ ଆୟୋଜିତ ସମାବେଶରେ ଯୋଗଦେଇଥିବା ଚାଷୀମାନେ ।

## ବାୟୁ ପ୍ରଦୂଷଣ, ଜଙ୍ଗଲ ସୁରକ୍ଷା ସଚେତନତା

**ଭବାନୀପାଟଣା,୫।୬ (ଡି.ଏନ.ଏ.)**

କଳାହାଣ୍ଡି ଏଜେନ୍ସି ଫର୍ ଏନଭାରମେଣ୍ଟ ଆଣ୍ଡ ୱାଇର୍ଡ ଲାଇଫ୍ (କେଫ୍ୟୁ) ପକ୍ଷରୁ ବିଶ୍ୱ ପରିବେଶ ଦିବସ ସଦର ବ୍ଲକ ଅନ୍ତର୍ଗତ ରିଷିଗାଁ ପଞ୍ଚାୟତ କେରୋକୁଡାଠାରେ ବୁଧବାର ପାଳିତ ହୋଇଯାଇଛି। କଳାହାଣ୍ଡି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରାକର୍ତ୍ତନ ଅଧ୍ୟକ୍ଷ ଡ. ଅଜୟ କୁମାର ମିଶ୍ର, ରିଷିଗାଁ ସରପଞ୍ଚ ଟନେଶ୍ୱର ନାୟକ, ବନରକ୍ଷୀ ପ୍ରଶାନ୍ତ କୁମାର ଠାକୁର ଓ ପରିବେଶପ୍ରେମି ଶିକ୍ଷକ ଡୋଳାମଣୀ ସାହୁ ବିଶ୍ୱ ପରିବେଶ ଦିବସ ଉପରେ ଆଲୋଚନା କରିଥିଲେ। ବାୟୁ ପ୍ରଦୂଷଣ ଓ ଜଙ୍ଗଲ ସୁରକ୍ଷା ଉପରେ ଗ୍ରାମବାସୀ ତଥା ଉପସ୍ଥିତ ମହିଳା ସମିତି ଓ ଯୁବକ ସଂଘ ସଦସ୍ୟାସଦସ୍ୟଙ୍କୁ ସଚେତନା ବର୍ତ୍ତା ଦେଇଥିଲେ। ସ୍ଥାନୀୟ ମା' ତାରିଣୀ ମହିଳା ସମିତି ସଦସ୍ୟା ଓ ଯୁବକ ସଂଘ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମହିଳା ସମିତି ସମ୍ପାଦିକା ପିପାସି ମାଝି ମଞ୍ଚ ପରିଚାଳନା କରିଥିବା ବେଳେ କେଫ୍ୟୁ ଅଧ୍ୟକ୍ଷ ନାଦରାଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ ଦେବରାଜ ମାଝି, ବ୍ରଜ ମାଝି, ଭଗବାନ ଜାନୀ, ମଣ୍ଟୁ ମାଝି, ପ୍ରତୀମା ମାଝି, ବିଳାସ ମାଝି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଲକ୍ଷାଧିକ ଟଙ୍କା ଠକି ଫେରାର

## କ୍ଷତିଗ୍ରସ୍ତ ମହିଳା ଏସ୍‌ପିଙ୍କ ଦ୍ୱାରସ୍ଥ

**ଭବାନୀପାଟଣା,୫।୬ (ଡି.ଏନ.ଏ.)**

ସ୍ୱାମୀର ଅସୁସ୍ଥତା କାରଣ ଦର୍ଶାଇ ଜଣେ ମହିଳା ସ୍ଥାନୀୟ ମହିଳା ଗୋଷ୍ଠୀଠାରୁ ଲକ୍ଷାଧିକ ଟଙ୍କା ଠକେଇ କରି ଫେରାର ହୋଇଯାଇଛନ୍ତି। କ୍ଷତିଗ୍ରସ୍ତ ମହିଳାମାନେ ଏହାର ତଦନ୍ତ କରି ନ୍ୟାୟ ପ୍ରଦାନ କରିବା ଦାବିରେ ମଙ୍ଗଳବାର ସନ୍ଧ୍ୟାରେ ଜିଲା ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସ୍ଥାନୀୟ ବାହାଦୂର ବଗିଚାପଡା ନିବାସୀ ରଣଜିତ୍ କୋର ତାଙ୍କ ସ୍ୱାମୀ ଯୋଗାସିଂ ଆକସ୍ମିକ ଦୁର୍ଘଟଣାରେ ଆହତ ହୋଇଛନ୍ତି । ତାଙ୍କ ଚିକିତ୍ସା ଖର୍ଚ୍ଚ ନିମନ୍ତେ ରଣଜିତ୍ ମହିଳାମାନଙ୍କ ଦ୍ୱାରସ୍ତ ହୋଇ କାକୁତି ମିନତି କରି ସାହାଯ୍ୟ ପାଇଁ ଅନୁରୋଧ କରିଥିଲେ। ସ୍ୱାମୀଙ୍କ ଚିକିତ୍ସା ନିମନ୍ତେ ଧାର ସୂତ୍ରରେ ଟଙ୍କା ଦିଅନ୍ତୁ ସେ ତାଙ୍କର ଟ୍ରକ ଏବଂ ପଞ୍ଜାବର ଜାଗା ବିକ୍ରି କଲେ ସମସ୍ତ ଅର୍ଥ ପରିଶୋଧ କରିବେ ବୋଲି ପ୍ରତିଶ୍ରୁତି ଦେଇ ସ୍ଥାନୀୟ ମହିଳାମାନଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇଥିଲେ। କିନ୍ତୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁର ଦେଢବର୍ଷ ପରେ ମଧ ସେ ଧାର ନେଇଥିବା ମହିଳାମାନଙ୍କୁ ଟଙ୍କା ପରିଶୋଧ କଲେ ନାହିଁ । ଗତ ମେ ୨୯ ତାରିଖରେ ରଣଜିତ କୋର ଭାବନୀପାଟଣାରେ ଥିବା ତାଙ୍କର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବିକ୍ରି କରି ଚାଲି ଯାଇଛନ୍ତି । ସହରର ବିଭିନ୍ନ ପଡାର ମହିଳାମାନଙ୍କଠାରୁ ରଣଜିତ କୋର ପ୍ରାୟ ୫୦ ଲକ୍ଷ ଟଙ୍କା ଏହି ବାହାନାରେ ଠକେଇ କରି ଚାଲିଯାଇଛନ୍ତି ବୋଲି ମଙ୍ଗଳବାର ପ୍ରାୟ ୨୦ ଜଣ ମହିଳା ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ସାକ୍ଷାତ୍ କରି ଏହି ଠକେଇ ମାମଲାର ତଦନ୍ତ କରି ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି । ଜ୍ୟୋସ୍ନା ସାହୁ, ଅମରଜିତ୍ କୋର, ରାକ୍ଷି ଶର୍ମା, ତଲଜିନ୍ଦର କୋର, ସଯୁକ୍ତା ତ୍ରିପାଠୀ, ସସ୍ମିତା ସିଂଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ମହିଳା ଆଜି ଏସପିଙ୍କୁ ସାକ୍ଷାତ କରି ଏହି ଠକେଇ ମାମଲାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରିଛନ୍ତି ।




ମହିଳାମାନେ ଏସ୍‌ପିଙ୍କୁ ଭେଟିବାକୁ ଆସିଛନ୍ତି ।

## ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ

# ପରିବେଶ ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ

**କର୍ଲାମୁଣ୍ଡା/ଭବାନୀପାଟଣା ୫।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଜାପାର୍ଟି ଗାଁଠାରେ ଇଣ୍ଡୋଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରେଗେଡା ନାଏବ ସରପଞ୍ଚ ଗୌରୀ ଦୀପ, ସଂସ୍ଥା କର୍ମୀ ଜଗଦିଶ ରଣା, ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣର ଆବଶ୍ୟକତା ଉପରେ କହିଥିଲେ। ଠିକ୍ ସେହିପରି ବୋରପଦର ପଞ୍ଚାୟତ ସରାବାହାଲି ଅର୍ଟଚାର୍ଟଠାରେ ସେବା ଜଗତ ସଂସ୍ଥା ପକ୍ଷରୁ ଆୟୋଜିତ ସଭାରେ ଅନୁଷ୍ଠାନର ସମ୍ପାଦକ ସତ୍ୟନାରାୟଣ ପଟ୍ଟନାଏକ, ସୁନୀତା ତାଣ୍ଡି, ଟଙ୍କଧର ବଗର୍ତ୍ତୀ, ଆଦିବାସୀ ନେତା ଧନସିଂ ମାଝି, ଫରେଷ୍ଟର ସତ୍ୟଭାମା ନାଗ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

### ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ଶୋଭାଯାତ୍ରା

ଜିଲା ଜଙ୍ଗଲ ବିଭାଗ ପକ୍ଷରୁ ବୁଧବାର ଜିଲାସ୍ତରୀୟ ବିଶ୍ୱପରିବେଶ ଦିବସ ବନ ବିଭାଗ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ବିଭିନ୍ନ ଜଙ୍ଗଲ ସୁରକ୍ଷା ସମିତି କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପରିବେଶ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ଶୋଭାଯାତ୍ରା ସ୍ଥାନୀୟ କଲେଜ ଛକଠାରୁ ବାହାରି ଭବାନୀପାଟଣା ସର୍କଲ ଆର୍‌ସିସିଏଫଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ପହଞ୍ଚିଥିଲା । ସେଠାରେ ଆନୁଷ୍ଠାନିକ ଭାବେ ଭବାନୀପାଟଣା ସର୍କଲର ଆର୍‌ସିସିଏଫ୍ ଅଭିରାମ ନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ପରେ ଜିଲାରେ ଥିବା ଶ୍ରେଷ୍ଠ ବନ ସଂରକ୍ଷଣ ସମିତ, ବନ ସୁରକ୍ଷା ପାଇଁ ଶ୍ରେଷ୍ଠ ବ୍ୟକ୍ତି, ଶ୍ରେଷ୍ଠ ଶିକ୍ଷାନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ କମର୍ଦ୍ଦା ଗ୍ରାମର ହିମାଂଶୁ ଶେଖରଙ୍କୁ 'ପ୍ରକୃତି ବନ୍ଧୁ ପୁରସ୍କୃତ -୨୦୧୯' ପ୍ରଦାନ କରାଯାଇଥଲା। ସେହିପରି କର୍ଲମୁଣ୍ଡା ବ୍ଲକ ଭୀମସଦ ଗ୍ରାମର ତରଙ୍ଗ ଚଣ୍ଡି, ଭବାନୀପାଟଣା ବ୍ଲକ କୁଟୃଖମାର ବିଦ୍ୟାଳୟ ଶିକ୍ଷକ ମନୋଜ କୁମାର ପାଣିଗ୍ରାହୀ, ଜୁନାଗଡ ବ୍ଲକ ବଣିଜରା ଗ୍ରାମର ଗୋପିନାଥ ଶବରଙ୍କୁ ମଧ ପ୍ରକୃତି ବନ୍ଧୁ ପୁରସ୍କାର-୨୦୧୯ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଡିଏଫଓ ଟି. ଅଶୋକ କୁମାର, ଉତ୍ତର ବନଖଣ୍ଡ ଏ.ସି.ଏଫ୍. ବଂଶୀଧର ସ୍ୱାଇଁ, ଦକ୍ଷିଣ ବନଖଣ୍ଡ ଏ.ସି.ଏଫ୍ ଶିବ ପ୍ରସାଦ ରଥ, ରେଞ୍ଜ ଅଫିସର ପ୍ରସନ୍ନ କୁମାର ମିଶ୍ର, ରେଞ୍ଜ ଅଫିସର ଭବବାନୀ ଶଙ୍କର କାଉର, ପଦ୍ମନାଭ କୁମାର, ଶିକ୍ଷକ ହେମନ୍ତ କୁମାର ମୁଣ୍ଡ, ନିଳାମ୍ବର ନାଏକ ଏବଂ ଅନ୍ୟାନ୍ୟ ବନ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ସିଭିଲ କୋର୍ଟ ପରିସରରେ ବୃକ୍ଷ ରୋପଣ

କଳାହାଣ୍ଡି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବନବାସୀ ସେବା ସମିତି ଡଙ୍ଗରିଗୁଡାଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ଦୈରା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶିଶିର କୁମାର ରଥ ଅଧ୍ୟକ୍ଷତା କରିଥିଲେ। ପରିବେଶ ଦିବସ ଓ ଆଇନ ସଚେତନତା ଶିବିର ଅବସରରେ ସିଭିଲ କୋର୍ଟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ଏହି ଦିବସରେ ଭବାନୀପାଟଣା ଫେମିଲି କୋର୍ଟ ଜଜ୍ ସୁଶାନ୍ତ କୁମାର ପଟେଲ, ଅତିରିକ୍ତ ଜିଲା ଜଜ୍ ରଶ୍ମିତା ଦଳେଇ, ପ୍ରଥମ ଶ୍ରେଣୀ ବିଚାର ବିବାଗୀୟ ମାଜିଷ୍ଟ୍ରେଟ୍ କଳାହାଣ୍ଡି ରଞ୍ଜନ କୁମାର ସୁତାର, ଆଇନ ସେବା ପ୍ରାଧିକରଣ ସଚିବ ଇନ୍ଦୀରା ପ୍ରିୟଦର୍ଶୀନୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୋନାଲିସା ଦାସ, ବନବାସୀ ସେବା ସମିତି ଅଧ୍ୟକ୍ଷ ସ୍ୱର୍ଣ୍ଣଲତା ମହାନ୍ତି ଓ ବହୁ ବ୍ୟକ୍ତି ଯୋଗଦେଇଥିଲେ।







କର୍ଲାମୁଣ୍ଡା ବ୍ଲକ ବିଜାପାଟିଠାରେ ବିଶ୍ୱ ପରିବେଶ ଦିବସରେ ପରିବେଶ ସୁରକ୍ଷା ପାଇଁ ଗ୍ରାମବାସୀ ଶପଥ କରୁଛନ୍ତି (ବାମ) । ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଯୋଗ୍ୟ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ମିଳିବାରେ ବିଳମ୍ବ

**କର୍ଲାମୁଣ୍ଡା,୫।୬ (ଡି.ଏନ.ଏ.)**

ନିର୍ଦ୍ଦିଷ୍ଟ ସମୟରେ ଆବାସ ଗୃହ ନିର୍ମାଣ କାର୍ଯ୍ୟ ସାରିବାକୁ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ତେବେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଘର ନିର୍ମାଣ କାର୍ଯ୍ୟ ଶେଷ କରୁଥିଲେ ହେଁ ସରକାରୀ କର୍ମଚାରୀମାନଙ୍କ ଲାଞ୍ଚଖୋର ମନୋବୃତ୍ତି ପାଇଁ ହିତାଧିକାରୀମାନଙ୍କୁ ପ୍ରୋତ୍ସାହନ ମିଳିବାରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ.ମାଲପଡା ପଞ୍ଚାୟତରେ ଏଭଳି ଅଭିଯୋଗ ଏବେ ନଜରକୁ ଆସିଛି। ଏହି ପଞ୍ଚାୟତରେ ୨୦୧୬-୧୭ରେ କିଆ ସାହୁ ସ୍ୱାମୀ ସ୍ୱର୍ଗତ ବୈଷ୍ଣବ ସାହୁ, କୁମାରୀ ସାହୁ ସ୍ୱାମୀ ସ୍ୱର୍ଗତ ଧନୁ ସାହୁ, ୨୦୧୭-୧୮ରେ ଘାସିରାମ ସାହୁ ଓ ୨୦୧୮-୧୯ରେ ତରୁଣସେନ ଭୋଇ, ନୈକାଧର ସାହୁ ପ୍ରମୁଖ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ପାଇଥିବାବେଳେ ବିଜୁ ପକ୍କାଘର ଯୋଜନାରେ ୨୦୧୭-୧୮ ଅକ୍ଷୟ କୁମାର ସାହୁ କାର୍ଯ୍ୟାଦେଶ ପାଇ ଗୃହ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟରେ ସମାପନ କରିଥିଲେ। ଏହି ହିତାଧିକାରୀମାନେ ପ୍ରୋତ୍ସାହନ ରାଶି ପାଇବାରୁ ଯୋଗ୍ୟ ହୋଇଥିଲେ ହେଁ ବ୍ଲକ ପ୍ରଶାସନର ଉଦାସୀନତା ଯୋଗୁ ବର୍ତ୍ତମାନ ସୁଦ୍ଧା ସହାୟତା ରାଶି ପାଇ ପାରୁ ନ ଥିବା ଅଭିଯୋଗ କରିଛନ୍ତି।



ବିଜୁ ପକ୍କାଘର ପ୍ରୋତ୍ସାହନ ରାଶି ପାଇବାରୁ ବଞ୍ଚିତ ଜଣେ ହିତାଧିକାରୀ।

ଏ ନେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ ସାହୁଙ୍କୁ ପଚାରିବାରୁ ଆମେ ଏହି ହିତାଧିକାରୀମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇବାକୁ ଆବଶ୍ୟକ କାଗଜପତ୍ର ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିସାରିଛୁ । ତେବେ ସେମାନେ ପ୍ରୋତ୍ସାହନ ରାଶି ପାଇନାହାନ୍ତି ବୋଲି କହିଥିଲେ। ଅନ୍ୟପଟେ ଆବାସ ଯୋଜନାରେ ବ୍ଲକ ଦାୟିତ୍ୱରେ ଥିବା ବ୍ଲକ ସଂଯୋଜକ ରୁଦ୍ର ପ୍ରସାଦ ସାହୁଙ୍କୁ ପଚାରିବାରୁ ସପ୍ତାହେ ମଧ୍ୟରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ଯୋଗେଇଦେବା ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ଆବାସ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଁ ନିର୍ମାଣ କାର୍ଯ୍ୟକୁ ୪ ମାସ ମଧ୍ୟରେ ସାରିଲେ ୨୦ ହଜାର ଟଙ୍କା ଓ ୬ ମାସ ମଧ୍ୟରେ ସାରିଲେ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବା ନିୟମ ରହିଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୬ ଜୁନ୍, ୨୦୧୯



ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
- ସାରଳା ଦାସ



## ସଂକ୍ଷେପରେ

### ଟ୍ରେଲର ଚାପାରେ ରାତ୍ରୀ ଜଗୁଆଳୀଙ୍କ ମୃତ୍ୟୁ

**ପାଟଣାଗଡ଼,୫।୬(ଡି.ଏନ.ଏ.):** ପାଟଣାଗଡ଼ ବ୍ଲକ ଛକ ନିକଟରେ ବୁଧବାର ଅପରାହ୍ନ ୪ଟାରେ ଏକ ଟ୍ରେଲର ଚାପାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାଟଣାଗଡ ନିକଟସ୍ଥ ଗଙ୍ଗାସାଗର ଗ୍ରାମର ଗୋଲବଦନ ନାଗ(୬୦)। ସେ ପାଟଣାଗଡ଼ର ଏକ ଲଜରେ ରାତ୍ରି ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ। ସୂଚନାନୁଯାୟୀ ଗୋଲବଦନ ଗ୍ରାମରୁ ବସ୍‌ରେ ଆସି ବ୍ଲକ ଛକରେ ଓହ୍ଲାଇ ଥିଲେ। ସେ ରାସ୍ତା ପାରି ହୋଇ ଲଜ୍‌କୁ ଯିବା ବେଳେ କଣ୍ଟାବାଞ୍ଜିରୁ ପଦ୍ମପୁର ଯାଉଥିବା ଏକ ଟ୍ରେଲର (ନଂ.ଆର୍‌ଜେ୪୨ଜିଏ-୫୭୯୭) ଭାରସାମ୍ୟ ହରାଇ ତାଙ୍କୁ ଚାପି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପାଟଣାଗଡ ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଗାଡି ଡ୍ରାଇଭର ଫେରାର ଥିବା ଜଣାପଡିଛି।

■ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ

# ପ୍ରେସର ପାଇପ୍ ସିଷ୍ଟମ୍ ଅନୁଧାନକଲେ ଏଡିବି ଟିମ୍

**ବଲାଙ୍ଗୀର ଅଫିସ, ୫।୬**

ଏସିଆନ୍ ଡେଭଲ୍‌ପମେଣ୍ଟ ବ୍ୟାଙ୍କ(ଏଡିବି)ର ଏକ ୩ଜଣିଆ ଉଚ୍ଚସ୍ତରୀୟ ବୈଷୟିକ ଅନୁଧାନକାରୀ ଟିମ୍ ବୁଧବାର ବଲାଙ୍ଗୀର ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ସାଇଡ୍ ପରିଦର୍ଶନ କରିଛନ୍ତି। ଅନୁଧାନକାରୀ ଟିମ୍ ସାଇଡ୍ ବୁଲିବା ପରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ଆସି ଜିଲାପାଳ ଅରିନ୍ଦମ ଡାକୁଆଙ୍କ ସହ ଆଲୋଚନା କରିଥିଲେ। ଲୋୟର ସୁକ୍‌ତେଲ ପ୍ରକଳ୍ପରେ ଜଳସେଚନ ସକାଶେ କେନାଲ ପରିବର୍ତ୍ତେ ଭୂତଳ ପ୍ରେସର୍ ପାଇପ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଓଡ଼ିଶା ସରକାର ଅନୁମୋଦନ କରିଛନ୍ତି। ଭୂତଳ ପ୍ରେସର୍ ପାଇପ୍ ଜଳସେଚନ ବ୍ୟବସ୍ଥା ପାଇଁ ପାଣି ଯୋଗାଇବା ସକାଶେ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ଏଡିବିକୁ ପ୍ରସ୍ତାବ ଦିଆଯାଇଥିଲା। ସୁକ୍‌ତେଲ ପ୍ରକଳ୍ପରେ ପ୍ରେସର ପାଇପ୍ ସିଷ୍ଟମ୍ କାର୍ଯ୍ୟକାରୀ କରାଯିବାର ଏକ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରାଯାଇ ଏଡିବିକୁ ପଠାଯାଇଥିଲା। ପ୍ରୋଜେକ୍ଟ ରିପୋର୍ଟକୁ ଅନୁଧାନ କରିବା ପରେ ଏଡିବିର ଏକ ୩ଜଣିଆ ଅନୁଧାନକାରୀ ଦଳ ବୁଧବାର ବଲାଙ୍ଗୀର ପହଞ୍ଚି ଥିଲେ। ଏଥିରେ ଫିଲିପାଇନ୍ସରୁ ଆସିଥିବା ଏଡିବି ମୁଖ୍ୟ ଅଧିକାରୀ ମିଷ୍ଟର ଗୋରେ, ଦିଲ୍ଲୀରୁ ଆସିଥିବା ରାଜେଶ ଯାଦବ ଓ ଏମ୍.କେ. ମହାନ୍ତି ପ୍ରମୁଖ ପ୍ରକଳ୍ପ ସାଇଡ ବୁଲିଦେଖିଥିଲେ । ତାଙ୍କ ସହ ସୁକ୍‌ତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାତ ରଞ୍ଜନ ରାଉତ୍ ଉପସ୍ଥିତ ଥିଲେ। ପ୍ରକଳ୍ପରେ ପ୍ରସ୍ତାବିତ ପ୍ରେସର ପାଇପ ସିଷ୍ଟମ୍ କାର୍ଯ୍ୟକାରୀ କରିବା ଦିଗରେ କିଭଳି ଭିତ୍ତିଭୂମି ରହିଛି, ଏହି ପ୍ରକଳ୍ପଟି କାହିଁକି ବନ୍ଦ ପଡିଛି ସେ ଦିଗରେ ସେମାନେ ଅନୁଧାନ କରିଥିଲେ। ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଏହା କେତେ ଫଳପ୍ରଦ ହେବ ଏବଂ ଏଡିବି ଏଠାରେ ପାଣି ଯୋଗାଇବା ଠିକ୍ ହେବକି ନାଁ ତାହା ମଧ ଆକଳନ କରିଥିଲେ। ପରେ ଉଚ୍ଚସ୍ତରୀୟ ପ୍ରତିନିଧିମାନେ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଭେଟି କେଉଁ କାରଣରୁ ଏହି ପ୍ରକଳ୍ପ ଦୀର୍ଘ ୧୮ ବର୍ଷ ହେଲା ବିଶେଷ ଅଗ୍ରଗତି ହୋଇନାହିଁ ଏବଂ ଏହାର ନିର୍ମାଣ କାର୍ଯ୍ୟ କାହିଁକି ବନ୍ଦ ପଡିଛି ପଚାରି ବୁଝିଥିଲେ । ଜିଲାପାଳଙ୍କ ସହ ଆଲୋଚନା ପରେ ଟିମ୍ ସେଠାରୁ ଫେରିଛନ୍ତି। ସମସ୍ତ ତଥ୍ୟକୁ ଆକଳନ କରିବା ପରେ ଏଡିବି ଏଠାରେ ପାଣି ଯୋଗାଇବାକୁ ରାଜି ହେବକି ନାହିଁ ତାହା ଜଣାପଡିଛି।



ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଏଡିବି ଟିମ୍ ସହ ଆଲୋଚନା ଚାଲିଛି ।

### ରାସ୍ତାରେ ଖଣ୍ଡା ବୁଲାଇ ଯୁବକ ଗିରଫ

**ବଲାଙ୍ଗୀର ଅଫିସ, ୫।୬**

ବଲାଙ୍ଗୀର ଟାଉନ୍ ଥାନା ପାଖ ପୁରୁଣା ରାଜବାଟି ରାସ୍ତାରେ ଥିବା ବାଜାର ଇଣ୍ଡିଆ ଶୋରୁମ୍ ପାଖରେ ଗଇଁତଲାର ଲିଙ୍ଗରାଜ ସେଠ୍(୨୪) ନାମକ ଜଣେ ଯୁବକ ଖଣ୍ଡା ବୁଲାଉଥିଲେ । ଏଥିରେ ଲୋକେ ଭୟଭୀତ ହୋଇ ଦୌଡାଦୌଡି କରିଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲେ। ଅବିନାଶ ବେହେରା ନାମକ ଜଣେ ଯୁବକ ବାଇକରେ ଯାଉଥିବାବେଳେ ଲିଙ୍ଗରାଜଙ୍କ ବାଇକ୍‌ରେ ସାମାନ୍ୟ ବାଜିଯାଇଥିଲା। ଏଥିରେ ଉଦ୍‌କ୍ଷିପ୍ତ ହୋଇ ଲିଙ୍ଗରାଜ ଖଣ୍ଡା ବୁଲାଇ ଲୋକଙ୍କ ଭୟଭୀତ କରିଥିଲା । ଏନେଇ ଟାଉନ୍ ଥାନାରେ ଏକ ମାମଲା (ନଂ.୨୮୩/୨୦୧୯)ରୁଜୁ ହୋଇଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

### ପରିବେଶ ପ୍ରଦୂଷଣ, ପ୍ରାକୃତିକ ବିପର୍ଯ୍ୟୟ ଉପରେ ଆଲୋଚନା

**ଦେଓଗାଁ,୫।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ସଦର ବ୍ଲକ ଅଧୀନ ଶିରିଶ ଗ୍ରାମରେ ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଗଉନ୍ତିଆ ଧନଞ୍ଜୟ ଦାସଙ୍କ ସଭା ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୁଡାସିଂହା ପଞ୍ଚାୟତ ସରପଞ୍ଚ କପିଳ ନନ୍ଦ, ସମ୍ମାନିତ ଅତିଥିଭାବେ ସମିତି ସଭ୍ୟ ଅର୍ଜୁନ ଛତ୍ରିଆ, ୱାର୍ଡ ସଭ୍ୟ ଜୀବର୍ଦ୍ଧନ ନାଏକ, ଅଙ୍ଗନୱାଡି କର୍ମୀ ରକ୍ମିଣୀ ମହାନନ୍ଦ, ରିଲାଏନ୍ସ ଫାଉଣ୍ଡେଶନର ପ୍ରୋଜେକ୍ଟ ମ୍ୟାନେଜର ସୁଶାନ୍ତ କୁମାର ଦାସ, ଧର୍ମେନ୍ଦ୍ର ନାଏକ, ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦେଇ ପରିବେଶ ପ୍ରଦୂଷଣ ଓ ପ୍ରାକୃତିକ ବିପର୍ଯ୍ୟୟ ଉପରେ ଆଲୋଚନା କରିଥିଲେ। ମାନବ ସମାଜ ବଞ୍ଚିବାକୁ ହେଲେ ବୃକ୍ଷରୋପଣ ନିତାନ୍ତ ଆବଶ୍ୟକ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ପରମେଶ୍ୱର ମଲ୍ଲିକ, ଦୁଃଖିଶ୍ୟାମ ଚିକଟ, ଦମୋଦର ଧରୁଆ, ଚିତ୍ତରଞ୍ଜନ ପାଣିଗ୍ରାହୀ, ଦେବରାଜ ଚାନ୍ଦଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ସରପଞ୍ଚ ଓ ଅତିଥିବୃନ୍ଦଙ୍କ ଉପସ୍ଥିତିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଛାତ୍ରୀଛାତ୍ର, ଏସ୍‌ଏଚ୍‌ଜି ମହିଳା ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ।

# ପରିବେଶ ସୁରକ୍ଷା ଲାଗି ବୃକ୍ଷରୋପଣ ଜରୁରୀ

## ବଡଗୁର୍ଜିଭଟାରେ ବିଶ୍ୱ ପରିବେଶ ଦିବସ



ବିଶ୍ୱ ପରିବେଶ ଦିବସ ଅବସରରେ ଖପ୍ରାଖୋଲ ବନ ବିଭାଗ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

**ଖପ୍ରାଖୋଲ,୫।୬(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ବଡଗୁର୍ଜିଭଟାଠାରେ ବନ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଗାଁ ପରିକ୍ରମା କରିଥିଲା। ପରେ ବିଦ୍ୟାଳୟ ପରିସରରେ ବନ ସୁରକ୍ଷା ସମିତି ସଭାପତି ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, ମୁଖ୍ୟ ବକ୍ତା ଘୁନସର ପୂର୍ବତନ ସରପଞ୍ଚ ମୋହନ ସୁନା, ସମ୍ମାନିତ ଅତିଥି ପରିବେଶ କର୍ମୀ ଅଭୟ ତ୍ରିପାଠୀ, ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ମିଶ୍ର ପ୍ରମୁଖ ଯୋଗଦେଇ ପରିବେଶର ସୁରକ୍ଷା ପାଇଁ ବୃକ୍ଷ ରୋପଣ ଜରୁରୀ ବୋଲି କହିଥିଲେ। ଜଙ୍ଗଲର ସୁରକ୍ଷା ସହିତ ବିଭିନ୍ନ ପ୍ରଦୂଷଣ ରୋକିବା ପାଇଁ ସମସ୍ତେ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ଖପ୍ରାଖୋଲ ବନପାଳ ଗୁଣନିଧି ପରିଡା, ପିଙ୍କୁ ଭୋଇ, ରାମଚନ୍ଦ୍ର ନାଏକ, ଡିଲେଶ୍ୱର ହୋତା, ବିଜ୍ଞାନନ୍ଦ ପାଣିଗ୍ରାହୀ, ହରିବୋଲ ପୋଢଙ୍କ ସହ ବନ ବିଭାଗ କର୍ମଚାରୀ, ବନସୁରକ୍ଷା ସମିତି ସଦସ୍ୟ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ପରିବେଶ ପ୍ରେମୀ ପ୍ରମୁଖ ଉପସ୍ଥିତ ଥିଲେ । ବନ କର୍ମଚାରୀ ଡୋଳାମଣି ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

### ବାୟୁ ପ୍ରଦୂଷଣ ଉପରେ ଗୁରୁତ୍ୱ

**ଲୋଇସିଂହା,୫।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ପରିସରରେ ବିଶ୍ୱ ପରିବେଶ ଦିବସ ବୁଧବାର ପାଳିତ ହୋଇଯାଇଛି । ଏଥିରେ ଲୋଇସିଂହା ବିଧାୟକ ଡ଼ା.ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ବାୟୁ ପ୍ରଦୂଷଣ ଉପରେ ଚିନ୍ତା ପ୍ରକଟ କରିଥିଲେ । ବାୟୁ ପ୍ରଦୂଷଣ ଦ୍ୱାରା ହେଉଥିବା ସ୍ୱାସ୍ଥ୍ୟ ଗତ ସମସ୍ୟା ଓ ଏହାର ନିରାକଣ ପାଇଁ ବ୍ୟାପକ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ କଲେଜ ଅଧକ୍ଷ ତ୍ରିବିକ୍ରମ ଦାସ ଅଧକ୍ଷତା କରିଥିଲେ। ସଭାରେ ରାଜ୍ୟ ପ୍ରଦୂଷଣ ବୋର୍ଡର ପୂର୍ବତନ ବୈଜ୍ଞାନିକ ତଥା ଲୋଇସିଂହା ବିଧାୟକ ମହାଲିଙ୍ଗ ମୁଖ୍ୟଅତିଥି, ପ୍ରାକ୍ତନ ଅଧକ୍ଷ ବୀରବର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଅଧାପକ ବିବେକାନନ୍ଦ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ଶେଷରେ ମୁଖ୍ୟଅତିଥି କଲେଜ ପରିସରରେ ଏକ ନିମ୍ବ ଚାରା ରୋପଣ କରିଥିଲେ।



ମନ୍ତ୍ରୀଙ୍କଠାରୁ ମାଝିପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ଦାସ ପ୍ରକୃତି ମିତ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

# ମାଝିପଡ଼ା ପ୍ରାଥମିକ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର

**କଣ୍ଟାବାଞ୍ଜି,୫।୬(ଡି.ଏନ.ଏ.)**

ତୁରେକେଲା ବ୍ଲକ ଚଟୁଅନକା ପଞ୍ଚାୟତର ସଦର ଗ୍ରାମ ସ୍ଥିତ ମାଝିପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ବୁଧବାର ପ୍ରକୃତି ମିତ୍ର-୨୦୧୯ ପୁରସ୍କାର ପ୍ରଦାନ କରାଯାଇଛି। ବିଶ୍ୱ ପରିବେଶ ଦିବସ ଅବସରରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ଦାସ ଏହି ପୁରସ୍କାର ଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ଦାସ ପରିବେଶ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ବିଦ୍ୟାଳୟରେ ବନୀକରଣ କରି ଆସୁଛନ୍ତି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ସହଯୋଗ କରୁଛନ୍ତି। ଏପରି କି ପ୍ରଧାନ ଶିକ୍ଷକ ଦାସ ବିଦ୍ୟାଳୟ ପରିସରରେ ପରିବେଶ ସୁରକ୍ଷା ସଂକ୍ରାନ୍ତରେ ବିଭିନ୍ନ ଶିବିର କରି ଜନ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ବଲାଙ୍ଗୀର ଜିଲା ଫରେଷ୍ଟ ଡିଭିଜନ ପକ୍ଷରୁ ମନୋନୀତ କ୍ରମେ ବିଶ୍ୱ ପରିବେଶ ଦିବସରେ ମାଝିପଡ଼ା ପ୍ରାଥମିକ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଜଙ୍ଗଲ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରଧାନ ଶିକ୍ଷକ ଦାସଙ୍କୁ ମାନପତ୍ର ସହ ପୁରସ୍କାର ସ୍ୱରୂପ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ।



ମୁଖ୍ୟଅତିଥି ଜିଲାପାଳ ଅରିନ୍ଦମ ଡାକୁଆ ୟୁଥ୍ ଆକ୍ସନ କମିଟି ସଦସ୍ୟଙ୍କୁ ସମ୍ମାନିତ କରୁଛନ୍ତି।

# 'ଗଛ ଲଗାଅ ଜୀବଜଗତ ବଞ୍ଚାଅ'

**ବଲାଙ୍ଗୀର ଅଫିସ, ୫।୬**

ଗାନ୍ଧୀଭବନଠାରେ କରଙ୍ଗାକଟା ବଞ୍ଚାଅ ଅଭିଯାନ ପକ୍ଷରୁ ବୁଧବାର ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ସମ୍ପାଦକ ଇ.କିଶୋର ମୋହନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ ଅତିଥି ଭାବେ ଜିଲାପାଳ ଅରିନ୍ଦମ ଡାକୁଆ, ମୁଖ୍ୟବକ୍ତା ଭାବେ ରାଜୀବ ସଗରିଆ ମଞ୍ଚାସୀନ ଥିଲେ । ଆବାହକ ପ୍ରଶାନ୍ତ ମହାକୁର କରଙ୍ଗାକଟା ଅଭିଯାନର ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଜିଲାପାଳ ଗଛ ଲଗାଇ ପରିବେଶ ଓ ଜୀବଜଗତ ସୁରକ୍ଷା ଉପରେ କହିଥିଲେ। ଆଇସିଏସସି ବୋର୍ଡ ପରୀକ୍ଷାରେ ଦଶମ ସ୍ଥାନ ଅଧିକାର କରିଥିବା ଛାତ୍ର ସୌମେଶ ଶୁଭମ ଷଡଙ୍ଗୀ, ଚନ୍ଦ୍ରସେଣୀ ପୂଜା କମିଟିର ଡା.ରାମଜୀ ପ୍ରସାଦ ଠାକୁରଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିଭୁ କଲ୍ୟାଣ ଗଡତ୍ୟା ସଂଯୋଜନା କରିଥିଲେ। ବିଷ୍ଣୁ ପ୍ରସାଦ କେଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଖପ୍ରାଖୋଲରେ ଉପୁଡ଼ିଲା ଗଛ, ଉଡ଼ିଲା ଛାତ

**ଜଣେ ଗୁରୁତର**

**ଖପ୍ରାଖୋଲ,୫।୬(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ବୁଧବାର ଅପରାହ୍ନରେ କାଳବୈଶାଖୀ ଯୋଗୁ ଗଛ ଭାଙ୍ଗିବା ସହ ଘର ଛାତ ଉଡି ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ଅନ୍ୟପକ୍ଷେ ଖପ୍ରାଖୋଲ ସହର ମୁଖ୍ୟ ରାସ୍ତା କଡରେ ଥିବା ୨ଟି ନିମ୍ବ ଏବଂ ଗୋଟିଏ ତେନ୍ତୁଳି ଗଛ ଉପୁଡିପଡି ବିଦ୍ୟୁତ୍ ତାର ଉପରେ ପଡିଥିଲା। ଫଳରେ ବିଦ୍ୟୁତ୍ ତାର ଛିଣ୍ଡିବା ସହ ଗଛ ଡାଳ ରାସ୍ତା ମଝିରେ ପଡି ରାସ୍ତା ଅବରୋଧ ହୋଇଥିଲା । ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଅଗ୍ନିଶମ ବିଭାଗ କର୍ମଚାରୀ, ବନ ବିଭାଗ ଏବଂ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ଗଛ କାଟି ରାସ୍ତା ସଫା କରିବା ସହ ବିଦ୍ୟୁତ୍ ଖୁଣ୍ଟ ମରାମତି କାର୍ଯ୍ୟ କରିଥିଲେ। ସେହିପରି ବ୍ଲକର ତେଲେନପାଲି ପଞ୍ଚାୟତ ଅଣ୍ଡାଲମୁଣ୍ଡି ଗାଁନିକଟରେ ଥିବା କେନ୍ଦୁପତ୍ର ଫଡି ଘର ଆଜବେଷ୍ଟସ୍ ଉଡି ଯାଇଛି। ଅନ୍ୟପକ୍ଷେ ଆଜବେଷ୍ଟସ୍ ତଳେ ଚାପି ହୋଇ ଅଣ୍ଡାଲମୁଣ୍ଡି ଗାଁର ଡୋଳାମଣି ବରିହା ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡିଛି। କାଳବୈଶାଖୀରେ କର୍ଲାମାଲ ଗାଁରେ ଜଣେ ବ୍ୟକ୍ତିଙ୍କ ଘର ଛପର ଉଡିଯାଇଥିବା ବେଳେ କର୍ଲାମାଲ-ଯୁନାନିବାହାଲ ରାସ୍ତାରେ ଏକ ଗଛ ଭାଙ୍ଗି ପଡିଥିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ସେହିପରି ବିଭିନ୍ନ ସ୍ଥାନରେ କାଳବୈଶାଖୀରେ ଗଛ ଭାଙ୍ଗି ପଡିଥିବା ଜଣାଯାଇଛି। ଏ ନେଇ ଖପ୍ରାଖୋଲ ବିଡିଓ ତରଣୀ ସୁନାଙ୍କୁ ପଚାରିବାରୁ ରାସ୍ତା ଉପରେ ପଡିଥିବା ଗଛ ସଫା କରିବାକୁ ଅଗ୍ନିଶମ କର୍ମଚାରୀ, ବନ ବିଭାଗ କର୍ମଚାରୀ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। କ୍ଷୟକ୍ଷତିର ଆକଳନ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।




କାଳବୈଶାଖୀରେ ଅଣ୍ଡାଲମୁଣ୍ଡି ଗାଁନିକଟରେ ଥିବା କେନ୍ଦୁପତ୍ର ଫଡି ଘର ଆଜବେଷ୍ଟସ୍ ଉଡି ତଳେ ପଡିଛି (ବାମ)। ଖପ୍ରାଖୋଲ ସହର ମୁଖ୍ୟ ରାସ୍ତାରେ ଭାଙ୍ଗି ପଡିଥିବା ଗଛ।

## ଫଟୋରେ ଖବର








ବଲାଙ୍ଗୀର ଏବିଏସ୍‌ଏସ୍ ଶୀତଳଷଷ୍ଠୀ ପୂଜା କମିଟି ପକ୍ଷରୁ ଗାନ୍ଧୀନଗରର ବରପିତାମାତା ଓ ସାଗରପଡାର କନ୍ୟାପିତା ଦେବଦମ୍ପତିଙ୍କୁ ଗୃହପ୍ରବେଶ ପାଇଁ ନେଉଛନ୍ତି (ବାମ)। ବଲାଙ୍ଗୀର ରାଧାରାଣୀପଡ଼ା ଓ କଂସାରିପଡ଼ା ପୂଜା କମିଟି ପକ୍ଷରୁ ବରପିତାମାତା ଓ କନ୍ୟାପିତାମାତା ଦେବଦମ୍ପତିଙ୍କୁ ଗୃହପ୍ରବେଶ ପାଇଁ ନେଉଛନ୍ତି (ମଝି)। ବଲାଙ୍ଗୀରରେ ପ୍ରବଳ ଗରମ ଯୋଗୁ ପଥଚାରୀମାନେ ମୁଣ୍ଡରେ ଲୁଗା ଦେଇ ଯାଉଛନ୍ତି। (ଫଟୋ-ସୁନୀଲ)



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।

-ଆଇନଷ୍ଟାଇନ



# ହତ୍ୟା ଧମକ ଦେଇ ଜଣେ ଗିରଫ, ବନ୍ଧୁକ ଜବତ

**ରେଙ୍ଗାଲି, ୫।୬ (ଡି.ଏନ.ଏ.)**

ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ବେଉଁରା ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା ଧମକ ଦେଇ ଦେଶୀ ମନ୍ଧୁକ ସହ ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ଠେଲକଲୋଇ ଥାନା ଅନ୍ତର୍ଗତ ବେଉଁରା ଗ୍ରାମର ଚକାନନ ବାରିକ (୪୩)ଙ୍କ ମଙ୍ଗଳବାର ସେହି ଗ୍ରାମର ଯଦୁମଣି ସାହୁଙ୍କ ସହିତ କୌଣସି କାରଣରୁ ବଚାସ ହୋଇଥିଲା। ଚକାନନ ଯଦୁମଣିଙ୍କ ଘରକୁ ଯାଇ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଯଦୁମଣି ଏହି ଘଟଣା ପରେ ଡରିଯାଇ ଠେଲକଲୋଇ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଠେଲକଲୋଇ ଥାନା ଅଧିକାରୀ ସୁରେଶ ସାହୁ ସଦବବଳେ ଚକାନନଙ୍କ ଘରେ ଚଢ଼ାଉ କରିଥିଲେ। ଚକାନନଙ୍କୁ ଗିରଫ କରିବା ସହ ପୋଲିସ ତାଙ୍କ ଘରୁ ଏକ ଦେଶୀ ବନ୍ଧୁକ ଜବତ କରିଛି।



ବଲାଙ୍ଗୀର ମେଡିକାଲ କଲେଜ ହସ୍ପିଟାଲରେ ଶଯ୍ୟା ନ ଥିବାରୁ ରୋଗୀ ଚଟାଣରେ ଶୋଇ ଚିକିତ୍ସିତ ହେଉଛନ୍ତି।

## ଦୁର୍ଘଣାରେ ଜଣେ ମୃତ

**ଚିପିଲିମା, ୫।୬ (ଡି.ଏନ.ଏ.)**

ସମ୍ବଲପୁର-ବରଗଡ ୫୩ ନମ୍ବର ଜାତୀୟ ରାଜପଥର ବୁର୍ଲା ଥାନା ଅଧୀନ ଅନ୍ନପୂର୍ଣ୍ଣା ରାଇସମିଲ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇ ଭିମ୍ସାରରେ ଚିକିତ୍ସାଧୀନ ଅଛନ୍ତି । ମୃତକ ହେଲେ ବରଗଡ ଥୁଆପାଲି ପତରାପାଲି ଗ୍ରାମର ସୁରେନ୍ଦ୍ର ଭୋସାଗର (୪୫)। ସୁରେନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


## OFFICE OF THE RAJGANGPUR MUNICIPALITY

**No.2366** **Dtd: 04.06.2019**

NOTICE INVITING TENDER

**TENDER REFERENCE NO.:EO/RGP/03 OF 2019-20**

**TENDER IDENTIFICATION NO.:2019_ORULB_54928_1**

The Bid Document, Work Specification and set of term & conditions of contract are available at www.tendersodisha.gov.in

Total Number of Work : 01 No.

1) Nature of Works : Const. of Compost Pit
2) Estimated Cost : 4.61 Lakh
3) Date & time of availability of the bid documents in the portal 05.06.2019 at 11.00 A.M. to 17.06.2019 up to 5.00 P.M.
4) Last date of Receipt of Bids in the portal : 17.06.2019 up to 5.00 P.M.
5) Bids Receipt online shall be opened on : 19.06.2019 at 11.00 P.M.

**Sd./- Executive Officer,**
Rajgangpur Municipality

## Odisha State Medical Corporation Limited (OSMC)

**In front of Ram Mandir, Convent Square, Unit – III, Bhubaneswar -751 001**

**Tel: (0674) 2380608 Website : www.osmcl.nic.in, Email : proc.osmcl.od@nic.in**

*Assuring Quality, Saving Lives*

**Date: 01.06.2019**

**NOTICE INVITING RE-TENDER FOR SUPPLY, INSTALLATION & COMMISSIONING OF EQUIPMENTS INCLUDING ASSOCIATED TURNKEY WORKS FOR SETTING UP OF IMMUNOLOGY LABORATORY FOR THE DEPARTMENT OF RHEUMATOLOGY IN SCB MEDICAL COLLEGE & HOSPITAL, CUTTACK**

Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

| Sl. | Bid Reference no. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2018-19/ EQP CILR(Retender)/37 | Supply, Installation & Commissioning of Equipments Including associated Turnkey Works for setting up of Immunology Laboratory for the Department of Rheumatology in SCB Medical College & Hospital, Cuttack | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 06.06.2019 , 3 PM | |
| 2. | Date & time of Pre-bid meeting | 17.06.2019 , 11AM Venue : Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time: 27.06.2019, 3 PM | End Date & Time: 12.07.2019, 5 PM |
| 4. | Date & time of online Technical bid opening | 16.07.2019, 11 AM | |
| 5. | Date of demonstration of Equipment (if required by the Tender Inviting Authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

Sd/-
Managing Director

CAD-66 10112/11/0001/1920

## OFFICE OF THE NOTIFIED AREA COUNCIL, BHANJANAGAR

**Dist:Ganjam, Odisha, PIN-761126**

**E-Mail:bhanjanagarn.hud@nic.in, Ph .No.** 06821-241107

**Letter No.881** QUOTATION CALL NOTICE **Date:04.06.19**

Sealed quotations are invited from manufacturers / authorized dealers of ISO certificated company with having up to date dealership / GST Clarence / PAN card for supply of following items with specification. Quotationers should quote their rate inclusive of all taxes & delivery charges of the material at N.A.C. Office, Bhanjanagar. The quotationer should mention the detail technical specification & submit the copy of PAN card, GST Clearance Certificate, Dealer Certificate/ Manufacturer Certificate & ISO Certificate of the Quoted product. The quotations should reach to the undersigned on or before Dt. 11.06.19 by 04:00 P.M through regd. post or by person and the same will be opened on dtd-12.06.19 by 11:30 A.M. in presence of quotationers or their authorized agents. The N.A.C. shall not be held responsible for any postal delay. Quotations submitted beyond the aforesaid date, time shall not be entertained and the authority reserves the right to accept or cancel any or all quotations without assigning any reason thereof. EMD 1% will be deposited at the time of sending quotation.

| Sl.No. | Product Name- (Dustbin & TATA AC) / Technical Specification | Quantity | Price |
|---|---|---|---|
| 1 | Capacity-10 liters approx,Height-285mm,Width-263mm diameter, weight-280gm approx,Material Used-HDPE,Quality-100% Verging Material,Colour-Blue & Green (Dustbin). | 01 | |
| 2 | TATA ACE (Hydrolic System ) | 01 | |

**Executive Officer,**
N.A.C., Bhanjanagar

## ଓଡ଼ିଶା ସରକାର
## ପ୍ରାଣୀ ସମ୍ପଦ ବିକାଶ ବିଭାଗ

**କାର୍ଯ୍ୟାଳୟ: ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ, ବ୍ରହ୍ମପୁର**

କ୍ଷୁଦ୍ର ଟେଣ୍ଡର ବିଜ୍ଞାପନ ସଂଖ୍ୟା: ୨୨୪୩ ତାରିଖ: ୧୪।୦୫।୨୦୧୯

No.: 06-M: ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ, ବ୍ରହ୍ମପୁର, ଗଞ୍ଜାମ ଜିଲ୍ଲାର ୧୪ ଗୋଟି ବ୍ଲକରେ (ଛତ୍ରପୁର/ଗଞ୍ଜାମ/ପୋଲସରା/ହିଞ୍ଜିଳିକାଟୁ/ଖଲିକୋଟ/ଶେରଗଡ଼/ସୋରଡ଼ା/ଜଗନ୍ନାଥପ୍ରସାଦ/ବୁଗୁଡ଼ା/ଧରାକୋଟ/ଚିକିଟି/ପାତ୍ରପୁର/ଦିଗପହଣ୍ଡି/ରଙ୍ଗେଇଲୁଣ୍ଡା) ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ନିମନ୍ତେ (ପ୍ରତି ବ୍ଲକ ପିଛା ଏକ ଗୋଟି) ବିନା-ଶୀତତାପ ନିୟନ୍ତ୍ରିତ ବୋଲେରୋ (Bolero)/ଟାଟା ସୁମୋ (Tata Sumo)/ମାର୍ଶାଲ (Marshal) ଜିପ୍ ଗଠନ ଢଙ୍ଗ ଡିଜେଲ ପରିଚାଳିତ ଯାନ (ଯାହାକି ସଂଲଗ୍ନକ- ଆଇଆଇ ପ୍ରକାରେ ସର୍ତ୍ତ ଓ ନିୟମାବଳୀଗୁଡ଼ିକୁ ଦୃଢ଼ୀଭୂତ କରୁଥିବ) ମାସିକ ଭଡ଼ା ସୂତ୍ରରେ ଯୋଗାଇଦେବା ସକାଶେ ଆଗ୍ରହୀ ପଞ୍ଜୀକୃତ ଭ୍ରମଣ କରାଇବା ସଂସ୍ଥା (Travel Agency)/ଭ୍ରମଣ ସଞ୍ଚାଳକ (Tour Operators) ଓ ବେସରକାରୀ ବ୍ୟକ୍ତି ବିଶେଷ (Private Individuals)ଙ୍କ ଠାରୁ ମୁଦଦିଆ ଦରଖାସ୍ତ ଆହ୍ୱାନ କରିଛନ୍ତି। ଟେଣ୍ଡର ବିଜ୍ଞାପନର ସବିଶେଷ ବିବରଣୀ ଓଡ଼ିଶା ସରକାରୀ ୱେବସାଇଟ୍ **(www.ganjam.nic.in)**ରୁ କିମ୍ବା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ, ବ୍ରହ୍ମପୁରଙ୍କ କାର୍ଯ୍ୟାଳୟରୁ ପାଇପାରିବେ। ଟେଣ୍ଡର ଦରଖାସ୍ତ ଗ୍ରହଣର ଶେଷ ତାରିଖ- ୧୭।୦୬।୨୦୧୯ ଅପରାହ୍ନ ୫ ଘଟିକା।

**ସ୍ୱା./- ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ**
**ଗଞ୍ଜାମ, ବ୍ରହ୍ମପୁର**

06032/11/0001/1920

## GOVERNMENT OF ODISHA

**RURAL WATER SUPPLY & SANITATION ORGANISATION**
**OFFICE OF THE EXECUTIVE ENGINEER**
**RWS&S DIVISION, ANGUL :AT: TALCHER**
At- Baghuabole, Po.- Hatatota, Talcher, Dist.- Angul, Pin- 759100
(Ph. No./ Fax - 06760-240762, E-mail : eerwssang@gmail.com)

No.61-O

**National Competitive Bidding through e-procurement**
**Bid Identification No. 01/EE/RWSS/ANGUL/2019-20 Dt. 29.05.2019 (Basudha)**

The Executive Engineer, RWS&S Division, Angul:at:Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

Nature of Work : Rural Piped Water Supply Schemes.

| | | | |
|---|---|---|---|
| 1. | No. of Tenders | | 13 Nos. |
| 2. | Tender Paper Cost | | Rs. 6,000.00 to Rs. 10,000.00 |
| 3. | Value of work | | Rs. 257.07 Lakhs to Rs. 20.99 Lakhs |
| 4. | Class of Contractor | | C", "B" & "A" Class |
| 5. | Date & time of availability of bid document in portal | | 10.06.2019 at 17.00 hours to 19.06.2019 upto 17.00 hours |
| 6. | Date & time of seeking tender clarification | | 18.06.2019 upto 17.00 hours |
| 7. | Date & time of opening of tender & verification of original document | | 20.06.2019 at 15.00 hours in the office of the Executive Engineer, RWS&S Division, Angul:at:Talcher |
| 8. | Time of completion | : | 2 (Two) to 10 (Ten) Calendar Months |
| 9. | The bidders have to participate in online bidding only. Further details can be seen from the website https://www.tendersodisha.gov.in. | | |
| 10. | Corrigendum if any shall be publish in the above website only. | | |

**Sd./- Executive Engineer,**
**RWS&S Division, Angul at Talcher**

25019/11/0008/1920

## GOVERNMENT OF ODISHA

**RURAL WATER SUPPLY & SANITATION ORGANISATION**
**OFFICE OF THE EXECUTIVE ENGINEER**
**RWS&S DIVISION, ANGUL :AT: TALCHER**
At- Baghuabole, Po.- Hatatota, Talcher, Dist.- Angul, Pin- 759100
(Ph. No./ Fax - 06760-240762, E-mail : eerwssang@gmail.com)

No.59-O

**National Competitive Bidding through e-procurement**
**Bid Identification No. 01/EE/RWSS/ANGUL/2019-20 Dt. 29.05.2019 (DMF)**

The Executive Engineer, RWS&S Division, Angul:at:Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

Nature of Work : Rural Piped Water Supply Schemes.

| | | | |
|---|---|---|---|
| 1. | No. of Tenders | | 22 Nos. |
| 2. | Tender Paper Cost | | Rs. 10,000.00 to Rs. 6,000.00 |
| 3. | Value of work | | Rs. 306.47 Lakhs to Rs. 43.67 Lakhs |
| 4. | Class of Contractor | | B", "A" & "Spl."Class |
| 5. | Date & time of availability of bid document in portal | | 10.06.2019 at 17.00 hours to 19.06.2019 upto 17.00 hours |
| 6. | Date & time of seeking tender clarification | | 18.06.2019 upto 17.00 hours |
| 7. | Date & time of opening of tender & verification of original document | | 20.06.2019 at 15.00 hours in the office of the Executive Engineer, RWS&S Division, Angul:at:Talcher |
| 8. | Time of completion | : | 4 (Four) to 10 (Ten) Calendar Months |
| 9. | The bidders have to participate in online bidding only. Further details can be seen from the website https://www.tendersodisha.gov.in. | | |
| 10. | Corrigendum if any shall be publish in the above website only. | | |

**Sd./- Executive Engineer,**
**RWS&S Division, Angul at Talcher**

25019/11/0004/1920

## BERHAMPUER MUNICIPAL CORPORATION, GANJAM

**INVITATIONS FOR BIDS (IFB)**

**L.No.: 6892/X-E-3-7/2019** **Date: 3.6.19**

**No.: 16-C** **Invitation for Bids**

**Bid Identification No BMC (BAM):203/2019-20**

| | | |
|---|---|---|
| 1 | The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A" | |
| 2 | Nature of Work | Civil Works |
| 3 | No. of Work | 3 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D. | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the Sate or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6 | Class of Contractor | As per the Annexure "A" |
| 7 | Availability of Bid documents in the website | From 15.05 Hrs. of Dt.06.06.19 to 17.00 hrs. of 21.06.19. |
| 8 | Date & Time of opening of the Bids | 11.30 Hrs. onwards on Dt.22.06.19. |
| 9 | Mode of Submission of tender | Tender should be submitted Online in **www.tendersorissa.gov.in**. |
| | The Bidders have to participate in ONLINE bidding only. Further details can be seen from the website: **https://tendersodisha.gov.in.** Any addendum/corrigendum/cancellation of tender can also be seen in the said website only. | |

**Sd./- Commissioner**
**Berhampur Municipal Corporation**
**Berhampur, Odisha**

13035/11/0005/1920

## OFFICE OF THE EXECUTIVE ENGINEER UI RIGHT CANAL DIVISION NO.I, MUKHIGUDA, KALAHANDI, ODISHA

**Ph.06673-252287, e-mail: eeuircd1@gmail.com**

**QUOTATION CALL NOTICE NO-EE, RCD-I-05(01-02)/ 2019-20, Dt-30.05.2019. FOR HIRING VEHICLE.**

**No.45-A:-** Sealed quotations are invited from interested reputed travel agencies/ tour operators or private individuals for providing 02 (two) nos. of Diesel driven vehicle (Bolero) for office use in the office of the Sub-Divisional Officer, UI Right Canal Sub-Division-No.I & II, Mukhiguda and Kalampur, Dist- Kalahandi & in the office of the Sub-divisional Officer, UI Right Canal Sub-Division-No.III, Chiliguda, Dist- Kalahandi on monthly rent basis. The Quotation booklets will be available in the office of the Executive Engineer, UI Right Canal Division No.I, Mukhiguda, S.D.O, UI Right Canal Sub-Division No-II, Kalampur and S.D.O, UI Right Canal Sub-Division No-III, Chiliguda, from 06.06.2019 to 12.06.2019 during office hours. The quotation shall be opened on 13.06.2019 at 12.30 P M in the office of the undersigned.

Further details can be obtained from the Quotation booklets.

**Sd./- Executive Engineer**
**Right Canal Divn.No.I**
**Mukhiguda, Kalahandi**

32193/11/0004/1920

## GOVERNMENT OF ODISHA

**OFFICE OF THE EXECUTIVE ENGINEER**
**RURAL WORKS DIVISION, BHAWANIPATNA**

No.55-O

**Letter No. 2445** **Date: 31.05.2019**

**e-Procurement Notice**
**Bid identification No: EERWBPT/Online-01/2019-20**

1. Name of works : New Construction of Sub-Centre Building with special infrastructure for Sub Centre Clinic at Kutrukhamar of Bhawanipatna Block in the district of Kalahandi for 2018-19
2. Total No. of work : 1 No. Building works
3. Estimated Cost : Rs. 50.78 Lakhs
4. E.M.D : 1% of estimated cost.
5. Cost of Tender document : Please refer DTCN
6. Class of Contractor : Please refer DTCN
7. Other details : As per DTCN & **www.tendersorissa.gov.in**

| Procurement officer | Bid Identification No. | Availability of Tender online for bidding | |
|---|---|---|---|
| | | From | To |
| Executive Engineer, Rural Works Division, Bhawanipatna | EERWBPT/Online-01/2019-20 | 06.06.2019 from 10.00 A.M | 21.06.2019 Upto 5.00 P.M. |

Other details can be seen in the bidding documents, which is available in website **www.tendersorissa.gov.in**

25070/11/0001/1920 **Executive Engineer, Rural Works Division, Bhawanipatna**

## DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA

**Nayapalli, Bhubaneswar – 751012**

**Ph : - 2392032, 2393336, 2395338, 2393912, 2396072 (Hostel), Fax: 2391954**

**E-mail:- sihfwodisha@gmail.com / orsihtraining@gmail.com**

**No - 2779/SIH&FW-Trg-03/2018, Bhubaneswar, Date. 04/06/2019**

No.36-E

### ADMISSION NOTICE

**(Short Term Skill Development Training Course)**

Directorate of State Institute of Health and Family Welfare, Odisha ,Bhubaneswar is inviting applications for the following short term skill training programme in the health sector (Certificate course) to be conducted through IGNOU for the academic year 2019-20 (July session). State Institute of Health and Family Welfare, Odisha will sponsor the selected candidate for the different skill development courses.

Short Term Skill Training Courses

| Sl No | Name of the courses | Duration | No of Seats | Age | Eligibility Criteria |
|---|---|---|---|---|---|
| 1 | Home Health Assistance | 6 months | 20 | 18-30 | +2 (Arts/Sc/Com) |
| 2 | General Duty Assistance | 6 months | 20 | 18-30 | +2 (Arts/Sc/Com) |
| 3 | Geriatric Care Assistance | 6 months | 20 | 18-30 | +2 ( Science) |
| 4 | Phlebotomy Assistance | 6 months | 10 | 18-30 | +2 (Science) |

**How to Apply :**

1- Applications to be submitted to the undersign in prescribed form which is available on this directorate website (www.sihfwodisha.nic.in) or website of NHM Odisha (www.nrhmodisha.gov.in) from date 07.06.2019 to 25.06.2019.
2- Duly filled in application form to be sent through Registered post/ Speed post/Courier or may be submitted at Training unit of DSIHFW, Odisha during working hour. Applicants to be submitted in sealed envelope superscribing the Application for the Short Term Skill Training Course.
3- Last date of submission of application is 29-06-2019 upto 5.00 PM.
4- The courses fees will be borne by DSIHFW Odisha.
5- Selection of the candidate will be done on merit basis. The reservation criteria will be as per the guideline of Govt. of Odisha. All selection procedure will be conducted by the selection committee of DSIHFW, Odisha. There is no provision of Stipend, Accommodation, TA/DA and examination fees during the conduction of the course.
6- In service candidate are not eligible for the course.
7- Applicants are requested to go through the website of IGNOU (www.ignou.ac.in) for prospectus available from page 151-154 for details of the course
8- DSIHFW Odisha, reserves the rights to incorporate changes in number of seats & may cancel the advertisement without assigning any reason thereof.
9- For further assistance you may contact in mobile no + 91 8763445184 / +91 9777533301.

**NB: Course fee for selected candidate will be borne by DSIHFW, Odisha**

**Sd/- Director,**
**State Institute of Health and Family Welfare, Odisha**

10003/11/0019/1920

Color Classified Display on Every Tuesday and Friday

## ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ, ବାଲେଶ୍ୱର

**ନିଲାମ ନୋଟିସ୍ ସଂଖ୍ୟା – ୧୦୨୮ / ତା–୦୧।୦୬।୧୯**

No.: 8-L: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବାଲେଶ୍ୱର ଜିଲ୍ଲା ମଧ୍ୟରେ ଥିବା ନିମ୍ନଲିଖିତ ଫଳ ବଗିଚାରେ ଥିବା ଫଳନ୍ତି ଗଛ ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ନିଲାମ ସୂତ୍ରରେ ଫଳ ବିକ୍ରୟ ନିମନ୍ତେ ଜଉମୁଦ ଦିଆ ଟେଣ୍ଡର ଆହ୍ୱାନ କରାଯାଉଛି। ନିଲାମ ସଂକ୍ରାନ୍ତୀୟ ନିର୍ଦ୍ଧାରିତ ଫର୍ମ ଓ ସମସ୍ତ ତଥ୍ୟ ସର୍ତ୍ତାବଳୀ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ବାଲେଶ୍ୱର କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟଦିବସମାନଙ୍କରେ ଟ.୫୦.୦୦ (ପଚାଶ ଟଙ୍କା) ମାତ୍ର ବିନିମୟରେ ଉପଲବ୍ଧ ହେବ।

| ଉଦ୍ୟାନ ବିଭାଗ ଫଳ ବଗିଚାର ନାମ | ନିଲାମ ଦିଆଯିବାକୁ ଥିବା ଫଳନ୍ତି ଫଳ ଗଛର ନାମ ଓ ସଂଖ୍ୟା | ଅମାନତ ଅର୍ଥ |
|---|---|---|
| ଏଫ୍.ଏନ୍. ବାଲିଆ (ଫଳ ବଗିଚା, ବାଲିଆ, ବ୍ଲକ-ରେମୁଣା) | ୭୧ଟି ସପେଟା ଗଛ, ୩୪ଟି ନଡ଼ିଆ ଗଛ | ୨୦୦୦ |
| ସି.ଏନ୍. ବାଲିଆ (ନଡ଼ିଆ ବଗିଚା, ବାଲିଆ, ବ୍ଲକ-ରେମୁଣା) | ୧୧୦ଟି ନଡ଼ିଆ ଗଛ | ୩୦୦୦ |
| ସି.ଏନ୍. ଜଳେଶ୍ୱରପୁର, ବ୍ଲକ- ଭୋଗରାଇ (ନଡ଼ିଆ ବଗିଚା, ଜଳେଶ୍ୱରପୁର) | ୪୩ଟି ନଡ଼ିଆ ଗଛ | ୧୫୦୦ |
| ବ୍ଲକ ଲେବଲ ନର୍ସରୀ, ବାଲେଶ୍ୱର, (ଉଦ୍ୟାନ ବିଭାଗ ଅଫିସ୍ ନିକଟ) | ୧୨ଟି ନଡ଼ିଆ ଗଛ | ୫୦୦ |

ଆଗ୍ରହୀ ପ୍ରାର୍ଥୀ ନିର୍ଦ୍ଧାରିତ ଫର୍ମରେ ଟେଣ୍ଡର ମୂଲ୍ୟ ସହ ଅମାନତ ଅର୍ଥ ପ୍ରତ୍ୟେକ ଫଳ ବଗିଚା ପାଇଁ ଭିନ୍ନ (ଭିନ୍ନ ଫର୍ମ ମାଧ୍ୟମରେ) ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ ଦାଖଲ କରି ଉପଯୁକ୍ତ ରସିଦ୍ ନେଇ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ବାଲେଶ୍ୱରଙ୍କ ନାମରେ ଜଉମୁଦ ଦିଆ ଲଫାପାରେ ତା୧୦।୦୬।୧୯ରିଖ ସୁଦ୍ଧା ରେଜେଷ୍ଟ୍ରି ଡାକ କିମ୍ବା ସ୍ପିଡ୍‌ପୋଷ୍ଟ ଦ୍ୱାରା ଦାଖଲ କରିପାରିବେ। ଉକ୍ତ ଜଉମୁଦା ଲଫାପାଗୁଡ଼ିକ ତା୧୧।୦୬।୧୯ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଉକ୍ତ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ନିଲାମ କମିଟିର ସମସ୍ତ ସଭ୍ୟ ତଥା ସମସ୍ତ ପ୍ରାର୍ଥୀ କିମ୍ବା ସେମାନଙ୍କର ପ୍ରତିନିଧିଙ୍କ ସମ୍ମୁଖରେ ଖୋଲାଯିବ।

ସଫଳ ପ୍ରାର୍ଥୀମାନଙ୍କ ଅମାନତ ଟଙ୍କା ଉକ୍ତ କାର୍ଯ୍ୟାଳୟରେ ଜମା ରହିବ। ଅସଫଳ ପ୍ରାର୍ଥୀଙ୍କୁ ତାଙ୍କର ଅମାନତ ଟଙ୍କା ସେମାନଙ୍କର ବ୍ୟାଙ୍କଖାତାକୁ ଫେରସ୍ତ କରାଯିବ। ସର୍ବୋଚ୍ଚ ନିଲାମଧାରୀ ନିଲାମ ମୂଲ୍ୟର ସମସ୍ତ ଟଙ୍କା ଉକ୍ତ ଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଦାଖଲ କରିବାକୁ ବାଧ୍ୟ ହେବେ ଏବଂ ଯଦି ସର୍ବୋଚ୍ଚ ନିଲାମଧାରୀ ବ୍ୟକ୍ତି ସମ୍ପୂର୍ଣ୍ଣ ଟଙ୍କା ପୈଠ ନକରନ୍ତି ତେବେ ଉକ୍ତ ଦିନ ପରବର୍ତ୍ତୀ ନିଲାମଧାରୀଙ୍କୁ ନିଲାମ ନେବା ପାଇଁ ସୁଯୋଗ ଦିଆଯିବ।

ଇଚ୍ଛୁକ ପ୍ରାର୍ଥୀମାନେ ଯେ କୌଣସି କାର୍ଯ୍ୟ ଦିବସରେ ଉକ୍ତ ଫଳବଗିଚା ପରିଦର୍ଶନ କରିପାରିବେ। ନିଲାମଧାରୀ ବିକ୍ରୟ ଅନୁମତି ପାଇବା ପୂର୍ବରୁ ନିଲାମ ମୂଲ୍ୟରେ ୧୦% (ସିକ୍ୟୁରିଟି ଧନ) ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ, ଯାହାକି ଫାର୍ମରେ ସମସ୍ତ ଫଳ ବିକ୍ରି ଶେଷରେ ବା ଚୁକ୍ତି ସମୟ ଶେଷରେ ଫେରସ୍ତ ଦିଆଯିବ।

ନିଲାମ ମୂଲ୍ୟର ୧୦% (ସିକ୍ୟୁରିଟି ଧନ) ସମେତ ନିଲାମ ଟଙ୍କା ଅଫିସରେ ଦାଖଲ କଲାପରେ ସର୍ତ୍ତାବଳୀ ଅନୁଯାୟୀ ନିଲାମ ନେଇଥିବା ବ୍ୟକ୍ତି ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ, ବାଲେଶ୍ୱରଙ୍କ ସହିତ ଚୁକ୍ତିନାମାରେ ସ୍ୱାକ୍ଷର କରିବେ। ସର୍ତ୍ତାବଳୀ ସ୍ୱାକ୍ଷର ପରେ ହିଁ ବଗିଚାରେ ପ୍ରବେଶ ଓ ଫଳ ସଂଗ୍ରହ ପାଇଁ ପ୍ରାର୍ଥୀଙ୍କୁ ଅନୁମତି ପ୍ରଦାନ କରାଯିବ। କୌଣସି କାରଣ ନ ଦର୍ଶାଇ ଆବଶ୍ୟକ ସ୍ଥଳେ ଉପରୋକ୍ତ ଟେଣ୍ଡର ବାତିଲ କରିବା କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ସମ୍ପୂର୍ଣ୍ଣ ପରିସର ଭୁକ୍ତ ଅଟେ। ଉପରୋକ୍ତ ସ୍ଥଳେ ଫଳ ସଂଗ୍ରହର ଅବଧି ସମୟ ଆସନ୍ତାବର୍ଷ ତା୨୮।୦୨।୨୦୧୯ ପର୍ଯ୍ୟନ୍ତ ସୀମିତ ରହିବ। କୌଣସି କାରଣରୁ ପ୍ରାର୍ଥୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଫଳ ସଂଗ୍ରହ କରି ନ ପାରିଲେ ନିମ୍ନ ସ୍ୱାକ୍ଷରକାରୀ ଦାୟୀ ରହିବେ ନାହିଁ।

01407/11/0001/1920 **ସ୍ୱା./- ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ, ବାଲେଶ୍ୱର**

## Government of Odisha
## Higher Education Department

**Inviting Applications for Govt. of Odisha Sponsored UPSC Civil Services Coaching Scheme for the Session 2019-20**

No.: 04-N: Higher Education Department, Government of Odisha has a scheme for UPSC Civil Services coaching at Bhubaneswar through M/s Dhyeya Educational Services Pvt. Ltd., New Delhi to provide coaching and guidance to students aspiring to appear for All India Civil Services examinations. The detailed admission guideline is available in Higher Education Department website and candidates have to apply online in order to get admission for this scheme.

1. No. of seats available – 100 (1 year coaching for Prelims and Mains)
2. Non-residential coaching at Bhubaneswar: Candidates have to make their own arrangement for boarding and lodging in Bhubaneswar.
3. Coaching will be imparted only on General Studies papers of Prelims and Mains as per UPSC syllabus.
4. Coaching will be imparted to students of Odisha State.
5. Eligibility - For details visit www.dheodisha.gov.in
6. Coaching Fee :–
   a. Total Rs. 82,600/- (Inclusive of 18% GST), out of which Higher Education Department will pay Rs 61,950/- and the students will pay Rs 20,650/-.
   b. Candidates whose parent's annual income is less than Rs. 2 lakh, the entire coaching fees of Rs. 82,600 shall be paid by the Higher Education Department.
7. Location of Coaching Centre : Dhyeya IAS, OEU Tower, Third Floor, KIIT Road, Patia, Bhubaneswar – 751024, Odisha
8. Contact Person of the Coaching Institute: Sri Samarth Satya, Mobile No.: 7656949029, E-mail ID: dhyeyabbsr@gmail.com
9. Time Schedule:

| Items | Timeline |
|---|---|
| Availability of Common Application Form (CAF) in the website | 27th May, 2019 |
| Last date of applying online (in CAF) | 10th June, 2019 (11:59 PM) |
| Publication of selection list | 12th June, 2019 (04:00 PM) |
| Last date of Admission of Selected Applicants | 20th June, 2019 |
| Commencement of Coaching Class | 24th June, 2019 |

**For more details please contact:**
**Helpdesk @ 0674 – 2531977, e-mail : sptc.hed2017@gmail.com**

**Dr. Partha Sarathi Mishra, IAS**
**Addl. Secretary to Government**

11001/11/0002/1920



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଗଛ ଡାଳରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୫ା୬:** ଜଲଦା ଫାଣ୍ଡି ଅନ୍ତର୍ଗତ ତଳ ବାଲିଯୋଡ଼ି ମଦନଟୋଲି ଅଞ୍ଚଳର ଜଣେ ଯୁବକ ମଙ୍ଗଳବାର ବିଳମ୍ବିତ ରାତିରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାଁ ଅଗସ୍ଟୁସ କେର୍କେଟା (୨୭)। ଏନେଇ ଜଲଦା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ବୁଧବାର ସକାଳେ ଅଗସ୍ଟୁସଙ୍କ ମୃତଦେହ ୩୦ ଫୁଟ ଉଚ୍ଚ ଗଛ ଡାଳରେ ଝୁଲୁଥିବା ଦେଖାଯାଇଥିଲା। ପୋଲିସ କିମ୍ବା ସ୍ଥାନୀୟ ବାସିନ୍ଦା ମୃତଦେହ ତଳକୁ ଓହ୍ଲାଇବାରେ ଅସମର୍ଥ ହେବାରୁ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦିଆଯାଇଥିଲା। ଅଗସ୍ଟୁସ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ସେ ନେଇ ସୂଚନା ମିଳିପାରିନି।

### ବ୍ରାଉନ ସୁଗାର ଜବତ ମାମଲାରେ ଜଣେ କୋର୍ଟ ଚାଲାଣ

**ରାଉରକେଲା ଅଫିସ,୫ା୬:** ମଙ୍ଗଳବାର ରାଉରକେଲା ରେଳ ଷ୍ଟେଶନ ୨ନଂ ପ୍ଲାଟଫର୍ମରୁ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ଜଣେ ଯୁବକଙ୍କ ଠାରୁ ୩.୨୮ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା।



ବୁଧବାର ସମ୍ପୃକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନାଁ ମହମ୍ମଦ ଜଲିଲ। ଏ ନେଇ ଏକ ମାମଲା (ନଂ ୬୭/୨୦୧୯) ରୁଜୁ କରାଯାଇଛି। ଜବତ ବ୍ରାଉନ ସୁଗାର ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ଜିଆରପି ଥାନା ଅଧିକାରୀ ହୃଷୀକେଶ ନାୟକ ସୂଚନା ଦେଇଛନ୍ତି।

■ ଜିଲାରେ ୨ଶହ ନକଲି କମ୍ପାନୀ ଲୁଟୁଛନ୍ତି ବିପୁଳ ରାଜସ୍ୱ

# ଜିଏସ୍‌ଟି ଫାଙ୍କି ପାଇଁ ରଚାଯାଇଛି ଷଡ଼ଯନ୍ତ୍ର

**ରାଉରକେଲା ଅଫିସ,୫ା୬**

ଶିଳ୍ପ ସମୃଦ୍ଧ ସୁନ୍ଦରଗଡ଼ ଜିଲାରେ କାର୍ଯ୍ୟରତ ଜିଏସ୍‌ଟି ଅଧିକାରୀ, ବିକ୍ରିକର ଅଧିକାରୀ, କିଛି ସମବାୟ ଓ ଘରୋଇ ବ୍ୟାଙ୍କ ଅଧିକାରୀଙ୍କ ଅସାଧୁ ମେଣ୍ଟ ଯୋଗୁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଅଭିଯୋଗ କରିଛନ୍ତି। ସେକ୍ଟର-୪ ଡାକବଙ୍ଗଳାରେ ବୁଧବାର ଏକ ଖବରଦାତା ସମ୍ମିଳନୀରେ ମହାପାତ୍ର କହିଥିଲେ, ଗତ ମେ' ୨୮ ସନ୍ଧ୍ୟାରେ ସହରର ବ୍ୟବସ୍ତବହୁଳ ହନୁମାନ ବାଟିକା ଓ ହାଇଟେକ୍ ଛକ ମଧ୍ୟରେ ଘଟିଥିବା ଏକ ପ୍ରୟୋଜିତ ଲୁଟ୍ ଘଟଣାରେ ଆନ୍ତଃରାଜ୍ୟ ଜିଏସ୍‌ଟି ର୍‌ୟାକେଟ ସମ୍ପୃକ୍ତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଏଯାଏ ମୁଖ୍ୟ ଅଭିଯୁକ୍ତ ଧରା ନ ପଡ଼ିବା ବିଭାଗୀୟ ଅଧିକାରୀଙ୍କ ଅପାରଗତାକୁ ପ୍ରମାଣ କରୁଛି ବୋଲି ମହାପାତ୍ର ଆକ୍ଷେପ କରିଥିଲେ। ଅପରପକ୍ଷେ ଜିଏସ୍‌ଟି ଚୋରି ନେଇ ସାମାନ୍ୟତମ ଜ୍ଞାନ ନ ଥିବା ନିରୀହ ଲୋକେ ବିପଦ ମୁହଁକୁ ଠେଲି ହୋଇଯାଉଛି। ରାଜସ୍ୱ ଲୁଟ୍ ନେଇ ଯେଉଁ ଷଡ଼ଯନ୍ତ୍ର ରଚାଯାଇଛି ସେ ନେଇ ଅଜ୍ଞତା ହିଁ ମୁଖ୍ୟ କାରଣ ବୋଲି କହିଛନ୍ତି ମହାପାତ୍ର। ଏଥିରେ ସାମିଲ ଥିବା କିଛି ଅସାଧୁ କର୍ମଚାରୀ ମୋଟା ଅଙ୍କର ଉତ୍କୋଚ ବଦଳରେ ଏହାକୁ ପ୍ରୋତ୍ସାହିତ କରୁଛନ୍ତି। ଜିଲାର କିଛି ସ୍କ୍ରାପ୍ ମାଫିଆ ଓ ପଡ଼ୋଶୀ ଛତିଶଗଡ଼ ଶିଳ୍ପପତିଙ୍କ ଅସାଧୁ



ସେକ୍ଟର-୪ ଡାକବଙ୍ଗଳାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ସୂଚନା ଦେଉଛନ୍ତି।

ମେଣ୍ଟ ସୁଚିନ୍ତିତ ଉପାୟରେ ଜିଏସ୍‌ଟି ଫାଙ୍କିବାକୁ ରାସ୍ତା ପରିଷ୍କାର କରିଛନ୍ତି। ବିଭାଗୀୟ ଅଧିକାରୀଙ୍କୁ କରାୟତ କରି ଗୋଦାମ ଓ କାର୍ଯ୍ୟାଳୟ ସମ୍ପର୍କିତ ମିଥ୍ୟା ତଥ୍ୟ ସହିତ ନିଜ ଡ୍ରାଇଭର ଓ କର୍ମଚାରୀଙ୍କ ନାମରେ ଫାର୍ମ ବା କମ୍ପାନୀ ରେଜିଷ୍ଟ୍ରେଶନ କରିଥାନ୍ତି। ସମବାୟ ଓ ଘରୋଇ ବ୍ୟାଙ୍କ ମ୍ୟାନେଜମେଣ୍ଟକୁ ସନ୍ତୁଷ୍ଟ କରି କରେଣ୍ଟ ଆକାଉଣ୍ଟ ଖୋଲିବାକୁ ସମର୍ଥ ହୋଇଛନ୍ତି। ପରବର୍ତ୍ତୀ ସମୟରେ ବିଭାଗରୁ ସମ୍ପୃକ୍ତ କମ୍ପାନୀ ନାମରେ ସାମଗ୍ରୀ ଚାଲାଣ ନେଇ ୱେ ବିଲ ହାତେଇଛନ୍ତି। ଏହିଠାରୁ ଆରମ୍ଭ ହୋଇଥାଏ ସରକାରଙ୍କ ରାଜସ୍ୱ ଫାଙ୍କି ତଥା ହରିଲୁଟ୍‌ର ମାଧ୍ୟମ। ୱେ ବିଲ ଚାଲାଣକାରୀ ମାଫିଆ ଜିଲା ଓ ଜିଲା ବାହାରେ ଚାଲୁଥିବା ସ୍ପଞ୍ଜ ଆଇରନ ପ୍ଲାଣ୍ଟ, ଇଣ୍ଡକ୍ସନ ଫର୍ନେସ ଆଦିକୁ ଜିନିଷ ଯୋଗାଣ ନାମରେ ନକଲି ୱେ ବିଲକୁ ବହୁଳ ଭାବେ ଉପଯୋଗ କରିଥାନ୍ତି। ଏହା ଦ୍ୱାରା ପ୍ରତି ଟନ୍ ପିଛା ୫ଶହରୁ ୧୫ଶହ ଟଙ୍କା ଯାଏ ଆୟ କରନ୍ତି ତଥାକଥିତ ଟିକସ ଫାଙ୍କୁଥିବା ବ୍ୟବସାୟୀ। ଫଟା ପାହୁଲାଟିଏ ଯାଏନି ସରକାରୀ ଖାତାକୁ। ଏଭଳି କମ୍ପାନୀ ବା ଫାର୍ମ ଦୈନିକ ଲକ୍ଷାଧିକ ଟଙ୍କା କାରବାର କରୁଥିବା ବେଳେ ଏଥିରୁ ଚତୁରତାର ସହ ଖସିବା ବାଟ ତିଆରି କରିଛନ୍ତି। ନିରୀହ ଲୋକଙ୍କ ନାଁରେ ଆକାଉଣ୍ଟ ଖୋଲାଯାଉଛି। ନିଜ ଜାଲ୍ ହସ୍ତାକ୍ଷର ବଳରେ ଏଥିରୁ ଟଙ୍କା ଉଠାଯାଉଛି। ବ୍ୟାଙ୍କ ଆକାଉଣ୍ଟକୁ ଆଧାର ସହ ସଂଯୋଗ କରିବା ବାଧ୍ୟତାମୂଳକ ନିୟମ କରାଯାଇଛି। ଏହା ସତ୍ତ୍ୱେ କିଛି ଘରୋଇ ବ୍ୟାଙ୍କ ଏହାକୁ ମାନୁ ନ ଥିବାରୁ ଏଭଳି ବ୍ୟତିକ୍ରମ ଦେଖାଦେଇଛି ବୋଲି ମହାପାତ୍ର ଅଭିଯୋଗ କରିଛନ୍ତି। କଟକ, ଭୁବନେଶ୍ୱର, ତାଳଚେର, ଅନୁଗୋଳ, ରାଉରକେଲା ଆଦି ଅଞ୍ଚଳରୁ ଦୈନିକ ହାରାହାରି ୨୦ ଟ୍ରକ ସ୍କ୍ରାପ୍ ଚାଲାଣ କରାଯାଉଛି। ଏତେ ପରିମାଣର ସ୍କ୍ରାପ୍ ଚାଲାଣ ସତ୍ତ୍ୱେ ଧାର୍ଯ୍ୟ ୧୮ ପ୍ରତିଶତ ଟିକସ ଆଦାୟ କରାଯାଉନି। ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ଏଭଳି ବେଆଇନ କାରବାର ସାଙ୍ଗକୁ ସରକାର ବିପୁଳ ଟିକସ ହରାଉଛନ୍ତି। ସୁନ୍ଦରଗଡ଼ ଜିଲାରେ ଏଭଳି ୨ଶହ ବେଆଇନ କମ୍ପାନୀ ଖୋଲାଯାଇଥିବା ମହାପାତ୍ର ଅଭିଯୋଗ କରିଛନ୍ତି। ଉପଯୁକ୍ତ ତଦନ୍ତ କରାଗଲେ ସମ୍ପୃକ୍ତ କମ୍ପାନୀଗୁଡ଼ିକର ବ୍ୟବସାୟ ଓ ଟିକସ ଫାଙ୍କି ଘଟଣା ଲୋକଲୋଚନକୁ ଆସିପାରିବ। ଅଭିଯୋଗ ପରେ ସମ୍ପୃକ୍ତ ନକଲି କମ୍ପାନୀଗୁଡ଼ିକୁ ବନ୍ଦ କରିବାକୁ ପଦକ୍ଷେପ ନିଆଯାଉଛି। ତଥ୍ୟ ଗାଏବ ହୋଇଯାଉଛି। ଏଭଳି ଆର୍ଥିକ ଅପରାଧକୁ ସରକାର ଗୁରୁତ୍ୱ ଦେଲେ ଜିଏସ୍‌ଟି ନେଇ ଅନେକ ଗୁମର ଫିଟିବ ବୋଲି ମହାପାତ୍ର ପ୍ରକାଶ କରିଛନ୍ତି।




ତାଲୁକ ଆଇନ ସେବା କମିଟି ପକ୍ଷରୁ ସିଭିଲ୍ କୋର୍ଟ ପରିସରରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଆଇନଜୀବୀ ଓ ଅଧିକାରୀ।

## ତାଲୁକ ଆଇନ ସେବା କମିଟି ପକ୍ଷରୁ ବିଶ୍ୱ ପରିବେଶ ଦିବସ

**ରାଉରକେଲା ଅଫିସ,୫ା୬**

ପାନପୋଷ ଉପଖଣ୍ଡ ତାଲୁକ ଆଇନ ସେବା କମିଟି ପକ୍ଷରୁ ରାଉରକେଲା ସିଭିଲ କୋର୍ଟ ପରିସରରେ ବୁଧବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ସକାଳ ସାଢ଼େ ୮ଟାରେ ପାନପୋଷ ଡିଭିଜନ ବନଖଣ୍ଡ ପକ୍ଷରୁ ଯୋଗାଇ ଦିଆଯାଇଥିବା ଚାରାଗୁଡ଼ିକୁ କୋର୍ଟ ପରିସରରେ ରୋପଣ କରାଯାଇଥିଲା। ଏଥିରେ ବନ ବିଭାଗ ଅଧିକାରୀ ଓ ତାଲୁକ ଆଇନ ସେବା କମିଟିର ଇଭା ଅନୁପମା ଲୁଗୁନ, ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରା ଜଜ୍ ରବୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରିବାର ଅଦାଲତ ବିଚାରପତି ସତ୍ୟପୀର ମିଶ୍ର ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଅତିରିକ୍ତ ଜିଲା ଜଜ୍ ରବୀନ୍ଦ୍ର ଦାସ, ଏସିଜେଏମ୍ ସଦାଶିବ ଜେନା, ଏସ୍‌ଡିଜେଏମ୍ ଅଭୟ ଦାସ, ମୁନସିଫ ଏସ୍. ଅଗ୍ରୱାଲ, ଜେଏମ୍‌ଏଫ୍‌ସି ବିଶ୍ୱକଳ୍ପିତା ମହାନ୍ତି, ଓକିଲ ସଂଘ ସଭାପତି ରମେଶ ବଳ. ସମ୍ପାଦକ ଅକ୍ଷୟ ସାହୁ, ଡିଏସ୍‌ପି ଏମ୍. କାରୁଆ, ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ନିରଞ୍ଜନ ବେହେରା, ଆଇନଜୀବୀ ରଙ୍ଗବାହାଦୁର ବାଗ, ଶ୍ରୀନିବାସ ପଣ୍ଡା, ବବିତା ମହାପାତ୍ର, କୈଳାସ ସାବତ, ଚନ୍ଦ୍ରମଣି ଦାସ, ସନ୍ତୋଷ ଭଦ୍ର ମନୋରଞ୍ଜନ ବାରିକ, ପବିତ୍ର ଜେନା, ଇନ୍ଦ୍ରମଣି ସାହୁ, ମହେଶ୍ୱର ପୁରଣ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିବା ସହ ପରିବେଶକୁ ସବୁଜ ସୁନ୍ଦର କରିବାକୁ ସଙ୍କଳ୍ପ ନେଇଥିଲେ।

## ସୁରକ୍ଷା ମଞ୍ଚ ପକ୍ଷରୁ ବିଶ୍ୱ ପରିବେଶ ଦିବସ

**ରାଉରକେଲା ଅଫିସ,୫ା୬**

ପରିବେଶ ସୁରକ୍ଷିତ ରହିଲେ ସମଗ୍ର ବିଶ୍ୱ ସୁରକ୍ଷିତ ରହିବ। ମାନବ ଓ ପ୍ରାଣୀ ଜଗତ ଶାନ୍ତିରେ ଜୀବନଯାପନ କରିବେ। ଏଥିପ୍ରତି ଅବହେଳା କଲେ ବିଶ୍ୱ ଧ୍ୱଂସ ହୋଇଯିବ। ଏ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରିବେଶ ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ ଆଲୋଚନା ସଭାରେ ଯୋଗଦେଇଥିବା ବକ୍ତାମାନେ ମତ ପ୍ରକାଶ କରିଥିଲେ। ମଞ୍ଚ ଆବାହକ ଆଇନଜୀବୀ ସଦାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ଜି.ଏନ୍ ସାହୁ, ଇସକଫର ରାଜ୍ୟ ଉପସଭାପତି ପ୍ରଭାତ ମହାପାତ୍ର ଓ ଗଣପତି ଜେନା ପ୍ରମୁଖ ଆଲୋଚକ ରୂପେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ସୁସ୍ଥ ପରିବେଶର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଦ୍ରୁତ ବୃଦ୍ଧି ପାଉଥିବା କଳ କାରଖାନା ଓ ଏଥିରୁ ନିର୍ଗତ ଧୂଳି, ଧୂଆଁ, ରାସାୟନିକ ପଦାର୍ଥ ନେଇ ସମଗ୍ର ଦେଶରେ ଚିନ୍ତା ପ୍ରକାଶ ପାଇଲାଣି। ଏଥି ଯୋଗୁ ବୃଦ୍ଧି ପାଉଥିବା ପ୍ରଦୂଷଣ କିପରି ମାନବ ଜଗତ ଉପରେ ଦାଉ ସାଧୁଛି ସେ ନେଇ ଚିନ୍ତା ବ୍ୟକ୍ତ କରିଥିଲେ ମଞ୍ଚରେ ଉପସ୍ଥିତ ଆଲୋଚକ। ବୃକ୍ଷରୋପଣ




ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

ପରିବର୍ତ୍ତେ ଏହାକୁ ଅବାଧ ଭାବେ କାଟିବା ଦୂରଦୃଷ୍ଟିର ଅଭାବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ପ୍ରଦୂଷଣ ଜନିତ ପ୍ରଭାବ ଭୟାବହ ପରିସ୍ଥିତି ସୃଷ୍ଟି କରିବା ଆଶଙ୍କା ବ୍ୟକ୍ତକରି ବକ୍ତାମାନେ କହିଥିଲେ, ପ୍ରତ୍ୟେକ ଅନ୍ତତଃ ଗୋଟିଏ ଲେଖାଏଁ ଚାରା ପୋତିବା ଆବଶ୍ୟକ। ଏହା ନ ହେଲେ ନିଜ ହାତରେ ସମାଜକୁ ଦଳିମକଚି ଦେବା ଭଳି ପରିସ୍ଥିତି ସୃଷ୍ଟି ହେବ। ବେଳହୁଁ ସମସ୍ତେ ସତର୍କ ହେବା ଆବଶ୍ୟକ। ସହରର ପ୍ରତ୍ୟେକ ପରିତ୍ୟକ୍ତ ସ୍ଥାନରେ ଚାରା ରୋପଣ କରିବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା। ଏକ ସବୁଜ ସୁନ୍ଦର ସମାଜ ଗଠନ ନେଇ ଯତ୍ନବାନ ହେବାକୁ ସାଥୀ ଅନୁଷ୍ଠାନ ପକ୍ଷରୁ ବସନ୍ତ ପାଠୀ, ଯଶ୍ୱିତା ପ୍ରଧାନ, ଅକ୍ଷୟ ଦାସ, ଶଶୀକାନ୍ତ ସାମଲ, ଜେମ୍ସ ବାହାଲା, ଦିଲୀପ କେଶରୀ, ରାହୁଲ କୁମାର ପ୍ରମୁଖ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଛାୟାକାନ୍ତ ସେନାପତି, ଦୁର୍ଗା ବାଗ, ଅପର୍ଣ୍ଣା ରାଉତରାୟ, କିଶୋର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ରଜନୀକାନ୍ତ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବୃକ୍ଷରୋପଣ

**କୁଆଁରମୁଣ୍ଡା,୫ା୬(ଡି.ଏନ.ଏ)**

ପ୍ରତିବର୍ଷ ପରି ଚଳିତବର୍ଷ ଜୁନ୍ ୫ ବିଶ୍ୱ ପରିବେଶ ଦିବସ ଭାବେ ପାଳିତ ହୋଇଛି। ହେଲେ ଚଳିତବର୍ଷ ଏହି ଦିବସର ସ୍ଲୋଗାନ ଥିଲା 'ଫନୀ ପାଇଁ ଗଛଟିଏ'। ଏହି ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଜୀବିକା ମିଶନ ଓ ବ୍ଲକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ବ୍ଲକ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ୨୦ଟି ପଞ୍ଚାୟତରେ ଥିବା ଜୀବିକା ମିଶନ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏଥିରେ କୁଆଁରମୁଣ୍ଡା ବିଡିଓ ପିୟୁଷ ଲୋହାର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଓଡିଶା ଜୀବିକା ମିଶନର କୁଆଁରମୁଣ୍ଡା ବ୍ଲକ ବିପିଏମ୍ ପ୍ରସନ୍ନ କୁମାର ମୋଦି ଓ ସଞ୍ଚାଳିକା ରଶ୍ମିତା ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।




କୁଆଁରମୁଣ୍ଡା ବ୍ଲକରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କାର୍ଯ୍ୟକର୍ତ୍ତା।

## ଫଟୋରେ ଖବର



ଇଦ୍ ଅବସରରେ ରାଉରକେଲା ଇଦ୍‌ଗାହ ପଡ଼ିଆରେ ସାମୂହିକ ନମାଜ ପାଠ କରାଯାଉଛି।

## ବାୟୁ ପ୍ରଦୂଷଣ, ଜଙ୍ଗଲ ସୁରକ୍ଷା ସଚେତନତା

**ଭବାନୀପାଟଣା,୫ା୬ (ଡି.ଏନ.ଏ.)**

କଳାହାଣ୍ଡି ଏଜେନ୍ସି ଫର୍ ଏନଭାରମେଣ୍ଟ ଆଣ୍ଡ ୱାଇର୍ଡ ଲାଇଫ୍ (କେଫ୍ୟୁ) ପକ୍ଷରୁ ବିଶ୍ୱ ପରିବେଶ ଦିବସ ସଦର ବ୍ଲକ ଅନ୍ତର୍ଗତ ରିଷିଗାଁ ପଞ୍ଚାୟତ କେରୋକୁଡାଠାରେ ବୁଧବାର ପାଳିତ ହୋଇଯାଇଛି। କଳାହାଣ୍ଡି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ. ଅଜୟ କୁମାର ମିଶ୍ର, ରିଷିଗାଁ ସରପଞ୍ଚ ଟନେଶ୍ୱର ନାୟକ, ବନରକ୍ଷୀ ପ୍ରଶାନ୍ତ କୁମାର ଠାକୁର ଓ ପରିବେଶପ୍ରେମି ଶିକ୍ଷକ ଡୋଳାମଣୀ ସାହୁ ବିଶ୍ୱ ପରିବେଶ ଦିବସ ଉପରେ ଆଲୋଚନା କରିଥିଲେ। ବାୟୁ ପ୍ରଦୂଷଣ ଓ ଜଙ୍ଗଲ ସୁରକ୍ଷା ଉପରେ ଗ୍ରାମବାସୀ ତଥା ଉପସ୍ଥିତ ମହିଳା ସମିତି ଓ ଯୁବକ ସଂଘ ସଦସ୍ୟାସଦସ୍ୟଙ୍କୁ ସଚେତନା ବର୍ତ୍ତା ଦେଇଥିଲେ। ସ୍ଥାନୀୟ ମା' ତାରିଣୀ ମହିଳା ସମିତି ସଦସ୍ୟା ଓ ଯୁବକ ସଂଘ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମହିଳା ସମିତି ସମ୍ପାଦିକା ପିପାସି ମାଝି ମଞ୍ଚ ପରିଚାଳନା କରିଥିବା ବେଳେ କେଫ୍ୟୁ ଅଧ୍ୟକ୍ଷ ନାଦରାଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ ଦେବରାଜ ମାଝି, ବ୍ରଜ ମାଝି, ଭଗବାନ ଜାନୀ, ମଣ୍ଟୁ ମାଝି, ପ୍ରତୀମା ମାଝି, ବିଳାସ ମାଝି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

■ ବୀରମିତ୍ରପୁରରେ ଚକ୍ଷୁ ଚିକିତ୍ସା ଶିବିର

## ୧୦୦ ମହିଳା ପୁରୁଷଙ୍କ ଚକ୍ଷୁ ପରୀକ୍ଷା

**କୁଆଁରମୁଣ୍ଡା,୫ା୬(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁରସ୍ଥିତ ମାରୱାଡି ପଞ୍ଚାୟତି ଧର୍ମଶାଳାରେ ବୁଧବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବୀରମିତ୍ରପୁର ପୌରପାଳିକା କାଉନସିଲର କୋଇଲି ଭଗତ ଓ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଲକ୍ଷ୍ମୀ ପ୍ରସାଦ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସକାଳ ୭ଟାରୁ ଚକ୍ଷୁ ଚିକିତ୍ସା ଶିବିର ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ପୌରାଞ୍ଚଳରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ମହିଳା/ପୁରୁଷ ଯୋଗ ଦେଇ ନିଜର ଚକ୍ଷୁ ପରୀକ୍ଷା କରାଇଛନ୍ତି। ଏହି ଶିବିର କେୟାର ନେତ୍ରମ୍ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ବେଳେ ବୀରମିତ୍ରପୁର ଭାଜପା ମହିଳା ମୋର୍ଚ୍ଚାର ସଦସ୍ୟାମାନେ ଉପସ୍ଥିତ ରହି ସହଯୋଗ କରିଛନ୍ତି। କେୟାର ନେତ୍ରମର ସଞ୍ଚାଳକ ଅଭିଷେକ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱର୍ଣ୍ଣଲକ୍ଷ୍ମୀ ମିଶ୍ର, ସୁପ୍ରିୟା ବେହେରା, ପିଙ୍କି ସୁନ୍ଦରା, ଅମିୟ ରାଉତ୍, ଝିଲ୍ଲୀ ଜେନା, ମିତା ଜେନା, ଶୁଭାସିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ମହିଳା/ପୁରୁଷଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଅନୁରୂପଭାବେ ଏହି ଶିବିର ଗୁରୁବାର ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଞ୍ଚାଳକ ଅଭିଷେକ ମିଶ୍ର ସୂଚନା ଦେଇଛନ୍ତି।



ବୀରମିତ୍ରପୁର ମାରୱାଡି ପଞ୍ଚାୟତି ଧର୍ମଶାଳାରେ ଅନୁଷ୍ଠିତ ମାଗଣା ଚକ୍ଷୁ ଶିବିର।

## ବିଭିନ୍ନ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫୦ଲକ୍ଷ ପ୍ରଦାନ

**ରାଉରକେଲା ଅଫିସ,୫ା୬**

ଭୟଙ୍କର ବାତ୍ୟା ଫନୀଜନିତ କ୍ଷୟକ୍ଷତି ନେଇ ଓଡ଼ିଶା ସ୍ପଞ୍ଜ ଆଇରନ ମାନୁଫାକ୍ଚରିଂ ଆସୋସିଏଶନ, ରାଉରକେଲା ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ କର୍ମକର୍ତ୍ତା, ରୋଟାରି କ୍ଲବ ଡିଷ୍ଟ୍ରିକ୍ଟ ୩୨୬୧, ଫର୍ଟିଲାଇଜର ଏମ୍ପ୍ଲଇଜ ଟ୍ରନ୍ସପୋର୍ଟ କୋଅପରେଟିଭ ସୋସାଇଟି (ଫେଟକଲ) କର୍ମଚାରୀ ସଂଘ ପକ୍ଷରୁ ମିଳିତ ଭାବେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫୦ଲକ୍ଷ ୧୧ ହଜାର ଟଙ୍କା ପ୍ରଦାନ କରାଯାଇଛି। ରାଉରକେଲାରୁ ନବ ନିର୍ବାଚିତ ବିଧାୟକ ସାରଦା ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ଚେକ୍ ପ୍ରଦାନ କରିଥିଲେ। ଏହି ଅବସରରେ କର୍ମକର୍ତ୍ତାମାନେ ୫ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ନବୀନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜ୍ଞାପନ କରିଥିଲେ।



ଫନୀ ପୀଡ଼ିତଙ୍କୁ ସହାୟତା ପ୍ରଦାନ ପାଇଁ ଭୁବନେଶ୍ୱର ଯାଇଥିବା କର୍ମକର୍ତ୍ତାମାନେ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

ସ୍ପଞ୍ଜ ମାନୁଫାକ୍ଚରିଂ ସଂଗଠନ ପକ୍ଷରୁ ଯୋଗେଶ ଡାଲମିଆ, ବିପିନ ବାଙ୍କା, ବିକାଶ ଡାଲମିଆ, ଏସ୍.କେ. ଡାଲମିଆ ଓ ମୁକେଶ ଅଗ୍ରୱାଲ ପ୍ରମୁଖ ୩୩ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ ରାଉରକେଲା ଚାମ୍ବର ଅଫ କମର୍ସ ପକ୍ଷରୁ ସଭାପତି ସୁବ୍ରତ ପଟ୍ଟନାୟକ, ଉପସଭାପତି ପ୍ରବୀଣ ଗର୍ଗ, ସମ୍ପାଦକ ରାଜେଶ ଗର୍ଗ, ଲଳିତ ଗୁରୁୱାରା, କାନ୍ତି କୋଠାରି, ବ୍ରିଜମୋହନ ଅଗ୍ରୱାଲ, ସୁନୀଲ କାୟଲ, ରାଜେଶ ଗର୍ଗ ଓ ଶୁଭମ କପୁର ପ୍ରମୁଖଙ୍କ ନେତୃତ୍ୱରେ ୮ଲକ୍ଷ ୧୧ହଜାର ଓ ରୋଟାରି କ୍ଲବ ପକ୍ଷରୁ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏଥିରେ ଶମ୍ଭୁ ଜଗତରାମ, ମଳୟ ମଣ୍ଡଳ ଓ ସୁବୋଧ ଟୋଲେ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଫେଟକଲ ପକ୍ଷରୁ ୪ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ଏଥିରେ ବିରଞ୍ଚିନାରାୟଣ ବେହେରା, ଟି. ମନ୍ମଥ ଦେବ, ବିଷ୍ଣୁ ନାୟକ ଅନୁପ ଦାସ ଓ ପବିତ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ପୃକ୍ତ ଅନୁଷ୍ଠାନର କର୍ମକର୍ତ୍ତାମାନେ ବିଧାୟକ ନାୟକଙ୍କ ନେତୃତ୍ୱରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖଙ୍କୁ ଭେଟିଥିଲେ। ରାଉରକେଲା ବଣିକ ସଂଘ କର୍ମକର୍ତ୍ତା ଟ୍ରନ୍ସପୋର୍ଟ ନଗର, ମାର୍କେଟ କମ୍ପ୍ଲେକ୍ସ, ମହତାବ ରୋଡ୍ ନବୀକରଣ, ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଭଳି ଏକାଧିକ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ଏପରିସ୍ଥଳେ ରାଉରକେଲାର ଦ୍ରୁତ ବିକାଶ ନେଇ ଚାମ୍ବର କର୍ମକର୍ତ୍ତା ଆଶା ବ୍ୟକ୍ତ କରିଛନ୍ତି।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ

ବଡ଼ଗାଁ, ୫।୬ (ଡି.ଏନ.ଏ)- ବଡ଼ଗାଁ ଥାନା ଅନ୍ତର୍ଗତ ସେନ୍ଦରୀଟାଙ୍ଗର ଗ୍ରାମର ଗଣେଷ ଭିତ୍ରିଆ ମ(୪୭) କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ତାଙ୍କ ପରିବାର ଲୋକଙ୍କଠାରୁ ଜଣାପଡିଛି। ବୁଧବାର ଅପରାହ୍ନ ସାଢ଼େ ୪ଟାରେ ସେ ଘରେ ରଖାଯାଇଥିବା ଚାଷରେ ବ୍ୟବହୃତ କୀଟନାଶକ ପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ପରିବାର ଲୋକେ ବଡଗାଁ ଡାକ୍ତରଖାନା ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସୁନ୍ଦରଗଡ ଡାକ୍ତରଖାନା ପଠାଯାଇଛି ।

### ଟ୍ରେଲର ଚାପାରେ ରାତ୍ରି ଜଗୁଆଳୀଙ୍କ ମୃତ୍ୟୁ

ପାଟଣାଗଡ଼,୫।୬(ଡି.ଏନ.ଏ.): ପାଟଣାଗଡ଼ ବ୍ଲକ ଛକ ନିକଟରେ ବୁଧବାର ଅପରାହ୍ନ ୪ଟାରେ ଏକ ଟ୍ରେଲର ଚାପାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାଟଣାଗଡ ନିକଟସ୍ଥ ଗଙ୍ଗାସାଗର ଗ୍ରାମର ଗୋଲବଦନ ନାଗ(୬୦)। ସେ ପାଟଣାଗଡ଼ର ଏକ ଲଜରେ ରାତ୍ରି ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ।

# ଶୁଖିଲାଣି ଇବ୍ ନଦୀର ଜଳଧାର

ଜୟନାରାୟଣ ମେଣ୍ଡୁଲି

ସୁନ୍ଦରଗଡ଼, ୫।୬ (ଡି.ଏନ.ଏ.)



ସୁନ୍ଦରଗଡ଼ ନିକଟରେ ଇବ୍ ନଦୀର ଜଳଧାର ଶୁଖିଯାଇଛି।

- ଜଳଯୋଗାଣ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା
- ୪ରୁ ୩ ମେଶିନ୍ ବର୍ତ୍ତମାନ ଅଚଳ ହୋଇପଡିଛି
- ଗୋଟିଏ ମେଶିନ୍‌ରେ ଇବ୍‌ରୁ ଜଳ ଉତ୍ତୋଳନ
- ଜଳ ସଂରକ୍ଷଣ ପାଇଁ ନଦୀରେ କୃତ୍ରିମ ପୋଖରୀ ଖନନ

ସୁନ୍ଦରଗଡ଼ ସହରବାସୀଙ୍କ ଜୀବନରେଖା କୁହାଯାଉଥିବା ଇବ୍ ନଦୀର ଜଳଧାର ଶୁଖିଗଲାଣି। ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଏଠାରେ ହେଉଥିବା ଜଳଯୋଗାଣ ବ୍ୟବସ୍ଥା ମଧ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି। ଇବ୍ ନଦୀର ସତନାଦରହଠାରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଜଳଉତ୍ତୋଳନ କେନ୍ଦ୍ରଠାରେ ଥିବା ୪ଟି ୧୦୦ଏଚ୍‌ପି କ୍ଷମତାସୀନ ପାଣିପମ୍ପ ମେଶିନ୍ ମଧ୍ୟରୁ ୩ଟି ମେଶିନ୍ ବର୍ତ୍ତମାନ ଅଚଳ ହୋଇପଡିଛି। ଗୋଟିଏ ମେଶିନ୍‌ରେ ଇବ୍ ନଦୀରୁ ଜଳ ଉତ୍ତୋଳନ କରାଯାଇ ରାଣୀବଗିଚାସ୍ଥିତ ଜଳବିଶୋଧନାଗାରକୁ ପଠାଯାଉଛି। ହେଲେ ବର୍ତ୍ତମାନ ଇବ୍ ନଦୀର ଜଳଧାର ଶୁଖିଯିବାରୁ ଏହି ଗୋଟିଏ ପମ୍ପ ସହାୟତାରେ ମଧ୍ୟ ଜଳ ଉତ୍ତୋଳନ କରାଯିବା ମୁସ୍କିଲ ହୋଇପଡୁଛି। ଛତିଶଗଡ଼ରୁ ବାହାରି ସୁନ୍ଦରଗଡ଼ ସହର ପାଖଦେଇ ପ୍ରବାହିତ ହୋଇ ମହାନଦୀରେ ମିଶିଥିବା ଏହି ନଦୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କମ ବର୍ଷା ହୋଇଥିବାରୁ ଓ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଜଳଧାର ଶୁଖିଯାଉଛି। ଆଗାମୀ ସପ୍ତାହେ ମଧ୍ୟରେ ବର୍ଷା ନ ହେଲେ ଜଳଯୋଗାଣ ପରିସ୍ଥିତି ସଙ୍ଗୀନ୍ ହେବାର ଆଶଙ୍କା ଦେଖାଯାଇଛି। ନଦୀ ମଧରେ କୃତ୍ରିମ ପୋଖରୀ ଖନନକରି ଜଳଧାରକୁ ସଂରକ୍ଷଣ କରାଯାଉଛି। ସେଠାରୁ ଜଳ ଉତ୍ତୋଳନ ପାଇଁ ବ୍ୟବସ୍ଥା କରାଯାଉଛି। ବର୍ତ୍ତମାନ ସହରର ଜନସଂଖ୍ୟା ଅନୁସାରେ ୮୨ଲକ୍ଷ ୨୬ହଜାର ଲିଟର ଜଳ ଆବଶ୍ୟକ ହେଉଥିବାବେଳେ ମୁଣ୍ଡପିଛା ଦୈନିକ ୧୩୫ଲିଟର ଜଳ ଆବଶ୍ୟକ। ହେଲେ ବର୍ତ୍ତମାନ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ୫୪ଲକ୍ଷ ଲିଟର ଜଳ ଯୋଗାଇ ଦିଆଯାଉଛି। ୪୫ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ରାଣୀବଗିଚାସ୍ଥିତ ଜଳବିଶୋଧନାଗାରରେ ଆବଶ୍ୟକୀୟ ବିଶୋଧନ ପ୍ରକ୍ରିୟା ପରେ ଜଳଯୋଗାଣ ହେଉଛି। ସହରରେ ୧୯ଟି ୱାର୍ଡ ମଧ୍ୟରୁ ୧୦ ୱାର୍ଡକୁ ସମ୍ପୂର୍ଣ୍ଣ, ୬ ୱାର୍ଡକୁ ଆଂଶିକଭାବେ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା ରହିଛି। ୩ଟି ୱାର୍ଡକୁ ଆଦୌ ଜଳଯୋଗାଣ ବ୍ୟବସ୍ଥା ହୋଇପାରିନାହିଁ। ସହରର ସମସ୍ତ ଅଞ୍ଚଳକୁ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ପାଇପ୍ ବିଛାକାମ ଚାଲିଛି। ସମସ୍ତ ଅଞ୍ଚଳକୁ କେଉଁଠାରୁ ୨୪ଘଣ୍ଟିଆ ଜଳଯୋଗାଣ ବ୍ୟବସ୍ଥା କରାହେବ ଏନେଇ ପ୍ରଶାସନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଚୂଡାନ୍ତ ନିଷ୍ପତ୍ତି ହୋଇପାରିନାହିଁ। ଇବ୍ ନଦୀରେ ପ୍ରସ୍ତାବିତ ବ୍ୟାରେଜ ପ୍ରକଳ୍ପ ବର୍ତ୍ତମାନ ସୁଦ୍ଧା କେଉଁ ଠାରେ ହେବ ତାହା ନିଷ୍ପତ୍ତି ହୋଇପାରୁ ନାହିଁ। କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ପାଇପ୍ ବିଛା କାର୍ଯ୍ୟ ଆଗେଇ ଚାଲିଛି। ଏହି ପାଇପ୍ ବିଛା କାର୍ଯ୍ୟ ଚାଲିଥିବା ବେଳେ ପୁରୁଣା ପାଇପ୍ ଫାଟି ଯାଉଥିବାରୁ ଏଥିଯୋଗୁ ମଧ୍ୟ ବର୍ତ୍ତମାନ ଅଧିକାଂଶ ଅଞ୍ଚଳରେ ଜଳଯୋଗାଣ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ଫଳରେ ଲୋକେ ପାଣି ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ସୁନ୍ଦରଗଡ଼ ନାଗରିକ କମିଟିର ପୂର୍ବତନ ସଭାପତି ବେଣୁମାଧବ ତ୍ରିପାଠୀ କହନ୍ତି, ଇବ୍ ନଦୀର ଜଳଧାରକୁ ସବୁଦିନ ସଂରକ୍ଷଣ ରଖିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାରେଜ ନିର୍ମାଣ ପାଇଁ ବିଭିନ୍ନ ସମୟରେ ପ୍ରସ୍ତାବ ହୋଇଛି। କିନ୍ତୁ କାର୍ଯ୍ୟକାରୀ ହେଉନି। ଏପରିକି ସୁନ୍ଦରଗଡ଼ ଜଳସମ୍ପଦ ବିଭାଗରେ ସ୍ୱତନ୍ତ୍ର ଭାବେ ଇବ୍ ଅନୁସନ୍ଧାନ ବିଭାଗ ଖୋଲାଯାଇଥିଲେ ମଧ୍ୟ ତାହା ନାମକୁମାତ୍ର ରହିଛି। ପୂର୍ବତନ ୱାର୍ଡ଼ କାଉନସିଲର ଡାକ୍ତର ହିମାଂଶୁ ଶେଖର ଷଡ଼ଙ୍ଗୀ କହନ୍ତି, କୋଟି କୋଟି ଟଙ୍କା ଖର୍ଚ୍ଚକରି ପାଇପ ବିଛା ଯାଉଛି। ହେଲେ ପାଣି କେଉଁଠାରୁ ଆସିବ ତାହାର ବ୍ୟବସ୍ଥା କରାଯିବା ଜରୁରୀ ହୋଇପଡ଼ିଛି।

### ବଜରଙ୍ଗଦଳ ପଶ୍ଚିମ ଓଡ଼ିଶା ପ୍ରାନ୍ତର ସୌର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ସୁନ୍ଦରଗଡ଼, ୫।୬ (ଡି.ଏନ୍.ଏ)

ବଜରଙ୍ଗଦଳ ଓଡିଶା ପଶ୍ଚିମ ପ୍ରାନ୍ତର ସୌର୍ଯ୍ୟ ପ୍ରଶିକ୍ଷଣବର୍ଗ ଶିବିର ବୁଧବାରଠାରୁ ସୁନ୍ଦରଗଡଠାରେ ଆରମ୍ଭ ହୋଇଛି। ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିରଠାରେ ସ୍ୱାମୀ କନିଷ୍ଠାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ହିନ୍ଦୁ ସନାତନ ଧର୍ମ ତଥା ବର୍ତ୍ତମାନର ହିନ୍ଦୁ ବିରୋଧୀମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବଜରଙ୍ଗ ଦଳ ଓଡିଶା ପଶ୍ଚିମ ପ୍ରାନ୍ତ ସଂଯୋଜକ ରଞ୍ଜନ ବହିଦାର, ସମ୍ମାନିତ ଅତିଥି ଭାବେ ପ୍ରାନ୍ତ ସୁରକ୍ଷା ପ୍ରମୁଖ ଅଶନୀ ମେହେର ଯୋଗଦେଇଥିଲେ। ବିଶ୍ୱହିନ୍ଦୁ ପରିଷଦର ବିଭାଗ ସମ୍ପାଦକ ସନାତନ ପଟେଲ ସଭା ସଞ୍ଚାଳନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଶିବିରରେ ଯୁବକମାନଙ୍କୁ ଶାରୀରିକ, ବୌଦ୍ଧିକ ଓ ବ୍ୟକ୍ତିତ୍ୱର ବିକାଶ ତଥା ବର୍ତ୍ତମାନ ସ୍ଥିତିରେ ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ମାର୍ଗଦର୍ଶନ ଓ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

## ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଚାରା ରୋପଣ

ରାଜଗାଙ୍ଗପୁର, ୫।୬ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ବରପାଲିଠାରେ ଥିବା ସ୍କାନଷ୍ଟିଲ କାରଖାନା ପକ୍ଷରୁ ବୁଧବାର ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଚାରା ରୋପଣ କରାଯାଇଛି। ସ୍କାନ ଷ୍ଟିଲର କର୍ମଚାରୀଙ୍କୁ ନେଇ ପ୍ରଥମେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ସ୍କାନଷ୍ଟିଲର ଚେୟାରମ୍ୟାନ ରାଜେଶ ଗାଡେଡିଆ ଯୋଗଦେଇ ପୃଥିବୀର ପ୍ରଦୂଷଣ ବଢ଼ିବାରେ ଲାଗିଥିବାରୁ ତାପମାତ୍ରା ବୃଦ୍ଧି ହେବାକୁ ଲାଗିଛି ବୋଲି କହିଥିଲେ। ପ୍ରତ୍ୟେକ ଲୋକ ପ୍ରତିବର୍ଷ ଅତିକମରେ ପାଞ୍ଚଟି ଗଛ ଲଗାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଉକ୍ତ ସଭାରେ ସ୍କାନଷ୍ଟିଲର ତରଫରୁ ଏବର୍ଷ ବରପାଲି ପ୍ଲାଣ୍ଟ, କୁତ୍ରା ସ୍ଥିତ ଗଙ୍ଗାଜଳ ପ୍ଲାଣ୍ଟ ଓ ବଡଗାଁ ବାଏବାଏ ସ୍ଥିତ ପ୍ଲାଣ୍ଟ ପରିସରରେ ୩୦ ହଜାର ଗଛ ଲଗାଇବାର ଯୋଜନା ଥିବା ପ୍ରକାଶ କରିବା ସହିତ ପ୍ରତି କର୍ମଚାରୀ ନିଜ ଘରେ ଅତିକମରେ ଗୋଟିଏ ଗଛ ଲଗାଇବା ପାଇଁ ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ଲାଣ୍ଟର ଡାଇରେକ୍ଟର ଭିନୟ ଗୋୟଲ, ମ୍ୟାନେଜର (ପିଆର) ସୁଶାନ୍ତ କୁମାର ନାୟକ, ମ୍ୟାନେଜର ବିନିତ ଗାଗୋଡିଆ, ଏଚଆର ମ୍ୟାନେଜର ପ୍ରଜ୍ଞା ନାଥ ଓ ସୁରକ୍ଷା ଅଧିକାରୀ ବିକାଶ ସାହୁ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣର ଗୁରୁତ୍ୱ ସମ୍ବନ୍ଧରେ ମତ ଦେଇଥିଲେ। ପରେ କାରଖାନା ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ଛଡା କୁତ୍ରା ଓ ରାଜଗାଙ୍ଗପୁରର ବହୁ ଅନୁଷ୍ଠାନ ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା।




ସ୍କାନଷ୍ଟିଲ କାରଖାନା ପକ୍ଷରୁ ଚାରା ରୋପଣ କରାଯାଉଛି।




ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଜଣେ ଶିକ୍ଷୟିତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ପ୍ରକୃତିବନ୍ଧୁ, ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ

**ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ**

ସୁନ୍ଦରଗଡ଼, ୫।୬ (ଡି.ଏନ୍.ଏ.)

ସୁନ୍ଦରଗଡ଼ ବନବିଭାଗ ଓ ଏନଟିପିସି ଡୁଲଙ୍ଗା କୋଇଲା ଖଣିର ମିଳିତ ଆନୁକୂଲ୍ୟରେ ବୁଧବାର ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ନେଇ ସକାଳେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସ୍ଥାନୀୟ ବିକାଶ ଭବନଠାରେ ଆୟୋଜିତ ଜିଲାସ୍ତରୀୟ ସମାରୋହରେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ସୁନ୍ଦରଗଡ ଡିଏଫ୍‌ଓ ଡ. ଅରୁଣ କୁମାର ମିଶ୍ର ଅଧ୍ୟକ୍ଷତା କରି ଚିତ୍ର ମାଧ୍ୟମରେ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ରାଉରକେଲା ଡିଏଫ୍‌ଓ ସଞ୍ଜୟ କୁମାର ସ୍ୱାଇଁ ଚଳିତ ବର୍ଷର ପରିବେଶ ଦିବସର ବାର୍ତ୍ତା ପ୍ରକାଶ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ସମ୍ମାନିତ ଅତିଥି ଭାବେ ଯୋଗଦେଇ କେବଳ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଛାଡି ସର୍ବସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ବୃକ୍ଷ ରୋପଣ ଓ ପରିବେଶ ସୁରକ୍ଷା ପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଏନ୍‌ଟିପିସି ଡୁଲୁଙ୍ଗା କୋଇଲା ଖଣି ପ୍ରକଳ୍ପର ଗ୍ରୁପ୍ ଜେନେରାଲ ମ୍ୟାନେଜର ଚିତ୍ତରଞ୍ଜନ ବାରିକ ବାୟୁ ପ୍ରଦୂଷଣକୁ ରୋକିବା ଦିଗରେ ବିଭିନ୍ନ ଶିଳ୍ପସଂସ୍ଥା ଓ ପ୍ରକଳ୍ପଗୁଡିକ ଆବଶ୍ୟକୀୟ ପଦକ୍ଷେପ ନେବା ସହ ସବୁଜବଳୟ ସୃଷ୍ଟି ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଉଭୟ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ଓ ଚଳିତ ବର୍ଷର ପ୍ରକୃତି ମିତ୍ର ଓ ପ୍ରକୃତିବନ୍ଧୁ ପାଇଁ ପ୍ରତିବ୍ଲକରୁ ମନୋନୀତ ହୋଇଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ଆର୍ଥିକ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ବିଭାଗୀୟ କର୍ମଚାରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମୂଳକ ଉତ୍ସାହ ସୃଷ୍ଟି ପାଇଁ ପ୍ରତିବ୍ଲକରୁ ବୃକ୍ଷରୋପଣ, ସଂରକ୍ଷଣ ଓ ଜଗୁଆଳୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଆଶୁତୋଷ ନାଏକ, ପ୍ରାଣୀଧନ ବିଭାଗର ଡାକ୍ତର ସୁଶାନ୍ତ ନାଏକ, ସହକାରୀ ବନସଂରକ୍ଷକ ଦିବାକର ବେହେରା, ଇକୋକ୍ଲବ ମାଷ୍ଟର ଟ୍ରେନର ସାଧାଂଶୁ କୁମାର ଚୌଧୂରୀ, ଅଶୋକ କୁମାର ପରିଡା, ପରିଚାଳନାରେ ସହଯୋଗ କରିଥିଲେ।

### ସୁନ୍ଦରଗଡ଼ରେ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି
## ଯୋଗଦେବେ ରାଜ୍ୟ ତଥା ବାହାରର ସାଂସ୍କୃତିକ ଦଳ

ସୁନ୍ଦରଗଡ଼, ୫।୬ (ଡି.ଏନ୍.ଏ)

ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ଼ରେ ମଧ୍ୟ ଦୀର୍ଘବର୍ଷହେବ ଦେବଦମ୍ପତିଶିବପାର୍ବତୀଙ୍କ ବିବାହତ୍ସୋବ ମହାଆଡମ୍ବର ସହକାରେ ପାଳିତ ହୋଇଆସୁଛି। ଏଥି ନିମନ୍ତେ ମହାନ୍ତିପଡାସ୍ଥିତ ସିଦ୍ଧେଶ୍ୱର ବାବା ଓ ସୁନାରିପଡାସ୍ଥିତ ବାବା ଚନ୍ଦ୍ର ଶେଖର ମହାଦେବ ଓ ମାତା ଜଗତଜନନୀ ପାର୍ବତୀଙ୍କ ସହିତ ବିବାହତ୍ସୋବ ତଥା ଶୀତଳଷଷ୍ଠୀ ଯାତ୍ରା ସକାଶେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ପତ୍ରାପଡା ନିବାସୀ ତଥା ପୂର୍ବତନ ଉପନଗରପାଳ ସୁମନ୍ତ କୁମାର ପଣ୍ଡା ଓ ତାଙ୍କ ସହଧର୍ମିଣୀ ରଞ୍ଜିତା ପଣ୍ଡା କନ୍ୟାପିତା ଭାବେ ସୁନାରିପଡାର ବାବା ଚନ୍ଦ୍ରଶେଖରଙ୍କୁ କନ୍ୟାଦାନ ସକାଶେ ସ୍ୱୀକୃତିପ୍ରାପ୍ତ ହୋଇଛି। ସେହିପରି ବାବା ଚନ୍ଦ୍ରଶେଖରଙ୍କର ବର ମାତା ପିତା ଭାବେ ଆଦର୍ଶନଗର ନିବାସୀ ଶ୍ରୀକାନ୍ତ ସାହୁ ଏବଂ ତାଙ୍କ ଧର୍ମପତ୍ନୀ ସଂଯୁକ୍ତା ସାହୁ କର୍ତ୍ତାଭାବେ ସ୍ୱୀକୃତି ଲାଭ କରିଛନ୍ତି। ଏହି ଦେବଦମ୍ପତିଙ୍କ ସମ୍ପୂର୍ଣ୍ଣ ଲୋକାଚାର ଓ ବୈଦିକେ ରୀତିନୀତି ମୁତାବକ ବିବାହତ୍ସୋବକୁ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ସମସ୍ତ ପ୍ରସ୍ତୁତିରେ ଲାଗିପଡିଛନ୍ତି। ୭ତାରିଖ ଶୁକ୍ରବାର ରାତିରେ ଏହି ଦେବ ଦମ୍ପତିଙ୍କ ବିବାହତ୍ସୋବ ଅନୁଷ୍ଠିତ ହେବ। ସେହିଦିନ ସନ୍ଧ୍ୟା ୮ଟାରେ ବର୍ଣ୍ଣାଢ୍ୟ ବରାନୁଗମନ ଶୋଭାଯାତ୍ରା ବାହାରିବ। ୬ ତାରିଖରେ ପତ୍ରପେଣ୍ଡି ଓ ନିର୍ବନ୍ଧ କାର୍ଯ୍ୟକ୍ରମ ହେବ ବୋଲି ସୁନାରିପଡାସ୍ଥିତ ଭାଗବତମନ୍ଦିର ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମହାନ୍ତିପଡାର ବାବା ସିଦ୍ଧେଶ୍ୱରଙ୍କର ବିବାହତ୍ସୋବ ଓ ଶୀତଳଷଷ୍ଠୀ ଯାତ୍ରାପାଇଁ ପ୍ରସ୍ତୁତି ମଧ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶୀତଳ ଷଷ୍ଠୀ ଯାତ୍ରାରେ ଚଳିତବର୍ଷ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସାଂସ୍କୃତିକ ଦଳ, ବାଇନାଚ ଓ ପାରମ୍ପାରିକ ଲୋକନୃତ୍ୟ, ଲୋକବାଦ୍ୟ, ଘଣ୍ଟବାଦ୍ୟ, ସମ୍ପ୍ରଦା, ଛତିଶଗଡର ଝୋଲୋ ଆଦି ସାମିଲ ହେବାର କାର୍ଯକ୍ରମ ରହିଥିବା କମିଟି ପକ୍ଷରୁ କୁହାଯାଇଛି। କମିଟିର ସଭାପତି ଚନ୍ଦ୍ରମଣି ମିଶ୍ର ଓ ତାଙ୍କ ସ୍ତ୍ରୀ ସଙ୍ଗୀତା ମିଶ୍ର ବରପିତା ଦାୟିତ୍ୱ ନିର୍ବାହ କରିବାକୁ ଥିବା ବେଳେ ଟାଙ୍ଗରପାଲିର ମିତ୍ରଭାନୁ ପଟେଲ ଓ ତାଙ୍କ ସ୍ତ୍ରୀ ସନ୍ତୋଷିନୀ ସାହାଣୀ କନ୍ୟା ମାତା, ପିତାରୂପେ ମାତା ପାର୍ବତୀଙ୍କୁ କନ୍ୟାଭାବେ ଗ୍ରହଣ କରି କନ୍ୟାଦାନ କରିବେ।



ସୁନାରିପଡା ବାବା ଚନ୍ଦ୍ରଶେଖରଙ୍କ କନ୍ୟା ପିତାମାତାଙ୍କ ଓ ବର ମାତା ପିତା।

## ମାଡ଼ମରା ଘଟଣା ନେଇ ସାହାଜବାହାଲରେ ଚାପା ଉତ୍ତେଜନା

ବଡ଼ଗାଁ, ୫।୬ (ଡି.ଏନ.ଏ)

ବଡଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ ମଙ୍ଗଳବାର ରାତିରେ କେତେକ ଯୁବକଙ୍କୁ ମାଡ ମରାଯିବା ଘଟଣାକୁ କେନ୍ଦ୍ରକରି ଚାପା ଉତ୍ତେଜନା ଦେଖାଦେମଇଛି। କୌଣସି ଘଟଣାକୁ ନେଇ ବିରଙ୍ଗାପଡାର କେତେକ ଯୁବକ ସାହାଜବାହାଲ ବଜରଙ୍ଗ ଛକକୁ ଆସିଥିଲେ।

ସେଠାରେ ସାହାଜବାହାଲର ଯୁବକମାନଙ୍କ ସହିତ କଥା କଟାକଟି ପରେ ମାରପିଟ ହୋଇଥିଲା । ସୂଚନା ପାଇ ବଡଗାଁ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ବୁଝାସୁଝା କରିଥିଲେ। ବୁଧବାର ଉଭୟ ପକ୍ଷଙ୍କୁ ଥାନା ଡକାଇ ସମାଧାନ ପାଇଁ ଗ୍ରାମବାସୀ ଉଦ୍ୟମ କରୁଛନ୍ତି।

### ସଙ୍କଟରେ ସରକାରୀ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା
## ବନ୍ଦ ହେଲା ୪୪ ବିଦ୍ୟାଳୟ

ସୁନ୍ଦରଗଡ, ୫।୬ (ଡି.ଏନ୍.ଏ)

ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡିକରେ ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଉଥିବା ଯୋଗୁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସଙ୍କଟଜନକ ସ୍ଥିତିରେ ପହଞ୍ଚିଛି। ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ଯୋଗୁ ଚଳିତବର୍ଷ ସୁନ୍ଦରଗଡ ଜିଲାରେ ୪୪ଟି ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ୧୭ବର୍ଷ ପୂର୍ବେ ବିଦ୍ୟାଳୟରେ ନାମ ଲେଖାଇ ନ ଥିବା ୬ ରୁ୧୪ ବର୍ଷ ବୟସର ସମସ୍ତ ପିଲାଙ୍କୁ ବିଦ୍ୟାଳୟରେ ନାମ ଲେଖାଇ ପ୍ରାଥମିକ ଶିକ୍ଷା ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ହଜାର ହଜାର ନିଶ୍ଚିତ ଶିକ୍ଷା କେନ୍ଦ୍ର ଖୋଲା ଯାଇଥିଲା। ଯାହା ଦ୍ୱାରା ପ୍ରତ୍ୟେକଟି ଗ୍ରାମର ପ୍ରତି ସାହି, ବସ୍ତି ଓ ପଡାରେ ବିଦ୍ୟାଳୟମାନ ଖୋଲିଥିଲା। ଏଥିରେ ଶିକ୍ଷାସେବୀ ନିଯୁକ୍ତି କରାଯାଇ ଶିକ୍ଷାଦାନ କରାଯାଇଥିଲା। ୨୦୦୮ ମସିହାରେ ଏଥିରୁ ଅଧିକାଂଶ କେନ୍ଦ୍ରଗୁଡିକୁ ବନ୍ଦ କରି ଦିଆଯାଇଥିଲା। ୨୦ରୁ ଅଧିକ ଛାତ୍ରୀଛାତ୍ର ଥିବା କେନ୍ଦ୍ରଗୁଡିକୁ ପ୍ରକଳ୍ପ ବିଦ୍ୟାଳୟ ଭାବେ ନାମିତ କରାଯାଇଥିଲା। ବର୍ତ୍ତମାନ ବିଗତ ୧୦ବର୍ଷ ମଧ୍ୟରେ ସରକାରୀ ଓ ଘରୋଇ ବିଦ୍ୟାଳୟ ମଧ୍ୟରେ ଯେଉଁ ଭଳି ପ୍ରତିଦ୍ୱନ୍ଦିତା ଆରମ୍ଭ ହୋଇଛି,ପ୍ରତିବର୍ଷ ସରକାରୀ ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଆଶ୍ଚର୍ଯ୍ୟଜନକ ଭାବେ ହ୍ରାସ ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସରକାର ଗତ ୨/୩ବର୍ଷ ମଧ୍ୟରେ ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟଗୁଡିକୁ ବନ୍ଦ କରିବାରେ ଲାଗିଛନ୍ତି। ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ବିଦ୍ୟାଳୟଗୁଡିକରେ ବର୍ତ୍ତମାନ ତାଲା ପଡିବ। ସରକାରୀ ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ର ସଂଖ୍ୟା ହ୍ରାସ ପାଇବାର ଅନେକ କାରଣ ମଧ୍ୟରେ ଅଭିଭାବକଙ୍କ ଦ୍ୱାରା ଘରୋଇ ବିଦ୍ୟାଳୟ ପ୍ରତି ଆଗ୍ରହ ପ୍ରକାଶ ପାଇବା ଅନ୍ୟ ଏକ ପ୍ରମୁଖ କାରଣ। ସେହିପରି ଶିଶୁ ଶ୍ରେଣୀ ହେଉଛି ବିଦ୍ୟାର୍ଥୀ ଜୀବନର ଭିତ୍ତିଭୂମି। ସରକାରୀ ବିଦ୍ୟାଳୟରେ ଶିଶୁ ଶ୍ରେଣୀର ବ୍ୟବସ୍ଥା ନ ଥିବା ଯୋଗୁ ୩ରୁ ଅଧିକ ଓ ୪ରୁ ଅଧିକ ବର୍ଷ ବୟସର ଶିଶୁମାନଙ୍କୁ ଘରୋଇ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଅଭିଭାବକମାନେ ଆଗ୍ରହ ପ୍ରକାଶ କରୁଥିବା ଦେଖାଯାଉଛି ବୋଲି ସୁନ୍ଦରଗଡ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆର ମତ ରଖିଛନ୍ତି।

ଉଦାହରଣ ସ୍ୱରୂପ ସୁନ୍ଦରଗଡ ସହରର ମଧ୍ୟ ଭାଗରେ ଥିବା ଥାନାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକଦା ୩ଶରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ହେଲେ ବର୍ତ୍ତମାନ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ମୋଟ ଛାତ୍ରୀଛାତ୍ର ସଂଖ୍ୟା ମାତ୍ର ୧୨। ରାଜ୍ୟ ସରକାର ଶିକ୍ଷା ସଂସ୍ଥା ନାମରେ ଚଳିତବର୍ଷ ରାଜ୍ୟର ୯୬୬ଟି ବିଦ୍ୟାଳୟକୁ ୧୦ରୁ କମ୍ ଛାତ୍ରୀଛାତ୍ର ଥିବା କାରଣରୁ ବନ୍ଦ କରିଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେଥିମଧ୍ୟରୁ ସର୍ବାଧିକ ରାୟଗଡା ଜିଲାରେ ୧୩୯ଟି ବିଦ୍ୟାଳୟ ବନ୍ଦ ହେବାକୁ ଯାଉଥିବା ବେଳେ ସୁନ୍ଦରଗଡ ଜିଲାରେ ୪୪ଟି ବିଦ୍ୟାଳୟ ବନ୍ଦ ହେବ। ଚଳିତବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ବିଦ୍ୟାଳୟ ଗୁଡିକର ଛାତ୍ରୀଛାତ୍ରଙ୍କ ସ୍ଥିତିକୁ ଲକ୍ଷ୍ୟ କରି ସରକାର ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି। ଗ୍ରୀଷ୍ମ ଅବକାଶ ପରେ ଏସବୁ ବିଦ୍ୟାଳୟଗୁଡିକ ଆଉ ଖୋଲାଯିବ ନାହିଁ। ସେଥିରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ବିଦ୍ୟାଳୟରେ ସାମିଲ କରାଯିବ। ସେହି ବିଦ୍ୟାଳୟକୁ ପାଠପଢିବା ପାଇଁ ଯିବାକୁ ଥିବା ଛାତ୍ରୀଛାତ୍ରଙ୍କ ଯାତାୟତ ପାଇଁ ଅଭିଭାବକମାନଙ୍କୁ ସରକାରଙ୍କ ପକ୍ଷରୁ ଯାତାୟତ ଖର୍ଚ୍ଚ ଦେବାର ବ୍ୟବସ୍ଥା କରାଯାଇଛି।

## ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଭାଜପା ପ୍ରତିନିଧିଦଳର ଆଲୋଚନା

ସୁନ୍ଦରଗଡ଼ ୫।୬ (ଡି.ଏନ୍.ଏ)



ଭାଜପା ପ୍ରତିନିଧି ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି ଆଲୋଚନା କରୁଛନ୍ତି।

ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ବିକାଶ ନାଆଁରେ କୋଟି କୋଟି ଟଙ୍କାର ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପ, ରାସ୍ତାଘାଟ, ଡ୍ରେନ୍ ଆଦି ନିର୍ମାଣ କରାଯାଉଛି। ହେଲେ ନିର୍ଦ୍ଦିଷ୍ଟ କିଛି ବଡବଡିଆ ଠିକାଦାରପୋଷା ନୀତିରେ ସଂପୃକ୍ତ ବିଭାଗର କିଛି ଅଧିକାରୀଙ୍କ କାର୍ଯ୍ୟ ଯୋଗୁ ବିକାଶର ସୁଫଳ ଲୋକେ ପାଇବାରୁ ବଞ୍ଚିତ ହେଉଛନ୍ତି। ରାସ୍ତାଗୁଡିକର ନିର୍ମାଣର କିଛିମାସ ନ ପୂରୁଣୁ ଫାଟିଯିବା, ରାସ୍ତାରୁ ପିଚୁ ଉଠିଯିବା, ରାସ୍ତାର ଡ୍ରେନ୍‌ଗୁଡିକ ଭାଙ୍ଗିଯିବା ଓ ଆଉ କେତେକ ସ୍ଥାନରେ ପୋତି ହୋଇ ପଡିବା ସାଙ୍ଗକୁ ଅଧିକାଂଶ ରାସ୍ତାଘାଟ ଗୁଡିକ ବାରମ୍ବାର ମରାମତି ଓ ନିର୍ମାଣ ନାଆଁରେ ଲକ୍ଷ, ଲକ୍ଷ ଟଙ୍କା ହରିଲୁଟ ହେଉଥିବା ଅଭିଯୋଗ କରି ବୁଧବାର ଭାଜପାର ସ୍ଥାନୀୟ ନେତା ତଥା ପୂର୍ବତନ କାଉନସିଲର ଡ. ହିମାଂଶୁ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ୍ତ କୁମାର ନାଏକଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ସୁନ୍ଦରଗଡ ହସ୍ପିଟାଲ ଛକରୁ ଲେପ୍ରିପଡା ରାସ୍ତା ଓ ହସ୍ପିଟାଲ ଛକରୁ କିରେଇ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ୨ଟି ଠିକାସଂସ୍ଥା ଦ୍ୱାରା କରାଯାଇଥିବା ବେଳେ ଏହି ରାସ୍ତାରେ ବ୍ୟାପକ ଦୁର୍ନୀତି ଯୋଗୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀସୃଷ୍ଟି ହୋଇଥିବା ଏହି ପ୍ରତିନିଧି ଦଳ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ମହେଶ ଡିହି ବାଇପାସ ରାସ୍ତାର ପ୍ରଶସ୍ତୀକରଣ ସହିତ ଡିଭାଇଡର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୋଇ ସମ୍ପୃକ୍ତ ଠିକାସଂସ୍ଥା ମାନଙ୍କୁ ବିଭାଗ ପକ୍ଷରୁ ଅନୁକମ୍ପା ଦେଖାଇ ବିଲ ପ୍ରଦାନ କରାଯାଇଛି। ଏ ଦିଗରେ ବିଭାଗ ତରଫରୁ ତୁରନ୍ତ ପଦକ୍ଷେପ ନେବା ସହ ନିର୍ଦ୍ଦିଷ୍ଟ ଠିକାସଂସ୍ଥା ଦ୍ୱାରା ହୋଇଥିବା ରାସ୍ତାଘାଟ ଓ କୋଠାବାଡି ନିର୍ମାଣରେ ଭିଜିଲାନ୍ସ ତଦନ୍ତ କରାଯାଇ ଦୁର୍ନୀତିର ପର୍ଦ୍ଦାଫାଶ କରିବାକୁ ଏହି ପ୍ରତିନିଧି ଦଳ ଦାବି କରିଛି।